ବର୍ଷ-୫୦ : ସଂଖ୍ୟା-୬ ଜୁନ୍, ୨୦୧୯

# ନବପ୍ରକାଶ

## ଗଳ୍ପ ବିଶେଷାଙ୍କ

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୧୯


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଉଚ୍ଚାରଣରେ ନୁହେଁ ଆଚରଣରେ | ... | ଶ୍ରୀମା | ... | ୪ |
| ଆତ୍ମ-ସଂଯମ : | | | | |
| ବୁଦ୍ଧଙ୍କ ଜୀବନର ଦୁଇଟି ସଂଘଟନ | ... | ... | ... | ୫ |
| ହିଂସା ଓ କ୍ରୋଧ | ... | ଶ୍ରୀମା | ... | ୬ |
| ଆତ୍ମ-ସଂଯମ | ... | ଶ୍ରୀମା | ... | ୭ |
| କ୍ଷମାର ଆଦର୍ଶ | ... | ଶ୍ରୀଅରବିନ୍ଦ | ... | ୧୧ |
| ଡଉଲ ଡାଉଲ ଆପଦଟିଏ ! | ... | ମନୋଜ ଦାସ | ... | ୧୩ |
| ଦୁଇଭାଇଙ୍କର ଅଦ୍ଭୁତ ବୁଝାମଣା | ... | କୃଷ୍ଣାଦେବୀ | ... | ୧୫ |
| ରାଜର୍ଷି ଜନକଙ୍କ ପରୀକ୍ଷା | ... | ଦୌଲତ ପାଣ୍ଡେ | ... | ୧୯ |
| ଅନ୍ଧ ରାତିର ସୂର୍ଯ୍ୟ | ... | ମହାପାତ୍ର ନିଳମଣି ସାହୁ | ... | ୨୧ |
| ଆତ୍ମ-ନିୟନ୍ତ୍ରଣ ଓ ଅନ୍ୟାନ୍ୟ ଅଣୁ ଗଳ୍ପ | ... | ସନ୍ତୋଷ କୁମାର ଯୋଗାଣିଆ | ... | ୨୬ |
| କ୍ଲାସରେ ଶ୍ରୀମା'ଙ୍କ କାହାଣୀ | ... | ... | ... | ୩୧ |
| ଲୋଭ ଉପରେ ଲଗାମ | ... | ... | ... | ୩୬ |
| ଈର୍ଷାହିଁ ବିନାଶର କାରଣ | ... | ଦୌଲତ ପାଣ୍ଡେ | ... | ୩୯ |
| ଦୁର୍ବାସାଙ୍କ କ୍ରୋଧ | ... | ବିଜୟ କୁମାର ମୁନି | ... | ୪୧ |
| ଇନ୍ଦ୍ରିୟାତୀତ ପରମ ଚେତନା | ... | ... | ... | ୪୩ |
| ଭୟର ବ୍ୟୂହରୁ ମୁକ୍ତି | ... | ... | ... | ୪୬ |
| କ୍ଷମା କରିବାର କ୍ଷମତା | ... | ... | ... | ୪୭ |
| ସାଇକେଲ ପାଇଁ ହଟହଟା | ... | ପ୍ରଦୋଷ ତ୍ରିପାଠୀ | ... | ୪୯ |
| ତ୍ୟାଗର ଅମୋଘ ମହିମା | ... | ... | ... | ୫୧ |
| ଆତ୍ମସଂଯମର ବାସ୍ତବ ଅବଦାନ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ତୁମ କଣ୍ଠସ୍ୱର ଏଡ଼େ ନମ୍ର, ଏଡ଼େ ନିରପେକ୍ଷ, ଧୈର୍ଯ୍ୟ ଓ କରୁଣାଭାବ ଯୋଗୁଁ ଏଡ଼େ ମହନୀୟ ଯେ ସେଥିରେ କୌଣସି କର୍ତ୍ତୃତ୍ୱ ବା ସ୍ୱ-ଇଚ୍ଛା ସାବ୍ୟସ୍ତ ଭାବ ନଥାଏ, ବରଂ ତାହା ଆସେ ଏକ ମଧୁର ଓ ନିର୍ମଳ ଶୀତଳ ସମୀରଣ ସମ, ବେସୁରା ବାଦ୍ୟବିତାନ ଭିତରେ ସଂହତି-ସୃଜକ ସ୍ଫଟିକ-ସ୍ୱଚ୍ଛ ମୃଦୁଧ୍ୱନି ସମ । ଯିଏ ସେ ଧ୍ୱନି ଶୁଣିବାକୁ, ସେ ହିଲ୍ଲୋଳରେ ନିଃଶ୍ୱାସ ନେବାକୁ ଜାଣେ, ସେ ବ୍ୟକ୍ତି ପାଇଁ ତହିଁ ଏଭଳି ସୌନ୍ଦର୍ଯ୍ୟର ଐଶ୍ୱର୍ଯ୍ୟ, ବିଶୁଦ୍ଧ ସୌମନସ୍ୟ ଓ ମହତୀ ରାଜୋଜ୍ଜ୍ୱଲ୍ୟର ଏପରି ମହକ ସଂରକ୍ଷିତ ଥାଏ ଯେ ସେଥିଯୋଗୁଁ ଯାବତୀୟ ମୂଢ଼ ଭ୍ରାନ୍ତି ହୋଇଯାଏ ନିଶ୍ଚିହ୍ନ ଅଥବା ହୁଏ ସ୍ୱଚ୍ଛ ଦୃଷ୍ଟ ଅପୂର୍ବାଶ୍ଚର୍ଯ୍ୟ ସତ୍ୟର ସାନନ୍ଦ ସ୍ୱୀକୃତିରେ ରୂପାନ୍ତରିତ ।

ଜୁନ୍ ୨୭, ୧୯୧୩

— ଶ୍ରୀମା



# ଉଚ୍ଚାରଣରେ ନୁହେଁ ଆଚରଣରେ

To speak good words and to give wise advice to a child has very little effect if one does not oneself give him an example of what one teaches. Sincerity, honesty, straightforwardness, courage, disinterestedness, unselfishness, patience, endurance, perseverance, peace, calm, self-control are all things that are taught infinitely better by example than by beautiful speeches.

(CWM Vol. 12, p. 10) – The Mother

ଶିଶୁକୁ କେବଳ ଭଲ କଥା କହି ଜ୍ଞାନପୂର୍ଣ୍ଣ ଉପଦେଶ ଦେଲେ ବିଶେଷ ଲାଭ ହୁଏ ନାହିଁ, ଯଦି ଶିକ୍ଷକ ସେହି ଶିକ୍ଷାର ଦୃଷ୍ଟାନ୍ତ ହୋଇ କାର୍ଯ୍ୟରେ ଦେଖାଇ ନପାରନ୍ତି । କର୍ତ୍ତବ୍ୟନିଷ୍ଠା, ସାଧୁତା, ସ୍ପଷ୍ଟବାଦିତା, ସାହସ, ଅନାସକ୍ତି, ନିଃସ୍ୱାର୍ଥପରତା, ଧୈର୍ଯ୍ୟ, ସହନଶୀଳତା, ଅଧ୍ୟବସାୟ, ଶାନ୍ତି, ସ୍ଥୈର୍ଯ୍ୟ, ଆତ୍ମ-ସଂଯମ ଆଦି ସମ୍ପର୍କରେ ମନୋରମ ବକ୍ତୃତା ପରିବର୍ତ୍ତେ ଏସବୁକୁ ଆଚରଣରେ ଦେଖାଇଲେ ଅନନ୍ତ ଗୁଣରେ ଅଧିକ ଫଳପ୍ରଦ ହୋଇଥାଏ ।

– ଶ୍ରୀମା



# ଆତ୍ମ-ସଂଯମ :
# ବୁଦ୍ଧଙ୍କ ଜୀବନର ଦୁଇଟି ସଂଘଟନ

ବୁଦ୍ଧଙ୍କ ଦ୍ୱାରା ଅନୁପ୍ରାଣିତ ଏବଂ ତାଙ୍କ ଅନୁଗତ ଶିଷ୍ୟମାନେ ପ୍ରତ୍ୟହ ଭିକ୍ଷୁ ଭାବରେ ଜନପଦର ଗୃହସ୍ଥମାନଙ୍କ ନିକଟରୁ ଭିକ୍ଷା ସଂଗ୍ରହ କରୁଥା'ନ୍ତି । ସ୍ୱୟଂ ବୁଦ୍ଧ ମଧ୍ୟ ତାଙ୍କ ପ୍ରବର୍ତ୍ତିତ ସେ ଶୃଙ୍ଖଳା ସ୍ୱୀକାର କରି ଭିକ୍ଷା ନିମନ୍ତେ ବହିର୍ଗତ ହେଉଥା'ନ୍ତି ।

ଦିନେ ସେ ଜଣେ ଗୃହସ୍ୱାମୀ ଆଗରେ ଭିକ୍ଷାପାତ୍ର ହସ୍ତେ ଦଣ୍ଡାୟମାନ ହୁଅନ୍ତେ ଅତୀବ କ୍ରୋଧଭରେ ଗୃହସ୍ୱାମୀ ତାଙ୍କୁ ଭର୍ତ୍ସନା କରିବାକୁ ଲାଗିଲା । ବୁଦ୍ଧ ପ୍ରତିବାଦ କରିବା ତ ଦୂରର କଥା, ଶାନ୍ତ ସୌମ୍ୟ ବଦନରେ ନିରବରେ ତା' ଆଡ଼େ ଦୃଷ୍ଟିପାତ କରି ଠିଆ ହୋଇ ରହିଥା'ନ୍ତି ।

ବୁଦ୍ଧଙ୍କଠାରୁ କୌଣସି ପ୍ରତିକ୍ରିୟା ନପାଇ ଗୃହସ୍ୱାମୀ ଆହୁରି ଉତ୍ୟକ୍ତ ହେଲା ଏବଂ କଣ୍ଠସ୍ୱର ପଞ୍ଚମକୁ ନେଇ ଅଶାଳୀନ ଶବ୍ଦମାନ ଆବୃତ୍ତି କରି ଚାଲିଲା । କିନ୍ତୁ କେତେ ସମୟ ବା ସେ ସେମିତି କରିପାରନ୍ତା ? ତେଣେ ବୁଦ୍ଧଙ୍କ ନିରବତା ତାକୁ ବିସ୍ମିତ ମଧ୍ୟ କରୁଥାଏ ।

''କ'ଣ ? ତୁମେ ତ କାହିଁ କିଛି ଜବାବ ଦେଉ ନାହଁ ?'' ଲୋକଟି ଅଗତ୍ୟା ପଚାରିଲା ।

''ଜବାବ ? କାହାର ଜବାବ ?'' ବୁଦ୍ଧ ଶାନ୍ତ କଣ୍ଠରେ ପଚାରିଲେ ।

''ତୁମ ଉଦ୍ଦେଶ୍ୟରେ ଯାହା ସବୁ କହିଲି ସେସବୁର ଉତ୍ତର ଦେବ ତ ?'' ଲୋକଟି କହିଲା ।

''ମୁଁ ଯଦି ତୁମ ଉଦ୍ଦେଶ୍ୟରେ ମୋର ଏ ଭିକ୍ଷାପାତ୍ରଟି ଅର୍ପଣ କରିବି; କିନ୍ତୁ ଧର ତୁମେ ତାକୁ ଗ୍ରହଣ କରିବ ନାହିଁ, ତେବେ ତାହା ଯିବ କୁଆଡ଼େ ?'' ବୁଦ୍ଧ ପ୍ରଶ୍ନ କଲେ ।

''କ'ଣ ବୋକାଙ୍କ ଭଳି ପଚାରୁଛ ! ମୁଁ ଗ୍ରହଣ ନକଲେ ତୁମେ ଯାହା ମୋତେ ଦେଇଥା'ନ୍ତ ତାହା ତୁମରି ହୋଇ ରହିବ !'' ଲୋକଟି ବେଖାତିର ଭାବରେ ଉତ୍ତର ଦେଲା ।

''ଠିକ୍ । ତୁମେ ମୋ ଉଦ୍ଦେଶ୍ୟରେ ଯାହାସବୁ କହିଗଲ, ମୁଁ ସେସବୁ ମୋଟେ ଗ୍ରହଣ କରି ନାହିଁ । ତେଣୁ ସେସବୁ ଯାହାର, ତାହାରି ପାଖରେ ରହିଲା ।'' ଧୀର ଭାବରେ କହିଲେ ବୁଦ୍ଧ ।

ସ୍ତବ୍ଧ ହୋଇ ରହିଲା ଗୃହସ୍ଥ । କେତୋଟି ମୁହୂର୍ତ୍ତ ଭିତରେ ତା' ଚେତନାରେ ଯୁଗାନ୍ତର ସାଧିତ ହେଲା । କିଂବଦନ୍ତୀ କହେ, ସେ ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କଲା ।

କିନ୍ତୁ ଏହି ସଂଳାପ — ଏହି ପ୍ରଶ୍ନୋତ୍ତର ଯୋଗୁଁହିଁ ଯେ ସେ ଗୃହସ୍ଥଟିର ହୃଦୟରେ ବିରାଟ ପରିବର୍ତ୍ତନ ଘଟିଗଲା, ତାହା ନୁହେଁ । ବୁଦ୍ଧଙ୍କ ଚେତନାରେ ଥିଲା ଏଡ଼ିକି ପ୍ରଶାନ୍ତି, ଏଡ଼ିକି ମହାନତା ଓ ଦୟାଭାବ ଯେ ପ୍ରକୃତରେ ଲୋକଟିର କୁବାକ୍ୟମାନ ସେଥିରେ ସମାନ୍ୟତମ ଆଞ୍ଚ ଆଣି ପାରିଲା ନାହିଁ । ସେସବୁର ଆଘାତ ଯାଇ ଲୋକଟି ଉପରେହିଁ ପଡ଼ିଲା । ଏମିତି ଘଟିବା ଅତିଭୌତିକ ସ୍ତରର ନିୟମ ।

ବୁଦ୍ଧଙ୍କ ଚେତନାରେ ଯେଉଁ ସମସ୍ତ ମହନୀୟ ଗୁଣର ସମାବେଶ ସମ୍ଭବ ହୋଇଥିଲା, ସେସବୁର ଭିତ୍ତି ହେଲା ଆତ୍ମ-ସଂଯମ । ନିଜ ଚେତନା ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ହାସଲ ହୋଇଥିଲେ ଜଣେ ଅସାଧ୍ୟ ସାଧନ କରିପାରେ ।

ପରବର୍ତ୍ତୀ ସମୟରେ ବୁଦ୍ଧଙ୍କୁ ପଦଦଳିତ କରି ତାଙ୍କ ଜୀବନ ନେବା ଉଦ୍ଦେଶ୍ୟରେ ଗୋଟିଏ ଦୁଷ୍ଟ ପ୍ରକୃତିର ହାତୀକୁ ମଦ୍ୟପାନ କରାଇ ସେ ସାନ୍ଧ୍ୟ ଭ୍ରମଣ କରୁଥିବା ପଥ ଉପରେ ଛାଡ଼ି ଦିଆଯାଇଥିଲା । ଆଗରେ ଯାହାକୁ ଦେଖିଲେ ତାକୁ ମାଡ଼ିମକଚି ପକାଇବାରେ ଅଭ୍ୟସ୍ତ ସେ ପ୍ରାଣୀ ଏକାକୀ ବୁଦ୍ଧଙ୍କୁ ଦେଖି ତାଙ୍କ ଆଡ଼େ ଝପଟି ଆସିଲା । ନିର୍ବିକାର ବୁଦ୍ଧ ତିଳେ ମଧ୍ୟ ବିଚଳିତ ନହୋଇ କିଂବା ପଥରୁ ଅପସରି ନଯାଇ ନିଜ ଗତି ଅବ୍ୟାହତ ରଖିଥା'ନ୍ତି । ହାତୀଟି ତାଙ୍କର ଯେତିକି ନିକଟତର ହେଉଥାଏ, ସେତିକି ମାତ୍ରାରେ ସେ ଧୀର ସ୍ଥିର ହୋଇ ଆସୁଥାଏ । ଅବଶେଷରେ ସେ ଆସି ବୁଦ୍ଧଙ୍କ ଆଗରେ ଆଣ୍ଠୁମାଡ଼ି ବସିପଡ଼ିଲା । ବୁଦ୍ଧ ତାକୁ ଆଉଁଶି ଦେଲେ ।

ଏ କ୍ଷେତ୍ରରେ ଆତ୍ମସଂଯମର ଭିତ୍ତି ଉପରେ ବୁଦ୍ଧଙ୍କର ସମ୍ପୂର୍ଣ୍ଣ ଭୀତିଶୂନ୍ୟତା ତଥା ପରମ ଅହିଂସା ଓ ଜୀବେଦୟା ଭାବ କାର୍ଯ୍ୟକାରୀ ହୋଇଥିଲା । ଚେତନାଗତ ଯାବତୀୟ ବିକାଶ ଓ ସିଦ୍ଧିର ଭିତ୍ତି ଆତ୍ମସଂଯମ ।

❑❑❑

# ହିଂସା ଓ କ୍ରୋଧ

## ଶ୍ରୀମା

### (୧)

ବିଦ୍ରୋହାତ୍ମକ ଉତ୍ତେଜନା, ହିଂସା ଓ କ୍ରୋଧ ଇତ୍ୟାଦି ହେଲା ସବୁବେଳେ, ସର୍ବତୋଭାବେ ଦୁର୍ବଳତାର ଚିହ୍ନ । ଏବଂ ବିଶେଷତଃ, ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ, ଯାହା ନକହିବା ଉଚିତ ସେସବୁ କହି ପକାଏ, ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ – ମାନସିକ ଓ ପ୍ରାଣଗତ ଦୁର୍ବଳତା – ଭାରି ଭୟଙ୍କର କଥା କିନ୍ତୁ ...

ସାମାଜିକ ସମ୍ପର୍କଗୁଡ଼ିକ ଭିତରେ ଥାଏ ଏହି ଦୁର୍ବଳତା-ଗୁଡ଼ିକ, ଖୁବ୍ ବଡ଼ ଦୁର୍ବଳତା ଏଗୁଡ଼ିକ : ଏବଂ ସେଇଥିପାଇଁ ହିଁ ପ୍ରକୃତରେ ଜଣେ ରାଗିଉଠେ, ନିଜ ଉପରୁ ସଂଯମ ହରାଏ, ଏବଂ ଅନୁଚିତ କଥାସବୁ କହିଚାଲେ । ଜଣେ ଯଦି ଦୁର୍ବଳ ହୋଇ ନଥାଏ, ସେ କେବେ ବି ହିଂସ୍ର ହୋଇ ଉଠିବ ନାହିଁ । ଦୁର୍ବଳତା ଓ ହିଂସା ଏ ଦୁହେଁଯାକ ଏକାଠି ଗତି କରନ୍ତି । ଯିଏ ପ୍ରକୃତରେ ଶକ୍ତିଶାଳୀ, ସେ କେବେ ବି ହିଂସ୍ର ହୁଏ ନାହିଁ । ଏ କଥାଟି ତୁମେ ସର୍ବଦା ମନେ ରଖିବା ଉଚିତ । ହିଂସା **ସର୍ବଦା** ତୁମ ସତ୍ତାର କୌଣସି ନା କୌଣସି ଅଂଶରେ ରହିଥିବା ଦୁର୍ବଳତାର ସଂକେତ । ଅବଶ୍ୟ, ତୁମେ ଦେଖିବ ଯେ ଜଣେ ତା'ର ମାଂସପେଶୀର ଶକ୍ତିରେ ଖୁବ୍ ବଳବାନ୍ ହୋଇଉଠିଛି ଏବଂ ତା' ବଳରେ ଆଉ ଜଣକୁ ଆଘାତ ଦେଇ ତଳେ ପକାଇ ଦେଉଛି, ଏବଂ କୁହାଯାଏ – ''ସେ ଭାରି ଶକ୍ତିଶାଳୀ !'' ଏହା କିନ୍ତୁ ଠିକ୍ ନୁହେଁ । ତା'ର ଶକ୍ତିଶାଳୀ ମାଂସପେଶୀ ଥାଇପାରେ, କିନ୍ତୁ ନୈତିକତା ଦୃଷ୍ଟିରୁ ସେ ଭାରି ଦୁର୍ବଳ । ତେଣୁ ସେ ଗୋଟିଏ କ୍ଷେତ୍ରରେ ସବଳ ହୋଇପାରେ କିନ୍ତୁ ଅନ୍ୟ କ୍ଷେତ୍ରଟିରେ ବେଶ୍ ଦୁର୍ବଳ । ସାଧାରଣତଃ ଏହାହିଁ ଘଟିଥାଏ ।

### (୨)

ପୃଥିବୀର ସବୁଯାକ ନିନ୍ଦା-ଅପମାନ ତୁମକୁ ଶୁଣିବାକୁ ପଡ଼ିପାରେ, ଲୋକମାନେ ତୁମକୁ ଅପମାନ ଦେଇ ଯାବତୀୟ କଥା କହିପାରନ୍ତି; ଯଦି ତୁମେ ଦୁର୍ବଳ ହୋଇ ନଥିବ, ତେବେ ହୁଏତ ଏକଥା ଶୁଣି ତୁମେ ବାହ୍ୟତଃ ହସି ପାରିବ ନାହିଁ, କାରଣ ସେପରି ହସିବା ହୁଏତ ସୁରୁଚିପୂର୍ଣ୍ଣ ହୋଇ ନପାରେ, କିନ୍ତୁ ଆନ୍ତର-ଚେତନାରେ ସତରେ ଯଦି ତୁମେ ଶକ୍ତିଶାଳୀ ହୋଇଥାଅ, ତେବେ ତୁମେ ଭିତରେ ଭିତରେ ନିଶ୍ଚୟ ହସି ଉଠିବ, ତୁମେ ସେସବୁକୁ ସେହିପରି ଛାଡ଼ିଦେବ । ସେସବୁ କୁତ୍ସା, ଅପମାନ ତୁମକୁ ଆଦୌ ସ୍ପର୍ଶ କରିବ ନାହିଁ ... ସରଳଭାବେ କହିଲେ, ଯେପରି ଏଠାରେ କୁହାଗଲା, ଯଦି ତୁମର ମନ ନିଜକୁ ଶାନ୍ତ ରଖିବାରେ ଅଭ୍ୟସ୍ତ ଥାଏ, ଏବଂ ଯଦି ତୁମେ ତୁମ ଭିତରେ ପ୍ରକୃତରେ ସତ୍ୟକୁ ଦେଖି ପାରୁଥିବ, ତେବେ କୌଣସି କଥା ତୁମ କାନରେ ପଶିବ ନାହିଁ । ତୁମ ଭିତରେ ସେଗୁଡ଼ିକ ସାମାନ୍ୟତମ ସ୍ପନ୍ଦନ ମଧ୍ୟ ଆଣିପାରିବ ନାହିଁ – ସବୁକିଛି ତୁମ ଭିତରେ ନିରବ, ନିଶ୍ଚଳ ହୋଇ ରହିଥିବ । ଏବଂ ଯେଉଁ ସାକ୍ଷୀ ଭାବରେ ରହିବା କଥା ଆମେ ଟିକିଏ ଆଗରୁ କହୁଥିଲୁ, ତାହା ଯଦି ଥାଏ ତେବେ ସେ ଏହି ଆମୋଦଦାୟକ ନାଟକକୁ ଦେଖି ନିଶ୍ଚୟ ହସିବ ।

କିନ୍ତୁ ଲୋକ ଅଛନ୍ତି ଯେଉଁମାନେ ନିଜର ସମସ୍ତ ହିଂସା ଓ କ୍ରୋଧକୁ ତୁମ ଉପରକୁ ଫୋପାଡୁଥା'ନ୍ତି, ତୁମେ ଯଦି ସେହି ସ୍ପନ୍ଦନ ତୁମ ପାଖକୁ ଆସୁଥିବାର ଅନୁଭବ କର ... ପ୍ରଥମେ ଏହା ଆସିଥାଏ ... ତା'ପରେ ହଠାତ୍ ତୁମେ ତାହା ଗ୍ରହଣ କରିନିଅ; ଏବଂ ତା'ପରେ ଯଦି ତୁମେ ଉତ୍ତେଜିତ ହୋଇପଡ଼ ତେବେ ନିଶ୍ଚିତ ହୁଅ ଯେ ସେ ଯେତିକି ଦୁର୍ବଳ ତୁମେ ମଧ୍ୟ ସେତିକି ଦୁର୍ବଳ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଆତ୍ମ-ସଂଯମ

## ଶ୍ରୀମା

ତୁମେ ଗୋଟିଏ ବଣୁଆ ଘୋଡ଼ାକୁ ପୋଷା ମନାଇପାର, କିନ୍ତୁ ଗୋଟାଏ ବାଘର ମୁହଁରେ କେବେହେଲେ ଲଗାମ ଦେଇପାରିବ ନାହିଁ ।

କାହିଁକି ଏପରି ଘଟେ ? କାରଣ ବାଘ ଭିତରେ ଏପରି ଏକ ଦୁଷ୍ଟ, ନିଷ୍ଠୁର ଏବଂ ଅସଂଶୋଧନୀୟ ବଳ ରହିଛି, ଯେଉଁଥିପାଇଁ ଆମେ ତାହାଠାରୁ ଭଲ କିଛି ଆଶା କରିପାରୁନା ଏବଂ ସେ ଯେପରି ଅନିଷ୍ଟ ନକରି ପାରିବ ସେଥିପାଇଁ ତାକୁ ମାରିଦେବାକୁ ପଡ଼େ । କିନ୍ତୁ ଅନ୍ୟ ଦିଗରେ, ବଣୁଆ ଘୋଡ଼ା ପ୍ରଥମେ ଯେତେ ଅବାଧ ହେଲେ ବା କରଛଡ଼ା ଦେଲେ ମଧ୍ୟ ଅଳ୍ପ ଧୈର୍ଯ୍ୟ ଏବଂ ଚେଷ୍ଟା ଦ୍ୱାରା ତାକୁ ଆୟତ୍ତାଧୀନ କରାଯାଇପାରେ । କ୍ରମେ କ୍ରମେ ସେ ଆଦେଶ ପାଳନ କରିବାକୁ, ଏପରିକି ଆମ୍ଭମାନଙ୍କୁ ଭଲପାଇବାକୁ ମଧ୍ୟ ଶିଖେ । ପରିଶେଷରେ ଲଗାମ ପିନ୍ଧିବା ପାଇଁ ସେ ନିଜ ଇଚ୍ଛାରେ ମୁହଁ ବଢ଼ାଇଦିଏ ।

ମନୁଷ୍ୟ ମଧ୍ୟରେ ବି ଏପରି ବିଦ୍ରୋହୀ ଓ ଉଦ୍ଧତ ପ୍ରବୃତ୍ତି ଓ ଇଚ୍ଛା ରହିଛି, କିନ୍ତୁ ସେଗୁଡ଼ିକ ବାଘ ପରି ଅଦମନୀୟ ହେବାର କ୍ୱଚିତ୍ ଦେଖାଯାଏ । ଅଧିକାଂଶ ସ୍ଥଳରେ ସେଗୁଡ଼ିକ ବଣୁଆ ଘୋଡ଼ା ସଦୃଶ ଏବଂ ସେଗୁଡ଼ିକୁ ସଂଯତ କରିବାକୁ ଲଗାମ ଦରକାର ହୁଏ, ଏବଂ ତାହାହିଁ ସର୍ବୋତ୍କୃଷ୍ଟ ଲଗାମ ଯାହାକି ମନୁଷ୍ୟ ନିଜେ ନିଜକୁ ପିନ୍ଧାଇପାରେ । ସେହି ଲଗାମଟିର ନାମ ହେଲା ଆତ୍ମ-ସଂଯମ ।

❖

ପୟଗମ୍ବର ମହମ୍ମଦଙ୍କର ନାତି ହୁସେନ୍ । ତାଙ୍କର ଘରଦ୍ୱାର ଅତି ସୁନ୍ଦର ଏବଂ ଧନସମ୍ପତ୍ତି ଅଗାଧ । ତାଙ୍କୁ ଅବମାନନା କରିବା ଅର୍ଥ ଧନୀ ଲୋକର ଅବମାନନା କରିବା । ଧନୀ ଲୋକଙ୍କର କ୍ରୋଧ ଅତି ଭୟଙ୍କର ।

ଦିନେ ହୁସେନ୍ ଖାଇବାକୁ ବସିଥିବା ବେଳେ ଗୋଟିଏ କ୍ରୀତଦାସ ଏକ ପାତ୍ରରେ ଗରମ ଜଳ ନେଇ ସେହିପାଖ ଦେଇ ଯାଉଥିଲା । ଦୁର୍ଭାଗ୍ୟବଶତଃ କିଛି ଗରମ ଜଳ ହୁସେନ୍‌ଙ୍କ ଉପରେ ଚହଲି ପଡ଼ିଗଲା । ତତ୍‌କ୍ଷଣାତ୍ ସେ ରାଗରେ ଚିତ୍କାର କରିଉଠିଲେ ।

କ୍ରୀତଦାସଟି ନତଜାନୁ ହୋଇ ବସିଲା ଏବଂ ଉପସ୍ଥିତ ବୁଦ୍ଧିର ପ୍ରେରଣାରେ କୋରାନର ଗୋଟିଏ ବାଣୀ ତା'ର ମନେ ପଡ଼ିଲା :

''ସ୍ୱର୍ଗ ସେହିମାନଙ୍କ ପାଇଁ, ଯେଉଁମାନେ ସଂଯମ ଦ୍ୱାରା ରାଗକୁ ବଶ କରିପାରନ୍ତି... ।'' – ସେ କହିଲା ।

ଏହି କଥାଗୁଡ଼ିକ ହୁସେନ୍‌ଙ୍କର ହୃଦୟସ୍ପର୍ଶୀ ହୋଇଥିଲା ଏବଂ ସଙ୍ଗେ ସଙ୍ଗେ ସେ କହିଲେ, ''ମୁଁ ରାଗି ନାହିଁ ।''

''... ଏବଂ ଯେଉଁମାନେ ମନୁଷ୍ୟକୁ କ୍ଷମା କରନ୍ତି ସ୍ୱର୍ଗ ସେହିମାନଙ୍କ ନିମିତ୍ତ'' – ପୁଣି କ୍ରୀତଦାସଟି କହିଲା ।

ହୁସେନ୍ କହିଲେ, ''ମୁଁ ତୁମକୁ କ୍ଷମା କଲି ।''

କ୍ରୀତଦାସଟି ପୁଣି କହିଲା, ''... ଯାହାଙ୍କ ହୃଦୟ ଦୟାପୂର୍ଣ୍ଣ, ଆଲ୍ଲା ତାଙ୍କୁ ସ୍ନେହ କରନ୍ତି ।''

ଏହିପରି କଥାବାର୍ତ୍ତା କରୁ କରୁ ହୁସେନ୍‌ଙ୍କର ସବୁ ରାଗ ଦୂର ହୋଇଗଲା । ବର୍ତ୍ତମାନ ସମ୍ପୂର୍ଣ୍ଣ ଶାନ୍ତ ହୃଦୟରେ ସେ ନିଜେ କ୍ରୀତଦାସଟିକୁ ଧରି ଉଠେଇଲେ ଏବଂ କହିଲେ, ''ବର୍ତ୍ତମାନଠାରୁ ତୁମେ ମୁକ୍ତ, ଆଉ ନିଅ ଏହି ଚାରିଶହ ରୌପ୍ୟ ମୁଦ୍ରା ।''

ଏହିପରି ହୁସେନ୍ ତାଙ୍କର ମିଜାଜ ଉପରେ ଲଗାମ ପିନ୍ଧାଇବାକୁ ଶିକ୍ଷା କରିଥିଲେ; ଯେଉଁ ମିଜାଜ ଉଦାର ହେଲେ ବି ବଡ଼ ତରବରିଆ ଥିଲା । ତାଙ୍କର ମହାନ୍ ଚରିତ୍ର କଳୁଷିତ ଏବଂ ନିଷ୍ଠୁର ନଥିଲା, ସୁତରାଂ ତାଙ୍କ ପକ୍ଷେ ସଂଯମ ଶିକ୍ଷାକରିବା ସମ୍ଭବ ହୋଇଥିଲା ।

❖

ତୁମର ପିତାମାତା କିଂବା ଶିକ୍ଷକ ଯଦି ତୁମକୁ କେବେ କେବେ ସଂଯତ ହେବାକୁ କହନ୍ତି, ଏହାର ଅର୍ଥ ନୁହେଁ ଯେ ସେମାନେ ତୁମର ଛୋଟ ବା ବଡ଼ ତ୍ରୁଟିଗୁଡ଼ିକ ସଂଶୋଧନର ବହିର୍ଭୂତ ବୋଲି ଭାବନ୍ତି; ବରଂ ସେମାନେ ଜାଣନ୍ତି ଯେ ତୁମର ଚଞ୍ଚଳ ଓ ଉତ୍ତେଜନାପ୍ରବଣ ମନକୁ ତରୁଣ ଓ ଶକ୍ତିଶାଳୀ ଘୋଡ଼ା ଭଳି ଲଗାମ ଦେଇ ବଶ କରିବା ଉଚିତ ।

ଯଦି ତୁମକୁ ବାସ କରିବା ପାଇଁ ଏକ ଅପରିଷ୍କାର

କୁଡ଼ିଆଘର କିଂବା ଏକ ରାଜପ୍ରାସାଦ ଦିଆଯାଏ, ତେବେ ତୁମେ କେଉଁଟିକୁ ବାଛିବ ? ଖୁବ୍ ସମ୍ଭବ ରାଜପ୍ରାସାଦଟିକୁ ।

କୁହାଯାଏ ଯେତେବେଳେ ହଜରତ୍ ମହମ୍ମଦ ସ୍ୱର୍ଗ ଦେଖିବାକୁ ଯାଇଥିଲେ, ସେତେବେଳେ ସେ ଦେଖିଲେ ଯେ ଚତୁର୍ଦିଗରେ ଗ୍ରାମାଞ୍ଚଳର ଅତି ଉଚ୍ଚରେ ବଡ଼ ବଡ଼ ପ୍ରାସାଦମାନ ତିଆରି ହୋଇଛି ।

ଯେଉଁ ଦେବଦୂତ ଜଣକ ତାଙ୍କୁ ଚାରିଆଡ଼େ ବୁଲାଇ ସେହିସବୁ ଦେଖାଉଥିଲେ ହଜରତ୍ ତାଙ୍କୁ ପଚାରିଲେ – ''ହେ ଗାବ୍ରିଏଲ୍ ! ଏହି ପ୍ରାସାଦଗୁଡ଼ିକ କେଉଁମାନଙ୍କ ନିମିତ୍ତ ?''

ଦେବଦୂତ କହିଲେ, ''ଯେଉଁମାନେ କ୍ରୋଧକୁ ଜୟ କରି ପାରିଛନ୍ତି ଏବଂ ଅପରାଧକୁ କ୍ଷମା କରିପାରିଛନ୍ତି, ସେହିମାନଙ୍କ ନିମିତ୍ତ ।''

ବୁଝିଲ ତ, ଦୋଷଶୂନ୍ୟ ଏବଂ ଶାନ୍ତ-ସ୍ନିଗ୍ଧ ମନ ସତ୍ୟର ଗୋଟିଏ ପ୍ରାସାଦ ସଦୃଶ । କିନ୍ତୁ ପ୍ରତିହିଂସାପରାୟଣ ଓ ଉଚ୍ଛୃଙ୍ଖଳ ମନ ଆଦୌ ଏପରି ହୋଇ ନପାରେ । ଆମର ମନ ଏକ ଗୃହ ସ୍ୱରୂପ, ଯାହାକୁ ଆମର ପସନ୍ଦ ଅନୁସାରେ ଆମେ ଶାନ୍ତ, ସ୍ନିଗ୍ଧ, ସୁନ୍ଦର ଏବଂ ସଂହତିମୟ କରିପାରୁ; କିଂବା ତାହା ପରିବର୍ତ୍ତେ କର୍କଶ ଶବ୍ଦ ଓ ଶୋକାତୁର ଚିତ୍କାରପୂର୍ଣ୍ଣ ଭୀଷଣ ଅନ୍ଧକାର ଆବାସରେ ମଧ୍ୟ ପରିଣତ କରିପାରୁ ।

❖

ଫ୍ରାନ୍ସର ଉତ୍ତରରେ ଅବସ୍ଥିତ ଏକ ସହରରେ ଗୋଟିଏ ବାଳକ ସଙ୍ଗେ ମୋର ପରିଚୟ ଥିଲା । ତା'ର ପ୍ରକୃତି ଥିଲା ଅତି ସରଳ, କିନ୍ତୁ ହିତାହିତ ଜ୍ଞାନଶୂନ୍ୟ । ଅଧିକାଂଶ ସମୟରେ ସେ ଅତିଶୟ କ୍ରୋଧାନ୍ୱିତ ହୋଇ ପଡୁଥିଲା ।

ମୁଁ ଦିନେ ବାଳକଟିକୁ ପଚାରିଲି, ''ତୁମ ଭଳି ଏକ ଶକ୍ତିସମ୍ପନ୍ନ ବାଳକ ପକ୍ଷେ କେଉଁଟି କରିବା ଅଧିକ କଷ୍ଟକର ବୋଲି ଭାବୁଛ : ଯଦି କେହି ଜଣେ ବନ୍ଧୁ ତୁମକୁ ଆଘାତ କରେ, ସେତେବେଳେ ତାକୁ ପ୍ରତ୍ୟାଘାତ କରିବା ନା ସେହି ମୁହୂର୍ତ୍ତରେ ତୁମର ହାତ ଦୁଇଟିକୁ ପକେଟ ଭିତରେ ଭରିରଖିବା ?''

ସେ ଉତ୍ତର ଦେଲା, ''ପକେଟ ଭିତରେ ଭରିରଖିବା ।''

''ଆଉ ତୁମପରି ବୀର ବାଳକ ପକ୍ଷେ କେଉଁଟି କରିବା ବେଶୀ ସମ୍ମାନକର ବୋଲି ତୁମେ ଭାବୁଛ : ଅଧିକ ସହଜ କାର୍ଯ୍ୟଟି ନା କଷ୍ଟକର କାର୍ଯ୍ୟଟି ?''

ମୁହୂର୍ତ୍ତେ ଇତସ୍ତତଃ କରି ସେ ଉତ୍ତର ଦେଲା – ''କଷ୍ଟକର କାର୍ଯ୍ୟଟି ।''

''ତେବେ ଏହାପରେ ସୁଯୋଗ ପାଇଲେ ତାହା କରିବାକୁ ଚେଷ୍ଟାକର ।''

କିଛିଦିନ ପରେ ସେହି ତରୁଣଟି ମୋ ପାଖକୁ ଆସି ତା'ର ସ୍ୱଭାବ ସୁଲଭ ଆତ୍ମାଭିମାନ ସହ କହିଲା ଯେ, ''ଅତି କଷ୍ଟକର କାର୍ଯ୍ୟଟି'' କରିବାକୁ ସେ ସମର୍ଥ ହୋଇଛି ।

ସେ କହିଲା, ''ଦିନେ ମୋର ଜଣେ ସହକର୍ମୀ ବନ୍ଧୁ, ଯେ ନିଜର ଖରାପ ସ୍ୱଭାବ ନିମିତ୍ତ ପ୍ରସିଦ୍ଧ ଥିଲା, ହଠାତ୍ ରାଗିବା ଅବସ୍ଥାରେ ମୋତେ ଆଘାତ କଲା । ସେ ଜାଣିଥିଲା ଯେ ମୁଁ ସାଧାରଣତଃ କ୍ଷମା ଦେବାର ପିଲା ନୁହେଁ, କାରଣ ମୋର ବି ଦୁଇଟି ସବଳ ବାହୁ ରହିଛି । ତେଣୁ ସେ ଆତ୍ମରକ୍ଷା ଲାଗି ପ୍ରସ୍ତୁତ ହେବାକୁ ଲାଗିଲା । ଠିକ୍ ସେତିକିବେଳେ ମୋର ଆପଣଙ୍କ ଉପଦେଶଟି ମନେପଡ଼ିଲା । ବିଷୟଟିକୁ ଯେପରି ଭାବିଥିଲି ତାହା ଅପେକ୍ଷା ଭୟଙ୍କର କଠିନ ବୋଲି ତାହା ମନେ ହେଲା । ତଥାପି ହାତ ଦୁଇଟିକୁ ମୁଁ ମୋର ପକେଟ ଭିତରେ ରଖିଲି । ଏହା କରିବା ପରେ ମନେହେଲା ଯେ ମୋର ଆଉ ରାଗ ନାହିଁ, ବରଂ ତା' ଉପରେ ମୋର ଦୟା ହେଲା । ତା'ପରେ ତା'ସଙ୍ଗେ ହାତ ମିଳାଇବା ସକାଶେ ମୁଁ ମୋର ହାତ ବଢ଼ାଇଦେଲି । ଏହା ଦେଖି ସେ କିଛିକ୍ଷଣ ଅବାକ୍ ହୋଇ 'ହାଁ' କରି ମୋତେ ଚାହିଁ ରହିଲା । ତା'ପରେ ହାତକୁ ଧରିପକାଇଲା ଏବଂ ଭାବବିହ୍ୱଳ ହୋଇ କହିଲା, 'ତୁମେ ମୋ ପ୍ରତି ଯାହା ଇଚ୍ଛା ତାହା କରିପାର । ମୁଁ ତୁମର ଚିରଦିନ ପାଇଁ ବନ୍ଧୁ ହୋଇ ରହିଲି ।'

ସେହି ବାଳକଟି ତା'ର କ୍ରୋଧକୁ ଠିକ୍ ଖଲିଫା ହୁସେନ୍‌ଙ୍କ ପରି ଜୟ କରି ପାରିଥିଲା ।

ଏହାଛଡ଼ା ଆହୁରି ବହୁତ ଜିନିଷ ରହିଛି ଯାହା ସକାଶେ ଲଗାମ ଦରକାର ହୋଇଥାଏ ।

❖

ଆରବ ଦେଶର କବି ଅଲ୍-କୋଶାଇ ମରୁଭୂମିରେ ବାସ କରୁଥିଲେ । ଦିନେ ସେ ଏକ ସୁନ୍ଦର ନାବା ଗଛ ଦେଖିଲେ

ଏବଂ ତାହାର ଡାଳରୁ ଗୋଟିଏ ଧନୁ ଏବଂ କେତେକ ତୀର ତିଆରି କଲେ ।

ରାତି ହେବା ପରେ ସେ ବଣୁଆ ଗଧ ଶିକାର କରିବାକୁ ବାହାରିଲେ । ଅବିଳମ୍ୱେ ସେ ଦଳେ ବଣୁଆ ପଶୁଙ୍କ ଖୁରାର ଶବ୍ଦ ଶୁଣିବାକୁ ପାଇଲେ । ତେଣୁ ସେ ତାଙ୍କର ପ୍ରଥମ ତୀରଟି ଛାଡ଼ିଲେ, କିନ୍ତୁ ସେ ତୀରଟି ଏତେ ଜୋର୍‌ରେ ଛାଡ଼ିଥିଲେ ଯେ ତାହା ଏକ ବଣୁଆ ପଶୁର ଶରୀର ଭେଦକରି ନିକଟସ୍ଥ ଏକ ପଥରରେ ବାଜି ଶବ୍ଦ କଲା । ପଥରର ସେହି ଶବ୍ଦ ଶୁଣି ଅଲ-କୋଶାଇ ଭାବିଲେ ଯେ ତାଙ୍କର ତୀରଟି ଲକ୍ଷ୍ୟଭ୍ରଷ୍ଟ ହୋଇଗଲା । ତେଣୁ ସେ ତାଙ୍କର ଦ୍ୱିତୀୟ ତୀରଟି ଛାଡ଼ିଲେ । ପୁନର୍ବାର ଏହା ଏକ ଗଧର ଶରୀର ଭେଦ କରି ପଥରରେ ଆଘାତ କଲା । ଅଲ୍-କୋଶାଇ ଭାବିଲେ ଯେ ପୁଣି ତାଙ୍କର ତୀରଟି ଲକ୍ଷ୍ୟଭ୍ରଷ୍ଟ ହୋଇଗଲା । ତା'ପରେ ସେ ତୃତୀୟ, ଚତୁର୍ଥ, ଏବଂ ପଞ୍ଚମ ଥର ତୀର ଛାଡ଼ିଲେ, ଏବଂ ପ୍ରତ୍ୟେକ ଥର ଠିକ୍ ସେହି ଶବ୍ଦ ଶୁଣିବାକୁ ପାଇଲେ । ପଞ୍ଚମ ଥର ସେ ରାଗରେ ଧନୁଟିକୁ ଭାଙ୍ଗି ଫୋପାଡ଼ି ଦେଲେ ।

ସକାଳେ ସେ ଦେଖିବାକୁ ପାଇଲେ ଯେ ପାଞ୍ଚଟି ଗଧ ପଥର ସାମନାରେ ଭୂମିଶାୟୀ ହୋଇ ପଡ଼ିଛନ୍ତି ।

ଯଦି ସେ ଆଉ ଟିକିଏ ଧୈର୍ଯ୍ୟ ଧରି ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିଥା'ନ୍ତେ ତେବେ ତାଙ୍କର ମନ ଶାନ୍ତ ହୋଇ ପାରିଥା'ନ୍ତା ଏବଂ ଧନୁଟି ମଧ୍ୟ ବଜାୟ ରହିଥା'ନ୍ତା ।

❖

ଏହା କେବେ ବି ମନେକରିବା ଉଚିତ ନୁହେଁ ଯେ ସଂଯମର ଅର୍ଥ ମନୁଷ୍ୟର ସମସ୍ତ ଉତ୍ସାହ-ଉଦ୍ଦୀପନାକୁ ନଷ୍ଟକରି ତା'ର ଚରିତ୍ରକୁ ଦୁର୍ବଳ କରିଦେବା । ବନ୍ୟ ଘୋଡ଼ାକୁ ଯେତେବେଳେ ଲଗାମ ଦିଆଯାଏ, ତା'ର ଉଦ୍ଦେଶ୍ୟ ଏହା ନୁହେଁ ଯେ ଲଗାମ ତା'ର ପାଟିକୁ କାଟିପକାଇବ ବା ଦାନ୍ତକୁ ଭାଙ୍ଗିଦେବ । ଯଦି କେହି ଚାହେଁ ଯେ ଘୋଡ଼ା ତା'ର କାର୍ଯ୍ୟ ଉତ୍ତମ ରୂପେ ସମ୍ପାଦନ କରିପାରୁ, ତେବେ ସେ ଘୋଡ଼ାର ଲଗାମଟିକୁ ଏପରି ଜୋର୍‌ରେ ଧରିବ ଯଦ୍ୱାରା ଘୋଡ଼ାଟି ଆଗେଇ ଚାଲିବ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଘୋଡ଼ାର ଲଗାମକୁ ଏମିତି ଜୋର୍‌ରେ ଟାଣିଧରିବ ଯାହାଫଳରେ ଘୋଡ଼ାଟି ତିଳେହେଲେ ଅଗ୍ରସର ହୋଇପାରିବ ନାହିଁ ।

କିନ୍ତୁ ଦୁଃଖର କଥା ଯେ ମେଣ୍ଢାଭଳି ଦୁର୍ବଳ ପ୍ରକୃତିର ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କୁ ଆୟତ୍ତ କରିବା ପାଇଁ ମୁଖର ଏକ ଶବ୍ଦହିଁ ଯଥେଷ୍ଟ । ପୁନଶ୍ଚ ଏପରି ଦାସପ୍ରକୃତିର ମନୁଷ୍ୟ ଅଛନ୍ତି, ଯେଉଁମାନେ ଅତ୍ୟନ୍ତ ଜଡ଼, ସାମର୍ଥ୍ୟହୀନ ଓ ଅତିମାତ୍ରାରେ ପରାନୁଗତ ।

ଆବୁ ଓତ୍‌ମାନ୍ ଅଲ୍-ହିରି ତାଙ୍କର ଅସୀମ ଧୈର୍ଯ୍ୟ ନିମିତ୍ତ ବିଖ୍ୟାତ ଥିଲେ । ଦିନେ ଗୋଟିଏ ଭୋଜିସଭାକୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେ ଯେତେବେଳେ ସେଠାରେ ପ୍ରବେଶ କଲେ, ତାଙ୍କୁ ତାଙ୍କର ନିମନ୍ତ୍ରଣକାରୀ (ଗୃହସ୍ୱାମୀ) କହିଲେ, ''ମୋତେ କ୍ଷମା କରିବେ, ଆପଣଙ୍କୁ ଆଜି ମୁଁ ସତ୍କାର କରିବାକୁ ଅକ୍ଷମ । ଦୟାକରି ଫେରିଯା'ନ୍ତୁ ଆଉ ଆଲ୍ଲାଙ୍କର କୃପାଦୃଷ୍ଟି ଆପଣଙ୍କ ଉପରେ ପଡ଼ୁ ।''

ଆବୁ ସେଠାରୁ ଫେରିଆସିଲେ, କିନ୍ତୁ ଘରେ ପହଞ୍ଚିବା ପୂର୍ବରୁ ତାଙ୍କର ନିମନ୍ତ୍ରଣକାରୀ ବନ୍ଧୁ ତାଙ୍କୁ ପୁନର୍ବାର ନିମନ୍ତ୍ରଣ କରିବାକୁ ଆସିଲେ । ଆବୁ ବନ୍ଧୁଙ୍କ ସଙ୍ଗେ ତାଙ୍କର ଦରଜା ପର୍ଯ୍ୟନ୍ତ ପୁଣି ଗଲେ । କିନ୍ତୁ ସେଇଠି ବନ୍ଧୁଟି ରହିଗଲେ ଏବଂ ଅସାମର୍ଥ୍ୟ ପାଇଁ ପୁନଶ୍ଚ କ୍ଷମା ମାଗିଲେ । ଆବୁ ଓତ୍‌ମାନ କୌଣସି ପ୍ରତିବାଦ ନ କରି ନିରବରେ ଫେରି ଆସିଲେ ।

ଏକହିଁ ଦୃଶ୍ୟ ତୃତୀୟ ଓ ଚତୁର୍ଥ ଥର ପାଇଁ ମଧ୍ୟ ପୁନରାବୃତ୍ତ ହେଲା । ପରିଶେଷରେ ବନ୍ଧୁଟି ତାଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ସମସ୍ତଙ୍କ ଆଗରେ ସମ୍ବୋଧନ କରି କହିଲେ, ''ଆବୁ ଓତ୍‌ମାନ ! ମୁଁ ଆପଣଙ୍କର ମହାନ୍ ଚରିତ୍ରର ପରୀକ୍ଷା କରିବା ପାଇଁ ଆପଣଙ୍କ ପ୍ରତି ଏପରି ବ୍ୟବହାର କରିଥିଲି । ମୁଁ ଆପଣଙ୍କ ଧୈର୍ଯ୍ୟ ଓ ସହିଷ୍ଣୁତାର ଭୂୟସୀ ପ୍ରଶଂସା କରୁଛି ।''

ଆବୁ ଉତ୍ତର ଦେଲେ, – ''ମୋତେ ପ୍ରଶଂସା କରନ୍ତୁ ନାହିଁ, କାରଣ କୁକୁରଗୁଡ଼ିକର ମଧ୍ୟ ଏହିପରି ଧୈର୍ଯ୍ୟରକ୍ଷାର ଗୁଣ ଅଛି; ସେମାନଙ୍କୁ ଡାକିଲେ ଆସିଥାଆନ୍ତି ଏବଂ ତଡ଼ିଦେଲେ ପଳାଇ ଯାଆନ୍ତି ।''

ଆବୁ ଓତ୍‌ମାନ୍ କୁକୁର ନ ଥିଲେ, ସେ ଥିଲେ ମନୁଷ୍ୟ; କିନ୍ତୁ ନିଜର ଆତ୍ମସମ୍ମାନ ତଥା ଔଚିତ୍ୟବୋଧ ହରାଇ ସ୍ୱେଚ୍ଛାପୂର୍ବକ ସେ ତାଙ୍କର ବନ୍ଧୁମାନଙ୍କ ନିକଟରେ ହାସ୍ୟାସ୍ପଦ ହେଲେ ଏବଂ ଏହାଦ୍ୱାରା କାହାରି କିଛିମାତ୍ର ଉପକାର କରିପାରିଲେ ନାହିଁ ।

ଏହି ବିନମ୍ର ପ୍ରକୃତିର ଲୋକଟି ପାଖରେ ନିଜକୁ ସଂଯତ କରିବାର ଗୁଣ କ'ଣ କିଛିମାତ୍ର ନ ଥିଲା ? ନିଶ୍ଚୟ ଥିଲା ।

ଯାହା ସମସ୍ତଙ୍କ ପକ୍ଷେ ସଂଯତ କରିବା ଅସମ୍ଭବ, ତାହାହିଁ ତାଙ୍କର ଥିଲା; ତାହା ତାଙ୍କ ସ୍ୱଭାବର ଦୁର୍ବଳତା । ଯେହେତୁ ନିଜର ସମ୍ମାନ କିପରି ରକ୍ଷା କରିବାକୁ ହୁଏ ତାହା ସେ ଜାଣି ନ ଥିଲେ; ସେଥିପାଇଁ ସମସ୍ତେ ତାଙ୍କୁ ନିଜ ଇଚ୍ଛାନୁସାରେ ଶାସନ କରୁଥିଲେ ।

❖

ଏକ ସମୟରେ ଜଣେ ତରୁଣ ବ୍ରହ୍ମଚାରୀ ଥିଲେ ଯାହାଙ୍କର ଅନେକ ଗୁଣ ଥିଲା ଏବଂ ଏକଥା ସେ ମଧ୍ୟ ଭଲ ଭାବରେ ଜାଣିଥିଲେ । ତାଙ୍କର ଇଚ୍ଛା ହେଲା – ସେ ତାଙ୍କର ସାମର୍ଥ୍ୟକୁ ବଢ଼ାଇ ଚାଲିବେ ଯଦ୍ଦ୍ୱାରା ସର୍ବତ୍ର ସେ ପ୍ରଶଂସିତ ହେବେ । ତେଣୁ ସେ ଦେଶ-ଦେଶାନ୍ତର ଭ୍ରମଣ କରିବାକୁ ଲାଗିଲେ ।

ଜଣେ ତୀର-ନିର୍ମାତାଙ୍କଠାରୁ କିପରି ତୀର ତିଆରି କରିବାକୁ ହୁଏ ସେ ତାହା ଶିକ୍ଷାକଲେ । ଅନ୍ୟ ଏକ ସ୍ଥାନକୁ ଯାଇ କିପରି ଜାହାଜ ତିଆରି କରିବାକୁ ହୁଏ ଏବଂ ଚଳାଇବାକୁ ହୁଏ ତାହା ଶିକ୍ଷା କଲେ । ଆଉ ଗୋଟିଏ ସ୍ଥାନକୁ ଯାଇ ସେ ଗୃହନିର୍ମାଣର ପ୍ରଣାଳୀ ଶିକ୍ଷା କଲେ । ବିଭିନ୍ନ ସ୍ଥାନରେ ସେ ଏହିପରି ବିଭିନ୍ନ କଳା ଶିକ୍ଷାକଲେ ।

ଏହି ଭାବେ ଷୋହଳଟି ଭିନ୍ନ ଭିନ୍ନ ଦେଶ ଭ୍ରମଣ କରି ସେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଗର୍ବରେ ଘୋଷଣା କଲେ, ''ମୋ ଭଳି ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ପୃଥିବୀରେ ଅନ୍ୟ କିଏ ଅଛି ?''

ଭଗବାନ୍ ବୁଦ୍ଧ ସେ ତରୁଣ ବ୍ରହ୍ମଚାରୀଙ୍କୁ ଦେଖି ଏପରି ଏକ ବିଦ୍ୟା ଶିକ୍ଷା ଦେବାକୁ ଇଚ୍ଛାକଲେ ଯାହାକି ଏପର୍ଯ୍ୟନ୍ତ ସେ ଶିକ୍ଷା କରିଥିବା ଗୁଣଗୁଡ଼ିକଠାରୁ ମହତ୍ତର । ସେ ଏକ ବୃଦ୍ଧ ଶ୍ରମଣ ବେଶରେ ହାତରେ ଭିକ୍ଷାପାତ୍ର ଧରି ସେହି ତରୁଣ ବ୍ରହ୍ମଚାରୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ।

ବ୍ରହ୍ମଚାରୀ ପଚାରିଲେ, ''ଆପଣ କିଏ ?''

ଉତ୍ତର ମିଳିଲା, – ମୁଁ ନିଜ ଶରୀରକୁ ଶାସନ କରିବାର ସାମର୍ଥ୍ୟଯୁକ୍ତ ଏକ ମନୁଷ୍ୟ ।''

''ତା'ର ଅର୍ଥ ?''

''ଯେ ଧନୁର୍ଦ୍ଧର ସେ ତୀର ଛୁଟାଇ ଜାଣେ, ଜାହାଜ ଚାଳକ ଜାହାଜ ଚଳାଇ ଜାଣେ, ଯେ ସ୍ଥପତି ସେ ଅଟ୍ଟାଳିକା ନିର୍ମାଣ କରାଇପାରେ, କିନ୍ତୁ ଜ୍ଞାନୀ ଲୋକ ନିଜକୁ ଶାସନ କରିପାରେ ।''

ପୁଣି ପ୍ରଶ୍ନ କରାଗଲା – ''କି ଉପାୟରେ ?''

ଉତ୍ତର ମିଳିଲା – ''ଯଦି ସେ ପ୍ରଶଂସା ପାଏ, ତେବେ ଉଲ୍ଲସିତ ହୁଏ ନାହିଁ କିଂବା ଯଦି ନିନ୍ଦିତ ହୁଏ ତେବେ ବି ବିଚଳିତ ହୁଏ ନାହିଁ । ସେ ନିଜର ଚରିତ୍ରକୁ ସତ୍ୟ ଓ ଧର୍ମ ଉପରେ ପ୍ରତିଷ୍ଠିତ କରିବାକୁ ଚେଷ୍ଟାକରେ ଏବଂ ଶାନ୍ତି ମଧ୍ୟରେ ବାସ କରେ ।''

ହେ ସୁମତି ବାଳକବାଳିକାଗଣ ! ତୁମ୍ଭେମାନେ ମଧ୍ୟ ନିଜେ ନିଜକୁ ନିୟନ୍ତ୍ରିତ କରିବାକୁ ଶିକ୍ଷାକର । ଆଉ ତୁମ୍ଭମାନଙ୍କୁ ନିୟନ୍ତ୍ରିତ କରିବା ପାଇଁ ଯଦି କଠିନ ଲଗାମର ପ୍ରୟୋଜନ ହୁଏ, ତେବେ ମଧ୍ୟ ସେଥିପାଇଁ ଆପତ୍ତି କର ନାହିଁ ।

ତରୁଣ ଅସଂଯତ ଘୋଡ଼ା ବରଂ ଭଲ, ଧୀରେ ଧୀରେ ସେ ସୁଶୀଳ ହୋଇପାରିବ, କିନ୍ତୁ ସୁନ୍ଦର କାଠଘୋଡ଼ାକୁ ଯେତେ ଯାହା କରନା କାହିଁକି ତାହା ସର୍ବଦାହିଁ ସେହିପରି ରହିବ । ତା' ମୁହଁରେ ଲଗାମ ଦେବା ଅର୍ଥ କେବଳ ତାମସା ଦେଖିବା ।

(Ref : C.W.M. Vol. II, p. 173-178)

❑❑❑

... ...ପ୍ରକୃତ ଗୁଣବାନ୍ ଓ ବୁଦ୍ଧିମାନ୍ ମଣିଷଟିଏ, ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା' ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ଆଦର୍ଶ ସଙ୍ଗେ ନିଜର ସଂଗତି ରକ୍ଷାକରି ସେ ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ ।

– ଶ୍ରୀମା

# କ୍ଷମାର ଆଦର୍ଶ

## ଶ୍ରୀଅରବିନ୍ଦ

ଚନ୍ଦ୍ର ଧୀର ଗତିରେ ମେଘ ଭିତର ଦେଇ ବହି ଯାଉଥିଲା । ନିମ୍ନରେ ନଦୀ କୁଳୁକୁଳୁ ନାଦରେ ପବନ ସଙ୍ଗରେ ସ୍ୱର ମିଳାଇ ନାଚି ନାଚି ବହି ଯାଉଥିଲା । ଅର୍ଦ୍ଧ-ଜ୍ୟୋତ୍ସ୍ନା, ଅର୍ଦ୍ଧ-ଅନ୍ଧକାର ମିଶି ପୃଥିବୀର ସୌନ୍ଦର୍ଯ୍ୟ ଅପୂର୍ବ ଦେଖା ଯାଉଥିଲା । ଚତୁର୍ଦ୍ଦିଗରେ ଋଷିମାନଙ୍କର ଆଶ୍ରମ । ଗୋଟିଏ ଗୋଟିଏ ଆଶ୍ରମ ନନ୍ଦନବନକୁ ଧିକ୍କାର କରୁଥିଲା । ଗୋଟିଏ ଗୋଟିଏ ଋଷି-କୁଟୀର ତରୁ, ପୁଷ୍ପ ଓ ବୃକ୍ଷଲତା-ଶୋଭିତ ହୋଇ ଅପୂର୍ବଶ୍ରୀ ଧାରଣ କରିଥିଲା । ଦିନେ ଏହିପରି ଜ୍ୟୋତ୍ସ୍ନା-ପୁଲକିତ ରାତ୍ରିରେ ବ୍ରହ୍ମର୍ଷି ବଶିଷ୍ଠଦେବ ସହଧର୍ମିଣୀ ଅରୁନ୍ଧତୀ ଦେବୀଙ୍କୁ କହୁଥିଲେ, ''ଦେବି, ଋଷି ବିଶ୍ୱାମିତ୍ରଙ୍କ ନିକଟରୁ କିଛି ଲବଣ ଭିକ୍ଷାକରି ଆଣ ।'' ଏହି କଥାରେ ଅରୁନ୍ଧତୀ ଦେବୀ ବିସ୍ମିତା ହୋଇ ଜିଜ୍ଞାସା କଲେ, ''ପ୍ରଭୁ, ଏ କି ଆଜ୍ଞା କରୁଛନ୍ତି, ମୁଁ କିଛି ବୁଝିପାରୁ ନାହିଁ । ଯେ ମୋତେ ଶତ ପୁତ୍ରଙ୍କଠାରୁ ବଞ୍ଚିତ କରିଛି – '' ଏହି କଥା କହୁ କହୁ ଦେବୀଙ୍କର ସ୍ୱର ଅଶ୍ରୁପୂର୍ଣ୍ଣ ହୋଇଉଠିଲା, ସମସ୍ତ ପୂର୍ବସ୍ମୃତି ଜାଗିଉଠିଲା, ସେହି ଅପୂର୍ବ ଶାନ୍ତିର ଆଳୟ ଗଭୀର ହୃଦୟ ବ୍ୟଥିତ ହେଲା, ସେ କହିଚାଲିଲେ – ''ମୋର ଶତପୁତ୍ର ଏହି ଜ୍ୟୋତ୍ସ୍ନାଶୋଭିତ ରାତ୍ରିରେ ବେଦଗାନ କରୁଥା'ନ୍ତେ, ଶତପୁତ୍ର ମୋର ବେଦଜ୍ଞ ଓ ବ୍ରହ୍ମନିଷ୍ଠ, ମୋର ଏହିପରି ପୁତ୍ରମାନଙ୍କୁ ସେ ବିନଷ୍ଟ କରିଛି; ତା'ର ଆଶ୍ରମରୁ ମୋତେ ଲବଣ ଭିକ୍ଷାକରି ଆଣିବାକୁ କହୁଛନ୍ତି ? ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇଛି ।'' ଧୀରେ ଧୀରେ ଋଷିଙ୍କର ମୁଖ ଜ୍ୟୋତିଃପୂର୍ଣ୍ଣ ହୋଇଉଠିଲା, ଧୀରେ ଧୀରେ ସାଗରୋପମ ହୃଦୟରୁ ଏହି କେତୋଟି ବାକ୍ୟ ନିଃସୃତ ହେଲା, – ''ଦେବି, ମୁଁ ଯେ ତାଙ୍କୁ ଭଲପାଏ ।'' ଅରୁନ୍ଧତୀଙ୍କର ବିସ୍ମୟ ଆହୁରି ବର୍ଦ୍ଧିତ ହେଲା, ସେ କହିଲେ, ''ଆପଣ ଯଦି ତାଙ୍କୁ ଭଲପା'ନ୍ତି ତେବେ ତ ତାଙ୍କୁ 'ବ୍ରହ୍ମର୍ଷି' ବୋଲି ସମ୍ବୋଧନ କରିଥିଲେ ଜଞ୍ଜାଳ ତୁଟି ଯାଇଥା'ନ୍ତା, ମୋତେ ବି ଶତପୁତ୍ରଙ୍କଠାରୁ ବଞ୍ଚିତ ହେବାକୁ ହୋଇ ନ ଥା'ନ୍ତା ।'' ଋଷିଙ୍କର ମୁଖ ଅପୂର୍ବଶ୍ରୀ ଧାରଣ କଲା, ସେ କହିଲେ, ''ତାଙ୍କୁ ଭଲପାଏ ବୋଲି ତ ତାଙ୍କୁ ବ୍ରହ୍ମର୍ଷି କହି ନାହିଁ, ମୁଁ ତାଙ୍କୁ ବ୍ରହ୍ମର୍ଷି କହି ନାହିଁ ବୋଲି ତାଙ୍କର ବ୍ରହ୍ମର୍ଷି ହେବାର ଆଶା ଅଛି ।''

ଆଜି ବିଶ୍ୱାମିତ୍ର କ୍ରୋଧରେ ଜ୍ଞାନଶୂନ୍ୟ । ଆଜି ଆଉ ତପସ୍ୟାରେ ତାଙ୍କର ମନୋନିବେଶ ହେଉ ନାହିଁ । ସେ ସଂକଳ୍ପ କରିଛନ୍ତି ଆଜି ଯଦି ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ନ କହନ୍ତି ତାହାହେଲେ ତାଙ୍କର ପ୍ରାଣନାଶ କରିବେ । ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସେ ତରବାରି ହସ୍ତରେ କୁଟୀରରୁ ବହିର୍ଗତ ହେଲେ । ଧୀରେ ଧୀରେ ବଶିଷ୍ଠଦେବଙ୍କ କୁଟୀର ପାର୍ଶ୍ୱରେ ଆସି ସେ ଠିଆହେଲେ । ସେହିପରି ଠିଆ ହୋଇଥିବା ଅବସ୍ଥାରେ ବଶିଷ୍ଠଦେବଙ୍କର ସମସ୍ତ କଥା ଶୁଣିଲେ । ମୁଷ୍ଟିବଦ୍ଧ ତରବାରି ତାଙ୍କର ହସ୍ତରୁ ଶିଥିଳ ହୋଇ ତଳେ ପଡ଼ିଗଲା । ଭାବିଲେ, ''କ'ଣ କରିଛି, ନ ଜାଣି କି ଅନ୍ୟାୟ କାର୍ଯ୍ୟ କରିଛି, କିଛି ନଜାଣି କାହାର ନିର୍ବିକାର ଚିତ୍ତରେ ବ୍ୟଥା ଦେବାକୁ ଚେଷ୍ଟା କରିଛି ।'' ହୃଦୟରେ ଶତ ବୃଶ୍ଚିକ-ଦଂଶନର ଯନ୍ତ୍ରଣା ଅନୁଭୂତ ହେଲା । ଅନୁତାପରେ ହୃଦୟ ଦଗ୍ଧ ହେବାକୁ ଲାଗିଲା । ଦୌଡ଼ିଯାଇ ବଶିଷ୍ଠଙ୍କ ପାଦ ତଳେ ପଡ଼ିଗଲେ । କିଛି କ୍ଷଣ ବାକ୍ସ୍ଫୂର୍ତ୍ତି ହେଲା ନାହିଁ, କ୍ଷଣକ ପରେ କହିଲେ, – ''କ୍ଷମା କରନ୍ତୁ, କିନ୍ତୁ ମୁଁ କ୍ଷମାଭିକ୍ଷାର ବି ଅଯୋଗ୍ୟ ।'' ଗର୍ବିତ ହୃଦୟ ଯୋଗୁଁ ଆଉ କିଛି କହି ପାରିଲେ ନାହିଁ । କିନ୍ତୁ ବଶିଷ୍ଠ କ'ଣ କଲେ ? ବଶିଷ୍ଠ ଦୁଇ ହାତରେ ତାଙ୍କୁ ଧରି କହିଲେ, ''ଉଠ, ବ୍ରହ୍ମର୍ଷି ଉଠ ।'' ଦ୍ୱିଗୁଣ ଲଜ୍ଜାରେ ବିଶ୍ୱାମିତ୍ର କହିଲେ, ''ପ୍ରଭୁ, କାହିଁକି ଲଜ୍ଜା ଦେଉଛନ୍ତି ?'' ବଶିଷ୍ଠଦେବ ଉତ୍ତର କଲେ, ''ମୁଁ କେବେହେଲେ ମିଥ୍ୟା କହି ନାହିଁ – ଆଜି ତୁମେ ବ୍ରହ୍ମର୍ଷି ହୋଇଅଛ, ଆଜି ତୁମେ ଅଭିମାନ ତ୍ୟାଗ କରିଅଛ । ଆଜି ତୁମେ ବ୍ରହ୍ମର୍ଷିପଦ ଲାଭ କରିଛ ।'' ବିଶ୍ୱାମିତ୍ର କହିଲେ, ''ମୋତେ ଆପଣ ବ୍ରହ୍ମଜ୍ଞାନ ଶିକ୍ଷା ଦିଅନ୍ତୁ ।'' ବଶିଷ୍ଠ ଉତ୍ତର ଦେଲେ, ''ଅନନ୍ତଦେବଙ୍କ ନିକଟକୁ ଯାଅ, ସେହିଁ ତୁମକୁ ବ୍ରହ୍ମଜ୍ଞାନ ଶିକ୍ଷା ଦେବେ ।'' ଅନନ୍ତଦେବ ଯେଉଁଠାରେ ପୃଥିବୀକୁ ମସ୍ତକରେ ଧାରଣ କରି ଅଛନ୍ତି ବିଶ୍ୱାମିତ୍ର ସେଠାରେ ଆସି ଉପସ୍ଥିତ ହେଲେ । ଅନନ୍ତଦେବ କହିଲେ, ''ତୁମେ ଯଦି ଏହି ପୃଥିବୀକୁ ମସ୍ତକରେ ଧାରଣ କରିପାର ତେବେ ମୁଁ ତୁମକୁ ବ୍ରହ୍ମଜ୍ଞାନ ଶିକ୍ଷା ଦେଇପାରେ ।'' ତପୋବଳରେ ଗର୍ବିତ ବିଶ୍ୱାମିତ୍ର କହିଲେ, ''ଆପଣ ପୃଥିବୀକୁ ତ୍ୟାଗ କରନ୍ତୁ, ମୁଁ ମସ୍ତକରେ

ଧାରଣ କରୁଛି ।'' ଅନନ୍ତଦେବ କହିଲେ ''ଧାରଣ କର, ମୁଁ ତ୍ୟାଗ କଲି ।'' ଶୂନ୍ୟରେ ପୃଥିବୀ ଘୂରି ଘୂରି ପଡ଼ିବାକୁ ଲାଗିଲା ।

ବିଶ୍ୱାମିତ୍ର ଡାକି କହୁଛନ୍ତି, ''ମୁଁ ସମସ୍ତ ତପସ୍ୟାର ଫଳ ଅର୍ପଣ କରୁଅଛି, ପୃଥିବୀ ଧୃତ ହେଉ –'' ତଥାପି ପୃଥିବୀ ସ୍ଥିର ହେଲା ନାହିଁ । ଉଚ୍ଚ ସ୍ୱରରେ ଅନନ୍ତଦେବ କହିଲେ, ''ବିଶ୍ୱାମିତ୍ର, ଏତେ ତପସ୍ୟା କରି ନାହଁ ଯେ ପୃଥିବୀ ଧାରଣ କରିବ, କେବେହେଲେ ସାଧୁସଙ୍ଗ କରିଛ କି ? ତାହାର ଫଳ ଅର୍ପଣ କର ।'' ବିଶ୍ୱାମିତ୍ର କହିଲେ, ''ଏକ ମୁହୂର୍ତ୍ତ ନିମିତ୍ତ ବଶିଷ୍ଠଙ୍କ ସଙ୍ଗଲାଭ କରିଛି ।'' ଅନନ୍ତଦେବ କହିଲେ, ''ତେବେ ସେହି ଫଳ ଅର୍ପଣ କର ।'' ବିଶ୍ୱାମିତ୍ର କହିଲେ, ''ମୁଁ ସେହି ଫଳ ଅର୍ପଣ କରୁଛି ।'' ଧୀରେ ଧୀରେ ପୃଥିବୀ ସ୍ଥିର ହେଲା । ତା'ପରେ ବିଶ୍ୱାମିତ୍ର କହିଲେ, ''ବର୍ତ୍ତମାନ ମୋତେ ବ୍ରହ୍ମଜ୍ଞାନ ଶିକ୍ଷା ଦିଅନ୍ତୁ ।'' ଅନନ୍ତଦେବ କହିଲେ, ''ମୂର୍ଖ ବିଶ୍ୱାମିତ୍ର, ଯାହାଙ୍କର ଏକ ମୁହୂର୍ତ୍ତ ସଙ୍ଗ ଫଳରେ ପୃଥିବୀ ଧୃତ ହେଲା, ତାଙ୍କୁ ଛାଡ଼ି ମୋ ନିକଟରୁ ବ୍ରହ୍ମଜ୍ଞାନ ଚାହୁଁଛ ?'' ବିଶ୍ୱାମିତ୍ରଙ୍କର କ୍ରୋଧ ହେଲା, ଭାବିଲେ – ବଶିଷ୍ଠଦେବ ତେବେ ତାଙ୍କୁ ପ୍ରତାରଣା କରିଛନ୍ତି । ଦ୍ରୁତ ଗତିରେ ତାଙ୍କ ନିକଟକୁ ଗମନ କରି କହିଲେ, ''ଆପଣ ମୋତେ କାହିଁକି ପ୍ରତାରଣା କଲେ ?'' ବଶିଷ୍ଠଦେବ ଅତି ଧୀର ଓ ଗମ୍ଭୀର ଭାବରେ ଉତ୍ତର ଦେଲେ, ''ମୁଁ ଯଦି ସେତେବେଳେ ତୁମକୁ ବ୍ରହ୍ମଜ୍ଞାନ ଶିକ୍ଷା ଦେଇଥା'ନ୍ତି ତୁମର ସେଥିରେ ବିଶ୍ୱାସ ହୋଇ ନ ଥା'ନ୍ତା, ବର୍ତ୍ତମାନ ତୁମର ବିଶ୍ୱାସ ହେବ ।'' ବଶିଷ୍ଠଙ୍କ ନିକଟରୁ ବିଶ୍ୱାମିତ୍ର ବ୍ରହ୍ମଜ୍ଞାନ ଲାଭ କଲେ ।

ଭାରତରେ ଏପରି ଋଷି ଥିଲେ, ଏପରି ସାଧୁ ଥିଲେ, ଏପରି କ୍ଷମାର ଆଦର୍ଶ ଥିଲା, ଏପରି ତପସ୍ୟାର ବଳ ଥିଲା ଯାହା ଦ୍ୱାରା ପୃଥିବୀ ଧାରଣ କରାଯାଏ । ଭାରତରେ ପୁଣି ସେହିପରି ଋଷି ଜନ୍ମଗ୍ରହଣ କରିଛନ୍ତି ଯେଉଁମାନଙ୍କର ପ୍ରଭାରେ ପୂର୍ବତନ ଋଷିଗଣଙ୍କର ଜ୍ୟୋତିଃ ହୀନପ୍ରଭ ହୋଇଯିବ, ଯେଉଁମାନେ ପୁଣି ଭାରତକୁ ପୂର୍ବ ଗୌରବଠାରୁ ଅଧିକତର ଗୌରବରେ ପ୍ରତିଷ୍ଠିତ କରିବେ ।

(ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳୀ, ପୃ. ୧୭-୧୯) ❑

ଚେତନା ବିଷୟରେ ନଜାଣିଛି ବା କିଏ ? କିନ୍ତୁ ସମସ୍ତେ ସର୍ବଦା ଚେତନା ବିଷୟରେ ସଚେତନ ନୁହଁନ୍ତି; ତେଣୁ ଚେତନାର ଉତ୍ତରଣ ବା ଅବତରଣ ନିଜର ଇଚ୍ଛା ଅନୁସାରେ କରିପାରନ୍ତି ନାହିଁ; କରିପାରିଲେ ତାହା ମଣିଷର କର୍ତ୍ତୃତ୍ୱ ମଧ୍ୟରେ ରହିବ ଏବଂ ମଣିଷର ପ୍ରାୟ ସମସ୍ତ ସମସ୍ୟାର ସମାଧାନ ସେ ନିଜେହିଁ କରିପାରିବ ।

ଏ ବିଷୟରେ ଘଟଣାଟିଏ । ଡେକାର୍ତେଙ୍କ ନାମ କିଏ ବା ନଜାଣିଛି ? ସେ ଥିଲେ ପୃଥିବୀ ବିଖ୍ୟାତ ଦାର୍ଶନିକ । ଦିନେ କୌଣସି ଏକ ଜନମଣ୍ଡଳୀରେ ସେ ଉପସ୍ଥିତ ଥିଲେ । ଅନ୍ୟ ଜଣେ ତଥାକଥିତ ଖ୍ୟାତନାମା ବ୍ୟକ୍ତି ତାଙ୍କୁ ଅନେକ ବାଜେ କଥାସବୁ କହି ଅପମାନ ଦେଲେ । ଅବଶ୍ୟ ସେ ହସିଦେଲେ । ପରେ କିନ୍ତୁ ଅନ୍ୟମାନେ ଅର୍ଥାତ୍ ତାଙ୍କର ସମର୍ଥନକାରୀମାନେ ତାଙ୍କୁ ପଚାରିଲେ ଯେ ସେ କାହିଁକି କିଛି ଉତ୍ତର ଦେଲେ ନାହିଁ ।

ଡେକାର୍ତେ ପୁଣି ଥରେ ହସିଦେଇ କହିଲେ, ''କେହି ଯଦି ଇଚ୍ଛା କରି ଏପରି ଅପମାନ ମୋତେ ଦେଉଥାଏ, ସେତେବେଳେ ମୁଁ ମୋର ଚେତନାକୁ ଏତେ ଉପରକୁ ଉଠାଇନିଏ ଯେ ସେଠାରେ ଏଇସବୁ ମାନ ଅପମାନ ପହଞ୍ଚି ପାରନ୍ତି ନାହିଁ ।''

(ସଂଗ୍ରହ : ଗଳ୍ପ ଅନନ୍ୟ; ଫାଲ୍‌ଗୁନୀ)

# ଡଉଲ ଡାଉଲ ଆପଦଟିଏ !

## ମନୋଜ ଦାସ

ଗୁରୁଙ୍କ ବାର୍ତ୍ତା ବହନ କରି ଦୂରାନ୍ତରର ଏକ ଆଶ୍ରମକୁ ଯାଇଥିଲେ ଦୁଇ ତରୁଣ : ଧୀରାନନ୍ଦ ଓ ସଦାନନ୍ଦ । ସନ୍ଧ୍ୟାବେଳକୁ ସେମାନେ ଆପଣା ଗୁରୁକୁଳକୁ ବାହୁଡ଼ି ଆସିଲେ ଓ ଗୁରୁଙ୍କୁ ପ୍ରଣାମ କରି କାର୍ଯ୍ୟଟି ଯଥାବିଧି ତୁଲାଇ ଥିବାର ସମାଚାର ଦେଲେ ।

''ଆନନ୍ଦର କଥା । ଯିବା-ଆସିବା ନିରାପଦରେ ହେଲା ତ ?'' ଗୁରୁ ଉଭୟଙ୍କ ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କରିବା ଅବସରରେ ପ୍ରଶ୍ନ କଲେ ।

''ନିରାପଦରେ ଆଜ୍ଞା,'' ଉତ୍ତର ଦେଲା ଧୀରାନନ୍ଦ ।

''ବେଶ୍ । ତେବେ ଯାଅ ସହଳ ଖିଆପିଆ କରି ବିଶ୍ରାମ ନିଅ । କିଛି କମ୍ ବାଟ ତ ଚାଲି ନାହଁ !'' ଗୁରୁ ସ୍ନେହଭରେ କହିଲେ ।

ଧୀରାନନ୍ଦ ଚାଲିଗଲା । କିନ୍ତୁ ସଦାନନ୍ଦ ଇତସ୍ତତଃ ହେଲା ।

''ଆଉ କିଛି କହିବୁ ବାପା ?'' ଗୁରୁ ପଚାରିଲେ ।

''ହଁ ଆଜ୍ଞା । ଯାତ୍ରା ଠିକ୍ ନିରାପଦ ହେଲା ବୋଲି ମୁଁ କହିପାରିବି ନାହିଁ । ଅନ୍ତତଃ ଧୀରୁ ପକ୍ଷରେ ତାହା ହୋଇ ନାହିଁ । ସେ ଗୋଟାଏ ବିଷମ ଆପଦ ସାମନା କଲା । ସେତିକି ନୁହେଁ, ଆପଦକୁ ସେ ନିଜେ ଆଦରି ଆଣିଲା । ସତକଥା ଗୁରୁଦେବ !''

''ଆଚ୍ଛା ?''

''ହଁ, ଆଜ୍ଞା । ଖାଲି ଆଦରି ଆଣିଲା ନୁହେଁ, ଆଦରି ଆଣି କାନ୍ଧରେ ବସାଇଲା ।'' ସଦାନନ୍ଦ ନିଜ କାନ୍ଧକୁ ଥରେ ଦୁଇଥର ଆଉଁଶି ପକାଇଲା ।

''ବୋଇଲେ ?'' ଗୁରୁ ବିସ୍ମୟ ପ୍ରକାଶ କଲେ ।

''ଗୁରୁଦେବ ! ନଈ କୂଳେ କୂଳେ ବାଟ ଚାଲୁ ଚାଲୁ ଦୁଇ ପ୍ରହର ହେଲା । ଆମ ଗନ୍ତବ୍ୟ ସ୍ଥାନ ଆଉ ଅଳ୍ପ ଦୂର ଥାଏ । ଭାବିଲୁ ସ୍ନାନ ଶେଷ କରି ସେଠାରେ ପହଞ୍ଚିବୁ । ନଈରେ ପଶିଛୁ ହଠାତ୍ ଆସି ହାଜର ସେ ଡଉଲ ଡାଉଲ ଆପଦ ।''

''ଡଲଉ ଡାଉଲ ଆପଦ ?''

''କ'ଣ କହିବି ଗୁରୁଦେବ ! ସଜ ଫୁଲ ପରି ଯୁବତୀଟିଏ । ନଈ ଆଡ଼େ ଅନାଇ ସେ କାନ୍ଦ କାନ୍ଦ ହେଲା । କହିଲା କି ଆର ପାରି ଗାଁରେ ତା' ମାମୁଘର । ସେଠି ତା' ମା ବେମାର ପଡ଼ିଛି । ସେ ଯେତେ ଶୀଘ୍ର ସମ୍ଭବ ପହଞ୍ଚିବାକୁ ଚାହେଁ । କିନ୍ତୁ ଘାଟରେ ନୌକାର ଦେଖା ନାହିଁ ।''

''ସେଉଠୁ ?''

''କହିବା ବେଳକୁ ଛାତି ଫାଟିଯାଉଛି, ଗୁରୁଦେବ । ଧୀରୁର ଅଧଃପତନ କଥା ଭାବି ମୋର ଖାଲି କୋହ ଆସୁଛି । ସେ ଯୁବତୀକୁ କହିଲା, 'ଭଉଣୀ, ଏଇ କଥା ? ଯଦି କିଛି ନ ଭାବିବ, ମୋ କାନ୍ଧରେ ବସ ।' ନାରୀର ସ୍ପର୍ଶ ଆମ ପାଇଁ ନିଷିଦ୍ଧ, ମୁଁ ଏକଥା କହିବା ସତ୍ତ୍ୱେ ସେ କୂଳକୁ ଯାଇ ଯୁବତୀକୁ କାନ୍ଧରେ ବସାଇ ଆରପାରିରେ ଉତାରି ଦେଇ ସତେ ଅବା ଜମାରୁ କିଛି ହୋଇ ନାହିଁ, ସେମିତି ଢଙ୍ଗରେ ଗାଧୁଆ ପାଧୁଆ କଲା । ମୁଁ ଆଉ ତାକୁ ପାଟି ଫିଟେଇଛି ?''

''ନାହିଁ ?''

''ମୋଟେ !''

ଗୁରୁ ଆଖି ବନ୍ଦ କଲେ । ସଦାନନ୍ଦ ବୁଝିଲା, ଗୁରୁ ବଡ଼ ବିବ୍ରତ । ବ୍ରହ୍ମଚାରୀ ଶିଷ୍ୟର ଏଭଳି ଅନାଚାର କେଉଁ ଗୁରୁଙ୍କୁ ବା ବିଚଳିତ ନକରିବ ! ଯାହାହେଉ, ଗୁରୁଙ୍କୁ ଏକଥା ଜ୍ଞାତ କରାଇ ନିଜ କର୍ତ୍ତବ୍ୟ କରିଛି, ଏହି ସନ୍ତୋଷରେ ସେ ସେଠାରୁ ଚାଲିଗଲା ।

ନୈଶାହାର ପରେ ଶିଷ୍ୟ ସମାବେଶରେ ଗୁରୁ ସାଧାରଣତଃ ସମସାମୟିକ ଘଟଣା ଭିତ୍ତିରେ କିଛି କହୁଥା'ନ୍ତି । ସେଦିନ ଯେ ଗୁରୁ ଧୀରାନନ୍ଦର ସ୍ଖଳନ ଉପରେହିଁ ଆଲୋକପାତ କରିବେ, ସେ ବିଷୟରେ ସଦାନନ୍ଦର ସନ୍ଦେହ ନଥାଏ ।

କିନ୍ତୁ ଗୁରୁ ସେ ବିଷୟ ଉପରେ ଉଚ୍ଚବାଚ କଲେ ନାହିଁ । ବରଂ ସମାବେଶରେ ସଦାନନ୍ଦକୁ ଦେଖି କହିଲେ, ''ଆରେ ବାବା, ଧୀରୁ ତ ଶୋଇ ପଡ଼ିଛି, ତୁ ବି ଜଲଦି ଶୋଇଲୁ ନାହିଁ କାହିଁକି ?'' ସଦାନନ୍ଦ ବିକଳ ଭାବରେ ହସିଲା ।

ସମାବେଶ ଶେଷରେ, ପ୍ରାର୍ଥନା ପରେ ଗୁରୁ ଶୋଇବାକୁ ଯାଉଛନ୍ତି, ସଦାନନ୍ଦ ତାଙ୍କ କୋଠରି ଭିତରକୁ ପଶିଯାଇ କହିଲା, ''କ୍ଷମା କରିବେ ଗୁରୁଦେବ, ଗୋଟାଏ ଗୁରୁତର କଥା ଏ ମୂଢ଼ କହି ନଥିଲା । ଧୀରୁ ଉପରେ ସବାର

ହୋଇଥିବା ସେ ଆପଦ ଖାଲି ଯୁବତୀ ନୁହେଁ, ସୁନ୍ଦରୀ ମଧ୍ୟ । ଆଜ୍ଞା ହଁ, ଭାରି ସୁନ୍ଦରୀ, ଭାରି !''

ତା'ପରେ ସ୍ୱଗତୋକ୍ତି ଢଙ୍ଗରେ ସେ ପୁଣି କହିଲା, ''ଦେଖିଲେ ଆମ ଧୀରୁଟା କେଡ଼େ ମୂଢ଼, କେତେ ଅସଂଯମୀ ।''

''ଆଚ୍ଛା ବାବା, ବେଶ୍ । ଆସିଲୁଣି ଯେତେବେଳେ, ଦେଖିଲୁ ସେ ଦୀପରେ ତେଲ ଅଛି କି ନାହିଁ ! ନଥିଲେ ଅଳ୍ପ ଟିକିଏ ପକେଇ ଦେଇ ଚାଲିଯା' ଶୋଇବୁ ।''

ଗୁରୁ ଆଉ କିଛି ନକହି ପ୍ରାକ୍-ଶୟନ ବୀରାସନରେ ବସିଗଲେ ।

ସଦାନନ୍ଦ ଦୀର୍ଘ ନିଃଶ୍ୱାସ ଛାଡ଼ି ତେଲ ପକାଉ ପକାଉ ନିଜକୁ ଏଇଆ କହି ପ୍ରବୋଧ ଦେଲା କି ଗୁରୁ ନିଶ୍ଚୟ ଏପରି କୌଣସି ବିଶେଷ ସମସ୍ୟାକୁ ନେଇ ଚିନ୍ତିତ ଅଛନ୍ତି, ଯେଉଁ ସକାଶେ ସେ ତା' ଅଭିଯୋଗର ଗୁରୁତ୍ୱ ମନକୁ ନେଇ ନାହାନ୍ତି ।

ପରଦିନ ଗୁରୁ ସ୍ନାନ ପାଇଁ ଝରଣା ଆଡ଼େ ଗଲାବେଳେ ସଦାନନ୍ଦ ତାଙ୍କୁ ଅନୁସରଣ କଲା । ଗୁରୁ ବୁଲିପଡ଼ି ତାକୁ ଦେଖିଲେ ।

''ଗୁରୁଦେବ ! ସେହି ଯୁବତୀ କଥା । ସେ ଖାଲି ସୁନ୍ଦରୀ ନୁହେଁ, ମନ ମୋହି ଦେଲା ଭଳି ସୁନ୍ଦରୀ ।

''ଆଚ୍ଛା, ଆଚ୍ଛା ।''

ଗୁରୁ ଆଉ କିଛି ନକହି ଝରଣା ଭିତରକୁ ପଶିଗଲେ ।

ସଦାନନ୍ଦ ହତାଶ ହେଲା । ଧୀରାନନ୍ଦ ଜୀବନରେ ସଂଘଟିତ ଘୋର ଆପଦ କଥା ଆଉ ଥରେ ଗୁରୁଙ୍କୁ ମନେ ପକାଇ ଦେବା ନିମନ୍ତେ ସେ ସାରା ଦିନ ସୁଯୋଗ ଖୋଜିଲା, କିନ୍ତୁ ପାଇଲା ନାହିଁ ।

ନୈଶ ସମାବେଶରେ ସମସ୍ତେ ଶାନ୍ତ ସମାହିତ ଭାବରେ ବସିଥା'ନ୍ତି । କେବଳ ସଦାନନ୍ଦ ଛଟପଟ ହେଉଥାଏ । ଗୁରୁ ତାକୁ ଥରେ ଦୁଇଥର ଲକ୍ଷ୍ୟ କରିବା ଉତ୍ତାରୁ ହଠାତ୍ କହିଲେ, ''ବାବା ସଦୁ ।''

''ଆଜ୍ଞା !'' ସଦାନନ୍ଦ ଉଲ୍ଲସିତ ହେଲା । ଗୁରୁ ନିଶ୍ଚୟ ବ୍ୟାପାରଟି ପୁନର୍ବାର ବିବୃତ କରିବାକୁ ତାକୁ କହିବେ ।

''ସଦୁ ! ଏଥର ବାବା ତୋର ସେ ବୋଝଟି ଉତାରି ପକାଇଲୁ !''

''ବୋଝ ? ମୋର ଆଜ୍ଞା ?'' ସଦାନନ୍ଦ କିଂକର୍ତ୍ତବ୍ୟ-ବିମୂଢ଼ ଭାବରେ ପଚାରିଲା ।

''ତୋର । ସେ ଉଉଲ ଡାଉଲ ଆପଦ, ସେ ସୁନ୍ଦରୀ ଯୁବତୀ, ଭାରି ସୁନ୍ଦରୀ, ମନ ମୋହି ଦେଲା ଭଳି ସୁନ୍ଦରୀକୁ ତୋ କାନ୍ଧରୁ ଓହ୍ଲାଇ ପକା । ଏଇକ୍ଷଣି, ପକେଇଲୁ ନା ନାହିଁ ?''

''ଆଜ୍ଞା ?'' ସଦାନନ୍ଦ ଢେପ ଢୋକି କହିଲା, ''ଗୁରୁଦେବ, ସେ ତ ଧୀରୁ କାନ୍ଧରେ ସବାର ହୋଇଥିଲା !''

''ଧୀରୁ କାନ୍ଧରେ ସେ ବସିଥିଲା ପାଞ୍ଚ ମିନିଟ ପାଇଁ । ଧୀରୁ ତାକୁ ନଈ ସେପାରିରେ ଓହ୍ଲାଇ ଦେଇ ବୋଝରୁ ମୁକ୍ତ ହେଲା । କିନ୍ତୁ ବାବା, ତୋ ଉପରେ ସେ ଦୁଇଦିନ କାଳ ସବାର ହୋଇ ରହିଛି । ତୋତେ ମାଡ଼ି ବସିଛି । ସେତିକି ନୁହେଁ, ଏଇ ମୁହୂର୍ତ୍ତରେ, ମୋ ସାମନାରେ ତାକୁ ଓହ୍ଲାଇ ନଦେଲେ ସେ କ୍ରମେ ଅଧିକରୁ ଅଧିକ ଓଜନଦାର ହେଉଥିବ ।''

ସଦାନନ୍ଦ ମୁଣ୍ଡ ତଳକୁ କଲା । ତା'ପରେ ଆଖି ପୋଛିଲା । ଗୁରୁ ତାକୁ ପାଖକୁ ଡାକି ଆଉଁଶି ଦେଇ କହିଲେ, ''ଚିନ୍ତା ନାହିଁ । ବୋଝ ଚାଲିଯିବ । ଏମିତି ହୋଇଥାଏ ବତ୍ସ ! ଆମେ ଯେତିକି ଉତ୍ସାହରେ ଅନ୍ୟର ଦୁର୍ବଳତାକୁ ନେଇ ଆକ୍ଷେପ କରୁ, ପ୍ରାୟ ସେତିକି ମାତ୍ରାରେ ସେ ଦୁର୍ବଳତା ଆମ ଭିତରେ ଥାଏ । ଅନେକ ବିଦ୍ୱାନ୍, ଗୁଣୀମାନେ ବି ଏକଥା ବୁଝିପାରନ୍ତି ନାହିଁ । ତୁ ବୁଝିବୁ, ଏ ଆଶୀର୍ବାଦ ମୁଁ କରୁଛି ।''

(ଉପକଥା ଶତକରୁ ସଂଗୃହୀତ) ❑

ଜଣେ କ'ଣ କରେ, ସେଇଟା ବଡ଼ କଥା ନୁହେଁ – (ଅବଶ୍ୟ କରିବା କଥାଟା ଗୁରୁତ୍ୱପୂର୍ଣ୍ଣ, ତାହା ତ ପ୍ରମାଣିତ) । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା – ପ୍ରକୃତରେ ସେ ନିଜେ କ'ଣ । କାମଟି ଯାହା ହେଉ ନା କାହିଁକି, ଯେଉଁ ବାଟରେ ସେ କାମ କରାହୋଇଥାଉ ନା କାହିଁକି, ସବୁଠାରୁ ବଡ଼ କଥା ହେଲା କେଉଁ ଚେତନାରେ ରହି ସେହି କାର୍ଯ୍ୟଟି କରାଯାଇଛି ।

– ଶ୍ରୀମା

# ଦୁଇଭାଇଙ୍କର ଅଦ୍ଭୁତ ବୁଝାମଣା

## କୃଷ୍ଣାଦେବୀ

ଧର୍ମଶାସ୍ତ୍ରର ପ୍ରଣେତା ହିସାବରେ ମହାତ୍ମାମାନଙ୍କଠାରୁ ଆରମ୍ଭ କରି ପୁରାଣଯୁଗରେ ବେଦବ୍ୟାସ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ରାମାୟଣ, ମହାଭାରତ ପ୍ରଭୃତିରେ ମାନବଜୀବନର ଲକ୍ଷ୍ୟ କ'ଣ ଓ ତାହା କିପରି ନିର୍ବାହ କରାଯାଇପାରିବ ଓ ଆଚରଣରେ ଅଣାଯାଇପାରିବ, ସେ ବିଷୟରେ ଅନେକ ଆଲୋଚନା ରହିଛି । ରାଜା ହିସାବରେ, ଗୃହସ୍ଥ ହିସାବରେ, ବ୍ରାହ୍ମଣ ବା ତପସ୍ବୀଭାବରେ, ଉଚ୍ଚନୀଚ ସବୁବର୍ଣ୍ଣର ମାନବ ପାଇଁ କ'ଣ କରଣୀୟ, କ'ଣ ପରିତ୍ୟାଜ୍ୟ ସେ ବିଷୟରେ ନାନା ଉପଦେଶ ଓ ଶୃଙ୍ଖଳାର ବ୍ୟବସ୍ଥା ଭାବୁକମାନେ କରିଯାଇଛନ୍ତି । ସେସବୁ ଯେ ପରମାର୍ଥ ପାଇବାରେ ନିହାତି ପ୍ରୟୋଜନ ତା' ନୁହେଁ, ତଥାପି ସାମୂହିକ ଜୀବନ ପାଇଁ ଉଚ୍ଚତର ଚିନ୍ତାଧାରା ଓ ଜୀବନଯାତ୍ରା ପାଇଁ ସେଗୁଡ଼ିକ ସହାୟକ ହୋଇପାରିବ, ଏଥିରେ କୌଣସି ସନ୍ଦେହ ନାହିଁ । ମଧ୍ୟଯୁଗରେ ବି ଏଇପରି ଧର୍ମ-ପ୍ରସ୍ଥାପକ ବାହାରିଛନ୍ତି, ସେମାନଙ୍କ ମଧ୍ୟରେ ଶଙ୍ଖ ଓ ଲିଖିତ ନାମକ ଦୁଇଭାଇଙ୍କ ନାମୋଲ୍ଲେଖ ରହିଛି । ସେ ଦୁହେଁ ବାଲ୍ୟକାଳରୁ ତପସ୍ୟା-ଆଚରଣରେ ଲାଗିଥିଲେ, ଗୁରୁଗୃହରେ ବିଦ୍ୟାଶିକ୍ଷା ଶେଷ କରି ନିଜ ନିଜର ଆଶ୍ରମରେ ରହି ବିଦ୍ୟାଦାନ ଓ ପ୍ରବୀଣ ଅବସ୍ଥାରେ ଗ୍ରନ୍ଥ ପ୍ରଣୟନ କରିଥିଲେ । ଏଠାରେ ସେ ଦୁହିଁଙ୍କର ତରୁଣ ବୟସର କଥା ଉଲ୍ଲେଖ କରୁଛୁ ।

ଅଗ୍ରଜ ଶଙ୍ଖ ଥିଲେ ଯୋଗ-ସାଧନାରେ ନିଷ୍ଠାପର; ତିତିକ୍ଷା, ଉପରତି ଆଦିରେ ମନଦେଇ ସେ ନିଜର ସକଳବୃତ୍ତି ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ପାଇଥିଲେ; ସାମାନ୍ୟତମ ବିଚଳିତ-ବୋଧ ବା ଚଞ୍ଚଳଭାବ ତାଙ୍କର କୌଣସି କର୍ମରେ ନ ଥିଲା । ତାଙ୍କର ଅନ୍ତରର ଧର୍ମ ଓ ବହିରାଚରଣରେ କିଛି ପାର୍ଥକ୍ୟ ନଥିଲା । ସ୍ୱଳ୍ପବାକ୍ ଓ ଗମ୍ଭୀର ପ୍ରକୃତିର ଥିଲେ ଶଙ୍ଖ । ଏହାର ଅର୍ଥ ନୁହେଁ ସେ କଠୋର ବା ନିର୍ଦ୍ଦୟ ଥିଲେ । ସାନଭାଇ ଲିଖିତ ଥିଲେ ସମ୍ପୂର୍ଣ୍ଣ ଅଲଗା ଧରଣର । ସବୁବେଳେ ହସହସ, ପିଲାଳିଆ ଓ ସରଳ – କୁଟିଳତା ତାଙ୍କୁ ଛୁଇଁ ନଥିଲା; ଜୀବନକୁ ସୁଖ, ଆହ୍ଲାଦର ଏକ ସୁଯୋଗ ରୂପେ ନେଇଥିଲେ ସିଏ । ଯଦିଓ ସେ ମଧ୍ୟ ସାଧକ ଓ ତପସ୍ୱୀ, ତଥାପି ଅଗ୍ରଜଙ୍କଠାରୁ ସ୍ନେହ-ଆଦର ତଥା କ୍ଷମା ପାଇବାର ଦାବିଟି ଥିଲା ତାଙ୍କର ସ୍ୱତଃସ୍ଫୂର୍ତ୍ତ ।

ଦିନେ ଲିଖିତ ଯାଇ ବଡ଼ଭାଇଙ୍କ ଆଶ୍ରମରେ ପହଞ୍ଚିଲେ, ଦେଖିଲେ ଭ୍ରାତା ଅନୁପସ୍ଥିତ । ସେ ଏପାଖ ସେପାଖ ବୁଲୁ ବୁଲୁ ଆଶ୍ରମ ବଗିଚାରେ ପହଞ୍ଚିଲେ, ଯେଉଁଠାରେ ଫଳ-ଗଛସବୁ ଫୁଲଫଳର ଭାରରେ ଆନତ ହୋଇଥିଲା । ଶଙ୍ଖଙ୍କ ଆଶ୍ରମଟି ମନୋରମ, ସବୁ ଋତୁରେ ନାନା ଲତା, ଫୁଲ ଓ ଫଳରେ ପରିପୂର୍ଣ୍ଣ । ଶଙ୍ଖ ନିଜେ ପରିଶ୍ରମ କରି ସେ ଗଛଗୁଡ଼ିକୁ ଆପଣାର ସନ୍ତାନ ପରି ପାଳିଛନ୍ତି, ଯତ୍ନ ନେଇଛନ୍ତି । ସାନଭାଇ ଗଛରୁ କିଛି ଫଳ ତୋଳି ସଂଗ୍ରହ କଲେ, ସେଥିରୁ ଦୁଇ, ଚାରୋଟି ସୁସ୍ୱାଦୁ ଫଳ ବାଛି ନେଇ ଖାଇଲେ । ସେତିକିବେଳେ ଶଙ୍ଖ ଫେରିଲେ ଆଶ୍ରମକୁ । ସାନଭାଇକୁ ଫଳ ଖାଉଥିବାର ଦେଖି ପଚାରିଲେ – ''ଆରେ, ମୋତେ ନ ପଚାରି ଫଳ ତୋଳିଲୁ, ପୁଣି ଖାଇସାରିଛୁ ! ତୁ କ'ଣ ଭାବୁଛୁ ଠିକ୍ କାମ କରିଛୁ ?''

ଲିଖିତ : ହଁ, କ'ଣ ହେଲା, ତୁମର ଆଶ୍ରମ ଗଛ ତ, ପଚାରିଥା'ନ୍ତି କାହିଁକି ? ତୁମର ଯାହା ମୋର ତା' ନୁହେଁ କି ?''

ଶଙ୍ଖ : କେମିତି ? ମୋର ପରିଶ୍ରମରୁ ଜାତ, ପୁଣି ମୋର ଆଶ୍ରମର ଗଛରୁ ନେଲୁ, ପଚାରିବା ଯାଏଁ ତୋର ତର ସହିଲାନି,– ଏହା ଚୋରି ନୁହେଁ ତ ଆଉ କ'ଣ ?

ଲିଖିତ : ଆଃ, କିଛି ଟଙ୍କା ସୁନା ତ ନୁହେଁ ଯେ ବଡ଼ ଅପରାଧଟାଏ କରି ପକାଇଲି ! ଏତିକି, ତୁମେ ନ ଥିଲ ବୋଲି ଜଣାଇ ପାରିଲି ନାହିଁ । ଏମିତି ତ ଆଗରୁ କେତେଥର ଖାଇଛି । କେବେ ତ ପଚାରିବା ଦରକାର ବୋଲି ମୋ ମନକୁ ଆସି ନାହିଁ !

ଶଙ୍ଖ : ଆରେ, ତୁ କ'ଣ ପଶୁପକ୍ଷୀ ଯେ ଯାହା ପ୍ରବୃତ୍ତି ବତାଇବ, ତା' କରିଯିବୁ । ମଣିଷ ଜନ୍ମ ପାଇଛୁ ପରା ! ସବୁକିଛି ବିବେକ ବିବେଚନାରେ ତଉଲି କରିବୁ । ପରସ୍ୱ ଅପହରଣ କରିବା କେତେ ବଡ଼ ଦୋଷ ତୁ ଜାଣୁ – ତାହା ଫଳ, ପନିପରିବା ହେଉ ବା ଧନରତ୍ନ ହେଉ । ତା'ପରେ ପୁଣି ତୁ ବ୍ରହ୍ମଚାରୀ, ସାଧାରଣ ଲୋକ ତ ନୋହୁ ।

ଲିଖିତ : ଆଚ୍ଛା ବାବା, ଭୁଲ୍ ହୋଇଯାଇଛି, କ'ଣ କରିବି କୁହ, କ୍ଷମା କର ନ ହେଲେ ଦଣ୍ଡ ଦିଅ ମୋତେ ।

ଶଙ୍ଖ : ମୁଁ ଦଣ୍ଡ ଦେବାକୁ କିଏ ? ରାଜା ବିଚାର କରିବେ । ଆଉ ମନେ ରଖିଥା, ସାଧାରଣ ଲୋକ ଚୋରି

କରିବା ଆଉ ତୁ ଚୋରି କରିବା ଭିତରେ ଅନ୍ତର ବହୁତ । କାରଣ ତୁ ବ୍ରାହ୍ମଣ ପୁଣି ତପସ୍ୱୀ । ତୁ ଲୋଭ ସମ୍ବରଣ କରିପାରିଲୁ ନାହିଁ; ତୋ' ଆଖିରେ ତୋ' ନିଜର ତ୍ରୁଟି ଧରାପଡ଼ୁ ନାହିଁ, ଅନ୍ୟ କେହି ଏପରି କରିଥିଲେ ସେ ଦୋଷଟା ତୋ' ଆଖିରେ ନିଶ୍ଚୟ ପଡ଼ିଥା'ନ୍ତା । ତେଣୁ ଯା' ରାଜାଙ୍କ ପାଖକୁ; ସେ ଅନ୍ୟମାନଙ୍କ ପାଇଁ ଯାହା ବିଚାର କରିଥା'ନ୍ତେ, ତୋ' ପାଇଁ ତାହା କରିବେ ।

ଲିଖିତ ଆଉ ବଡ଼ଭାଇଙ୍କ ସହ ଯୁକ୍ତି କଲା ନାହିଁ, ସତରେ ତ ଏଇ ଧରଣର ଭୁଲ୍ ପ୍ରାୟଶଃ ତା' ଦ୍ୱାରା ହୋଇଥାଏ । ଥରେ ଦଣ୍ଡର ଭାଗୀ ହେଲେ ଏପରି ପ୍ରବୃତ୍ତି ଆଉ ଆସିବ ନାହିଁ ଭାବି ଶାନ୍ତ ବାଳକଟିଏ ପରି ସେ ରାଜାଙ୍କ ସଭାଗୃହରେ ପହଞ୍ଚିଲା ଓ ନିଜ ତରଫରୁ ସବୁ କଥା କହି 'ଦଣ୍ଡ ବିଧାନ ହେଉ' ବୋଲି ପ୍ରାର୍ଥନା କଲା । ରାଜା ଓ ମନ୍ତ୍ରୀ ପରସ୍ପରର ମୁହଁକୁ ଚାହିଁଲେ । ରାଜା ପ୍ରଥମେ ହସି ହସି କହିଲେ –'ହେ ବ୍ରାହ୍ମଣ ତାପସ, ତୁମର ତ୍ରୁଟି ସେପରି କିଛି ବଡ଼ ଧରଣର ନୁହେଁ । ତା'ଛଡ଼ା ବୟସୋଚିତ ଭୁଲ୍ ଏଇଟି । ତୁମେ ଯେ ବୁଝିପାରିଛ – ତାହାହିଁ ଯଥେଷ୍ଟ । ଏବେ ଗୃହକୁ ଫେରିଯାଅ, ଆଉ ଏପରି କରିବ ନାହିଁ ।'

ଲିଖିତ : ନା, ମହାଭାଗ ! ଆପଣଙ୍କ ଦ୍ୱାରା ଅନ୍ୟ ପ୍ରଜାଗଣ ଯେପରି ନ୍ୟାୟ ବିଚାର ପାଆନ୍ତି, ମୋର ଭାଇ ଓ ମୁଁ ମଧ୍ୟ ସେଇପରି ନ୍ୟାୟବିଚାର ଚାହୁଁ । ମୁଁ ଦୋଷ କରିଛି ଓ ସେଥିପାଇଁ ଦଣ୍ଡ ପାଇବାକୁ ଯୋଗ୍ୟ, ମୋ ଭାଇ ଏଠି ଉପସ୍ଥିତ ନ ଥିଲେ ବି ତାଙ୍କର ମଧ୍ୟ ଅଭିପ୍ରାୟ ଯେ ଆପଣ ଯଥାଯୋଗ୍ୟ ଦଣ୍ଡ ମୋତେ ଦିଅନ୍ତୁ, ମୁଁ ବ୍ରାହ୍ମଣ ବୋଲି ଆପଣଙ୍କ ଦୟାର ପାତ୍ର ହେବି ତାହା ମୋର ଅଭିପ୍ରେତ ନୁହେଁ ।

ରାଜା : ମୋତେ ଜଣାଅଛି ତୁମେ ତପସ୍ୱୀକୁଳ ଅପରିଗ୍ରହବ୍ରତ ପାଳନ କର, ତଥାପି ଯାହା କରିଛ, ତା' ପିଲାଳିଆ ବୁଦ୍ଧିରେ କରିଛ । ତେଣୁ ତୁମର ଅଗ୍ରଜ ଏହାକୁ ଗୁରୁତର ଭାବିବା ଠିକ୍ ନୁହେଁ ।

ଲିଖିତ ତା'ପରେ ଭାଇ ଯାହା କହିଥିଲେ ସବୁ କହିଗଲା, ତା'ର ସରଳତା ରାଜା ଓ ପାରିଷଦବର୍ଗଙ୍କୁ ମୁଗ୍ଧ କଲା, ଶେଷରେ ସେ କହିଲା – ଯେହେତୁ ମୁଁ ଏକଦା ଥିଲି ତପୋନିରତ ଓ ଉତ୍ତମ ସଂସ୍କାର ମଧ୍ୟରୁ ଆସିଛି, ଉପଯୁକ୍ତ ଶିକ୍ଷାଦୀକ୍ଷା ପାଇଛି, ଏ ଧରଣର ଭ୍ରମ ଧର୍ମମାର୍ଗରୁ ପତନ ନୁହେଁ କି ? ମୁଁ ତ ଆଉ ପରିସ୍ଥିତିର ଚାପରେ ପଡ଼ି ଚୋରି କରି ନାହିଁ, ତେଣୁ ମୋର ଦଣ୍ଡ ସାଧାରଣ ଚୋରଙ୍କଠୁ ଅଧିକ ହେବା ବାଞ୍ଛନୀୟ । ଆପଣ ନ୍ୟାୟପରାୟଣ, ଯାହା ବିଧାନ କରିବେ ମୋର ଗ୍ରହଣ କରିବାରେ କିଛି ଆପତ୍ତି ନାହିଁ ।

ରାଜା ମନ୍ତ୍ରୀଙ୍କ ଆଡ଼କୁ ଚାହିଁଲେ; ମନ୍ତ୍ରୀ ନବୀନ ତାପସଙ୍କୁ କହିଲେ, ''ହେ ତାପସ, ତୁମେ ସ୍ୱେଚ୍ଛାରେ ଦଣ୍ଡଭିକ୍ଷା କରୁଛ, ତେଣୁ ଆମେ ଜଣେ ତପସ୍ୱୀକୁ ଦଣ୍ଡିତ କରିଛୁ ବୋଲି ଜନସମାଜ ଆମକୁ ଯେପରି ନିନ୍ଦା ନ କରେ । ଆମ ରାଜ୍ୟରେ ଚୋରି ପାଇଁ ହସ୍ତଚ୍ଛେଦନର ବ୍ୟବସ୍ଥା ରହିଛି । ତାହା କ'ଣ ତୁମେ ଗ୍ରହଣ କରିବ ?''

ଲିଖିତ କହିଲା, ''ମନ୍ତ୍ରୀବର ! ହଁ, ତାହା ଯଦି ଅନ୍ୟସବୁ ଚୋରଙ୍କ ପାଇଁ ପ୍ରଯୁଜ୍ୟ, ମୋ ପ୍ରତି କାହିଁକି ନ ହେବ ? ଆପଣ ତାହାହିଁ ଆଦେଶ କରନ୍ତୁ ।''

ଦୁଃଖର କଥା ଲିଖିତଙ୍କୁ ସେଇ ଦଣ୍ଡ ମିଳିଲା, ମାତ୍ର ତାଙ୍କ ମୁଖରେ ଦୁଃଖର ଲେଶମାତ୍ର ଚିହ୍ନ ନ ଥିଲା । ବେଶ୍ ଏକ ସନ୍ତୋଷର ଭାବ ନେଇ ହାତକୁ ଟେକି ଧରି ଭାଇଙ୍କ ପାଖରେ ପହଞ୍ଚିଲେ ଓ ଦରବାରରେ ଯାହା ଘଟିଲା,– ସରଳଭାବେ ସେସବୁ କହିଗଲେ ।

ଶଙ୍ଖ : ମୋର ଇଚ୍ଛା ଥିଲା ବୋଲି ତୁ ଦଣ୍ଡ ପାଇବାକୁ ଅଳି କଲୁ ଏବଂ ଏଥିଯୋଗୁଁ ହସ୍ତବିହୀନ-ଦଶା ପାଇଲୁ । ଏବେ ଜୀବନ ତୋତେ ଅସାର ବୋଧ ହେଉଥିବ, ମୋତେ ତୁ ଗାଳି ଦେଉଥିବୁ !

ଲିଖିତ : ଭାଇ ! କେଜାଣି ସେଭଳି ମନୋଭାବ ତ ମୋର ନାହିଁ । ମୋର ଭୁଲ୍‌ତ୍ରୁଟିକୁ ସୁଧାରିବାକୁ ନିଜ ଆଡ଼ୁ ମୁଁ ସଜାଗ ହୋଇ ଏଇ ଦଣ୍ଡ ମାଗି ନେଇଛି । ତୁମ ଉପରେ ରାଗି ନାହିଁ ।

ଶଙ୍ଖ : ନାହିଁରେ, ତୋ' ଉପରେ ମୋର କିଛି ଅସନ୍ତୋଷ ନାହିଁ । କେତେ ପକ୍ଷୀ ଆସୁଛନ୍ତି, ଫଳ ଖାଇ ବା ଉଚ୍ଛିଷ୍ଟ କରି ଫୋପାଡ଼ି ଦେଇ ଯାଉଛନ୍ତି, ତୁ ଦି'ଟା ଫଳ ଖାଇଦେଲୁ ବୋଲି ମୋର ଆକ୍ଷେପ ନୁହେଁ । ତୁ ଯେ ତୋର ଅନ୍ତରରେ ନିତ୍ୟ ସାକ୍ଷୀ ଧର୍ମଦେବତାଙ୍କୁ ଏହିପରି ବିଭିନ୍ନ ଭାବରେ ଅବମାନନା କରୁଛୁ – ତାହାହିଁ ମୋର ତୋତେ ଜଣାଇ ଦେବାକୁ ଥିଲା । ଅପରାଧ ତୁ ଧର୍ମଙ୍କ ପାଖରେ କରିଛୁ, ମୋ ପାଖରେ ନୁହେଁ ।

ହଉ, ଯାହା ତ ହେବାର ଥିଲା ହେଲାଣି । ଏବେ ତୁ ବାହୁଦା ନଦୀକୂଳକୁ ଯାଇ ପିତୃପୁରୁଷଙ୍କ ପାଖରେ କ୍ଷମା ଯାଚନା

କରି ତର୍ପଣ କର । ମହାନ୍ ଋଷିଗଣଙ୍କୁ ତଥା ଦେବତାଗଣଙ୍କୁ ଆହ୍ୱାନ କରିବୁ । ସେମାନଙ୍କ ଉପସ୍ଥିତିରେ ତୁ କହିବୁ, 'ଆମର ପିତୃପୁରୁଷ ଯଶସ୍ୱୀ ହୋଇ ରହିଥା'ନ୍ତୁ, ମୋ ଯୋଗୁଁ ସେମାନଙ୍କ ବିମଳ ଯଶରେ ଗ୍ଲାନି ନ ପହଞ୍ଚୁ । ଆପଣମାନେ ଆଶୀର୍ବାଦ କରନ୍ତୁ ମୁଁ ଯେପରି ଆଉ କେବେ ବି ମୋ ବିବେକବୁଦ୍ଧି ନ ହରାଏ, ଧର୍ମରୁ ବିଚ୍ୟୁତ ନ ହୁଏ ।'– ଏଇପରି କହି ତର୍ପଣ କରିବୁ ।

ଲିଖିତ : ଠିକ୍ ଅଛି, ମୁଁ ତାହାହିଁ କରିବି । ଏତିକି କଲେ ଯଦି ମୋର ଦୋଷସକଳ ଧୋଇ ହୋଇଯାଏ, ତେବେ ତ ଭଲ କଥା, ଖୁସିରେ ଏହା କରିବି ।

ସାନଭାଇର କୌଣସି ସନ୍ଦେହ ବା ପ୍ରଶ୍ନ ଆଉ ମନକୁ ଆସିଲା ନାହିଁ । ବଡ଼ ଭାଇଙ୍କ କଥା ମାନି ଯେପରି ଦଣ୍ଡ ଗ୍ରହଣ କରିଥିଲେ, ସେଇପରି ପିତୃପୁରୁଷଙ୍କ ପାଖରେ କ୍ଷମା ମାଗିବାକୁ ବି ସେ ରାଜି ହୋଇଗଲେ । ପ୍ରସନ୍ନ ମନରେ ନଦୀକୂଳରେ ପହଞ୍ଚି ସ୍ନାନ ଆଚମନ ଶେଷ କଲେ ଓ ତା'ପରେ ଜଳ ମଧ୍ୟରେ ପ୍ରବେଶ କରି ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ସକଳ ଦେବତାଙ୍କୁ, ମହାନ୍ ଆତ୍ମା ଓ ଋଷିଗଣଙ୍କୁ ଆହ୍ୱାନ କଲେ ଆପଣାର ଶ୍ରଦ୍ଧା ନିବେଦନ କରି ଅଗ୍ରଜ ଯେପରି ବତାଇଥିଲେ ସେଇପରି କହିଲେ ଓ ଚକ୍ଷୁମୁଦ୍ରିତ କରି ପିତୃପୁରୁଷଙ୍କ ନିକଟରେ କ୍ଷମା ମାଗିଲେ । ଅଞ୍ଜୁଳିବଦ୍ଧ କରି ଜଳରେ ତର୍ପଣ କରିବାକୁ ଯାଇ ହଠାତ୍ ତାଙ୍କର ଦୃଷ୍ଟି ନିଜ ହାତ ଉପରେ ପଡ଼ିଲା – ସେ ଦୁଇଟି ତ ପୂର୍ବପରି ପୂର୍ଣ୍ଣ ଓ ଅକ୍ଷତ ରହିଛି, କିଛି ସମୟ ଆଗରୁ ଯେ ହସ୍ତଚ୍ଛେଦନ ହୋଇଥିଲା; ତାହାର କିଛି ଚିହ୍ନ ନାହିଁ ।

ଆଶ୍ଚର୍ଯ୍ୟ ହେଲେ ସିଏ ଓ ପୂଜାଦି କର୍ମ ଶେଷକରି ଅଗ୍ରଜଙ୍କ ନିକଟକୁ ତ୍ୱରିତପଦରେ ଫେରିଲେ – ଭାବିଲେ, ଏହା କେମିତି ସମ୍ଭବ ହେଲା, ନିଶ୍ଚୟ ଭାଇଙ୍କର ତପସ୍ୟାର ଫଳହିଁ ମୋତେ ଆରୋଗ୍ୟ କରିଦେଲା । ତାଙ୍କ ମନରେ ଗୋଟିଏ ଅସନ୍ତୋଷ ଆସି ପହଞ୍ଚିଲା ଯେ ଭାଇ ଯଦି ଏହା କରିପାରିଲେ, ତେବେ ସେ ନିଜେ ଦଣ୍ଡ ନ ଦେଇ ବା କ୍ଷମା ନ କରି, ରାଜାଙ୍କ ସମୀପକୁ ପଠାଇବା କ'ଣ ଦରକାର ଥିଲା ?

ଲିଖିତର ଫେରିବା ବାଟକୁ ଶଙ୍ଖ ଚାହିଁଥା'ନ୍ତି, ତାକୁ ଦେଖିବା ମାତ୍ରେ ଯାଇ କୁଣ୍ଢାଇ ପକାଇଲେ । ମନର ଅବସାଦ ଓ ଦୁଃଖ ଯାହା ଏବେ ଯାଏଁ ସେ ଅପ୍ରକାଶ୍ୟ ରଖିଥିଲେ ତାହା ଦୂର ହେଲା; କାରଣ ଆପଣାର ଭାଇଟିକୁ ସେ ଏକ କଠିନ ପରୀକ୍ଷା ଭିତର ଦେଇ ପାରି କରାଇଥିଲେ । ଆଶ୍ୱସ୍ତ ହୋଇ ସେ କହି ପକାଇଲେ –

''ଓଃ, ତାହାହେଲେ ଦେବ ଓ ଋଷିଗଣ ତୋର ପ୍ରାର୍ଥନାରେ ପ୍ରୀତ ହେଲେ ଏବଂ ପିତୃଗଣ ତୋତେ କ୍ଷମା କଲେ !''

ଲିଖିତ : ଭାଇ ! ଏକଥା ତ ତୁମେ ଆଗରୁ କରିପାରିଥା'ନ୍ତ, ପ୍ରଥମରୁ କ୍ଷମା କରି ଦେଇଥିଲେ ମୁଁ ରାଜଦରବାରକୁ ଯାଇଥା'ନ୍ତି କାହିଁକି, ହାତ କଟା ହୋଇଥା'ନ୍ତା କାହିଁକି ଆଉ ଯୋଡ଼ା ହୋଇଥା'ନ୍ତା ପୁଣି ବା କାହିଁକି ?– ଏସବୁ ତୁମରହିଁ ଭିଆଣ ! ଏତେ ଛଳନା ଅଭିନୟ କାହିଁକି କଲ ? ଏଥିରେ ତୁମର ବଡ଼ପଣହିଁ ସାବ୍ୟସ୍ତ ହେଲା, କାରଣ ମୋର ଏପରି ସୁକୃତ ନାହିଁ ଯେ ବ୍ୟବଚ୍ଛେଦ ହୋଇଥିବା ହସ୍ତ ପୁଣି ଆସି ଯୋଡ଼ି ହୋଇଯିବ ।

କଥାଟା ଦୁଃଖର ସହ ଅଭିଯୋଗ କଲେ ଲିଖିତ ।

ଶଙ୍ଖ ସାନଭାଇର କାନ୍ଧରେ ହାତ ରଖି କହିଲେ, ''ଏକଥା ସତ ଯେ ମୋ ତପସ୍ୟାର ଫଳ ଦେଇ ମୁଁ ତୋତେ ପୁଣି ନୂଆ କରି ଗଢ଼ିଲି, ତୋର ପୂର୍ବ-ଅବୟବ ଫେରି ପାଇଲୁ ତୁ । ମାତ୍ର ଆଗେ ଏଇ ଘଟଣାଟି ସଂଘଟିତ ହେବା ପୂର୍ବରୁ ତୁ ଯାହା ଥିଲୁ, ଏବେ ନିଶ୍ଚୟ ସେଇ ସ୍ଥିତିରେ ରହି ନାହୁଁ । ବାବୁ, ତୁ ବୁଝି ନାହୁଁ ଅଧ୍ୟାତ୍ମ-ମାର୍ଗ କେଡ଼େ କଠିନ – କ୍ଷୁରଧାର ଉପରେ ଚାଲିବା ସାଙ୍ଗରେ ସମାନ । ଆମର ଆରାଧ୍ୟ ନାରାୟଣ ହେଉଛନ୍ତି ଶାଶ୍ୱତ ଧର୍ମାନୁଷ୍ଠାତା । ଆମେ ଯଦି ତାଙ୍କ ସହ ସର୍ବଭାବରେ ମିଳନ ଚାହୁଁଥାଉ, ତେବେ ଆମକୁ ଧର୍ମର ସଂରକ୍ଷକ ହେବାକୁ ପଡ଼ିବ । ଧର୍ମ ପଥରେ ଏତେ ଗୁଡ଼ାଏ ଗର୍ତ୍ତ ସୃଷ୍ଟିକରି ଆମେ କେବେ ଅଗ୍ରସର ହୋଇପାରିବା ନାହିଁ । ତେଣୁ ସର୍ବାଗ୍ରେ ଆପଣାର ଆଚରଣରେ ତଥା ଜୀବନରେ ଶୁଦ୍ଧି ଓ ପବିତ୍ରତା ଆଣିବାକୁ ହେବ ।

''ଆମେ ସ୍ୱଧର୍ମ ଓ ସ୍ୱଭାବକୁ ପାଇବା ଆଗରୁ ଆତ୍ମ-ନିୟନ୍ତ୍ରଣ, ଆତ୍ମ-ସମୀକ୍ଷାର ଆବଶ୍ୟକତା ରହିଛି । ତା' ନ ହେଲେ ନିମ୍ନରୁ ଉଠିଆସୁଥିବା ପ୍ରବୃତ୍ତିସବୁ ଆମକୁ ଠେଲିନେଇ ସେମାନଙ୍କ ଖିଆଲର ଯନ୍ତ୍ର କରିନେବେ । ଯେତେବେଳେ ତୁ ଆତ୍ମାର ଭାବ ଓ ଧର୍ମକୁ ପାଇଯିବୁ ସେତେବେଳେ ଉଚ୍ଚତର ବିଧାନ ଆସି ତୋତେ ମାର୍ଗ ଦର୍ଶାଇବ । ତା' ନ ପାଇଥିବା ଯାଏଁ ଆମକୁ ବିବେକ ବୁଦ୍ଧିର ସହାୟତା ନେବାକୁ ହେବ । ଯେଉଁକ୍ଷଣି ତୋର ଭ୍ରମ ତୋ ନିଜ ଆଚରଣର ହେତୁ ବୋଲି ତୁ ଜାଣିଲୁ, ସେତେବେଳେ ପଶ୍ଚାତ୍ତାପ ଆରମ୍ଭ ହେଲା; ଏବଂ ତୁ ସଂକଳ୍ପ କଲୁ ଉନ୍ନତମାର୍ଗହିଁ ତୋର ଅଭୀଷ୍ଟ । ପରିପୂର୍ଣ୍ଣ ଜୀବନ ପାଇଁ ଯାହା ଯାହା ପ୍ରୟୋଜନ, ତାହା ତୋତେ ମିଳିଲା । ମୁଁ

ସେଇ ଉଚ୍ଚତର ବିଧାନଟିକୁ ନେଇଆସିବାରେ ନିମିତ୍ତ ମାତ୍ର ହେଲି । କିନ୍ତୁ ତୁ ସଂକଳ୍ପବଦ୍ଧ ନ ହୋଇଥିଲେ, ସେ ଚେଷ୍ଟା ମୋର ବୃଥା ହୋଇଥା'ନ୍ତା । ସେଇ କାରଣରୁ ତୋତେ ବାହୁଦା ନଦୀକୂଳକୁ ପଠାଇ ତୋହରି ଦ୍ୱାରାହିଁ ତର୍ପଣ, କ୍ଷମାପ୍ରାର୍ଥନା, ଦେବତା ଋଷିଙ୍କୁ ଆବାହନ – ଏ ସମସ୍ତ କରାଇଲି । ଏଇ ଆତ୍ମନିବେଦନ ଯଜ୍ଞଟିରେ ତୁହିଁ ହୋତା, ତୁହିଁ ହବ୍ୟ । ତେଣୁ ଏବେ ମନରୁ ଯାବତୀୟ ସନ୍ଦେହ ପୋଛି ନିଜ ଜୀବନର ପୌରୋହିତ୍ୟ କର । ଏତିକି ଦୂରଯାଏଁ ତୋତେ ନେଇ ଆସିବାରେ ଅଗ୍ରଜର କର୍ତ୍ତବ୍ୟ ମୁଁ କରିଛି ।''

ଲିଖିତ ବାକ୍‌ସ୍ପନ୍ଦ ହୋଇ ଅଗ୍ରଜଙ୍କର କଥା ଓ କ୍ରିୟାର ଯୌକ୍ତିକତା ଅନୁଭବ କରୁଥିଲେ । ତାଙ୍କ ଜୀବନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟ ତାଙ୍କ ପାଖରେ ସ୍ପଷ୍ଟ ହୋଇଉଠିଲା । ସାମାନ୍ୟ ଘଟନାଟିକୁ କେନ୍ଦ୍ରକରି ତାଙ୍କ ଜୀବନର ଆଭିମୁଖ୍ୟ ଓ ଲକ୍ଷ୍ୟ ସେ ପାଇଗଲେ, ସେଥିପାଇଁ ଅଗ୍ରଜଙ୍କ ପ୍ରତି କୃତଜ୍ଞ ହୋଇଉଠିଲା ତାଙ୍କ ହୃଦୟ । ଦୁହେଁ ଦୁହିଙ୍କୁ ଆଲିଙ୍ଗନ କଲେ । ଲିଖିତଙ୍କର ମସ୍ତକ ଉପରେ ବଡ଼ ଭାଇ ଆପଣାର ହାତଟି ରଖିଲେ – ଏବେ ତୁହିଁ ତୋର ବନ୍ଧୁ ହେବୁ, ଗୁରୁ ହେବୁ । ମୋର ହସ୍ତକ୍ଷେପ ତୋର ଆଉ ଦରକାର ହେବ ନାହିଁ । ତୋ' ଅନ୍ତରର ଆତ୍ମାହିଁ ତୋ' ଅଧ୍ୟାତ୍ମମାର୍ଗର ପଥପ୍ରଦର୍ଶକ ହେବ । ମନେ ରଖିଥିବୁ ଯିଏ ଧର୍ମକୁ ରକ୍ଷା କରିଥାଏ, ଧର୍ମ ତାକୁ ରକ୍ଷା କରିଥାଏ, ଆଉ ସେଇ ଧର୍ମ ତୋର ଅନ୍ତଃସତ୍ତାଟିରେ ଲେଖା ହୋଇଛି – ତାହାକୁହିଁ ଅନୁସରଣ କରିବୁ ।

ଏହାପରେ ଭାଇଦୁହେଁ ନିଜ ନିଜ ଆଶ୍ରମକୁ ଫେରିଗଲେ ଏବଂ ନିଜ ଧାରାରେ ସାଧନା କରିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ଏ ଦୁହେଁ ଧର୍ମର ଜ୍ଞାତା ହୋଇଥିଲେ ଓ ଅନ୍ୟମାନଙ୍କ ପାଇଁ ପଥପ୍ରଦର୍ଶକ ବି ହୋଇଥିଲେ । କେବଳ ଅପରକୁ ଅନୁଶାସନ ଶୁଣାଇବା ପର୍ଯ୍ୟାପ୍ତ ନ ଥିଲା, ନିଜେ ତାହାର ଦୃଷ୍ଟାନ୍ତ ହୋଇଉଠିବାହିଁ ଋଷି-ଜୀବନର ଲକ୍ଷ୍ୟ ଥିଲା । ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free

No side effects

*Exported to over 16 countries*

Contact

**63800 00534 / 94422 49355**

Online Store : www.ayurlabsindia.com

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ରାଜର୍ଷି ଜନକଙ୍କ ପରୀକ୍ଷା

## ଦୌଲତ ପାଣ୍ଡେ

ବିଖ୍ୟାତ ରାଜା ଜନକଙ୍କ ରାଜତ୍ୱ କାଳରେ ଯାଜ୍ଞବଲ୍କ୍ୟ ନାମରେ ଜଣେ ଋଷି ଥିଲେ । ସେ ଯେପରି ଧର୍ମପରାୟଣ ଥିଲେ, ବିଜ୍ଞତା ପାଇଁ ମଧ୍ୟ ସେହିଭଳି ତାଙ୍କର ବିଶେଷ ଖ୍ୟାତି ଥିଲା । ପ୍ରତିଦିନ ପ୍ରଭାତରେ ଯେତେବେଳେ ପ୍ରାଚୀ-ଦିଗ୍‌ବଳୟରେ ସୂର୍ଯ୍ୟଙ୍କ ସୁନେଲି ଆଭା ଧୀରେ ଧୀରେ ପ୍ରକଟ ହୁଏ, ପକ୍ଷୀମାନେ ଯେତେବେଳେ ମଧୁର ସଙ୍ଗୀତ ପରିବେଷଣ କରିବା ଆରମ୍ଭ କରିଦିଅନ୍ତି, ଋଷି ଯାଜ୍ଞବଲ୍କ୍ୟ ଆଶ୍ରମ ନିକଟସ୍ଥ ଝରଣାର ଶୀତଳ ଜଳରେ ସ୍ନାନ ଆଦି ସମାପ୍ତ କରି ଶିଷ୍ୟମାନଙ୍କୁ ପ୍ରବଚନ ଦେବା ଉଦ୍ଦେଶ୍ୟରେ ମଣ୍ଡପରେ ବସିଯା'ନ୍ତି । ସବୁଦିନ ଭଳି ଦିନେ ପ୍ରଭାତରେ ଋଷି ଶିଷ୍ୟମାନଙ୍କୁ ପ୍ରବଚନ ଦେବା ଆରମ୍ଭ କଲେ । ଶିଷ୍ୟମାନଙ୍କ ଭିତରେ ଥିଲେ ପ୍ରାଜ୍ଞ ପଣ୍ଡିତଗଣ, ଆଧ୍ୟାତ୍ମିକ ମାର୍ଗ ଗ୍ରହଣ କରିଥିବା ସଂସାର ତ୍ୟାଗୀ ସାଧୁ-ସନ୍ନ୍ୟାସୀଗଣ ଏବଂ ଅନ୍ୟ ବହୁ ଆଗ୍ରହୀ ବ୍ୟକ୍ତି । ଶ୍ରୋତାମାନେ ଲକ୍ଷ୍ୟ କଲେ ଯେ ସେମାନଙ୍କ ଗୁରୁ ଯାଜ୍ଞବଲ୍କ୍ୟ ବରାବର ଦ୍ୱାର ଆଡ଼କୁ ନଜର ରଖୁଛନ୍ତି, ଯେପରିକି ସେ କୌଣସି ବ୍ୟକ୍ତିର ଆଗମନକୁ ଅପେକ୍ଷା କରୁଛନ୍ତି । ସେମାନଙ୍କ ଅନୁମାନ ଭୁଲ୍ ନଥିଲା । ପ୍ରକୃତରେ ପ୍ରତିଦିନ ପ୍ରବଚନ ଶୁଣୁଥିବା ତାଙ୍କ ରାଜାଙ୍କୁହିଁ ଯାଜ୍ଞବଲ୍କ୍ୟ ଅପେକ୍ଷା କରୁଥିଲେ ।

ରାଜାଙ୍କ ପ୍ରତି ଗୁରୁଙ୍କର ଏପ୍ରକାର ସ୍ୱତନ୍ତ୍ର ବ୍ୟବହାର ଦେଖି ଶିଷ୍ୟମାନେ ଈର୍ଷାପରାୟଣ ହେଲେ । ସେମାନଙ୍କ ଭାବନା ଥିଲା, ଜଣେ ଅଧ୍ୟାତ୍ମବାଦୀ ବ୍ୟକ୍ତି ରାଜା ଓ ସାଧାରଣ ବ୍ୟକ୍ତିଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ । ଋଷି ଯାଜ୍ଞବଲ୍କ୍ୟ କାହିଁକି ରାଜା ଜନକଙ୍କ ପ୍ରତି ଏପରି ସ୍ୱତନ୍ତ୍ର ବ୍ୟବହାର ପ୍ରଦର୍ଶନ କଲେ ତାହା ସେମାନେ ବୁଝିପାରିଲେ ନାହିଁ । ଗୁରୁ କାହିଁକି ଏଭଳି ପକ୍ଷପାତ ବ୍ୟବହାର କଲେ ତାହାର କାରଣ ଗୁରୁଙ୍କୁ ପଚାରିବାକୁ ଶିଷ୍ୟମାନେ ଶେଷରେ ସ୍ଥିର କଲେ । ସେମାନଙ୍କ ଭିତରୁ ଜଣେ କହିଲେ, ''ମହାଭାଗ ! ଆମ୍ଭମାନଙ୍କ ତୁଳନାରେ ରାଜାଙ୍କୁ ଉଚ୍ଚ ସ୍ଥାନ ଦେବା ଆପଣଙ୍କ ପକ୍ଷେ ଅନ୍ୟାୟ ବିଚାର । ଆପଣଙ୍କ ତୁଲ୍ୟ ପରମେଶ୍ୱରଙ୍କର ଜଣେ ସୁଯୋଗ୍ୟ ସନ୍ତାନ ପକ୍ଷେ କୌଣସି ବ୍ୟକ୍ତି ପ୍ରତି ସ୍ୱତନ୍ତ୍ର ବ୍ୟବହାର ପ୍ରଦର୍ଶନ କରିବା ଉଚିତ ନୁହେଁ । ଜନକଙ୍କ ପ୍ରତି ଆପଣଙ୍କର ଏପରି ସ୍ୱତନ୍ତ୍ର ସମ୍ମାନର କାରଣ କ'ଣ ? ସେ ଆମର ରାଜା, କେବଳ ଏଇଥି ପାଇଁ କ'ଣ ଆପଣ ତାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଲେ ?''

ଏଭଳି ପ୍ରଶ୍ନରେ ଯାଜ୍ଞବଲ୍କ୍ୟ ଆଶ୍ଚର୍ଯ୍ୟାନ୍ୱିତ ଏବଂ କ୍ଷୁବ୍ଧ ହେଲେ । ପ୍ରଶ୍ନଟି ତାଙ୍କୁ ହାସ୍ୟାସ୍ପଦ ମନେ ହେଲା । ସେ କହିଲେ, ''ହେ ମୋର ଭାଇମାନେ, ଆପଣମାନେ ଯଦି ଭାବୁଥା'ନ୍ତି ଯେ ଜନକ କେବଳ ଆମର ରାଜା ଥିବା ହେତୁ ମୁଁ ତାଙ୍କୁ ଆପଣମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛି ତେବେ ଆପଣମାନଙ୍କ ବିଚାର ଭୁଲ୍ । ଆପଣମାନେ ମୋ ସହିତ ଏକମତ ହେବେ ଯେ ସେ ଆମର ରାଜା ଥିବାରୁ ତାଙ୍କୁ ସମ୍ମାନ କରିବା ଆମର କର୍ତ୍ତବ୍ୟ । ମାତ୍ର ଜନକ କେବଳ ପାର୍ଥିବ ଦୃଷ୍ଟିରେ ରାଜା ନୁହନ୍ତି, ଆଧ୍ୟାତ୍ମିକ ବିଚାରରେ ମଧ୍ୟ ସେ ଜଣେ ଶ୍ରେଷ୍ଠ ବ୍ୟକ୍ତି । ସେ ଜଣେ ସିଦ୍ଧ ପୁରୁଷ । ମୋର ଏହି ଉକ୍ତି କେତେଦୂର ସତ୍ୟ ଦିନେ ନା ଦିନେ ଆପଣମାନେ ତାହା ପ୍ରତ୍ୟକ୍ଷ କରିବେ ।''

ଏହି ଘଟଣାର କିଛିଦିନ ପରେ ମହାନ୍ ଯୋଗୀ ଯାଜ୍ଞବଲ୍କ୍ୟ ରାଜା ଜନକଙ୍କ ଉପସ୍ଥିତିରେ ଶିଷ୍ୟମାନଙ୍କୁ ପ୍ରବଚନ ଦେଉଥିଲେ । ହଠାତ୍ ଜଣେ ବ୍ୟକ୍ତି ବ୍ୟସ୍ତ ବିବ୍ରତ ଭାବେ ଦୌଡ଼ି ଦୌଡ଼ି ଆସି ଆଶ୍ରମରେ ପ୍ରବେଶ କଲା ଏବଂ ରାଜାଙ୍କ ଉଆସ ଜଳି ଯାଉଛି ବୋଲି ଉଚ୍ଚସ୍ୱରରେ ଚିତ୍କାର କଲା । ବ୍ୟକ୍ତିଟି ରାଜକୀୟ ରକ୍ଷୀର ପୋଷାକ ପିନ୍ଧିଥିଲା ଏବଂ ସେ ଅତ୍ୟନ୍ତ ଭୟଭୀତ ମନେ ହେଉଥିଲା । ଏହି ଦୁଃସମ୍ବାଦ ଶୁଣିବା ମାତ୍ରେ ସମଗ୍ର ବାତାବରଣରେ ହଇଚଇ ସୃଷ୍ଟି ହୋଇଗଲା । ପ୍ରାୟ ସମସ୍ତେ ପ୍ରବଚନ ସ୍ଥଳରୁ ଉଠି ରାଜାଙ୍କ ନଅର ଆଡ଼କୁ ଦୌଡ଼ିବାରେ ଲାଗିଲେ । କେତେକ ବ୍ୟକ୍ତି ସେମାନଙ୍କ ଜ୍ଞାତିକୁଟୁମ୍ବ ରାଜପ୍ରାସାଦରେ କାମ କରନ୍ତି ବୋଲି ବ୍ୟସ୍ତ ହୋଇ ପଡ଼ିଲେ । ଅନ୍ୟ କେତେକ ବ୍ୟକ୍ତି ରାଜପ୍ରାସାଦରେ ଅଗ୍ନିକାଣ୍ଡ ଭଳି ଏକ ଅପୂର୍ବ ଦୃଶ୍ୟ ଦେଖିବାର ସୁଯୋଗ ହାତଛଡ଼ା କରିବାକୁ ଚାହିଁଲେ ନାହିଁ । ରାଜପ୍ରାସାଦ ନିକଟରେ ଥିବା ସେମାନଙ୍କ ଚାଷ ଜମିର ଫସଲ ନଷ୍ଟ ହୋଇଯିବାର ଆଶଙ୍କାରେ ଅନ୍ୟ କେତେକେ ଆତଙ୍କିତ ହୋଇ ପଡ଼ିଲେ । ମାତ୍ର ରାଜା ଜନକ ଧୀରସ୍ଥିର ଭାବେ ବସି ରହି ହଇଚଗୋଳ ଶାନ୍ତ ହେବା ପରେ

ପୁଣି ଥରେ ଗୁରୁଙ୍କଠାରୁ ପ୍ରବଚନ ଶୁଣିବା ପାଇଁ ଅପେକ୍ଷା କରି ରହିଲେ ।

ଯେଉଁ ପ୍ରାସାଦରକ୍ଷୀ ରାଜାଙ୍କୁ ଏହି ଦୁଃସମ୍ବାଦ ଜଣାଇବାକୁ ଆସିଥିଲା, ରାଜାଙ୍କ ଅଦ୍ଭୁତ ବ୍ୟବହାରରେ ଚକିତ ହୋଇ ଭାବିଲା, ବୋଧହୁଏ ରାଜା ତା' କଥା ଠିକ୍ ଭାବେ ଶୁଣି ପାରି ନାହାନ୍ତି । ସେ ପୁଣି ଥରେ ଅଧିକ ଉଚ୍ଚ ସ୍ୱରରେ ଅଗ୍ନିକାଣ୍ଡ ସମ୍ପର୍କୀୟ ଦୁଃସମ୍ବାଦ ଜଣାଇଲା । ରକ୍ଷୀର ବ୍ୟବହାରରେ ରାଜା ଅତ୍ୟନ୍ତ ବିରକ୍ତ ହୋଇ କହିଲେ, ''ରେ ନିର୍ବୋଧ ରକ୍ଷୀ, ତୁ ମନେ କର ନାହିଁ ଯେ ତୋ କଥା ମୁଁ ଶୁଣିପାରି ନାହିଁ । ତୁ କ'ଣ ଭାବିଛୁ ରାଜପ୍ରାସାଦ ଓ ସେଥିରେ ଥିବା ମୋର ପାର୍ଥିବ ସମ୍ପଦସବୁକୁ ରକ୍ଷା କରିବା ପାଇଁ ମୁଁ ମୋର ଗୁରୁଙ୍କ ପାଦପଦ୍ମର ସ୍ଥାନ ଛାଡ଼ି ଚାଲିଯିବି ? ତୁ କ'ଣ କଳ୍ପନା କରିପାରୁଛୁ ଯେ, ଗୁରୁଙ୍କ ମୁଖନିଃସୃତ ବିଚାର ସିଦ୍ଧ ଅମୂଲ୍ୟ ବାଣୀ ଅପେକ୍ଷା ମୁଁ ସେସବୁ ସମ୍ପଦକୁ ଅଧିକ ମୂଲ୍ୟବାନ୍ ମନେ କରେ ? ଯଦି ମୋ ପ୍ରାସାଦରେ ନିଆଁ ଲାଗିଛି ତେବେ ତାହା ଜଳି ଭସ୍ମ ହୋଇଯାଉ । ହୁଏତ ତାହା ପ୍ରଭୁଙ୍କ ଇଚ୍ଛା ହୋଇଥିବ । ଯଦି ପ୍ରଭୁ ପ୍ରାସାଦକୁ ରକ୍ଷା କରିବାକୁ ଚାହୁଁଥା'ନ୍ତି ତେବେ ସେ କାର୍ଯ୍ୟ କରିବା ପାଇଁ ସେଠାରେ ମୋ ଅପେକ୍ଷା ଅଧିକ ପାରଙ୍ଗମ ବ୍ୟକ୍ତି ଅଛନ୍ତି । ସେମାନେ ପ୍ରାସାଦକୁ ରକ୍ଷା କରି ପାରିବେ ।''

ରାଜାଙ୍କର ଏପରି ମନ୍ତବ୍ୟରେ ଋଷି ଯାଜ୍ଞବଲ୍କ୍ୟ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେ ଅତ୍ୟନ୍ତ ପ୍ରୀତ ହୋଇ ପ୍ରବଚନ ଦେବାରେ ଲାଗିଲେ, ଯେପରିକି କୌଣସି ଅଘଟଣ ଘଟି ନାହିଁ । କିଛିକ୍ଷଣ ପରେ ଶିଷ୍ୟମାନେ ଜଣକ ପରେ ଜଣେ ଋଷିଙ୍କ ଆଶ୍ରମକୁ ଫେରିବାକୁ ଲାଗିଲେ । ସେମାନଙ୍କ ରାଜା ଅବିଚଳିତ ଭାବେ ପ୍ରବଚନ ଶୁଣୁଥିବାର ଦେଖି ସେମାନଙ୍କ ମନରେ ଗଭୀର ଆଘାତ ଲାଗିଲା । ରାଜାଙ୍କ ସମ୍ପର୍କରେ ଗୁରୁଙ୍କ ମନ୍ତବ୍ୟ ମନେ ପକାଇ ସେମାନେ ଲଜ୍ଜିତ ହେଲେ । ଗୁରୁଙ୍କ ପାଦ ଛୁଇଁ ପ୍ରଣାମ ଜଣାଇ କ୍ଷମା ମାଗିଲେ । ସେହିଦିନଠାରୁ ସେମାନେ କେବେହେଲେ ଗୁରୁଙ୍କ ବିଚାରର ଯଥାର୍ଥତା ସମ୍ପର୍କରେ ସନ୍ଦେହ ପ୍ରକଟ କଲେ ନାହିଁ । ସେହି ସୁଦୂର ଅତୀତରେ ଜନକଙ୍କ ଭଳି ଜଣେ ମହାନ୍ ରାଜା ରାଜୁତି କରୁଥିଲେ, ଏହା ଯେ ଏଯାବତ୍ ଲୋକେ ମନେ ରଖିଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

(ଅନୁବାଦ : ସନାତନ ମହାନ୍ତି)

❑❑❑

"Vivekananda, exalting Sannyasa, has said that in all Indian history there is only one Janaka. Not so, for Janaka is not the name of a single individual, but a dynasty of self-ruling kings and the triumph-cry of an ideal."

(Thoughts and Aphorisms) – Sri Aurobindo

''ସନ୍ନ୍ୟାସର ଗୌରବଗାନ କରି ବିବେକାନନ୍ଦ କହିଥିଲେ ଯେ ଭାରତର ସମଗ୍ର ଇତିହାସରେ କେବଳ ଜଣେ ମାତ୍ର ଜନକ ଦେଖାଯା'ନ୍ତି । କିନ୍ତୁ ତାହା ନୁହେଁ । ଜନକ ଜଣେ ଏକକ ବ୍ୟକ୍ତିର ନାମ ନୁହେଁ । ତାହା ସ୍ୱରାଟ ରାଜନ୍ୟବର୍ଗଙ୍କର ଏକ ବଂଶଧାରା – ଏବଂ ଏକ ଆଦର୍ଶର ବିଜୟ-ନିର୍ଘୋଷ ।''

– ଶ୍ରୀଅରବିନ୍ଦ

# ଅନ୍ଧ ରାତିର ସୂର୍ଯ୍ୟ

## ମହାପାତ୍ର ନିଳମଣି ସାହୁ

ମୃତ୍ୟୁଞ୍ଜୟ ବାବୁ ସବୁଦିନ ଭଳି ବାସ୍କେଟ୍ ଧରି ବଜାର ବାହାରିଲେ । ଘରଣୀ ତାଲିକା କରି ଦେଇଛନ୍ତି – ବାଇଗଣ, ସାରୁ, ଖଡ଼ା, ବୋଇତି କଖାରୁ, ଜହ୍ନି ଇତ୍ୟାଦି ଇତ୍ୟାଦି । ତାଲିକା ଦେଖିବାକୁ ତାଙ୍କର ଆଗ୍ରହ ନାହିଁ । ସେହି ଚିରାଚରିତ ବୈଚିତ୍ର୍ୟହୀନ ଘାସଗୁଳାଦିର ସ୍ୱାଦ; ଥୋଡ଼, ବଡ଼ି, ଖଡ଼ା – ଖଡ଼ା, ବଡ଼ି, ଥୋଡ଼; ସା ରେ ଗା ମା ପା ଧା ନି ସା – ସା ନି ଧା ପା ମା ଗା ରି ସା । ପାଟିକି ଅରୁଚି ଧରିଲା । ବଜାରରେ ପୋଟଳ ପଡ଼ିଲାଣି । ବେଶ୍ ଟାଣ ଟାଣ ସବୁଜ ଲମ୍ବା ପୋଟଳ ମଝିରୁ ଦୁଇଫାଳ କରି କାଟି ତେଲରେ ଛାଣି କିଂବା ଗରମ ମସଲା ଦେଇ ଝୋଳ କରିଦେଲେ ଚମତ୍କାର ଭାତ ଖାଇ ହୁଏ ।

ମାତ୍ର ଗୃହିଣୀଙ୍କୁ ପୋଟଳ କଥା କହିଲେ ସେ କାମୁଡ଼ି ଗୋଡ଼ାଇବେ । ''ଆରେ ଯା'ମ । ଭାରି ପୋଟଳ ଖାଇଲାବାଲା । ଟଙ୍କା ଦୁଇ ଶହ ଦରମା – ସାତ ପ୍ରାଣୀ କୁଟୁମ୍ବ – ଚାଉଳ କେ. ଜି. ଟଙ୍କାଏ ତିରିଶ ପଇସା – ଡାଲି ଦୁଇ ଟଙ୍କା ଉପରେ । ପନ୍ଦର ତାରିଖ ଗଡ଼ିଗଲେ ଧାର ପାଇଁ ଯା ଦୁଆର, ତା' ଦୁଆର, ଶାଢ଼ୀ ଖଣ୍ଡେ ନାହିଁ ଯେ, ସାତସିଆଁ କରି ଧୋଇ ଶୁଖେଇ ପିନ୍ଧୁଛି । କୁନାର ଗଣିତ ବହି ନାହିଁ, କୁନିର ଫ୍ରକ୍ ନାହିଁ, ମୁନାର ପ୍ୟାଣ୍ଟ ନାହିଁ, ମୁନିର କଲମ ନାହିଁ । ପୋଟଳ ଖାଇବ ? ପୋଟଳ ? ଜିଭରେ ଫେର୍ ସେ ଦ୍ରବ୍ୟର ନାଁ ଧରୁଛ ?''

ଗୃହିଣୀଙ୍କ ପୋଟଳଚିରା ଆଖିକୁ ଥରେ ମାତ୍ର ଚାହିଁ ମୃତ୍ୟୁଞ୍ଜୟ ବାବୁ ତତ୍‌କ୍ଷଣାତ୍ ତହିଁରୁ ଦୃଷ୍ଟି ଫେରାଇ ଆଣିଲେ । ଆଖି ବୁଜି ମନେ ମନେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲେ । ଓଃ ! କାହିଁକି ଭଲା ଜିଭରେ ସେ ସେହି ନାମଟି ଧରିଲେ ? କିନ୍ତୁ ସେ ସମ୍ଭାଳି ପାରୁଛନ୍ତି କେଉଁଠି ? ଜିଭର ତ କାମ ହେଲା ସେଇଆ । ଚାଖିବ – ନ ହେଲେ ନାମ ରଟିବ ।

ଠିକ୍ ଏମିତି ଅବସ୍ଥାରେ ଗୃହିଣୀଙ୍କୁ କିଛି କହିବା ଲାଗି ତାଙ୍କର ସାହସ ପାଏ ନାହିଁ । ଦେଖିବାକୁ ମୁଣ୍ଡର ବାଳ ଚନ୍ଦା, ଦୁଇଟି ଆଖି କୋଉ କୋରଡ଼ ଭିତରେ । ଦାନ୍ତଗୁଡ଼ାକ ପଦାକୁ ବାହାରି ଆସିଥାଏ । ରାଗିଲାବେଳେ ସେଗୁଡ଼ାକ ଭୟଙ୍କର ଦିଶନ୍ତି ।

ତଥାପି କୁନାବୋଉ ସ୍ୱାମୀସୋହାଗର ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ମସ୍ତବଡ଼ ସିନ୍ଦୂର ଟୋପାଟାଏ ମଥାରେ ଲଗାଇଥା'ନ୍ତି । ତାହା ଆହୁରି ଭୀଷଣ ଦିଶେ ଏ ବେଳରେ ସ୍ୱାମୀ ମୃତ୍ୟୁଞ୍ଜୟ ବାବୁଙ୍କ ଆଖିକି ।

ହଠାତ୍ ମନେ ପଡ଼ିଗଲା ମୃତ୍ୟୁଞ୍ଜୟବ ।ବୁଙ୍କର ଏଇ କୁନାବୋଉ ସହିତ ତାଙ୍କ ଅତୀତ ଜୀବନ ଓ ଯୌବନର ମଧୁମୟ ଘଟଣାବଳୀ । ମାତ୍ର ସେସବୁ ସ୍ୱପ୍ନ କି ବାସ୍ତବ, ବର୍ତ୍ତମାନ ଠଉରାଇ ହେଉ ନାହିଁ । ଏ ଜୀବନ ଏମିତି, ଯୌବନ ତା'ଠାରୁ ବଳି । ଶେଷକୁ ଏ ମହର୍ଗକାଳ । ଏ କାଳେ ଜୀବନ କେବଳ ବାସ୍ତବକୁ ବୁଝିପାରେ, ସ୍ୱପ୍ନକୁ ନୁହେଁ ।

ମୃତ୍ୟୁଞ୍ଜୟ ବାବୁ ବାସ୍କେଟ୍ ଧରି ପାହାଚରୁ ଗଡ଼ୁଛନ୍ତି, ବଡ଼ ଝିଅ କହିଲା – ''ବାପା, ଆଜି ମାଛ ଆଣିବ ?''

ତା'ପାଟିରୁ 'ମାଛ' ବାହାରିଛି କି ନାହିଁ, କୁନାବୋଉ ରୋଷେଇ ଘରୁ ଚିହିଁକି ଆସି ଗର୍ଜି ଉଠିଲେ – ''ଏତେ ମାଛ ଖାଆନା ମ ! ଆଉ ଯଦି ହଜାରିକିଆ ବାପର ଝିଅ ହୋଇଥା'ନ୍ତୁ ନା... । ଦେଖ, ଯାହା ତାଲିକା ଦେଇଛି, ସେଇଆ ଆଣିବ, କହି ଦେଉଛି । ମାଛ ଖାଇବ ମାଛ – ମାଛ ଖାଉଛି ମୋ ଭାଇ କଣ୍ଟ୍ରାକ୍ଟର । ସେ ମାଛ ଖାଉଛି, ତା' ପିଲାଙ୍କୁ ଖୁଆଉଛି ।''

ମୃତ୍ୟୁଞ୍ଜୟ ବାବୁ ବାତ୍ସଲ୍ୟରସ ଭିତରେ ବୁଡ଼ି ଯାଇଥା'ନ୍ତେ ! ମାତ୍ର କୁନାବୋଉର ଆଚରଣରେ ସେ ବୁଡ଼ିଉଠି ଏକାବେଳେକେ କୂଳରେ ଲାଗିଗଲେ । ତା'ପରେ ସେ ଏକମୁହାଁ ସଡ଼କକୁ ଉଠିଲେ ସାଇକେଲରେ । ତାଙ୍କ ଆଖି ଆଗରେ ପଡ଼ିଲା ପୁଲିସଙ୍କ ପରେଡ୍ ପଡ଼ିଆ, ଖୁବ୍ ବଡ଼, ଆଖି ପାଏନା । ସେଠି ତାଙ୍କ ବଡ଼ପୁଅ କୁନା ଗୋଟେ ସାଇକେଲ ଟାୟାର ଧରି ଗଡ଼େଇ ଗଡ଼େଇ ତା'ପଛରେ ଅନ୍ଧଭଳିଆ ଦଉଡ଼ୁଛି ।

ସଞ୍ଜ ବୁଡ଼ୁବୁଡ଼ୁ ହେଉଛି, ଏଣେ ପଶ୍ଚିମ ଦିଗରେ ଖଣ୍ଡିଏ କଳାମେଘ ଉଠି ଆସୁଛି । ମୃତ୍ୟୁଞ୍ଜୟ ବାବୁ ତୋଫାନର ଆଶଙ୍କା କରି କୁନାକୁ ଡାକ ଛାଡ଼ିଲେ – ''ହେ କୁନା ! ଯାଃ – ଯାଃ, ପଳା ଘରକୁ । ଭୀଷଣ ବତାସ ମାଡ଼ି ଆସୁଛି – ଘରକୁ ପଳାଇଯା' ।''

ମୃତ୍ୟୁଞ୍ଜୟ ବାବୁ ବାଟରେ ଦେଖିଲେ, ଚନ୍ଦ୍ରମୋହନ ବାବୁ

ମଧ ବ୍ୟାଗ୍ ଧରି ସାଇକେଲରେ ବାଁପଟୁ ଆସୁଛନ୍ତି । ବାଃ, ଭଲ ହେଲା । ବଜାର କରିବା ଭଳି ଅପ୍ରୀତିକର କର୍ମ ସହିତ ଯଦି ଚନ୍ଦ୍ରମୋହନ ବାବୁଙ୍କ ଭଳି ରସିକ, ସହୃଦୟ ବନ୍ଧୁଙ୍କର ସାହଚର୍ଯ୍ୟ ମିଳେ, ତେବେ ଭାଗ୍ୟ ବୋଲି ବୁଝିବାକୁ ହେବ ।

ନମସ୍କାର ଆଦାନ-ପ୍ରଦାନ ପରେ ଦୁହେଁ ପାଖାପାଖି ଚାଲିଲେ, ନାନାଦି ବିଷୟରେ ଆଲୋଚନା କରି । ଚନ୍ଦ୍ରମୋହନ ବାବୁ ଟିକିଏ ଭୋଜନବିଳାସୀ, ବେଶୀ ରୋଜଗାର କରନ୍ତି । କର୍ତ୍ତବ୍ୟନିଷ୍ଠ କର୍ମଚାରୀ ସେ – ସାହାଯ୍ୟକାରୀ ସାମାଜିକ ବନ୍ଧୁ ମଧ ।

''ଚଞ୍ଚଳ ଫେରି ଆସିବା । ଆପଣଙ୍କର ବୋଧହୁଏ ବହୁତ କିଛି ବଜାର କରିବାର ଅଛି ।''

ଚନ୍ଦ୍ରମୋହନ ବାବୁ ଅଳ୍ପ ହସି କହିଲେ, ''ନା, ନା, ଆଜି ମୁଁ କିଛି କିଣିବି ନାହିଁ । ଶୁଣିଲି ବଜାରକୁ ସୀତାସାଗର ବନ୍ଧରୁ ରୋହି ଆସିଛି । ସୀତାସାଗର ରୋହି ଖାଇଛନ୍ତି ?''

ମୃତ୍ୟୁଞ୍ଜୟ ବାବୁ ଦୀର୍ଘଶ୍ୱାସ ପକାଇଲେ ।

''ନାଇଁ ଭାଇ, ଆମ୍ଭେମାନେ ସେ ମହାର୍ଘ ବହୁଦର୍ଶିତାର ଆକାଂକ୍ଷୀ ନୋହୁଁ । ମାସକରୁ ବେଶୀ ହେବ ଆଇଁଷ କାତିଟିଏ ବି ଦେଖି ନାହୁଁ । ଆଉ ରାମରାଜ୍ୟ ହେବ, ନା ସୀତାସାଗର ରୋହି ଆମ ଭଳିଆ ଲୋକଙ୍କ ପାଟିରେ ବାଜିବ !!... କେତେ ଦର ?''

''ସାତ ଆଠଟଙ୍କା ହେବ – ଆଉ କେତେ ? ମଝିରେ ଦଲାଲ ପଶି ଏମିତି ଦର ବଢ଼ାଇ ଦେଉଛନ୍ତି । ଆଉ କଳାବଜାରର ପଇସା ଯେଉଁମାନଙ୍କ ପାଖେ, ତାଙ୍କର ବା ପରୁଆ କ'ଣ ? ସନ୍ଧ୍ୟା ସୁଦ୍ଧା ଚାରି ମହଣ ମାଛ ଚିଲ ପରି ଝାମ୍ପି ନେବେ ।''

ମୃତ୍ୟୁଞ୍ଜୟ ବାବୁଙ୍କ ମନ ଭାରି ଛଟପଟ ହେଲା । ସେ ଭାବିବାକୁ ବସିଲେ ହେ ଭଗବାନ୍ ! କି ଏ ଜୀବନ ? ନିମ୍ନ ମଧ୍ୟବିତ୍ତର ଏଇ ଦୟନୀୟ ଜୀବନରେ ନା ଅଛି ରଙ୍ଗର ବାହାର, ନା ଅଛି ରସର ସ୍ୱାଦ । ପୋଟଳ କିଲୋ ଦୁଇଟଙ୍କା ବୋଲି ଯାହାକୁ ଛୁଇଁ ହେଉନି, ସାତ ଆଠଟଙ୍କା କିଲୋର ସୀତାସାଗର ରୋହିକୁ ଘରେ ସେ ଅବା ଚାହିଁ ପାରିବେ କିପରି ? ଆଖି ଝଲସି  ଯିବ ନାହିଁ ? ଧିକ୍ ଏ ଜୀବନ !!

କିନ୍ତୁ କାହାକୁ ସେ କ'ଣ ବା କହିବେ ? ଏ ଅବସ୍ଥା ଯେଉଁମାନେ ଭୋଗୁଛନ୍ତି, ସେମାନେ ତାଙ୍କରି ଭଳି ଦୁର୍ବଳ, ଦାୟିତ୍ୱହୀନ, ଭୀରୁ, ସହଣିକ । ଭାଗ୍ୟକୁ ନିନ୍ଦିଲେ ସୀତାସାଗର ରୋହି ଜିଭରେ ବାଜିବ ନାହିଁ, ପ୍ରଭୁଙ୍କୁ ଡାକିଲେ ସେ ପୋଟଳ କିଲେ ଘରକୁ ପଠାଇ ଦେବେ ନାହିଁ ।

ସମାଜର ଏ ଅବସ୍ଥାର ପରିବର୍ତ୍ତନ ଲାଗି ବିପ୍ଳବ ଆବଶ୍ୟକ । କିନ୍ତୁ ବିପ୍ଳବ ? ମୃତ୍ୟୁଞ୍ଜୟବାବୁଙ୍କ ମୁଣ୍ଡ ଘୂରାଇ ଦେଲା । ଥାଉ, ଥାଉ, ସେଦିନ ଆସୁଛି । ସେଇଦିନକୁ ଡାକି ଆଣୁଛନ୍ତି ତାଙ୍କର କୁନା, ମୁନା, ଟୁଟୁ, ମୁଟୁମାନେ । ସେମାନେ ସହିବେ ନାହିଁ । ଲଢ଼ିବେ । ସେମାନେ ପୋଟଳ ଫଳାଇ ଖାଇବେ । ରୋହିମାଛ ପାଣିରୁ ଛାଣିଆଣି ଖାଇବେ । ନହେଲେ ସେମାନେ ଛଡ଼ାଇ ନେବେ – ଛାଡ଼ିବେ ନାହିଁ । କଳାବଜାର ଆଉ କଳାବଜାରୀଙ୍କ ବିରୋଧରେ ସେଇମାନେ ଲଢ଼ିବେ । ଅତ୍ୟାଚାରୀ ପୁଞ୍ଜିବାଦୀ ଶାସନ ଆଗରେ ସେମାନେ ମୁଣ୍ଡ ନୁଆଁଇବେ ନାହିଁ । ବ୍ୟକ୍ତିଗତ ଲାଭର ନିଶା ସେମାନଙ୍କୁ ଧରିବ ନାହିଁ । ବର୍ତ୍ତମାନର ସମାଜ ବ୍ୟକ୍ତିଗତ ଲାଭ ମନୋବୃତ୍ତି ଓ ତା'ଲାଗି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପ୍ରଚେଷ୍ଟାର ଫଳ ଭୋଗି ମରୁଛି । ଆଗାମୀ ସମାଜ ଆଉ ଏହାକୁ ବରଦାସ୍ତ କରିବ ନାହିଁ । ସେମାନେ ଆସୁଛନ୍ତି ସମାଜବାଦର ନୂତନ ନେତୃତ୍ୱ ନେଇ । ସେମାନେ ଭାଙ୍ଗିବେ, ମାରିବେ, ମରିବେ, ଗଢ଼ିବେ ।

କିନ୍ତୁ ଆପାତତଃ ସୀତାସାଗର ରୋହିମାଛର ଲୋଭ ତାଙ୍କ ମୁଣ୍ଡରେ ଭୀଷଣ ଅସ୍ୱସ୍ତି ସୃଷ୍ଟି କଲା । ଗୃହିଣୀ ମାତ୍ର ଦୁଇଟି ଟଙ୍କା ଦେଇଛନ୍ତି । ସେଥିରେ ଖଣ୍ଡିଏ ବି ମାଛ ମିଳିବ ନାହିଁ । ଆମିଷରେ ଇନ୍ଦ୍ରିୟର ବାସନାପୂର୍ଣ୍ଣ ନହେବା ହେତୁ ମନଟା ତାଙ୍କର ଖୁବ୍ ବେଶୀ ଆଇଁଷିଆ ଧରିଗଲା । ଏଇ ସମୟରେ ଚନ୍ଦ୍ରମୋହନ ବାବୁ କହି ଚାଲିଥା'ନ୍ତି, ''କ'ଣ ଭାଇ, ଆମେ କିଭଳି ସଭ୍ୟ ହୋଇଛୁ କହ ? ପୃଥିବୀରେ ହଜାର ହଜାର ବର୍ଷ ଧରି ବହୁ ସାଧୁ, ସନ୍ଥ, ମୁନି, ମହାତ୍ମା ଜନ୍ମ ହେଲେ – ପରଲାଗି, ଈଶ୍ୱରଙ୍କ ଲାଗି ସେମାନେ ଜୀବନ ଦାନ କରିଗଲେ । ସେମାନେ ସ୍ୱର୍ଗର ଆଲୋକ ଏ ପୃଥିବୀକୁ ଆଣିଛନ୍ତି – ସେମାନେ ସ୍ୱର୍ଗଦୂତ । ମାତ୍ର ସାଧାରଣ ମଣିଷ ? ଯେଉଁ ତିମିରରେ ସେଇ ତିମିରରେ । କହ ଭାଇ, ତୁମ ଆମ ଭଳି ମଣିଷର କ'ଣ ବା ଉନ୍ନତି ହୋଇଛି ? ଆମ ଭିତରେ କି ଛୋଟଲୋକୀ, ହିଂସା, ଦ୍ୱେଷ, ମିଥ୍ୟା, କାମ, କ୍ରୋଧ – ଇସ୍, ଆମେ ସବୁ କାହିଁକି ଜନ୍ମ ହୋଇଥାଉ, ମୃତ୍ୟୁଞ୍ଜୟ ବାବୁ !''

ମୃତ୍ୟୁଞ୍ଜୟ ବାବୁ ତଥାପି ସୀତାସାଗରର ରୋହି କଥା ଭାବୁଥିଲେ । ଚନ୍ଦ୍ରମୋହନ ବାବୁ କହି ଚାଲିଥା'ନ୍ତି, ''ମଣିଷ ବର୍ତ୍ତମାନ ପଶୁଠାରୁ ମଧ ବଳିଗଲାଣି । ଶୁଣିବେ ?''

''କୋଉ କଥା ?''

''ଅନାମପୁରଠାରେ ଯେଉଁ ରେଳ ଦୁର୍ଘଟଣା ହେଲା ।''

''ହାଁ ହାଁ, ବହୁତ ଲୋକ ତ ମରିଗଲେ !! କେବଳ ଜଣେ ଲୋକର କର୍ତ୍ତବ୍ୟଜ୍ଞାନର ଅଭାବଯୋଗୁଁ...''

''ଆଃ – ସେ ତ ହେଲା । କିନ୍ତୁ ଶୁଣନ୍ତୁ । କେତେ ଲୋକ ତ ଚିପିହୋଇ ମଲେ, କେତେ ଛିଟିକି ପଡ଼ିଲେ । କେତେ ଖଣ୍ଡିଆଖାବରା ହେଲେ । ଅନ୍ଧାର ରାତି – ନିଛାଟିଆ ମଫସଲ ଷ୍ଟେସନ – ଶିଶୁ ଆଉ ସ୍ତ୍ରୀ ଲୋକଙ୍କର ବିକଳ ଚିତ୍କାର । ମଣିଷ ରକ୍ତରେ ପ୍ଲାଟଫର୍ମ ଆଉ ରାସ୍ତା ଭାସୁଛି । ଏଣେ କ'ଣ ହେଲା ଜାଣିଛ ? ଆଖପାଖ ଗାଁମାନଙ୍କରୁ ଲୋକେ ଛୁଟିଆସି, ସେଇ ଭଙ୍ଗା ଟ୍ରେନ୍ ଭିତରୁ ଆହତ, ମୃତ, ମୁମୂର୍ଷୁ ଯାତ୍ରୀମାନଙ୍କର ଜିନିଷପତ୍ର ଲୁଟି ନେଉଥା'ନ୍ତି ।''

କଥାର ବୀଭତ୍ସ ଧ୍ୱନିରେ ମୃତ୍ୟୁଞ୍ଜୟବାବୁ ମଧ୍ୟ ଶିହରି ଉଠିଲେ । ସେ ଆଖି ତରାଟି ଅନାଇଲେ ଚନ୍ଦ୍ରମୋହନବାବୁଙ୍କ ଆଡ଼େ । ତା'ପରେ ଦୀର୍ଘଶ୍ୱାସ ଛାଡ଼ିଲେ । ସୀତାସାଗର ରୋହି ଆଉ ତାଙ୍କର ଆଇଁଷରଙ୍କୁଣୀ ବଡ଼ଝିଅ ଆଡୁ ତାଙ୍କ ମନ ଖସି ଆସିଲା । ତାଙ୍କୁ ବଡ଼ ନିରାଶ ଲାଗିଲା । ସେ କିଛି କହିପାରିଲେ ନାହିଁ ।

ଠିକ୍ ଏଇ ସମୟରେ ବହୁକାଳୁ ଅପେକ୍ଷା କରିଥିବା ଧୂମାଳ ତୋଫାନ ଉତ୍ତର ପଶ୍ଚିମ-କୋଣରୁ ମାଡ଼ି ଆସିଲା । ସାମାନ୍ୟ ସାମାନ୍ୟ ଧୂଳି, ତା'ପରେ ଚାହୁଁ ଚାହୁଁ ତୁହାକୁ ତୁହା ପବନ, ତା' ସାଙ୍ଗକୁ ବର୍ଷା, ବିଜୁଳି, ଘଡ଼ଘଡ଼ି । ମାଡ଼ି ଆସିଲା ଲହଡ଼ିଆ ଅନ୍ଧାର ।

ଦୁଇ ବନ୍ଧୁ ତ୍ରସ୍ତ ହୋଇ ସାଇକେଲମାନ ପଦାରେ ଫୋପାଡ଼ି ଦେଇ ଗୋଟିଏ ଫଟୋ ଦୋକାନ ଭିତରକୁ ପଶିଗଲେ । ଦୋକାନ ଭିତରେ ମୃତ୍ୟୁଞ୍ଜୟ ବାବୁ ଏକ ନିରୁପାୟ ଆଶଙ୍କାରେ ଛଟପଟ ହେଲେ । ମନେ ପଡ଼ିଗଲା ଖେଳ ପଡ଼ିଆରେ ଖେଳୁଥିବା ବଡ଼ପୁଅ କଥା, ଘରେ ପିଲାମାନଙ୍କ କଥା । ତା'ପରେ ଅଭ୍ୟାସମତେ ବ୍ୟାକୁଳ ଚିତ୍ତରେ ମନେ ମନେ ଈଶ୍ୱରଙ୍କୁ ଡାକିଲେ – ହେ ମଧୁସୂଦନ, ହେ ଦଇତାରି ! ଏ ସଙ୍କଟରୁ ତ୍ରାହିକର ପ୍ରଭୁ । ତାଙ୍କର ଏହି ବ୍ୟାକୁଳ ପ୍ରାର୍ଥନା ଯେମିତି ଏକାଗ୍ର, ସେମିତି ଆନ୍ତରିକ ଥିଲା । ଅଳ୍ପ ମୁହୂର୍ତ୍ତ ପରେ ସେ ମନ ଭିତରେ କିଞ୍ଚିତ୍ ଆଶ୍ୱାସନା ଓ ଭରସା ମଧ୍ୟ ପାଇଲେ ।

କିଛି ସମୟ ପରେ ତୋଫାନ କମି ଆସିଲା । ପ୍ରାୟ ପଇଁଚାଳିଶ ମିନିଟ ଧରି ଚାଲିଥିଲା ଏ ତାଣ୍ଡବ । ତୋଫାନ କମିବା ପରେ ଭୟଙ୍କର ବର୍ଷାଟାଏ ବି ହେଲା ଅଧଘଣ୍ଟାଏ ଧରି ।

ବର୍ଷା ଛାଡ଼ିଯିବାରୁ ଦୁଇ ବନ୍ଧୁ ଦୋକାନରୁ ବାହାରି ସାଇକେଲ ପାଖକୁ ଆସିଲେ । ଚାଳଘରୁ ଉଡ଼ି ଆସିଥିବା ନଡ଼ାରେ ସାଇକେଲ ପ୍ରାୟ ଅଧା ପୋତି ହୋଇ ଯାଇଥିଲା । ମୃତ୍ୟୁଞ୍ଜୟ ବାବୁ ନିଜ ଟର୍ଚ୍ଚଟିକୁ ଜଳାଇ କଷ୍ଟେ ମଷ୍ଟେ ସାଇକେଲ ଉଠାଇଲେ । ବାଟ ଅଣ୍ଡାଳି ଅଣ୍ଡାଳି ଦୁହେଁ ଘରମୁହାଁ ଚାଲିଲେ । ବାଟଯାକ ଭଙ୍ଗା ଡାଳପତ୍ରରେ ପୂର୍ଣ୍ଣ । ଦୁଇ ବନ୍ଧୁ ସେଗୁଡ଼ିକୁ ଡେଇଁ ଡେଇଁ ଆଗକୁ ଚାଲିଥା'ନ୍ତି ।

ଡାହାଣ କଡ଼ରେ ପଡ଼ିଲା ସୀତାସାଗର ବନ୍ଧ । ବନ୍ଧର କଡ଼କୁ ଗଛଛାଇ ଓ ଶୀତଳତା ଲୋଭରେ ସେଠି ବାଦୁଡ଼ି ଗହନ କରିଥା'ନ୍ତି । ପାଖରେ ରାଧାକାନ୍ତ ମଠ । ମହନ୍ତ ମହାରାଜାଙ୍କ ହୁକୁମ କେହି ଯେମିତି ଏ ଗହନରୁ ବାଦୁଡ଼ି ନ ମାରନ୍ତି ।

କେହି ମଧ୍ୟ ସେମାନଙ୍କୁ ମାରନ୍ତି ନାହିଁ ।

ସୀତାସାଗର ପାଖ ହେଲାବେଳକୁ ଗୋଟେ ଆଇଁଷିଆ ଗନ୍ଧରେ ମୃତ୍ୟୁଞ୍ଜୟବାବୁ ଟିକିଏ ବିଚଳିତ ହୋଇ ଉଠିଲେ । ଆଜି ଦି'ପ୍ରହରରେ ମରା ହୋଇଛି ଏ ପୋଖରୀରୁ ପ୍ରାୟ ତିନିଚାରି ମହଣ ରୋହି । ସେଇ ଗନ୍ଧ ଏବେ ବି ଏଇ ବାୟୁମଣ୍ଡଳରୁ ଛାଡ଼ିଯାଇ ନାହିଁ ।

ବତାସରେ ଗଛଗୁଡ଼ାକ ଛିନ୍ନଛତ୍ର ହୋଇ ଭାଙ୍ଗି ପଡ଼ିଛି, ଆଉ ଶହ ଶହ ବାଦୁଡ଼ିଙ୍କ ଗହନ ମଧ୍ୟ ଧ୍ୱଂସ ହୋଇଯାଇଛି । ଅସଂଖ୍ୟ ବାଦୁଡ଼ି ରାସ୍ତା ଉପରେ ଆହତ ହୋଇ ପଡ଼ିଛନ୍ତି । ସେମାନଙ୍କର କି ବିକଳ ଚିତ୍କାର !

ଆଜି ରାଧାକାନ୍ତ ମଠ ମହନ୍ତଙ୍କ କରୁଣାପୂର୍ଣ୍ଣ ଆଦେଶକୁ ନିଷ୍ଠୁର କରାଳ ପ୍ରକୃତି ପଦାଘାତ କରିଛି । ଛୁଟି ଆସୁଛନ୍ତି ସେମାନେ – ମାଂସଲୋଲୁପ ହିଂସ୍ର ମଣିଷମାନେ । ଟୋକେଇ ଧରି, ଖାଲି ହାତରେ, ଯେ ଯେତେ ଗୋଟାଇ ପାରିଲା, ନେଇପାରିଲା, ଟାଣିପାରିଲା । ଏଇ ଅନ୍ଧ ତାମସୀ ଝଡ଼ ରାତିର ତୋଫାନକ୍ଷୁବ୍ଧ ହିଂସ୍ର ପାଶବିକ କ୍ଷୁଧା ଲାଗି ଏସବୁ ଉପଯୁକ୍ତ ଆହାର୍ଯ୍ୟ ।

ମୃତ୍ୟୁଞ୍ଜୟ ବାବୁ ସେହି ଅସଂଖ୍ୟ ଭୂପତିତ ଆହତ ବାଦୁଡ଼ିମାନଙ୍କୁ ଚାହିଁଲେ, ଆଉ ସଙ୍ଗେ ସଙ୍ଗେ ଏକ ଆଦିମ, ହିଂସ୍ର, ମାଂସଲୁବ୍ଧ ପୈଶାଚିକ ଲାଳସାର ଲହ ଲହ ଅଗ୍ନି ଜଳି ଉଠିଲା ତାଙ୍କ ଦୁଇ ଆଖିରେ – ଯେଉଁ ଲାଳସା ଜଳି ଉଠେ ଶିକାରୀ ଝିଟିପିଟିର ଆଖିରେ, ଶିକାରୀ ବାଘର ଦାନ୍ତ ଉପରେ ।

ତାଙ୍କର ଶିରା ଓ ସ୍ନାୟୁଗୁଡ଼ିକ ଲୋଭରେ ଟଣକେଇ ଉଠିଲା । ସେ ନିର୍ବିଚାରରେ ଗୋଟି ଗୋଟି କରି ବାଦୁଡ଼ି ତଳୁ ଉଠାଇ ବାସ୍କେଟ୍‌ରେ ପୂରାଇବାକୁ ଲାଗିଲେ । ତା'ପରେ ମନ

ଇଚ୍ଛା ପରିବା ବ୍ୟାଗରେ ଭର୍ତ୍ତି କରିଗଲେ । ଯେତେବେଳେ ସବୁ ପୂର୍ଣ୍ଣ ହୋଇଗଲା – ସେ ପରମ ତୃପ୍ତିରେ ତତ୍ପର ହୋଇ ଉଠିଲେ ଘରକୁ ଫେରିବା ଲାଗି ।

ମୃତ୍ୟୁଞ୍ଜୟ ବାବୁ ହିଂସ୍ର ଉଲ୍ଲାସରେ ଆଗକୁ ସାଇକେଲ ଗଡ଼ାଇଲେ । ମାତ୍ର ଏ କ'ଣ ? ସାଇକେଲ ଯେ ଗଡ଼ୁ ନାହିଁ । ସେ ବ୍ରେକ୍ ଦେଖିଲେ – ଠିକ୍ ଅଛି । ପ୍ୟାଡେଲ୍ ମଧ କେଉଁଠି ଅଟକିଯାଇ ନାହିଁ ।

ଖାଲି ଚିଁ ଚିଁ ଚିଁ –

ଶହ ଶହ ଆହତ ମୁମୂର୍ଷୁ ଆର୍ତ୍ତ ବାଦୁଡ଼ିଙ୍କର କରୁଣ ବିଳାପ ଚିଁ ଚିଁ ଚିଁ । ସାଇକେଲ ହ୍ୟାଣ୍ଡେଲ୍, ପ୍ୟାଡ଼େଲ୍, କ୍ରାଁକ୍, ଦୁଇ ଚକା ଚାରିଆଡ଼େ ସେମାନେ ଘେରି ଯାଇଛନ୍ତି, ଜାବୁଡ଼ି ଧରିଛନ୍ତି, ଚିତ୍କାର କରୁଛନ୍ତି । ମୃତ୍ୟୁଞ୍ଜୟବାବୁ ପାରୁ ପର୍ଯ୍ୟନ୍ତେ ସେମାନଙ୍କୁ ସାଇକେଲରୁ ଛଡ଼ାଇବାକୁ ଲାଗିଲେ । ମାତ୍ର ଅସମ୍ଭବ । ପ୍ରାଣବିକଳରେ ଅଧିକ ଶକ୍ତିରେ ସେମାନେ ସାଇକେଲକୁ ଘେରିଗଲେ । ସେମାନେ ସ୍ୱୟଂ ମୃତ୍ୟୁଞ୍ଜୟ ବାବୁଙ୍କ ଦେହଯାକ ଘେରିଗଲେ ।

ଟର୍ଚ୍ଚ ମାରି ଚାହିଁଲେ ମୃତ୍ୟୁଞ୍ଜୟ ବାବୁ ।

ସାନ ସାନ ମୁହଁଟିମାନ ।

ମୂଷା ମୁହଁପରି...

ନା ନା, ମଣିଷର ମୁହଁପରି – ମଣିଷ ପିଲାର ମୁହଁପରି । ସେଇପରି ତ୍ରସ୍ତ, ବିକଳ, ଅନୁଯୋଗଭରା ଚାହାଣୀ... ସାନ ସାନ କାନଟିମାନ – ସାନ ସାନ ପାଟି – ଆଉ ଦାନ୍ତ – ସେମାନେ ଦାନ୍ତ ନିକୁଟି ଚିଁ ଚିଁ ହେଉଛନ୍ତି – ବାଟ ଛାଡ଼ୁ ନାହାନ୍ତି – ସେମାନେ ଆଣ୍ଠି ଧରିଛନ୍ତି ।

ମୃତ୍ୟୁଞ୍ଜୟ ବାବୁଙ୍କ ଦେହ ଶିଥିଳ ହୋଇ ଆସିଲା । ଏକ ଅବଶ ଶୀତଳତାରେ ସେ ଜଡ଼ ପାଲଟି ଗଲେ । ତାଙ୍କ ମନରେ ଖେଳିଗଲା ଅନାମପୁର ଟ୍ରେନ ଦୁର୍ଘଟଣାର ଚିତ୍ର – ଅସଂଖ୍ୟ ଆହତ ଅସହାୟ ଯନ୍ତ୍ରଣାକାତର ଯାତ୍ରୀଙ୍କର ବିକଳ ବିଳାପ – ଆଉ ଆଖପାଖ ଗାଁମାନଙ୍କରୁ ଧାଇଁଆସି ବାକ୍ସଟିମାନ, ଘଣ୍ଟାଟିମାନ, ଚୁଡ଼ି, ଦୁଲ୍, ଟ୍ରାଞ୍ଜିଷ୍ଟର୍‌ମାନ ଲୁଟି ନେଉଛନ୍ତି ସେଇସବୁ ନିର୍ଦ୍ଦୟ ପଶୁ – ମଣିଷମାନେ, ଯେଉଁମାନଙ୍କ ମୁହଁସବୁ ଲୋଭରେ ଲାଲ, ହିଂସ୍ରତାରେ ଯେଉଁମାନଙ୍କର ଆଖିର ଚାହାଣୀରେ ନରକର ନିଆଁ ଜଳେ । କିନ୍ତୁ ଆଜି ସେ ନିଜେ... ଓଃ... ହେ ଭଗବାନ୍ !!!

ତାଙ୍କ ମୁଣ୍ଡ ବୁଲାଇଦେଲା । ସେ ଭେଁ ଭେଁ କାନ୍ଦି ଉଠିଲେ । ସେ ବିକଳ ହୋଇ ଡକା ପାରିଲେ, ହେ ଭଗବାନ୍ ! ହେ ଆର୍ତ୍ତତ୍ରାଣ, ମୋତେ ଏ ନାରକୀୟ ଲୋଭ ହାତରୁ ରକ୍ଷା କର ।

ମୃତ୍ୟୁଞ୍ଜୟ ବାବୁଙ୍କ ସେଇ ମାନବ-ଶିଶୁ-ଆତ୍ମାଟିର ଆକୁଳ ପ୍ରାର୍ଥନା ବହି ଚାଲିଲା ସେହି ପରମ କରୁଣାମୟଙ୍କ ମହାକରୁଣାର ମହାସମୁଦ୍ର ଭିତରକୁ ।

*

ସେଦିନ ଘରକୁ ଫେରି ଆସି ମୃତ୍ୟୁଞ୍ଜୟବାବୁ ଦେଖିଲେ ପରିବାରର ସମସ୍ତେ ନିରାପଦରେ ଅଛନ୍ତି । ମାତ୍ର ଏ କ'ଣ ? ସାନ ଛେଳି ଛୁଆଟିଏ ବାରଣ୍ଡାରେ କାକୁସ୍ଥ ହୋଇ ଠିଆ ଠିଆ ଥରୁଛି । କୁନା କହିଲା –

''ବାପା ! ତୋଫାନବେଳେ ତା' ମାଆ ଆଉ ଅନ୍ୟ ଛୁଆମାନେ ଦଉଡ଼ି ପଳାଇଲେ । ଏ ଏକୁଟିଆ ଏଣିକି ତେଣିକି ଚାହିଁ ବିକଳରେ କାନ୍ଦୁଥିଲା । ଧୂମାଳ ଯେମିତି ମାଡ଼ି ଆସିଲା, କୁଆଡ଼େ ଯାଇପାରିଲାନି । ମୁଁ ଆଣି ଘରେ ରଖିଛି । କାଲି ସକାଳେ ତା' ମା' ପାଖେ ଛାଡ଼ି ଦେଇ ଆସିବି । ଏଇ କାନୁଗୋଇ ବାବୁଙ୍କ ଛେଳି ମ !!''

ମୃତ୍ୟୁଞ୍ଜୟ ବାବୁ ସ୍ନେହ ଆଉ କଲ୍ୟାଣରେ ପୁଅର ମୁଣ୍ଡକୁ ଆଉଁଶିବାରେ ଲାଗିଲେ । ଏଇ ସମୟରେ ତାଙ୍କର ଆଇଁଷଲୋଭୀ ବଡ଼ ଝିଅ କୁନି ଆସି କହିଲା –

''ବାପା ! ଦେଖିବ ଆସ –''

''କ'ଣ ଲୋ ମା ?''

''ଗୋଟାଏ ବାଦୁଡ଼ି ତୋଫାନରେ କୁଆଡ଼ୁ ଉଡ଼ି ଆସି ଆମ ପିଣ୍ଡାରେ ପଡ଼ିଗଲା । ତା ଡେଣା ଭାଙ୍ଗିଯାଇଛି । ବୋଉ ସେଥିରେ ଆଇଡିନ୍ ତୁଳା ଲଗାଇ ଦେଇଛି । ମୁଁ ତାକୁ ଡାବଲ ଭିତରେ କନା ପକାଇ ଶୁଆଇ ଦେଇଛି । ତାକୁ ଦୁଧ ଦେଲି – ଭାତ ଦେଲି – କିଛି ଖାଉନି ଅଲକ୍ଷଣା ।''

ମୃତ୍ୟୁଞ୍ଜୟ ବାବୁଙ୍କ ଆଖି ଛଳ ଛଳ ହୋଇ ଉଠିଲା । ସେ ପୁଅକୁ ଛାଡ଼ି ଝିଅକୁ କୁଣ୍ଢାଇ ପକାଇ ନରମ କଣ୍ଠରେ ପଚାରିଲେ –

''ତୁମ ବୋଉ କାହାନ୍ତିରେ କୁନା ?''

କୁନାବୋଉ ରୋଷେଇ ଘରୁ ଆସି ପହଞ୍ଚିଲେ ।

''ସେ ତୋଫାନରେ ତୁମେ ଥିଲ କେଉଁଠି ?''

''ବେଶ୍ ନିରାପଦରେ ଥିଲି । ଫଟୋ ଦୋକାନରେ ।''

''ହେ ଭଗବାନ୍ ! ମୁଁ ଖାଲି ଭଗବାନଙ୍କୁ ଡାକୁଥାଏ – ଯୋଉ ପବନ ! ଯୋଉ ଚଡ଼ଚଡ଼ି !! ଅର୍କ୍ଷିତଙ୍କୁ ଦଇବ ସାହା !''

ଅନ୍ୟ ପିଲାମାନେ ଆସି ବାପାଙ୍କୁ ଘେରିଗଲେ । ପାରିବାରିକ କଳରବରେ ସେଇ ସାନ ଘରଟି ମୁଖରିତ ହୋଇ ଉଠିଲା । ମୃତ୍ୟୁଞ୍ଜୟ ବାବୁ ନିଜ ନିରୀହ ଦରିଦ୍ର ପରିବାରଟିକୁ କୁଣ୍ଢାଇ ଧରି ମହାନନ୍ଦରେ ଉଲ୍ଲସିତ ହୋଇଗଲେ । ତାଙ୍କ ମନରେ କେମିତି ଗୋଟେ ବିଶ୍ୱାସ ଆସିଗଲା, ଏ ପୃଥିବୀ ନିଶ୍ଚୟ ବଦଳିଯିବ । ଏ ଦାରିଦ୍ର୍ୟ ନିଶ୍ଚୟ ଅପସରି ଯିବ । ମଣିଷ ନୁହେଁ ତା' ଭିତରେ ସୁପ୍ତ ମନୁଷ୍ୟତାହିଁ ଦିନେ ଏ ପୃଥିବୀକୁ ରକ୍ଷା କରିବ । ଡେରି ହେଉ – ଯେତେ ଡେରି ହେଉ ପଛେ ।

❑❑❑

''ଜଣେ ଫକିର ବଣରେ କୁଡ଼ିଆ କରି ରହୁଥିଲେ । ସେତେବେଳେ ଦିଲ୍ଲୀର ବାଦଶାହ ଥିଲେ ଆକବର । ଫକିରଙ୍କ ପାଖକୁ ଅନେକ ଲୋକ ଆସୁଥିଲେ । ଅତିଥି-ସତ୍କାର କରିବାକୁ ତାଙ୍କର ଭାରୀ ଇଚ୍ଛା । ଦିନେ ଭାବିଲେ – ଟଙ୍କା ପଇସା ନହେଲେ ଅତିଥିସତ୍କାର କିପରି ହେବ ? ତେଣୁ ସେ ଆକବରଶାଙ୍କ ନିକଟକୁ ଗଲେ । ସେଠାରେ ସାଧୁ ଫକିରମାନଙ୍କ ପାଇଁ ଅବାରିତ ଦ୍ୱାର । ଆକବରଶା ସେହି ସମୟରେ ନମାଜ ପଢୁଥିଲେ । ଫକିର ନମାଜ ଘରେ ଯାଇ ବସିଲେ । ଶୁଣିଲେ ନମାଜ ଶେଷରେ ଆକବରଶା କହୁଛନ୍ତି, ହେ ଆଲ୍ଲା, ଧନ ଦିଅ, ଦୌଲତ ଦିଅ, ଆହୁରି କେତେ କଅଣ । ଏହା ଶୁଣି ଫକିର ଜଣକ ଚାଲିଯିବାକୁ ବସିଲେ । ବାଦଶାହ ବସିବାକୁ ଇଙ୍ଗିତ କଲେ । ନମାଜ ଶେଷ ହେବାରୁ ସେ ଫକିରଙ୍କୁ ପଚାରିଲେ – ଆପଣ ଆସି ବସିଲେ, ପୁଣି ଚାଲି ଯାଉଥିଲେ କାହିଁକି ? ଫକିର କହିଲେ – ସେ କଥା ଶୁଣିବା ଦରକାର ନାହିଁ, ମୁଁ ଯାଉଛି । ବାଦଶାହ ଜିଦ୍ କରିବାରୁ ଫକିର କହିଲେ – ମୋ ପାଖକୁ ଅନେକେ ଆସନ୍ତି । ସେମାନଙ୍କ ପାଇଁ କିଛି ଧନ ମାଗିବାକୁ ଆସିଥିଲି । ଆକବର କହିଲେ – ତା'ହେଲେ ଚାଲି ଯାଉଥିଲେ କାହିଁକି ? ଫକିର କହିଲେ, ଦେଖିଲି ଆପଣ ମଧ୍ୟ ଧନଦୌଲତର ଭିକାରି, ତେଣୁ ଭାବିଲି ଭିକାରି ପାଖରୁ ଧନ ମାଗି କଅଣ ହେବ ? ମାଗିବି ତ ଆଲ୍ଲାଙ୍କୁ ମାଗିବି ।''

*

''ବିବେକ-ବୈରାଗ୍ୟ ଲାଭ କରି ସଂସାର କରିବାକୁ ହୁଏ । ସଂସାର-ସମୁଦ୍ରରେ କାମକ୍ରୋଧାଦି କୁମ୍ଭୀର ଅଛନ୍ତି । ଦେହରେ ହଳଦି ଲଗାଇ ପାଣିକୁ ଗଲେ କୁମ୍ଭୀରର ଭୟ ରହେ ନାହିଁ । ବିବେକ-ବୈରାଗ୍ୟ ହଳଦି । ସଦସତ୍-ବିଚାରର ନାମ ବିବେକ । ଈଶ୍ୱର ସତ୍, ନିତ୍ୟବସ୍ତୁ; ଆଉସବୁ ଅସତ୍, ଅନିତ୍ୟ, ଦୁଇଦିନ ପାଇଁ – ଏହି ବୋଧ । ଆଉ ଈଶ୍ୱରଙ୍କ ଉପରେ ଅନୁରାଗ – ଭଲପାଇବା । ବ୍ୟାକୁଳତା ହେଲେ ହିଁ ତାଙ୍କୁ ଲାଭ କରାଯାଏ ।''

(ଶ୍ରୀରାମକୃଷ୍ଣ କଥାମୃତ)

# ଆତ୍ମ-ନିୟନ୍ତ୍ରଣ ଓ ଅନ୍ୟାନ୍ୟ ଅଣୁ ଗଳ୍ପ

## ସନ୍ତୋଷ କୁମାର ଯୋଗାଣିଆ

ଗୋଟିଏ ସାର୍ଥକ ଓ ଅର୍ଥପୂର୍ଣ୍ଣ ଜୀବନ ଜିଇବାକୁ ହେଲେ ପ୍ରଥମେ ନିଜ ଭିତରର କୋଳାହଳକୁ ନିୟନ୍ତ୍ରିତ କରିବାକୁ ହୁଏ । ସଂସାର କୋଳାହଳମୟ । ଯାହାକୁ ଆମେ କୋଳାହଳ ଭାବୁଛେ, ନିୟନ୍ତ୍ରଣବିହୀନ ବୋଲି ଭାବୁଛେ, ତାହାହିଁ ଆମ ଭିତରେ ପ୍ରଚ୍ଛନ୍ନଭାବେ ରହିଛି । ବାହାରେ କେବଳ ଏହାର ପରିପ୍ରକାଶ ବା ପ୍ରତିଫଳନ ଦୃଶ୍ୟ ହୁଏ । ଥରେ ନିଜ ଅନ୍ତଃକରଣ ନିୟନ୍ତ୍ରିତ ହୋଇଗଲେ ବାହାରେ ଆପେ ସବୁ ନୀରବ ହୋଇଯାଏ । ତଦ୍ୱାରା ଦୁନିଆର ଯେତେ ଝଡ଼, ତୋଫାନ, ଭୂକମ୍ପ, ବାତ୍ୟା ସବୁକିଛି ଶାନ୍ତ ଜଣା ପଡ଼େ । ଯୋଗୀ, ଋଷି ତଥା ତପସ୍ୱୀଗଣ ଧ୍ୟାନରେ ବସି ନିଜ ଭିତର କୋଳାହଳକୁହିଁ ନିୟନ୍ତ୍ରଣ କରୁଥିଲେ, ସେଥିପାଇଁ ସେମାନେ ଏତେ ଶାନ୍ତ ଓ ସମାହିତ । ଯାହାର ଭିତରର କୋଳାହଳ ଯେତିକି ନିୟନ୍ତ୍ରିତ ସେ ସେତିକି ଶାନ୍ତ ଓ ଧୀର । ଆଉ ଯାହା ଭିତରେ କୋଳାହଳ ଯେତିକି ଅଧିକ ସେ ସେତିକି ଅଶାନ୍ତ ଓ ଉପଦ୍ରବ କରେ ।

ଥରେ ନିଜର ଅନ୍ତଃକରଣ ସ୍ୱ-ନିୟନ୍ତ୍ରଣରେ ଆସିଗଲେ ସମସ୍ତ ପରିବେଶ ଓ ପରିସ୍ଥିତିକୁ ଅତିକ୍ରମ କରିବାର ସାମର୍ଥ୍ୟ ଜଣେ ହାସଲ କରିପାରେ । ଏହାକୁ ନେଇ କେତୋଟି ସୁଚିନ୍ତିତ କାହାଣୀ ଏଠାରେ ଉପସ୍ଥାପନ କରାଯାଉଛି :

ଗୌତମ ବୁଦ୍ଧ ଧର୍ମପ୍ରଚାର ଉଦ୍ଦେଶ୍ୟରେ ଶିଷ୍ୟମାନଙ୍କ ସହ ବିଭିନ୍ନ ସ୍ଥାନ ପରିକ୍ରମା କରୁଥା'ନ୍ତି । ତଥାଗତଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇ ବହୁ ସଂଖ୍ୟାରେ ଲୋକେ ବୌଦ୍ଧଧର୍ମ ଗ୍ରହଣ କରୁଥା'ନ୍ତି । ଥରେ ଏହିଭଳି ଧର୍ମପ୍ରଚାର ଉଦ୍ଦେଶ୍ୟରେ ତଥାଗତ ଏକ ନଗରୀରେ ଶିବିର ପକାଇଥିଲେ ଶିଷ୍ୟମାନଙ୍କ ସହ ।

ବୁଦ୍ଧଙ୍କ ଶିଷ୍ୟମାନେ ସେହି ନଗରୀରେ ବୁଲି ଧର୍ମପ୍ରଚାର କରୁଥିଲା ବେଳେ ଲୋକେ ସେମାନଙ୍କୁ ଠିକ୍ ଭାବରେ ଗ୍ରହଣ କରୁ ନଥିଲେ । ଶିଷ୍ୟମାନଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରି ତଡ଼ି ଦେଉ ଥିଲେ । ଶିଷ୍ୟମାନେ ମନ ଦୁଃଖରେ ବୁଦ୍ଧଙ୍କ ନିକଟକୁ ଫେରି ଆସି ଅଭିଯୋଗ କଲେ – 'ମହାତ୍ମନ୍ ! ଚାଲନ୍ତୁ ଏହି ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବା ।'

ବୁଦ୍ଧ ସେମାନଙ୍କ ମନୋଭାବ ଲକ୍ଷ୍ୟ କରି ପ୍ରଶ୍ନ କଲେ – 'କ'ଣ ହେଲା ଏଭଳି ବିଷଣ୍ଣ ଓ ଚିନ୍ତିତ ଦେଖାଯାଉଛ ଯେ ?'

ଜନୈକ ଶିଷ୍ୟ କହିଲେ, 'ଆମେମାନେ ଯେତେ ଶୀଘ୍ର ଏ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବା ସେତେ ଭଲ । ଏଠାକାର ଲୋକମାନେ ସମାଦର କରିବା ପରିବର୍ତ୍ତେ ଆମକୁ ଦେଖି ଘୃଣା କରୁଛନ୍ତି – ନାନା ଆପତ୍ତିଜନକ ଶବ୍ଦ ପ୍ରୟୋଗ କରୁଛନ୍ତି । ମୁଁ ଭାବୁଛି ଏଠାରେ ରହିଲେ ସେମାନେ ଆମମାନଙ୍କ ଉପରେ ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରନ୍ତି ।'

ବୁଦ୍ଧ ଏହା ଶୁଣି କହିଲେ – 'ଅନ୍ୟତ୍ର ଚାଲିଗଲେ କ'ଣ ସେଠାରେ ତୁମମାନଙ୍କ ପାଇଁ ସଦ୍-ବ୍ୟବହାର ଅପେକ୍ଷା କରି ରହିଛି ବୋଲି ଭାବୁଛ ?'

'ହଁ, ଅନ୍ତତଃ ଏ ସ୍ଥାନ ଅପେକ୍ଷା ଏମାନଙ୍କଠାରୁ ଅଧିକ ଭଲ ଲୋକ ଆମକୁ ସେଠାରେ ମିଳିବେ' – ଶିଷ୍ୟ ଜଣକ କହିଲେ ।

'ଲୋକେ ଖରାପ ବୋଲି ଭାବି କୌଣସି ସ୍ଥାନ ଛାଡ଼ି ଚାଲିଯିବା ଅବିମୃଶ୍ୟକାରୀ କର୍ମ । ଏହା ଗୁରୁତର ଭୁଲ୍ । ଲୋକେ ଦୁର୍ବ୍ୟବହାର କରୁଛନ୍ତି – ଏଥିପାଇଁ ସେମାନଙ୍କର ସାମନା ନକରି ପଳାୟନପନ୍ଥୀ ହେବା ଦୋଷାବହ । ଆମେମାନେ ସନ୍ଥ । ମହତ୍ ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ଆମେ ସଂସାର ତ୍ୟାଗ କରିଥାଉ । ତେଣୁ ସର୍ବଦା ଏହା ଆମର ଲକ୍ଷ୍ୟ ହେବା ଉଚିତ ଯେ – କୌଣସି ସ୍ଥାନ ଆମେ ସେପର୍ଯ୍ୟନ୍ତ ଛାଡ଼ିବା ନାହିଁ ଯେପର୍ଯ୍ୟନ୍ତ ସେଠାକାର ଲୋକମାନେ ପରିଶୁଦ୍ଧ ନ ହୋଇଛନ୍ତି । ଏହା ସତ୍ୟ ଯେ ପ୍ରକୃତିବଶତଃ ଆମେ ସେମାନଙ୍କ ପ୍ରତି ଯଥୋଚିତ ସଦ୍‌ବ୍ୟବହାର ପ୍ରଦର୍ଶନ କଲେ ମଧ୍ୟ ସେମାନେ ଆମକୁ ଦୁର୍ବ୍ୟବହାର କରିବେ । କିନ୍ତୁ କେତେ କାଳ ପର୍ଯ୍ୟନ୍ତ ସେମାନେ ଏଭଳି ବ୍ୟବହାର କରିବେ ? ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ, ସେମାନଙ୍କୁ ସୁଧାରିବାକୁ ହେଲେ ଆମକୁ ବେଶ୍ କିଛି କାଳ ରହିବାକୁ ହେବ । ନିଜ ଉପରେ ନିୟନ୍ତ୍ରଣ ରଖିଲେ ଏଭଳି ପ୍ରତିକ୍ରିୟା ସ୍ଥାନ ପାଇବ ନାହିଁ । ସେମାନଙ୍କ ଭୁଲ୍ ଧାରଣା, କୁ-ସଂସ୍କାର, ଅନ୍ଧବିଶ୍ୱାସ ଦୂରକରିବା ଆମମାନଙ୍କର ଶ୍ରେଷ୍ଠ କର୍ତ୍ତବ୍ୟ । ଉତ୍ତମ ତଥା ସଂସ୍କାରିତ ମଣିଷ ଭାବରେ ସେମାନେ ଯେପରି ଜିଇ ରହିବେ ସେ ଦିଗରେ ଆମକୁ ପ୍ରଯତ୍ନ କରିବାକୁ ହେବ' – ତଥାଗତ କହିଲେ ।

ବୁଦ୍ଧଙ୍କର ପ୍ରିୟ ଶିଷ୍ୟ ଆନନ୍ଦ ପ୍ରଶ୍ନ କଲେ – 'ପ୍ରକୃତରେ ଉତ୍ତମ ବ୍ୟକ୍ତି କାହାକୁ କହି ପାରିବା ?'

'ଉତ୍ତମ ବ୍ୟକ୍ତି ଠିକ୍ ଯୁଦ୍ଧକ୍ଷେତ୍ରରେ ଅଗ୍ରସର ହେଉଥିବା ହସ୍ତୀ ସଦୃଶ ହେବା ଉଚିତ । ରଣଭୂମିରେ ହାତୀ ଯେପରି ଚତୁର୍ଦ୍ଦିଗରୁ ତୀରାଘାତ ସହ୍ୟ କରୁଥିଲେ ମଧ୍ୟ ଆଗକୁ ବଢ଼ି ଚାଲିବାରୁ କ୍ଷାନ୍ତ ହୋଇ ନଥାଏ ଠିକ୍ ସେହିଭଳି ଉତ୍ତମ ବ୍ୟକ୍ତିମାନଙ୍କୁ ଦୁଷ୍ଟଙ୍କ ଅପଶବ୍ଦ, ଦୁର୍ବ୍ୟବହାର, କୁବାକ୍ୟ ସହ୍ୟ କରି ନିଜ କାର୍ଯ୍ୟ ସାଧନରେ ଆଗେଇବାକୁ ହେବ । ଅନ୍ୟଥା ସଂସ୍କାର କାର୍ଯ୍ୟରେ ଆଗେଇ ପାରିବ ନାହିଁ । ନିଜକୁ ନିୟନ୍ତ୍ରଣରେ ରଖିଥିବା ବ୍ୟକ୍ତିଠାରୁ ଉତ୍ତମ ଆଉ କେହି ହୋଇ ନପାରନ୍ତି । ଶିଷ୍ୟମାନେ ଏହି ଉକ୍ତିର ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ନୀରବ ରହିଲେ ।'

*

ସନ୍ଥ ରମନ୍ନାଙ୍କ ନିକଟକୁ ପ୍ରତ୍ୟହ ଦୂରଦୂରାନ୍ତରୁ ବହୁ ଲୋକ ଆସୁଥିଲେ । ସେମାନଙ୍କ ସମସ୍ୟା ଶୁଣି ସନ୍ଥ ସମାଧାନର ପନ୍ଥା ବତାଇ ଦେଉଥିଲେ । ଚତୁର୍ଦ୍ଦିଗରେ ତାଙ୍କର ଖ୍ୟାତି ପ୍ରଚାରିତ ହେବାକୁ ଲାଗିଲା । ଥରେ ସନ୍ଥଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଜଣେ ଜିଜ୍ଞାସୁ ବ୍ୟକ୍ତି ଉପସ୍ଥିତ ହେଲେ । ବ୍ୟକ୍ତି ଜଣକ ଥିଲେ ଚଞ୍ଚଳ ସ୍ୱଭାବର, ବିକ୍ଷିପ୍ତ ଚିନ୍ତାଧାରାଯୁକ୍ତ । ଶୀଘ୍ର ସନ୍ଥଙ୍କୁ ସାକ୍ଷାତ୍ କରି ପରାମର୍ଶ ଗ୍ରହଣ ସହ ସେଠାରୁ ଚାଲିଯିବା ନିମନ୍ତେ ଆଗନ୍ତୁକ ଅତି ବ୍ୟଗ୍ର ଥିଲେ । ସନ୍ଥଙ୍କ କୁଟୀର ନିକଟରେ ପହଞ୍ଚି ସେ ତତ୍‌କ୍ଷଣାତ୍ ନିଜର ଜୋତା ଖୋଲି ଯେତେ ଶୀଘ୍ର ସମ୍ଭବ ସନ୍ଥଙ୍କୁ ସାକ୍ଷାତ୍ କରିବାକୁ ଚାହିଁଲେ । ବିଡ଼ମ୍ବନା ଏଇ ଯେ ଜୋତା ଖୋଲିବାକୁ ଟିକିଏ ଡେରି ହୋଇଗଲା କାରଣ ସହଜରେ ତାହା ଖୋଲି ନଥିଲା । ଆଗନ୍ତୁକ କ୍ରୋଧରେ ଅସ୍ଥିର ହୋଇ ଜୋତା-ହଳକ ଫୋପାଡ଼ି ଦେଇ ଆଶ୍ରମର ଦରଜାକୁ ଧକ୍କା ଦେଇ ସନ୍ଥଙ୍କ ନିକଟରେ ପହଞ୍ଚିଗଲେ ।

ଆସୁ ଆସୁ ସନ୍ଥଙ୍କୁ କହିଲେ – 'ବାବା ! ମୁଁ ଆପଣଙ୍କ ନିକଟକୁ ଆସିଛି ମୋର ସମସ୍ୟାର ସମାଧାନ କରିବା ନିମନ୍ତେ । ଦୟାକରି ମୋର ସମସ୍ୟା ଶୁଣି ଏହାର ସମାଧାନ କରି ଦିଅନ୍ତୁ ।'

ସନ୍ଥ ଏକଥା ଶୁଣି କହିଲେ – 'ତୁମର ସମସ୍ୟାର ସମାଧାନ ଅସମ୍ଭବ । ତୁମେ ଯେହେତୁ ଗୋଟିଏ ପରେ ଗୋଟିଏ ସମସ୍ୟା ସୃଷ୍ଟି କରୁଛ ଏହାର ସମାଧାନ କିପରି ବା ହେବ ?'

ଆଗନ୍ତୁକ ଆଶ୍ଚର୍ଯ୍ୟ ହୋଇ କହିଲେ – 'ମୋର ଏପରି କି ସମସ୍ୟା ଯାହାର ସମାଧାନ ହୋଇପାରିବ ନାହିଁ ? ଆପଣ ସମସ୍ୟା ନଶୁଣି ସମାଧାନ ହୋଇ ପାରିବ ନାହିଁ ବୋଲି କହୁଛନ୍ତି ଯେ ?'

'ତୁମେ ଠିକ୍ ଭାବରେ ବ୍ୟବହାର ଶିଖିନ । କାହାକୁ କିପରି ବ୍ୟବହାର କରିବାକୁ ହେବ ତାହା ଏପର୍ଯ୍ୟନ୍ତ ଜାଣି ପାରିଲନି । ଯିଏ ବିନମ୍ର ନୁହନ୍ତି, ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କାମ ବି ଅସଫଳ ରହିଯାଏ' – ସନ୍ଥ କହିଲେ ।

ଏହାଶୁଣି ଆଗନ୍ତୁକ ପଚାରିଲେ – 'ମୋର ବ୍ୟବହାରରେ ଦୋଷ ରହିଲା କେଉଁଠି ? ମୁଁ ତ କାହାକୁ ଦୁର୍ବ୍ୟବହାର କରି ନାହିଁ ।'

'ପ୍ରତି ପଦକ୍ଷେପରେ ତୁମେ ଭୁଲ୍ ପରେ ଭୁଲ୍ କରିଚାଲିଛ । ତୁମେ ତ ଏଇ କ୍ଷଣିକ ପୂର୍ବରୁ ଜୋତା ଓ ଦରଜା ପ୍ରତି କ୍ରୋଧ ପ୍ରକାଶ କରିଛ । ଏବେ ଯାଅ ସେ ଦୁହିଁଙ୍କ ନିକଟରେ କ୍ଷମା ମାଗ ।'

ଆଗନ୍ତୁକ ବ୍ୟଥିତ ହୋଇ କହିଲେ – 'ମୁଁ ନିର୍ଜୀବ ବସ୍ତୁଠାରେ କିପରି ଅବା କ୍ଷମା ମାଗିବି ?'

'ତୁମେ ନିର୍ଜୀବ ବସ୍ତୁ ସହିତ ସେହି ଭଳି ଢଙ୍ଗରେ କ୍ରୋଧିତ ହୋଇ ବ୍ୟବହାର କରିଛ । ଯଦି ଈଶ୍ୱର ଓ ସଂସାରବାସୀ ତୁମ ସହ ଉଚିତ ବ୍ୟବହାର କରିବାକୁ ଚାହୁଁଥାଅ, ତେବେ କି ନିର୍ଜୀବ, କି ସଜୀବ ସବୁ କ୍ଷେତ୍ରରେ ସେପରି ଢଙ୍ଗରେ ବ୍ୟବହାର କରିବା ଶିଖିବାକୁ ହେବ । ହଁ, ଯଦି ତୁମେ ସେହି ବସ୍ତୁଦ୍ୱୟକୁ ନିର୍ଜୀବ ବୋଲି ଭାବୁଥିଲ ତେବେ ନିର୍ଜୀବ ବସ୍ତୁପ୍ରତି କ୍ରୋଧ ପ୍ରକାଶର କ'ଣ ବା କାରଣ ଥିଲା । ଥରକ ପାଇଁ ଯଦି ଏହା ଭାବିଥା'ନ୍ତ ତେବେ କଦାପି ଏଭଳି ଆଚରଣ ଦେଖାଇ ନ'ଥାନ୍ତ । ନମ୍ରତାରେ ତ ଜଗତର ସବୁ ସମସ୍ୟା ସମାଧାନ ସ୍ୱତଃ ହୋଇଯିବ, ଏହା ଶ୍ରେଷ୍ଠ ଭୂଷଣ ।'

ସନ୍ଥଙ୍କ ଏହି ଆପ୍ତବାଣୀରେ ଆଗନ୍ତୁକ ଯଥାର୍ଥ ସତ୍ୟ ବୁଝିପାରିଲେ । ନିଜର ଭୁଲ୍ ସ୍ୱୀକାର କରି ବସ୍ତୁଦ୍ୱୟ ସମେତ ସନ୍ଥଙ୍କୁ ମଧ୍ୟ କ୍ଷମା ମାଗିଲେ । ପ୍ରତ୍ୟେକଙ୍କ ସହ ନମ୍ର ଆଚରଣପୂର୍ବକ ଆଉ କାହା ପ୍ରତି ସେଭଳି କ୍ରୋଧ କିଂବା ରୁକ୍ଷ ଆଚରଣ ନ ଦେଖାଇବାକୁ ସନ୍ଥଙ୍କ ନିକଟରେ ସେ ପ୍ରତିଜ୍ଞାବଦ୍ଧ ହେଲେ ।

*

ଏକଦା ଜଣେ ମହାତ୍ମା ନଦୀରେ ସ୍ନାନ କରୁଥିଲେ । ସ୍ନାନ ସାରି କୂଳକୁ ଆସୁଥିବା ସମୟରେ ତାଙ୍କର ଦୃଷ୍ଟି ନଦୀ ଜଳରେ ପଡ଼ି ଅସହାୟ ଭାବରେ ଭାସି ଯାଉଥିବା ଏକ ବିଛା

ଉପରେ ପଡ଼ିଲା । ନଦୀ ତୀରରେ ଥିବା ବୃକ୍ଷରେ ଚଢୁଥିବା ବେଳେ ବିଛାଟି ନଦୀ ଜଳରେ ପଡ଼ି ଯାଇଥିଲା ।

ବିଛାଟି ଭାସି ଯାଉଥିବାର ଦେଖି ମହାତ୍ମାଙ୍କ ମନ ଦୟାରେ ବିଗଳିତ ହୋଇଗଲା । ମହାତ୍ମା ବିଛା ନିକଟକୁ ଯାଇ ଜଳରୁ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କଲେ । ବିଛାଟିକୁ ଜଳରୁ ଉଠାଇ ଆଣିବା ସମୟରେ ଆଘାତ ପ୍ରାପ୍ତ ଜୀବଟିଏ ପ୍ରବୃତ୍ତିବଶତଃ ପ୍ରତ୍ୟାଘାତ କଲା ଭଳି ବିଛାଟି ମହାତ୍ମାଙ୍କୁ ଦଂଶନ କଲା । ବିଛାର ବାରଂବାର ଦଂଶନରେ ମହାତ୍ମା ଯନ୍ତ୍ରଣା ଜର୍ଜରିତ ହେଲେ ମଧ୍ୟ ତାକୁ ଜଳରୁ ଉଦ୍ଧାର କରି ବାହାରକୁ ନେଇ ଆସିଲେ । ମହାତ୍ମା ମନେ ମନେ ଖୁସି ହେଲେ ଯେ ବିଛାଟିକୁ ଉଦ୍ଧାର କରିବାରେ ସେ ସମର୍ଥ ହୋଇଛନ୍ତି ।

ବିଛାର ଜୀବନ ରକ୍ଷା କରି ମହାତ୍ମା ନଦୀକୂଳରୁ ବାହାରକୁ ଆସିଲେ । ହାତରେ ବିଛାର ଦଂଶନଜନିତ ଯନ୍ତ୍ରଣା ମୁଖମଣ୍ଡଳରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । କିଛିଟା କଷ୍ଟ ସହି ସେ ଏକ ଜୀବର ପ୍ରାଣ ରକ୍ଷାରେ ସମର୍ଥ ହୋଇଛନ୍ତି – ଏଥିନେଇ ଆତ୍ମ ସନ୍ତୋଷ ଲାଭ କରୁଥିଲେ । ବିଛାଟି ଜଳରେ ଭାସିଯିବା, ମହାତ୍ମାଙ୍କ ଦୃଷ୍ଟିରେ ପଡ଼ିବା, ମହାତ୍ମା ତାକୁ ଉଦ୍ଧାର କରିବାକୁ ଯାଇ ବିଛାର ଦଂଶନକୁ ବାରଂବାର ସହ୍ୟ କରିବା, ଶେଷରେ ଉଦ୍ଧାର କରି ଉପରେ ଛାଡ଼ିବା – ଏସବୁକୁ କୂଳରେ ଥିବା ଜଣେ ବ୍ୟକ୍ତି ବେଶ୍ ଆଗ୍ରହରେ ଲକ୍ଷ୍ୟ କରୁଥିଲେ । ସବୁକିଛି ଦେଖି ବ୍ୟକ୍ତି ଜଣଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଥାଏ । ମନେ ମନେ ସେ ଭାବୁଥା'ନ୍ତି ଛୋଟ ଜୀବଟି ନଦୀ ଜଳରେ ଭାସି ଯାଇଥିଲେ କ'ଣ ବା ଅସୁବିଧା ହୋଇଥା'ନ୍ତା ? ଯନ୍ତ୍ରଣା ସହ୍ୟ କରି ବିଛାକୁ ଉଦ୍ଧାର କରିବା ଭଳି ମହତ୍ କାର୍ଯ୍ୟ କେତେ ଜଣ ବା କରିଥା'ନ୍ତି ? ଏହି ବ୍ୟକ୍ତି ନିଶ୍ଚୟ ସାଧାରଣ ନୁହନ୍ତି । ମନରେ ଏହି ଜିଜ୍ଞାସା ନେଇ ମହାତ୍ମାଙ୍କ ନିକଟରେ ବ୍ୟକ୍ତିଜଣକ ପହଞ୍ଚିଲେ ଓ ନମ୍ରତାର ସହ ପଚାରିଲେ – 'ମହାତ୍ମନ୍ ! ଆପଣ ଏତେ ଯନ୍ତ୍ରଣା ସହି ସାମାନ୍ୟ ବିଛାଟିର ଜୀବନ ରକ୍ଷା କଲେ କାହିଁକି ? ଏଭଳି କାର୍ଯ୍ୟ କରି ଆପଣ ନିଜ ପାଦରେ ନିଜେ କୁରାଢ଼ି ମାରିବା ଭଳି କାର୍ଯ୍ୟ କରିଛନ୍ତି । ଆପଣଙ୍କ ଭଳି ଜଣେ ଜ୍ଞାନୀ ପୁରୁଷଙ୍କଠାରୁ ଲୋକେ କ'ଣ ଶିଖିବେ ?'

ଆଗନ୍ତୁକଙ୍କଠାରୁ ଏଭଳି କଥା ଶୁଣି ମହାତ୍ମାଙ୍କ ଯନ୍ତ୍ରଣାକ୍ଲିଷ୍ଟ ମୁଖମଣ୍ଡଳରେ ହସର ରେଖା ଫୁଟି ଉଠିଲା । ଆଗନ୍ତୁକଙ୍କ ଉଦ୍ଦେଶ୍ୟରେ ସେ କହିଲେ – 'ଏହାହିଁ ତ ବ୍ୟାଖ୍ୟା କରିବାରେ ତ୍ରୁଟି । ଆପଣଙ୍କୁ ମୋର ଏହି ଆଚରଣ ହୁଏତ ଭ୍ରମପୂର୍ଣ୍ଣ ମନେ ହେଉଛି, କିନ୍ତୁ ଏହା ତ ଉଚିତ ବ୍ୟବହାର । ବିଛାର ଧର୍ମ ଦଂଶନ କରିବା । ଆଘାତର ଆଶଙ୍କା ପାଇଲେ ସେମାନେ ପ୍ରତ୍ୟାଘାତ କରିଥା'ନ୍ତି । ବାରଂବାର ଦଂଶନ କରି ସେ ସ୍ୱଧର୍ମ ପାଳନ କରୁଥିଲା ।'

'ସାଧୁ ମହାତ୍ମାଙ୍କ ଧର୍ମ ହେଲା ଜୀବ ମାତ୍ରକେ ସମସ୍ତଙ୍କ କଲ୍ୟାଣ ପାଇଁ ଉଦାର ହୃଦୟରେ କାର୍ଯ୍ୟ କରିବା, ନିଜ ପ୍ରାଣ ବିନିମୟରେ ଅନ୍ୟର ପ୍ରାଣ ରକ୍ଷା କରିବା । ଯଦି ଛୋଟ ଜୀବଟିଏ ତା'ର ଧର୍ମ ତ୍ୟାଗ କରୁ ନାହିଁ, ମୁଁ ଭଲା କିପରି ନିଜର ଧର୍ମ ତ୍ୟାଗ କରିପାରିବି ?'

*

ଶସ୍ତ୍ର ବିଦ୍ୟା ଶିକ୍ଷା ପାଇଁ ରାଜକୁମାରଙ୍କୁ ନେଇ ରାଜା ପହଞ୍ଚିଲେ ଜଣେ ଗୁରୁଙ୍କ ଆଶ୍ରମରେ । ଗୁରୁ ଜଣକ ଥିଲେ ସେ ରାଜ୍ୟର ସର୍ବଶ୍ରେଷ୍ଠ ଶସ୍ତ୍ର ଗୁରୁ । ଗୁରୁ ରାଜାଙ୍କୁ ପଚାରିଲେ – 'ମହାରାଜ ଆପଣଙ୍କ ପୁତ୍ର ଶସ୍ତ୍ର ବିଦ୍ୟା ଶିକ୍ଷା କରିବା ପାଇଁ ପ୍ରସ୍ତୁତ ତ ?' ରାଜା କହିଲେ – 'ପୁତ୍ର ମୋର ତାରୁଣ୍ୟରେ ପାଦ ଦେଇଛି । ମୁଁ ଭାବୁଛି ଏଇ ବୟସ ହେଉଛି ଶସ୍ତ୍ର ବିଦ୍ୟା ଶିକ୍ଷା କରିବା ସକାଶେ ପ୍ରକୃଷ୍ଟ ସମୟ । ଗୁରୁ କହିଲେ, 'ବୟସଟି ପ୍ରକୃଷ୍ଟ । କିନ୍ତୁ ସେଥିପାଇଁ ପ୍ରସ୍ତୁତି ଦରକାର । ରାଜପୁତ୍ର ନିଜେ କୁହନ୍ତୁ ସେ ଏଥିପାଇଁ ପ୍ରସ୍ତୁତ ତ !' ରାଜପୁତ୍ର କହିଲେ – 'ମୁଁ ପ୍ରସ୍ତୁତ ।' ଗୁରୁ ରାଜାଙ୍କୁ କହିଲେ – 'ତେବେ ମୁଁ ଚାହିଁବି ଆପଣ ପ୍ରଥମେ ମୋ ଗୁରୁଙ୍କ ପାଖକୁ ରାଜକୁମାରଙ୍କୁ ପଠାନ୍ତୁ । ସେ ପରୀକ୍ଷା କରି ଦେଖିବେ ରାଜକୁମାର ଶସ୍ତ୍ର ବିଦ୍ୟା ପାଇଁ କେତେ ପ୍ରସ୍ତୁତ ? ରାଜକୁମାର ଯଦି ପ୍ରକୃତରେ ଶସ୍ତ୍ର ବିଦ୍ୟା ପାଇଁ ଯୋଗ୍ୟ ହୋଇଥିବେ ସେ ତାଙ୍କୁ ଶସ୍ତ୍ର ବିଦ୍ୟା ପ୍ରଦାନ କରିବେ ।'

ଗୁରୁଙ୍କର ଏ ଲମ୍ବା ଚଉଡ଼ା ଭୂମିକାରେ ରାଜା ମନେ ମନେ ଟିକିଏ ବିରକ୍ତ ହେଲେ । କିନ୍ତୁ ରାଜକୁମାରଙ୍କୁ ଗୁରୁ ତାଙ୍କ ଗୁରୁଙ୍କ ପାଖକୁ ପଠାଇଲେ । ଗୁରୁଙ୍କ ଗୁରୁ ଗାଁ ମୁଣ୍ଡରେ ଛୋଟ କୁଡ଼ିଆଟିଏ କରି ରହୁଥିଲେ । ଜାତିରେ ସେ ଥିଲେ ଚଣ୍ଡାଳ । ସଂସାର ଦୃଷ୍ଟିରେ ଯାହା ଘୃଣ୍ୟ ତାହା ସେ କରୁଥିଲେ । ସେ ରାଜକୁମାରଙ୍କୁ ଗ୍ରହଣ କଲେ ଏବଂ ତାଙ୍କୁ ନିଜ କାମରେ ଲଗାଇ ଦେଲେ । ରାଜକୁମାର ପ୍ରଥମେ ବୁଝିପାରିଲେ ନାହିଁ କ'ଣ କରିବେ ? କିନ୍ତୁ ଯେହେତୁ ଗୁରୁଙ୍କ ଆଜ୍ଞା ଥିଲା, ତେଣୁ ସେ ଗୁରୁଙ୍କ ଗୁରୁଙ୍କୁ ଯଥାସମ୍ଭବ ସମ୍ମାନ ପ୍ରଦର୍ଶନ କରି କାମରେ ଲାଗିଲେ । ସେ କାର୍ଯ୍ୟ ସମ୍ପାଦନ କରିବା ନିହାତି କଷ୍ଟକର

ଥିଲା । ପୁଣି ଭୁଲ୍ ହେଲେ ତାଙ୍କ ଉପରେ ପଡୁଥିଲା ନିର୍ଦ୍ଦୟ ପ୍ରହାର । ଗୁରୁଙ୍କ ଗୁରୁ ସେ ଚଣ୍ଡାଳ ଜଣକ ଥିଲେ ମହା କ୍ରୂର । କିନ୍ତୁ ରାଜକୁମାରଙ୍କ ଧୈର୍ଯ୍ୟ ଥିଲା ଅପରିସୀମ । ସେ ମୁଣ୍ଡପାତି ସବୁ ସହିଗଲେ । ଅନେକ ଦିନ ବିତିଗଲା । ରାଜପୁତ୍ର ଚଣ୍ଡାଳ ସଦୃଶ ହୋଇଗଲେ । ଦିନେ ରାଜାଙ୍କୁ ସଙ୍ଗରେ ନେଇ ଗୁରୁ ଆଶ୍ରମରେ ପହଞ୍ଚିଲେ । ରାଜା ନିଜ ପୁଅର ଅବସ୍ଥା ଦେଖି ସ୍ତମ୍ଭୀଭୂତ ହୋଇଗଲେ । ନିଜ ପୁଅକୁ ସେ ଚିହ୍ନି ପାରିଲେ ନାହିଁ ।

ଗୁରୁ କହିଲେ – 'ମହାରାଜ ଏବେ ଆପଣଙ୍କ ପୁଅ ପ୍ରସ୍ତୁତ । ଶସ୍ତ୍ର ବିଦ୍ୟା ଶିଖିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି କେବେ ହେଲେ ଭାବିନେବା ଉଚିତ ନୁହେଁ ଯେ ସେ ସର୍ବଦା ଯୁଦ୍ଧରେ ଜିତିବ । ସେ ହାରି ଯିବାର ଆଶଙ୍କା ମଧ୍ୟ ରହିଛି । ତେଣୁ ହାରିଗଲେ ବା ଶତ୍ରୁ ଦ୍ୱାରା ଧରା ପଡ଼ିଗଲେ ନିର୍ଯାତନା ସହିବା ପାଇଁ ପ୍ରସ୍ତୁତ ରହିବା ଦରକାର । ତାହାହିଁ ପ୍ରସ୍ତୁତି । ଏବେ ଆପଣଙ୍କ ପୁତ୍ର ମୋ ପାଖରେ ଶସ୍ତ୍ର ବିଦ୍ୟା ଶିଖିବ । ଏଣିକି ସେ ଅପରାଜେୟ ହେବ । ଯୁଦ୍ଧରେ ହାରି ଗଲେ ବି ତାକୁ କେହି ଭାଙ୍ଗି ଦେଇ ପାରିବେ ନାହିଁ । କାରଣ ସେ ହାରିବାର ପରିଣାମ ଭୋଗିବା ସକାଶେ ପ୍ରସ୍ତୁତ ।' ରାଜା ପ୍ରସନ୍ନ ଦିଶିଲେ ।

*

ସମ୍ରାଟ ତେଗ୍ ବାହାଦୁରଙ୍କର ଫୁଲକୁଣ୍ଡ ସଜାଇବାରେ ଭାରି ସଉକ ଥିଲା । ସେ ଖୁବ୍ ସୁନ୍ଦର, ଆକର୍ଷକ ଓ ମନୋମୁଗ୍ଧକର ସୁଗନ୍ଧଯୁକ୍ତ ପୁଷ୍ପର ପଚିଶଟି ବହୁ ମୂଲ୍ୟବାନ୍ ଫୁଲକୁଣ୍ଡ ନିଜ ଶୟନ କକ୍ଷର ପ୍ରାଙ୍ଗଣରେ ରଖାଇ ଥିଲେ । ସେହି ଫୁଲକୁଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଜଣେ ବ୍ୟକ୍ତିକୁ ନିଯୁକ୍ତ କରିଥିଲେ । ଦୈବଯୋଗକୁ ସେହି ବ୍ୟକ୍ତି ଦ୍ୱାରା ଗୋଟିଏ ଫୁଲକୁଣ୍ଡ ଭାଙ୍ଗିଗଲା । ରାଜା ଏକଥା ଶୁଣିବା ମାତ୍ରେ ଅଗ୍ନିଶର୍ମା ହୋଇଗଲେ । ଲୋକଟି ଅତ୍ୟନ୍ତ ଭୟଭୀତ ହୋଇଗଲା, କାରଣ ସେ ରାଜାଙ୍କ କ୍ରୂର ସ୍ୱଭାବ ସହ ପରିଚିତ ଥିଲା ।

ସେହି ବ୍ୟକ୍ତିକୁ ଦୁଇମାସ ପରେ ଫାଶୀ ଦିଆଯିବା ପାଇଁ ରାଜା ଆଦେଶ ଦେଲେ । ମନ୍ତ୍ରୀ ରାଜାଙ୍କୁ ଅନୁନୟ ବିନୟ ହୋଇ ବୁଝାଇଲେ, ମାତ୍ର ରାଜା କିଛି ଶୁଣିଲେ ନାହିଁ । ଲୋକଟି ଦୁଇମାସ ପରେ ଫାଶୀ ପାଇବ, ସେ କଥା ମନେ ପକାଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିବାରୁ ସେ ଈଶ୍ୱରଙ୍କୁ ଦିନରାତି ପ୍ରାର୍ଥନା କରିବାରେ ଲାଗିଲେ ।

ସେପଟେ ରାଜା ନଗରରେ ଘୋଷଣା କରି ଦେଲେ ଯେ ଯେଉଁ ବ୍ୟକ୍ତି ଭଙ୍ଗା ଫୁଲକୁଣ୍ଡକୁ ପୂର୍ବପରି ଯୋଡ଼ି ଦେବ ତାକୁ ମନମୁତାବକ ପୁରସ୍କାର ଦିଆଯିବ । ଅନେକ ଲୋକ ନିଜର ଭାଗ୍ୟ ପରୀକ୍ଷା ପାଇଁ ଆସିଲେ, କିନ୍ତୁ ସମସ୍ତେ ବିଫଳ ହେଲେ ।

ସେଇ ଲୋକଟି ଦିନ ଗଣୁଥାଏ । ଈଶ୍ୱରଙ୍କୁ କେତେ କ'ଣ ମନାସୁ ଥାଏ । 'ହେ ପ୍ରଭୁ ! ହେ ଭଗବାନ୍ ! ଦୟାକର । ରାଜାଙ୍କର ମନ ବଦଳିଯାଉ ବା ଅନ୍ୟ କିଛି ବି ହେଉ, ମୁଁ ରକ୍ଷା ପାଇଯାଏ ।'

ଏଇପରି ମାସଟିଏ ବିତିଯିବା ପରେ ଜଣେ ସନ୍ଥ ମହାତ୍ମା ସେହି ନଗରରେ ପଦାର୍ପଣ କଲେ । ତାଙ୍କ ନିକଟରେ ମଧ୍ୟ ଏଇ ସମ୍ବାଦ ପହଞ୍ଚିଲା ଯେ ଯେଉଁ ବ୍ୟକ୍ତି ରାଜାଙ୍କର ଭଙ୍ଗା ଫୁଲକୁଣ୍ଡକୁ ନିଖୁଣ ଭାବେ ଯୋଡ଼ି ଦେବ, ତାକୁ ମନମୁତାବକ ପୁରସ୍କାର ଦିଆଯିବ । ଯେଉଁ ବ୍ୟକ୍ତିଙ୍କ ଦ୍ୱାରା କୁଣ୍ଡଟି ଭାଙ୍ଗି ଯାଇଥିଲା ତାକୁ ଫାଶୀ ଦଣ୍ଡାଦେଶ ହୋଇଛି ।

ସେ ସନ୍ଥ ରାଜଦରବାରକୁ ଆସି କହିଲେ, ''ରାଜନ୍, ଆପଣଙ୍କର ଯେଉଁ ଫୁଲକୁଣ୍ଡଟି ଭାଙ୍ଗିଯାଇଛି, ତାକୁ ଯୋଡ଼ିବାର ଦାୟିତ୍ୱ ମୁଁ ନେଉଛି । କୁହନ୍ତୁ, ସେ କୁଣ୍ଡଟି କେଉଁଠି ଅଛି ?''

ରାଜା ତାଙ୍କୁ ସେହି କୁଣ୍ଡସବୁ ରଖା ଯାଇଥିବା ପ୍ରାଙ୍ଗଣକୁ ନେଇଗଲେ । ସନ୍ଥ ସେହି ଭଙ୍ଗା କୁଣ୍ଡଟିକୁ ତନ୍ନ ତନ୍ନ କରି ଦେଖିଲେ । ଅନ୍ୟ ଚବିଶଟି କୁଣ୍ଡ ଉପରେ ମଧ୍ୟ ନଜର ପକାଇଲେ । ରାଜାଙ୍କ ଉପରେ ଏକ ପ୍ରେମପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କଲେ । ତା'ପରେ ଗୋଟିଏ ଲାଠି ମଗାଇଲେ । ରାଜ ପାରିଷଦର ଗୋଟିଏ ବ୍ୟକ୍ତି ଲାଠିଟିଏ ଆଣି ଦେଲେ । ସମସ୍ତଙ୍କୁ ସେଠାରେ କିଛି ସମୟ ଆଖି ବନ୍ଦ କରିବା ପାଇଁ ସେ କହିଲେ । ମହାତ୍ମା ଲାଠି ଉଠାଇଲେ ଏବଂ ଏକ... ଦୁଇ ... ତିନି ... ଚାରି ... ପ୍ରହାର କରି କରି ଚବିଶଟି ଯାକ କୁଣ୍ଡ ଭାଙ୍ଗିଦେଲେ । ଆଖି ଖୋଲି ରାଜା କିଛି ସମୟ ଚକିତ ହୋଇ ଅନାଇ ରହି ଭାବିଲେ, କୁଣ୍ଡ ଯୋଡ଼ିବାର ଏହା ହୁଏତ କୌଣସି ନୂତନ ଉପାୟ ହୋଇଥିବ । ଯେହେତୁ ଏ ଜଣେ ମହାତ୍ମା, କୌଣସି ନୂତନ ଅଲୌକିକ ବିଦ୍ୟା ହୁଏତ ଜାଣି ଥାଇପାରନ୍ତି !

ତା'ପରେ ରାଜା ଦେଖିଲେ ମହାତ୍ମା ନିର୍ଭୟରେ ଠିଆ ହୋଇଛନ୍ତି, ପୂରା ନିଶ୍ଚିନ୍ତ ।

ରାଜା କହିଲେ – 'ଆରେ ସାଧୁ, ଯେ ତୁ କ'ଣ କଲୁ ।'

ସାଧୁ ଉତ୍ତର ଦେଲେ – 'ମୁଁ ଚବିଶ ଜଣ ବ୍ୟକ୍ତିଙ୍କର ପ୍ରାଣ ବଞ୍ଚାଇଲି । ପ୍ରତ୍ୟେକ କୁଣ୍ଡ ଏହିପରି କାହାରି ନା କାହାରି ହାତରେ ଭାଙ୍ଗିଥା'ନ୍ତା ଓ ତାକୁ ଫାଶୀଦଣ୍ଡ ମିଳିଥା'ନ୍ତା ।'

ରାଜା ମହାତ୍ମାଙ୍କ କଥାର ମର୍ମ ବୁଝିପାରିଲେ ନାହିଁ । ସେ ଆଦେଶ ଦେଲେ –'ଏହି ବଦମାସ ଉପରେ ହାତୀ ଚଢ଼ାଇ ଦିଅ' ।

ମହାତ୍ମା ମଧ୍ୟ କିଛି କମ୍ ନଥିଲେ । ସେ ବେଦର ବାକ୍ୟକୁ ଉପଲବ୍ଧ କରିଥିଲେ । ଦେହ କ୍ଷଣଭଙ୍ଗୁର ଓ ଆତ୍ମା ଅମର ଏହି ସାରତତ୍ତ୍ୱ ସେ ବୁଝି ସାରିଥିଲେ । କୌଣସି ପରିସ୍ଥିତିରେ ମଧ୍ୟ ବିଚଳିତ ହେବା, ଭୟଭୀତ ହେବା, ମୃତ୍ୟୁକୁ ଭୟ କରିବା ଭଳି ମୂର୍ଖତା ତାଙ୍କ ଅନ୍ତଃକରଣରେ ନଥିଲା ।

ହାତୀ ଅଣାଗଲା । 'ସୋଽହଂ...ଶିବୋଽହମ୍...' ଭାବରେ ତଲ୍ଲୀନ ହୋଇ ମହାତ୍ମା ଭୂମି ଉପରେ ଶୋଇ କହିଲେ, 'ହାତୀଠାରେ, ମାହୁନ୍ତଠାରେ, ରାଜାଠାରେ, ଉପହାସ କରୁଥିବା ଲୋକମାନଙ୍କଠାରେ, ସମସ୍ତଙ୍କଠାରେ 'ମୁଁ' ହିଁ ବିଦ୍ୟମାନ । ସୋଽହଂ...ସର୍ବୋଽହଂ...ଶିବୋଽହମ୍... ।'

ମାହୁନ୍ତ ହାତୀକୁ ଅଙ୍କୁଶ ମାରି ମାରି ଥକିଗଲା, କିନ୍ତୁ ହାତୀ ମହାତ୍ମାଙ୍କଠାରୁ ଦୁଇପାଦ ଦୂରରେ ଠିଆ ହୋଇ ରହିଗଲା, ଆଗକୁ ଆଉ ବଢ଼ିଲା ନାହିଁ । ଅନ୍ୟ ହାତୀ ଅଣାହେଲେ । ଅନ୍ୟ ମାହୁନ୍ତ ଡକାଗଲା । ସେ ମଧ୍ୟ ହାତୀକୁ ଅଙ୍କୁଶ ମାରିଲା, କିନ୍ତୁ ହାତୀ ମହାତ୍ମାଙ୍କଠାରୁ ଦୁଇପାଦ ଦୂରରେହିଁ ରହିଲା ।

ଶେଷରେ ରାଜା ମଧ୍ୟ ଥକିଗଲେ । ମହାତ୍ମାଙ୍କୁ ପଚାରିଲେ, 'ତୁମେ କ'ଣ ଗଜ-ବଶୀକରଣ ମନ୍ତ୍ର ଜାଣିଛ ?'

ମହାତ୍ମା ମୃଦୁ ହାସ୍ୟପୂର୍ବକ କହିଲେ, 'ମୁଁ ଗଜ-ବଶୀକରଣ ମନ୍ତ୍ର ଜାଣି ନାହିଁ, ମାତ୍ର ଆନ୍ତର ବଶୀକରଣ ମନ୍ତ୍ର ଜାଣିଛି । ମୁଁ ପ୍ରେମର ମନ୍ତ୍ର ଜାଣିଛି । ମୁଁ ନିଜେ ନିଜକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରି ଜାଣେ । ତା'ର ପ୍ରଭାବରେ ଅନ୍ୟ କିଛି ନିୟନ୍ତ୍ରିତ ହୋଇପାରେ ।

'କେହି ଆପଣଙ୍କର ଯେତେ ଅମଙ୍ଗଳ ଚାହୁଁଥାଉ, କ୍ଷତି ସାଧନ ନିମନ୍ତେ ଆୟୋଜନ କରୁଥାଉ, ଆପଣ ଯଦି ନିଜ ଅନ୍ତଃକରଣରେ ଥିବା ସେହି ଦିବ୍ୟଚେତନା ସହ ଯୁକ୍ତ ହୋଇ ରହିଥିବେ ତେବେ କାହାର ସାମର୍ଥ୍ୟ ନାହିଁ ଆପଣଙ୍କର କିଛି କ୍ଷତି କରି ପାରିବ ।'

ସନ୍ଥଙ୍କଠୁଁ ଏକଥା ଶୁଣି ରାଜାଙ୍କ ମଥା ଲଜ୍ଜାରେ ନଇଁଗଲା । ❑

ଡାନିଏଲ୍ ଗୋଲମ୍ୟାନ୍ ତାଙ୍କର ପ୍ରସିଦ୍ଧ ପୁସ୍ତକ ''ଇମୋସନାଲ୍ ଇଣ୍ଟେଲିଜେନ୍ସ''ରେ ଜଣେ ଲଢୁଆ ସମୁରାଇ ଏବଂ ଜଣେ ଜେନ୍ ଗୁରୁଙ୍କୁ ନେଇ ଏକ ସୁନ୍ଦର ପ୍ରସଙ୍ଗଟିଏ ଉପସ୍ଥାପନ କରିଛନ୍ତି ।

ସମୁରାଇ ଜଣକ ଜେନ୍ ଗୁରୁଙ୍କୁ **'ସ୍ୱର୍ଗ ଏବଂ ନର୍କ'** ସମ୍ବନ୍ଧରେ ବୁଝାଇବା ପାଇଁ ଆହ୍ୱାନ କଲେ । ଜେନ୍ ଗୁରୁ ସମୁରାଇଙ୍କୁ ହେୟ ଜ୍ଞାନ କରି ଉତ୍ତର ଦେଲେ, ''ତୁମେ ଜଣେ ମୂର୍ଖ ଅସଂସ୍କୃତ ଲୋକ, ତୁମ ଭଳିଆ ଲୋକଙ୍କ ପାଇଁ ମୁଁ କାହିଁକି ମୋ ସମୟ ବ୍ୟର୍ଥ କରିବି ?''

ସମୁରାଇ ଅପମାନିତ ହୋଇ କ୍ରୋଧରେ ଖଣ୍ଡା ବାହାର କରି ଚିତ୍କାର କଲେ, ''ତୁମର ଏଇ ଧୃଷ୍ଟତା ପାଇଁ ମୁଁ ତୁମକୁ ହତ୍ୟା କରି ପାରେ ।''

ତତ୍‌କ୍ଷଣାତ୍ ଜେନ୍ ଗୁରୁ କହିଲେ, ''ଏହାହିଁ ହେଉଛି ନର୍କ ।''

ସମୁରାଇ ଯେପରି କ୍ରୋଧବଶୀଭୂତ ହୋଇ ଜ୍ଞାନ ହରାଇ ବସିଲେ, ଜେନ୍ ଗୁରୁ ତାହାର ସଠିକ୍ ବିଶ୍ଳେଷଣ କଲେ ଏବଂ ସମୁରାଇ ଜେନ୍ ଗୁରୁଙ୍କ ଦକ୍ଷତାରେ ବିସ୍ମିତ ହେଲେ । ସମୁରାଇ ସଙ୍ଗେ ସଙ୍ଗେ ଶାନ୍ତ ହୋଇଗଲେ ଏବଂ ଖଣ୍ଡାକୁ ଖୋଳ ଭିତରକୁ ଫେରାଇ ନେଲେ । ମୁଣ୍ଡ ନୁଆଁଇ ଜେନ୍ ଗୁରୁଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଲେ । ସଙ୍ଗେ ସଙ୍ଗେ ଜେନ୍ ଗୁରୁ କହିଲେ ''ଏହାହିଁ ହେଉଛି ସ୍ୱର୍ଗ ।''

କାହାଣୀଟିରେ ଏକ ବିରାଟ ସତ୍ୟତା ଅଛି ।

ମୁଁ ଦେଖିଛି ବହୁତ ଲୋକ ନିଜ ମାନସିକ ଆବେଗ ଆୟତ୍ତରେ ରହି ନର୍କରେ ନିବାସ କରନ୍ତି । ଏହାର ସମ୍ପୂର୍ଣ୍ଣ ବିପରୀତ ଅବସ୍ଥା, ଯେଉଁ ଲୋକମାନେ ନିଜ ମାନସିକ ଆବେଗକୁ ଆୟତ୍ତରେ ରଖନ୍ତି ସେମାନେ ସ୍ୱର୍ଗରେ ନିବାସ କରନ୍ତି ।

ଶେଷରେ ତୁମ ପାଇଁ ପ୍ରଶ୍ନଟିଏ, ତୁମେ ସ୍ୱର୍ଗରେ ବାସ କର ନା ନର୍କରେ ?

(ସଂଗୃହୀତ) ❑

# କ୍ଲାସରେ ଶ୍ରୀମା'ଙ୍କ କାହାଣୀ

[୧୯୫୦ ମସିହା ନଭେମ୍ବର ମାସଠାରୁ ଶ୍ରୀମା ପିଲାମାନଙ୍କର କ୍ଲାସନେବାକୁ ଆରମ୍ଭ କରିଥିଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir – Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ଆଠ, ଦଶ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହିପଢ଼ି ପିଲାଙ୍କୁ ଶୁଣାଉଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣିଆସି ବଙ୍ଗଳାରେ ଲିପିବଦ୍ଧ କରିନେଉଥିଲେ, ପରେ ନଳିନୀଦାଙ୍କୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ, ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ନିମ୍ନରେ ପ୍ରଦତ୍ତ କାହାଣୀଟି ସେହି କାହାଣୀମାଳାରୁ ସଂଗୃହୀତ ।]

## ଜାପାନୀ କିଂବଦନ୍ତି

ଆଜିକାଲି ଯୁଗରେ କିଏ ଯଦି ତୁମକୁ ପ୍ରଶ୍ନ କରେ, କହିଲ ଦେଖି ଜାପାନ ମାନେ କ'ଣ ? ତୁମେ ଏପରି ପ୍ରଶ୍ନ ଶୁଣି ମନେ ମନେ କ'ଣ ଆଶ୍ଚର୍ଯ୍ୟ ହେବ ନାହିଁ କି, ଭାବିବ ନାହିଁ କି ଲୋକଟିର କି ବୁଦ୍ଧି ! ଏହା କ'ଣ ଗୋଟିଏ ପଚାରିବା ଭଳି ପ୍ରଶ୍ନ ? ଇଂଲଣ୍ଡ, ଫ୍ରାନ୍ସ, ଆମେରିକାର ଅର୍ଥ କ'ଣ କିଏ ପଚାରେ ? ସମସ୍ତେ ଜାଣନ୍ତି ଏଗୁଡ଼ିକ ହେଲା ବଡ଼ ବଡ଼ ଭୂଖଣ୍ଡ, ଦେଶ, ମହାଦେଶ ପ୍ରଭୃତି । ତାହା ଠିକ୍ କଥା, କିନ୍ତୁ ତାହା ହେଲେ ମଧ୍ୟ ଜାପାନ ସମ୍ବନ୍ଧରେ ଟିକିଏ ତଫାତ୍ ଅଛି । ଜାପାନ ଭାରତବର୍ଷ ବା ଆମେରିକା ପରି ଏକ ଭୂଖଣ୍ଡ ନୁହେଁ । ଜାପାନ ହେଲା ଗୋଟିଏ ଦ୍ୱୀପପୁଞ୍ଜ । ଅର୍ଥାତ୍ ବହୁତ ଛୋଟ ଛୋଟ ଦ୍ୱୀପ ପ୍ରାୟ ପରସ୍ପର ଲଗାଲଗି ହୋଇ ଗୋଟିଏ ଛୋଟ ଭୂଖଣ୍ଡ ଗଢ଼ି ଉଠିଛି ଠିକ୍ ସମୁଦ୍ରର ମଝିରେ । ମାନଚିତ୍ରରେ ତୁମ୍ଭେମାନେ ଦେଖିଥିବ, ଭାରତବର୍ଷ ବା ଆମେରିକା ଭଳି ଜାପାନ ଅତି ବଡ଼ କିଂବା ବିଶାଳ ନୁହେଁ । ଏଣୁ ବୁଝିପାରୁଛ ତ ସେହି ଅନୁପାତରେ ଜାପାନର ଲୋକସଂଖ୍ୟା ଏମାନଙ୍କଠାରୁ କେତେ କମ୍ । କିନ୍ତୁ ଧନ ସମ୍ପଦରେ, ଶକ୍ତି ସାମର୍ଥ୍ୟରେ, କର୍ମ ନୈପୁଣ୍ୟରେ, କାରିଗରୀ କୌଶଳରେ ଜାପାନ ଆଜି ପୃଥିବୀର ଯେକୌଣସି ମହାଶକ୍ତିଶାଳୀ ଦେଶ ସହିତ ପ୍ରତିଦ୍ୱନ୍ଦ୍ୱିତାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଲାଭ କରିବାକୁ ସକ୍ଷମ ହୋଇ ପାରିଛି । ଜାପାନରେ ସମତଳଭୂମି ଖୁବ୍ କମ୍ । ସବୁ ପ୍ରାୟ ପାହାଡ଼, ଛୋଟ ବଡ଼ ମିଶି ସବୁ ରକମର ପାହାଡ଼ ସେଠାରେ ଅଛି । ଆହୁରି ସେହିସବୁ ପାହାଡ଼ ଉପରେ ବଡ଼ ବଡ଼ ଆଗ୍ନେୟଗିରି ଅବସ୍ଥିତ । ଯେକୌଣସି ସମୟରେ ସେଗୁଡ଼ିକରୁ ଗରମ ଧାତବ ପଦାର୍ଥ ବା ନିଆଁ ଉଦ୍‌ଗୀରଣ ହୋଇ ନଈଧାର ପରି ବହି ଆସିପାରେ । ଅବସ୍ଥାଟି ସମ୍ବନ୍ଧରେ ଟିକିଏ ଭାବି କରି ଦେଖ ତ ସେତେବେଳେ କ'ଣ ହେଉଥିବ । ସେହିସବୁ ଆଗ୍ନେୟଗିରି ସମ୍ମୁଖରେ ଥିବା ଛୋଟ ଛୋଟ ଗାଆଁଗୁଡ଼ିକ ଓ ତାହାର ସମସ୍ତ କୁଟୀର ଏକେବାରକେ କେଉଁ ଆଡ଼େ ନିଶ୍ଚିହ୍ନ ହୋଇଯାଏ । ଏହି ଘଟଣା ଯେ କେବେ, କେତେବେଳେ ଓ କେଉଁଠାରେ ଘଟିବ ତାହା କେହି କହିପାରିବେ ନାହିଁ । ଜନ୍ମ ହେବା ଦିନଠାରୁ ଜାପାନୀମାନେ ଏଥିପାଇଁ ପ୍ରସ୍ତୁତ । ଯେପରି ସେମାନେ ଭଗବାନଙ୍କ ରୁଦ୍ରଲୀଳାକୁ ନିଃଶବ୍ଦରେ ଓ ନିର୍ଲିପ୍ତ ଭାବରେ ଗ୍ରହଣ କରି ନେଇଛନ୍ତି ଏବଂ ସବୁକିଛି ଧ୍ୱସ୍ତବିଧ୍ୱସ୍ତ ହୋଇଗଲା ପରେ ପରେ ଆଉ ଥରେ ନୂଆ କରି ଗଢ଼ି ତୋଳୁଛନ୍ତି । ଏମାନଙ୍କର ସେହି ଅଦମ୍ୟ ଉତ୍ସାହର ତୁଳନା ପୃଥିବୀରେ ଆଉ ମିଳେ ନାହିଁ ।

ଆଜିର ଗଳ୍ପଟି କହିବା ଆଗରୁ ମୋର ହଠାତ୍ ଗୋଟିଏ ଦୁଇଟି ଘଟଣା ମନେ ପଡ଼ିଯାଉଛି, ଯାହା ତୁମ୍ଭମାନଙ୍କୁ କହିଲେ ଜାପାନୀମାନଙ୍କର ଅଦମ୍ୟ ଉତ୍ସାହର ଅତୁଳନୀୟତା ସମ୍ବନ୍ଧରେ ତୁମ୍ଭେମାନେ ଧାରଣା କରିପାରିବ । ଏହା ମୁଁ 'ପବିତ୍ର'ଙ୍କ ମୁହଁରୁ ଶୁଣିଥିଲି । ସେ ଏହି ଘଟଣାଟି ନିଜ ଆଖିରେ ଦେଖିଥିଲେ । ସେହି ସମୟରେ ସେ ଜାପାନରେ ଥିଲେ । ପ୍ରାୟ ୧୯୨୩ ମସିହା ହେବ । ସେହି ସମୟରେ ସେଠାକାର ସମସ୍ତ ଆଗ୍ନେୟଗିରି ଏକ ସମୟରେ ସକ୍ରିୟ ହୋଇ ପ୍ରଳୟକାଣ୍ଡ ସୃଷ୍ଟି କରିଥିଲା । ଏତେ ବଡ଼ ଧ୍ୱଂସଲୀଳା ଓ ତାହାର ଭୟଙ୍କର ମୂର୍ତ୍ତି

ବହୁଦିନ ଧରି ଆଉ କେବେ ଜାପାନରେ ଦେଖା ଯାଇ ନାହିଁ । ସେହି ଭୂମିକମ୍ପର ବେଗ ସମଗ୍ର ବିଶ୍ୱ ଅଳ୍ପ ବହୁତେ ଅନୁଭବ କରିଥିଲା । ଆଉ ଜାପାନର ଅର୍ଦ୍ଧେକରୁ ଅଧିକ ଅଂଶ ଏକେବାରକେ ଧ୍ୱଂସ ହୋଇ ଯାଇଥିଲା । ମଝିରେ ଏହି ଅବସ୍ଥା ଟିକିଏ ଶାନ୍ତ ହେବା ପରି ଦେଖା ଯିବାରୁ ପବିତ୍ର ତାଙ୍କର କେତେଜଣ ଛାତ୍ରଙ୍କୁ କହିଲେ କିଛି ମାଇଲ ଦୂରରେ ଥିବା ତାଙ୍କର ରାସାୟନିକ ଲାବୋରେଟୋରୀକୁ ଯାଇ ଦେଖି ଆସିବାକୁ ପଡ଼ିବ । ଦ୍ୱିପ୍ରହର ବେଳା ସେମାନେ ସେଠାକୁ ବାହାରି ପଡ଼ିଲେ । ସେତେବେଳେ ଗାଡ଼ିଘୋଡ଼ା ମିଳିବାର କୌଣସି ପ୍ରଶ୍ନ ଉଠୁ ନଥିଲା । ବିଦ୍ୟୁତ୍ କେନ୍ଦ୍ରମାନ ଧ୍ୱଂସ ହୋଇ ଯାଇଥିବାରୁ ଟ୍ରାମ ଚଳାଚଳ ଏକେବାରକେ ବନ୍ଦ । ମାଇଲ ମାଇଲ ଦୂର ବାଟ ସେମାନେ ପାଦରେ ଚାଲି ଚାଲି ଯାଇଥିଲେ । ରାସ୍ତାରେ ଚାଲି କରି ଯାଉଁ ଯାଉଁ ଦେଖନ୍ତି ସର୍ବସାଧାରଣ ପାର୍କ ମଧ୍ୟରେ ବାପା, ମାଆ, ଭାଇ, ଭଉଣୀ ସମେତ ବହୁ ଲୋକ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି । ହଜାର ହଜାର ଲୋକ ନିରାଶ୍ରୟ ଭାବରେ ପଡ଼ି ରହିଛନ୍ତି । କାହାର ସବୁକିଛି ଯାଇଛି ତ କାହାର ଘର ଭାଙ୍ଗି ଯାଇଛି ଆଉ ଯାହା ବା ଅଛି ତାହାର ଅବସ୍ଥା ବିପଜ୍ଜନକ ଅଟେ । କାହାର ଘର ନଇଁ କରି ରହିଛି, ଯେକୌଣସି ସମୟରେ ମାଟିରେ ମିଶି ଯାଇପାରେ । ସବୁ ପାର୍କ ଲୋକାରଣ୍ୟ । କିନ୍ତୁ ପବିତ୍ର କହୁ ଥାଆନ୍ତି, ବଡ଼ ଆଶ୍ଚର୍ଯ୍ୟର ବିଷୟ ଟିକିଏ ହେଲେ କେହି ଜଣେ କନ୍ଦାକଟା କରୁ ନ'ଥାଆନ୍ତି, କୌଣସି ହୋ ହଲ୍ଲା ନାହିଁ, ଟିକିଏ ହେଲେ ଶବ୍ଦ ନାହିଁ । ସମସ୍ତେ ଶାନ୍ତ ଭାବରେ ଚଲାବୁଲା କରୁଛନ୍ତି । ଏପରିକି ଛୋଟ ଛୋଟ ଶିଶୁମାନେ ମଧ୍ୟ ଟିକିଏ ହେଲେ କନ୍ଦାକଟା କରୁଥିବାର ଦେଖା ଯାଉ ନଥାଏ । କାହାରି ମୁହଁରେ ଦୁଃଖ, ବିଷାଦ ଓ ହତାଶାର କୌଣସି ଚିହ୍ନବର୍ଣ୍ଣ ନାହିଁ । ସେମାନେ ଜନ୍ମରୁ ଅଭ୍ୟସ୍ତ ଯେ ଏପରି ହେବା ସେମାନଙ୍କ ଜୀବନର ଗୋଟିଏ ସ୍ୱାଭାବିକ ଘଟଣା । ତାହା ଆଦୌ ଅପ୍ରତ୍ୟାଶିତ ନୁହେଁ । ସମଗ୍ର ଜାତିଟି ଏପରି ଭାବରେ ପ୍ରସ୍ତୁତ ଯେ ଦୁଃଖଦୁର୍ଦ୍ଦଶାକୁ ଟିକିଏ ହେଲେ ଦେହକୁ ନ ନେଇ, ଆଉ ଥରେ ନୂତନ ଜୀବନ ଯାତ୍ରା କରିବାକୁ ସଦାସର୍ବଦା ପ୍ରସ୍ତୁତ । ପବିତ୍ର ଓ ତାଙ୍କ ସାଙ୍ଗରେ ଯାଉଥିବା ଛାତ୍ରମାନେ ଆଉ ଟିକିଏ ଆଗେଇ ଯାଇ ଦେଖନ୍ତି ଗୋଟିଏ ପ୍ରକାଣ୍ଡ ଲୁଗା-କପଡ଼ା-ପୋଷାକ ଇତ୍ୟାଦି ଦୋକାନରେ ନିଆଁ ଲାଗିଯାଇ ହୁ ହୁ ଜଳୁଛି । ମାଲିକ ଓ କର୍ମଚାରୀଗଣ ବହୁ ଚେଷ୍ଟା କରି ମଧ୍ୟ କିଛି ରକ୍ଷା କରି ପାରି ନଥିଲେ । ସବୁ ଜଳିପୋଡ଼ି ଯିବା ଅପେକ୍ଷା ସେମାନେ ରାସ୍ତାରେ ଠିଆ ହୋଇ ଦେଖୁଥିବା ଲୋକମାନଙ୍କୁ ଯିଏ ଯାହା ପାରେ ନେଇ ଯିବାକୁ ଅନୁରୋଧ କରିଥିଲେ । କିନ୍ତୁ ସତର୍କ ପୁଲିସ ପ୍ରହରୀଦଳ ଏଥିରେ ବାଧା ଦେଇଥିଲେ କାରଣ ହୋ-ହଲ୍ଲା ମଧ୍ୟରେ ଆଉ କିଛି ନୂଆ ବିପଦ ଦେଖା ଯାଇପାରେ । ଏହିପରି ଭାବରେ ବାତ୍ୟାର ବିଭିନ୍ନ ଦୃଶ୍ୟ ଦେଖି ଦେଖି ଶେଷରେ ସେମାନେ ପବିତ୍ରଙ୍କର ଲାବୋରେଟୋରୀ (ରାସାୟନିକ ଗବେଷଣାଗାର) ନିକଟରେ ଯାଇ ପହଞ୍ଚିଗଲେ । ସେହି ଘରଟି ଦୋତାଲା । କାଠର ଶିଢ଼ି ଚଢ଼ି ଉପରକୁ ଯାଇ ଦେଖନ୍ତି ବିଶେଷ କିଛି କ୍ଷତି ହୋଇ ନାହିଁ, ସବୁ ଠିକ୍‌ଠାକ୍ ଅଛି । ଏପରି ଅବସ୍ଥାରେ ଏହା ଏକେବାରକେ ଅପ୍ରତ୍ୟାଶିତ ଘଟଣା । କେବଳ ସମଗ୍ର ଘରଟି ମଝିରେ ମଝିରେ କମ୍ପି ଉଠୁଥାଏ । ଯେଉଁସବୁ ରାସାୟନିକ ଏସିଡ୍ ପାତ୍ର ଭାଙ୍ଗିଗଲେ ବିପଦ ଘଟାଇପାରେ ସେଗୁଡ଼ିକୁ ଘୁଞ୍ଚାଇ ଆହୁରି ନିରାପଦ ଜାଗାରେ ରଖି ଦେଇ ସେ ବାହାରି ଆସିଲେ । ଫେରିବା ବାଟରେ କେଉଁ କେଉଁ ସ୍ଥାନମାନଙ୍କରେ ଦେଖିବାକୁ ମିଳିଲା କାଠ ଘରଗୁଡ଼ିକରେ ନିଆଁ ଲାଗି ହୁତ୍‌ହୁତ୍ ହୋଇ ଜଳୁଛି । କେଉଁଠାରେ କାଠ ଶିଢ଼ିଟି ଭାଙ୍ଗି ପଡ଼ିଛି । ଉପର ତାଲାରେ ରହୁଥିବା ଲୋକମାନେ ତଳକୁ ଓହ୍ଲାଇ ଆସିପାରୁ ନାହାନ୍ତି । ସେମାନେ ପୁଲିସକୁ ଡାକୁଛନ୍ତି । ପୁଲିସ ଆପ୍ରାଣ ଚେଷ୍ଟା କରି ଲୋକମାନଙ୍କୁ ବିପଦରୁ ଉଦ୍ଧାର କରୁଛନ୍ତି । ସେମାନଙ୍କର ନିଜର ଜୀବନ ସର୍ବଦା ବିପନ୍ନ । ପବିତ୍ରଙ୍କର ଦଳ ମଧ୍ୟ କୌଣସି କୌଣସି ସ୍ଥାନରେ ଏହି ପ୍ରକାର ଅବସ୍ଥାରେ ସେମାନଙ୍କ ସଙ୍ଗରେ ଯୋଗ ଦେଇ ସାହାଯ୍ୟ କରିବାକୁ ଲାଗି ପଡ଼ିଥିଲେ । ଦଉଡ଼ିର ଶିଢ଼ି କିଂବା ମୋଟା ଦଉଡ଼ି ଉପରକୁ ପକାଇ ଦେବାରୁ ସେଗୁଡ଼ିକର ସାହାଯ୍ୟରେ ଲୋକମାନେ ତଳକୁ ଓହ୍ଲାଇ ଆସିବାକୁ ଲାଗିଥା'ନ୍ତି । ଏହା ଯେପରି ପୂର୍ବରୁ ଯୋଜନା କରା ହୋଇଥିବା ଏକ ଅଭିନୟ ସଦୃଶ । କିନ୍ତୁ ଏହି ଜୀବନ ନାଟକର ବିଶେଷତ୍ୱ ଥିଲା ଏଇ ଯେ କେହି କାହାରିକୁ ଠେଲାଠେଲି କରିବା କିଂବା କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବା ଦୃଷ୍ଟିଗୋଚର ହେଉ ନଥିଲା । ଭାବି ଦେଖ, ତୁମ୍ଭମାନଙ୍କର ଦୈନନ୍ଦିନ ଜୀବନରେ କେତେ ଛୋଟ ଛୋଟ ଘଟଣାରେ ବାଦ-ବିସମ୍ବାଦ, ଝଗଡ଼ାଝାଣ୍ଟି ନଘଟୁଛି, ଆଉ ଏହି ଜୀବନ-ମୃତ୍ୟୁ ଖେଳ ମଧ୍ୟରେ ନିର୍ବିକାରରେ ଯିଏ ଯାହାର କର୍ତ୍ତବ୍ୟ ସମ୍ପାଦନ କରିବାରେ ଲାଗି ପଡ଼ିଛନ୍ତି । କେଉଁଠାରେ ଟିକିଏ ହେଲେ ବାଦ-ବିସମ୍ବାଦ ନାହିଁ । ସରକାର ଅବଶ୍ୟ ଯେତେଦୂର ସମ୍ଭବ ସାହାଯ୍ୟ କରିବାରେ ବ୍ୟସ୍ତ ଅଛନ୍ତି ।

କିନ୍ତୁ ଜାତିଟିର ଅତି ସାଧାରଣ ମଣିଷ ପର୍ଯ୍ୟନ୍ତ ସମସ୍ତେ ନୀରବରେ କାମ କରିବାକୁ ଅଭ୍ୟସ୍ତ ।

ଏଥର ଆମର ଆଜିକାର ଅସଲ ଗଳ୍ପଟି ଉପରକୁ ଆସିବା । ଗଳ୍ପଟି ଛୋଟ । କିନ୍ତୁ ତୁମମାନଙ୍କୁ ନିଶ୍ଚୟ ତାହା ଭଲ ଲାଗିବ ଏବଂ ଶିକ୍ଷା କରିବାର କିଛି ଜିନିଷ ମଧ୍ୟ ପାଇପାରିବ ।

ସେ ବହୁଦିନ ତଳର କଥା । ସମୁଦ୍ର ଉପକୂଳରେ ଗୋଟିଏ ଗାଆଁ ଗଢ଼ି ଉଠିଥିଲା । ଗାଆଁଟିର ଦୁଇ ମୁଣ୍ଡରେ ଦୁଇଟି ଉଚ୍ଚ ପାହାଡ଼ ଆକାଶକୁ ସଗର୍ବେ ମଥା ଟେକି ଠିଆ ହୋଇଥାଏ । ଗୋଟିଏ ପାହାଡ଼ର ଶିଖର ଦେଶରେ ସିନ୍‌ତୋ-ଧର୍ମମନ୍ଦିର । ଆଉ ଅନ୍ୟଟିର ଚୂଡ଼ାରେ 'ହାମା-ଗୁଚି-ଗୋହେ' ଛୋଟ କୁଟୀରଟିଏ କରି ବସବାସ କରୁଥା'ନ୍ତି । ସେ ହେଲେ ଏହି ଗାଆଁଟିର ମୁଖିଆ । ସମସ୍ତେ ତାଙ୍କୁ ଖୁବ୍ ଭଲ ପାଆନ୍ତି । ତାଙ୍କର ଜ୍ଞାନ ଅସାଧାରଣ, ହୃଦୟ ଖୁବ୍ ବିଶାଳ ଓ ତାଙ୍କର ଥିଲା ଅଫୁରନ୍ତ ଉଦାରତା । ଗାଆଁର ସମସ୍ତଙ୍କୁ ସାହାଯ୍ୟ କରିବାକୁ ସେ ସଦାସର୍ବଦା ତତ୍‌ପର । ସମସ୍ତଙ୍କୁ ସହାୟକ ହେବା ପାଇଁ ତାଙ୍କ ପ୍ରାଣ ବିକଳ ହୁଏ । ସମସ୍ତଙ୍କ ପ୍ରତି ତାଙ୍କ ଅନ୍ତରର ଆକର୍ଷଣ, ଶ୍ରଦ୍ଧା ଥିଲା ପ୍ରବଳ ଗଭୀର । ଚାଷବାସ କରି ବେଶ୍ ଦୁଇ ପଇସା ସେ ଅର୍ଜନ କରି ପାରିଥିଲେ । ବର୍ତ୍ତମାନ ବୁଢ଼ା ହୋଇ ଯାଇଥିବା ଦୃଷ୍ଟିରୁ ସେ ଆଉ ପରିଶ୍ରମ କରିପାରୁ ନାହାନ୍ତି । ତାଙ୍କର ବୟସ ପ୍ରାୟ ଶହେ ବର୍ଷରୁ ଅଧିକା ହେବ । ତାଙ୍କର ପୁଅ ବର୍ତ୍ତମାନ ଘରବାଡ଼ି ବୁଝାଶୁଝା କରେ । ଗାଆଁର ଲୋକମାନେ ତାଙ୍କୁ ଖୁବ୍ ଭଲ ପାଆନ୍ତି, ଗଭୀର ଶ୍ରଦ୍ଧା ମଧ୍ୟ କରନ୍ତି । ଗ୍ରାମବାସୀଗଣ ତାଙ୍କର ପରମ ଆତ୍ମୀୟ ଥିଲେ । ସେ ସମସ୍ତଙ୍କର ସତେ ଅବା ମାଆବାପା । ଆବାଳବୃଦ୍ଧବନିତା ବିପଦ-ଆପଦରେ, ସୁଖ ଦୁଃଖରେ ତାଙ୍କ ସଙ୍ଗରେ ପରାମର୍ଶ କରନ୍ତି । ଗାଆଁଟିର ଲୋକ ସଂଖ୍ୟା ପାଞ୍ଚଶହ ପାଖାପାଖି ହେବ । ସମସ୍ତେ ସାଧୁ, ସଚ୍ଚରିତ୍ର ଓ ସରଳ ଥିଲେ । ସେମାନଙ୍କର ପେସା ହେଲା ଚାଷବାସ କରିବା ଅଥବା ସମୁଦ୍ରରୁ ମାଛ ଧରିବା ।

ଦିନେ ଗ୍ରାମଟି ଉତ୍ସବମୁଖର ହୋଇ ଉଠିଲା । ସେଦିନ ଥିଲା ସେମାନଙ୍କର ଠାକୁର 'ସିଣ୍ଟୋ'ଧର୍ମ ସମ୍ବନ୍ଧୀୟ ଖୁବ୍ ବଡ଼ ଉତ୍ସବର ଦିନ । ସମସ୍ତେ ମନ୍ଦିର ଓ ଗାଆଁକୁ ସାଜସଜ୍ଜା କରିବାରେ ବ୍ୟସ୍ତ । ନିଜର ଘରଦ୍ୱାର ପର୍ଯ୍ୟନ୍ତ ଖୁବ୍ ସୁନ୍ଦର ଭାବରେ ସଜାଇ ଥାଆନ୍ତି । ସେମାନଙ୍କ ପରି ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ଓ ରୁଚିଜ୍ଞାନ ଜଗତରେ ଦୁର୍ଲଭ । ରଙ୍ଗବେରଙ୍ଗର ଜାପାନୀ ଲଣ୍ଠନ ଗ୍ରାମ ସାରା ଟଙ୍ଗା ଯାଇଥାଏ । ଆହୁରି ମଧ୍ୟ ତାଙ୍କ ପାଦଚଲା ଗାଆଁ ରାସ୍ତାଟିର ଦୁଇ ପାଖରେ ଖୁଣ୍ଟ ପୋତି ସେଥିରେ ସୂତା ବାନ୍ଧି ଖୁବ୍ ସୁନ୍ଦର ଭାବରେ ଧାଡ଼ି ଧାଡ଼ି ଜାପାନୀ ରଙ୍ଗବେରଙ୍ଗ ଲଣ୍ଠନଗୁଡ଼ିକ ଝୁଲା ଯାଇଥାଏ । ଅନ୍ଧାର ଆସିବା ମାତ୍ରେ ସେଗୁଡ଼ିକୁ ଜଳାଇ ଦିଆଯିବ । କି ଚମତ୍କାର ! ସତେ ଅବା ଗାଆଁ ସାରା ଲକ୍ଷ୍ମୀଙ୍କର ଶ୍ରୀ ପ୍ରସ୍ଫୁଟିତ ହୋଇ ଚତୁର୍ଦ୍ଦିଗରେ ବିଛେଇ ହୋଇ ପଡ଼ିଛି ।

ବୃଦ୍ଧ ହାମା-ଗୁଚି-ଗୋହେ ଆଉ ପାହାଡ଼ ଉପରୁ ତଳକୁ ଯାଆ ଆସ କରିବାକୁ ଅକ୍ଷମ । ସେ ତାଙ୍କର ଛୋଟ ନାତି 'ତୋଶିରୋ'କୁ ନେଇ ନିଜ ଘର ବାରଣ୍ଡାରେ ବସି ଦେଖିବାରେ ଲାଗି ପଡ଼ିଛନ୍ତି, ପାହାଡ଼ ତଳେ ଗାଆଁର ଲୋକମାନେ କିପରି ଉତ୍ସାହ ଓ ଆନନ୍ଦରେ ମାତି ବିଭିନ୍ନ କାମରେ ଲାଗି ପଡ଼ିଛନ୍ତି । ଦେଖୁ ଦେଖୁ ହଠାତ୍ ତାଙ୍କ ମନ ନିଜର ପିଲାଦିନକୁ ଚାଲିଗଲା । ଘରର ସମସ୍ତେ ଗାଆଁର ଉତ୍ସବ ଦେଖିବାକୁ ଚାଲି ଯାଇଥା'ନ୍ତି । ସେ ଏକୁଟିଆ ଛୋଟ ନାତିଟିକୁ ଧରି ବସିଛନ୍ତି, କିନ୍ତୁ ତାଙ୍କର ମନ, ପ୍ରାଣ କେଉଁ ଅତୀତର ସ୍ୱପ୍ନରାଜ୍ୟକୁ ଚାଲି ଯାଇଛି ।

ହଠାତ୍ ଯେପରି ତାଙ୍କର ସ୍ୱପ୍ନ ଭଙ୍ଗ ହେଲା । ଆଖିରେ ପଡ଼ିଲା ସାମ୍ନାରେ ଥିବା ସମୁଦ୍ର ଯେପରି ପଛକୁ ହଟିଯାଉଛି ଦିଗ୍‌ବଳୟର ଅଭିମୁଖେ । ତାହା ମଧ୍ୟ ଗାଆଁର ଲୋକମାନଙ୍କର ଦୃଷ୍ଟି ଏଡ଼ାଇଲା ନାହିଁ । ସମସ୍ତେ ଅବାକ୍ ହୋଇଗଲେ । ଘଟଣାଟି କ'ଣ କେହି କିଛି ବୁଝିପାରିଲେ ନାହିଁ । କିନ୍ତୁ ସମସ୍ତେ ବିଶେଷ ଖୁସି ହେଲେ । ମଜା ଦେଖିବା ପାଇଁ ସମସ୍ତେ ସେହି ଆଡ଼େ ଚାଲିବାକୁ ଲାଗିଲେ । କ୍ରମେ କ୍ରମେ ଦଉଡ଼ିବାକୁ ଲାଗିଲେ । ସତେଯେପରି ଏହି ପଳାତକ ସମୁଦ୍ରଟିକୁ ଜୋର୍ କରି ଜାବୁଡ଼ି ଧରିବେ । ପାଞ୍ଚ, ସାତ ମିନିଟ ମଧ୍ୟରେ ଗାଆଁଟି ଏକେବାରକେ ଖାଲି । କୌଣସି ଜନପ୍ରାଣୀ ନାହାନ୍ତି । ଉତ୍ସବର ଆନନ୍ଦଠାରୁ ସମୁଦ୍ରର ଆକର୍ଷଣ ସେମାନଙ୍କୁ ପାଗଳ କରି ଦେଇଛି । ସମସ୍ତେ କାହିଁକି ଗାଆଁ ଛାଡ଼ି ସେହି ଦିଗରେ ଚାଲିଛନ୍ତି ତାହାର ଖବର ବା ଦେବ କିଏ ! ସେତେବେଳକୁ ସମୁଦ୍ର ପାହାଡ଼ଠାରୁ ପ୍ରାୟ ତିନି କିଲୋମିଟର ଦୂରକୁ ଘୁଞ୍ଚି ଯାଇଥାଏ ।

ଅବାକ୍ ବିସ୍ମିତ ବୃଦ୍ଧଙ୍କର ମନେ ପଡ଼ିଲା ତାଙ୍କ ଛୋଟ ବେଳର ଏପରି ଗୋଟିଏ ଘଟଣା । ସେତେବେଳେ ସେ ଥିଲେ ଖୁବ୍ ଛୋଟ । ପ୍ରାୟ ଏହି ନାତି ବୟସ ହେବ କିଂବା ତା'ଠାରୁ କିଛି ବଡ଼ । ତାଙ୍କ ଜେଜେବାପା ତାଙ୍କୁ ଏହି କଥାଟି କହିଥିଲେ । ତାଙ୍କର ସେସବୁ କଥା ଖୁବ୍ ସ୍ପଷ୍ଟଭାବରେ ମନେ ପଡ଼ିଲା । ସେଥିରେ ସେ ଚଞ୍ଚଳ ହେବା କଥା । କିନ୍ତୁ ମୁଖିଆ ବେଶ୍

ଧୀରସ୍ଥିର ଓ ଅଚଞ୍ଚଳ । ଭାବିବାକୁ ଲାଗିଲେ : ବର୍ତ୍ତମାନ କ'ଣ କରାଯାଇ ପାରେ ! ହାତରେ ଆଉ ସମୟ ବେଶୀ ନାହିଁ । ବର୍ତ୍ତମାନ ସମସ୍ତଙ୍କୁ ପାହାଡ଼ ଉପରକୁ ଡାକି ଆଣିବା ଉଚିତ । ନାତିକୁ ଯଦିବା ପଠାଯାଇ ପାରନ୍ତା, ସେ ଏତେ ଦୂର ଯାଇ ସମସ୍ତଙ୍କୁ ଡାକି ଆଣିଲା ବେଳକୁ ସମୟ ଚାଲିଯିବ । ତାହା ବଦଳରେ ତାକୁ ପଠାଇ ମନ୍ଦିରର ବଡ଼ ଘଣ୍ଟାଟିକୁ ବଜାଇ ପାରିଲେ ଯାଇ ସମସ୍ତେ ଫେରି ଆସିବେ । କିନ୍ତୁ ତାହା ବା କିପରି କରି ହେବ ? ଚୋଶିରୋକୁ ପାହାଡ଼ ଉପରୁ ତଳକୁ ଓହ୍ଲାଇବାକୁ ହେବ, ପୁଣି ଆର ପାହାଡ଼ ଉପରକୁ ଚଢ଼ି ଘଣ୍ଟାଟିକୁ ବଜାଇବା ପାଇଁ ବହୁତ ସମୟ ଲାଗିଯିବ । ତାଙ୍କ ହାତରେ ଆଉ ସମୟ ନାହିଁ । ତାହା ହେଲେ ଉପାୟ କ'ଣ ?... ହଠାତ୍ ତାଙ୍କ ମଥାରେ ଗୋଟିଏ ବୁଦ୍ଧି ଆସିଗଲା । ବୃଦ୍ଧ ତାଙ୍କ ନାତି ଚୋଶିରୋକୁ ଗୋଟିଏ ମଶାଲ ଆଣିବାକୁ ପଠାଇ ଦେଲେ ।

ଜାପାନୀମାନେ ନିଜ ଘରେ ଗୋଟିଏ ଗୋଟିଏ ମଶାଲ ରଖି ଥାଆନ୍ତି । କାରଣ ସମୁଦ୍ରରେ ପ୍ରାୟହିଁ ବଡ଼ ତୋଫାନ ଉଠିଥାଏ ଏବଂ ସେତେବେଳେ ସବୁ ଆଲୁଅ ଲିଭିଯାଏ, ମଶାଲ ଛଡ଼ା ଆଉ କିଛି ଜଳାଇବା ସମ୍ଭବ ହୁଏ ନାହିଁ । ଚୋଶିରୋ ଦଉଡ଼ି ଯାଇ ଘର ଭିତରୁ ଗୋଟିଏ ବଡ଼ ମଶାଲ ନେଇ ଆସିଲା ।

ବୃଦ୍ଧ ତାହାକୁ ଜଳାଇ ବାଡ଼ିର ପଛପଟକୁ ଗଲେ । ସେଠାରେ ପ୍ରଚୁର ଧାନ, ଚାଉଳ ଜମା ହୋଇଥିଲା । ସେଗୁଡ଼ିକୁ ସଜାଯାଇ ଗୋଟିଏ ବଡ଼ ଗଦା କରାଯାଇଥିଲା । ତାଙ୍କର ଅମଳ ହୋଇଥିବା ସାରା ବର୍ଷକର ଫସଲ । ବୃଦ୍ଧ ହାତରେ ମଶାଲ ନେଇ ସେହି ଧାନ ଗଦାରେ ନିଆଁ ଲଗାଇ ଦେଲେ । ଏ କାଣ୍ଡ କାରଖାନା ଦେଖି ଚୋଶିରୋ ଭୟରେ ଅବାକ୍ ହୋଇ ଠିଆ ହୋଇଥାଏ । ତା'ର ଧାରଣା ହେଲା ଅଜା ନିର୍ଘାତ ପାଗଳ ହୋଇ ଯାଇଛନ୍ତି । ତାହା ହୋଇ ନଥିଲେ ଏପରି କାଣ୍ଡ କ'ଣ ସେ କରି ବସନ୍ତେ । କିନ୍ତୁ ହାମା-ଗୁଚି-ଗୋହେ ସେହି ଆଡ଼େ ଟିକିଏ ହେଲେ ଭ୍ରୂକ୍ଷେପ ନକରି ଖୁବ୍ ଶାନ୍ତ ଭାବରେ ଗୋଟିଏ ପରେ ଗୋଟିଏ ଧାନ ଗଦାଗୁଡ଼ିକରେ ନିଆଁ ଲଗାଇ ଚାଲିଲେ । ଧାନ ଗଦାସବୁ ଖୁବ୍ ଜୋର୍‌ରେ ଦାଉ ଦାଉ ହୋଇ ଜଳି ଉଠି ଆକାଶକୁ ଛୁଇଁଲା ପରି ଲାଗିଲା ।

କାମ ସାରି ସେ କୌତୁକପୂର୍ଣ୍ଣ ନୟନରେ ସମୁଦ୍ର ଆଡ଼କୁ ଚାହିଁବାରେ ଲାଗି ରହିଲେ । ଏପର୍ଯ୍ୟନ୍ତ ସେସବୁ ଦେଖିବାର ତାଙ୍କର ଆଉ ସମୟ ନଥିଲା । ଯାହା ସେ ଭାବିଥିଲେ ଠିକ୍ ସେହି କଥା ଦେଖିବାକୁ ପାଇଲେ... ।

ଏଠାରେ ସେହି ଅଗ୍ନି ନିଜର ଲେଲିହାନ ଜିହ୍ୱା ବିସ୍ତାର କରି ସଦର୍ପେ ଜଳିବାକୁ ଲାଗିଥାଏ ଏବଂ ତାହାର ଶିଖାଗୁଡ଼ିକ ଖୁବ୍ ବେଗରେ ଆକାଶ ଅଭିମୁଖରେ ଛୁଟି ଚାଲିଥାଏ । ଗାଆଁର ଲୋକମାନେ ଅବିଳମ୍ବେ ସେହି ବିରାଟ ଅଗ୍ନିକାଣ୍ଡ ଦେଖି ବୁଝିପାରିଲେ ଏହା କେଉଁ ସ୍ଥାନରେ ଘଟୁଅଛି । ସେମାନେ ସମସ୍ତେ ଦଉଡ଼ି ଦଉଡ଼ି ଫେରିବାକୁ ଲାଗିଲେ । ସମସ୍ତଙ୍କର ଗୋଟିଏ ମାତ୍ର ଚିନ୍ତା, ତାଙ୍କର ପ୍ରିୟତମ ମୁଖିଆଙ୍କର ଘରଟିକୁ ଅଗ୍ନିକାଣ୍ଡରୁ ନିଶ୍ଚୟ ରକ୍ଷା କରିବାକୁ ହେବ । ସେମାନେ ଜାଣି ନଥିଲେ କିପରି ଏହି ଅଗ୍ନିକାଣ୍ଡ ଘଟିଲା । ଅନ୍ୟ ଦିଗରେ ଏହି ଅଗ୍ନିକାଣ୍ଡ ଦେଖି ଆର ପାହାଡ଼ ଉପର ମନ୍ଦିରରୁ ପୁରୋହିତମାନେ ମନ୍ଦିରର ବଡ଼ ଘଣ୍ଟିଟିକୁ ଖୁବ୍ ଜୋର୍‌ରେ ବଜାଇବାରେ ଲାଗି ପଡ଼ିଲେ । ଏବଂ ତାହାକୁ ଶୁଣି ଆଉ ଯିଏ ଯୁଆଡ଼େ ଥିଲେ ସେହି ବୃଦ୍ଧଙ୍କର ପାହାଡ଼ ଉପରକୁ ଛୁଟି ଆସିବାକୁ ଲାଗିଲେ ।

ପ୍ରଥମେ ଆସିଲେ ଗାଆଁର ଯୁବକ ଦଳ, ସେମାନଙ୍କ ଦେହରେ ସବୁଠାରୁ ବେଶୀ ବଳ । ସମସ୍ତେ ଧଇଁସଇଁ ହୋଇ ଦଉଡ଼ି ଦଉଡ଼ି ଆସି ପାହାଡ଼ ଚଢ଼ି ସେମାନଙ୍କର ମୁଖିଆଙ୍କର କୁଟୀରରେ ପହଞ୍ଚି ନିଆଁ ଲିଭାଇବା ପାଇଁ ବ୍ୟସ୍ତ ହୋଇ ପଡ଼ିଲେ । କିନ୍ତୁ ବୃଦ୍ଧ ହାମା-ଗୁଚି-ଗୋହେ ନିଆଁକୁ ଲିଭାଇବାକୁ ଦେଲେ ନାହିଁ । ସେ ବାଧା ଦେଇ କିଛି ସମୟ ଅପେକ୍ଷା କରିବାକୁ କହିଲେ । ସମସ୍ତେ ତ ଅବାକ୍, ଏହା କି କାଣ୍ଡ ! କାହିଁକି ସେ ନିଷେଧ କରୁଛନ୍ତି ! କିନ୍ତୁ ମୁଖିଆଙ୍କ ପ୍ରତି ତାଙ୍କର ଅଖଣ୍ଡ ବିଶ୍ୱାସ ଓ ଅଗାଧ ଶ୍ରଦ୍ଧା । ତେଣୁ କେହି କିଛି ପ୍ରଶ୍ନ କରି ପାରିଲେ ନାହିଁ । ତାଙ୍କର ଆଜ୍ଞାକୁ ନୀରବରେ ମାନି ନେଇ ସମସ୍ତେ ଚୁପ୍‌କରି ରହିଲେ । ଆଉ ଅନ୍ୟ ଦିଗରେ ତାଙ୍କର ନାତି ଚୋଶିରୋ ଏତେ ଲୋକଙ୍କୁ ଦେଖି ତାହାର କାନ୍ଦ ଆହୁରି ବଢ଼ି ଗଲା । ଯାହା ଯାହା ଘଟିଯାଇଛି ସମସ୍ତଙ୍କୁ ଶୁଣାଇଲା ପରି ସେ ବଡ଼ ପାଟିରେ କାନ୍ଦି କାନ୍ଦି କହିବାରେ ଲାଗିଥାଏ, ତା'ର ଅଜାଙ୍କର ମୁଣ୍ଡ ଖରାପ ହୋଇ ଗଲାଣି ।

ଏଥର ଦେଖାଗଲା ଛୋଟ ଛୋଟ ପିଲାମାନେ ପାହାଡ଼ ଉପରକୁ ଉଠି ଆସୁଛନ୍ତି । ସମସ୍ତେ ପାହାଡ଼ ଉପରେ ପହଞ୍ଚି ବଡ଼ମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ଗଲେଣି । ଆଉ ସବା ଶେଷରେ ଆସିଲେ ସ୍ତ୍ରୀଲୋକମାନେ ଓ ବୁଢ଼ା-ବୁଢ଼ୀମାନେ । ଗାଆଁଟିର ଆବାଳବୃଦ୍ଧବନିତା ଆସି ପାହାଡ଼ଟିର ଉପରେ ହାଜର ହୋଇଗଲେ । ସମସ୍ତଙ୍କ ମୁହଁରେ ଏକହିଁ ପ୍ରଶ୍ନ : କିପରି ଏହି ନିଆଁ ଲାଗିଲା ? କାହିଁକି ଲିଭାଯାଉ ନାହିଁ ?

ଚୋଶିରୋର କଥା ସମସ୍ତେ ବିଶ୍ୱାସ କରି ପାରିଲେ ନାହିଁ । ଅଥଚ ଅବିଶ୍ୱାସ କରିବା ମଧ ସହଜ ନୁହେଁ । ବୃଦ୍ଧ ଏଥର ପଚାରିଲେ, ''ଗାଆଁର ସମସ୍ତେ ଆସିଗଲେଣି କି ? ଆଉ କେହି ବାକି ରହି ନାହାନ୍ତି ତ ?''

ସମସ୍ତେ ଏକ ସ୍ୱରରେ ସମଗ୍ର ଆକାଶ ବତାସ ପ୍ରତିଧ୍ୱନିତ କରି କହି ଉଠିଲେ, ''ଆମେ ସମସ୍ତେ ଆସିଛୁ, ତଳେ ଜଣେ ମଧ ବାକି ରହି ନାହାନ୍ତି ।''

ସେତେବେଳେ ବୃଦ୍ଧ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ସମସ୍ତଙ୍କୁ ସମୁଦ୍ରକୁ ଦେଖାଇ କହିଲେ, ''ଏହି ଆଡ଼କୁ ଚାହିଁ ଦେଖ, ଏଥର ବୁଝିପାରିଲ ତ ଘଟଣାଟି କ'ଣ, କାହିଁକି ଧାନ ଗଦାରେ ନିଆଁ ଲଗାଯାଇଛି... ।''

ସମସ୍ତଙ୍କ ଦୃଷ୍ଟି ଏକସଙ୍ଗରେ ସମୁଦ୍ର ଆଡ଼େ ପଡ଼ିଲା । ଏତେ ସମୟ ଧରି ସେମାନେ ତାହା ଭୁଲି ଯାଇଥିଲେ । ସେମାନେ ସମସ୍ତେ ବର୍ତ୍ତମାନ ସମୁଦ୍ର ଯେତେଦୂରକୁ ଘୁଞ୍ଚି ଯାଇଥିଲା, ସେହିଠାରୁ ପ୍ରଚଣ୍ଡ ବେଗରେ ଭୟାଭୟ ଗର୍ଜନ ସହ, ଉତ୍ତାଳ ତରଙ୍ଗ ନେଇ ଅସୁର ପରି ଦୌଡ଼ି ଦୌଡ଼ି ଫେରି ଆସୁଛି । ପ୍ରଥମେ ଢେଉର ଆଘାତରେ ଗାଆଁର ସବୁ ଘରବାଡ଼ି ଧ୍ୱଂସ ହୋଇଗଲା । ଗାଆଁ କହିଲେ ଯାହାକିଛି ଥିଲା ଗୋଟିଏ ନିମିଷରେ ତାହା ସବୁ ନିଶ୍ଚିହ୍ନ ହୋଇଗଲା । ଢେଉର ବେଗ କି ଯେ ପ୍ରଚଣ୍ଡ ତାହା ବୁଝା ପଡ଼ିଲା, ଯେତେବେଳେ ପାହାଡ଼ର ଉପର ପର୍ଯ୍ୟନ୍ତ ପାଣି ମାଡ଼ି ଆସି ତା'ର ଛିଟାରେ ସେମାନଙ୍କର ଦେହ ଓଦା ହୋଇ ଗଲା । ଢେଉଗୁଡ଼ିକ ଖୁବ୍ ତୀର ବେଗରେ ଆସି ପାହାଡ଼ ଦେହରେ ବାଡ଼େଇ ହେବାରେ ଲାଗିଥାଏ । ପାଣି ସୁଅରେ ଗାଆଁର ଯେଉଁ ଘରଦ୍ୱାରଗୁଡ଼ିକ ଭାଙ୍ଗିଯାଇଥିଲା ସବୁକିଛି ସମୁଦ୍ର ଦିଗକୁ ଭାସି ଭାସି ଯିବାକୁ ଲାଗିଲା । ବହୁ ସମୟ ପରେ ଯେତେବେଳେ ସମୁଦ୍ର ଶାନ୍ତ ମୂର୍ତ୍ତି ଧାରଣ କଲା ସେତେବେଳେ ଦେଖାଗଲା ତଳେ ଗାଆଁର ଆଉ ଚିହ୍ନବର୍ଣ୍ଣ ନାହିଁ । ତାହା ସ୍ଥାନରେ ଖାଁ ଖାଁ ଗୋଟିଏ ସମତଳ ଭୂମି ଶୂନ୍ୟ ହୋଇ ପଡ଼ି ରହିଛି । ସାରା ଗାଆଁଟି ଧ୍ୱଂସ ହୋଇ ଯାଇଛି, କିନ୍ତୁ ଗାଆଁର ପାଞ୍ଚଶହ ଲୋକଙ୍କର ପ୍ରାଣ ରକ୍ଷା ହୋଇଯାଇଛି । ଏହା ସମ୍ଭବ ହେଲା ଏକମାତ୍ର ବୃଦ୍ଧ ହାମା-ଗୁଚି-ଗୋହେଙ୍କର ଅସାଧାରଣ ପ୍ରତ୍ୟୁତ୍ପନ୍ନମତିତ୍ୱର କଲ୍ୟାଣ ହେତୁ ।

ଗାଆଁର ଲୋକମାନେ ଏତେ ସମୟ ପରେ ନିଆଁ ଲଗାଯିବାର କାରଣ ବୁଝିପାରି ତାଙ୍କୁ ଧନ୍ୟ ଧନ୍ୟ କହିବାକୁ ଲାଗିଲେ । କିନ୍ତୁ ବୃଦ୍ଧ ଆଜି ଫକିର ହୋଇ ଯାଇଛନ୍ତି । ତାଙ୍କର ସମସ୍ତ ଧନ-ଦୌଲତ ଯଥା ସର୍ବସ୍ୱ ସ୍ୱେଚ୍ଛାରେ ସେ ନିଆଁଗର୍ଭରେ ଆହୁତି ଦେଇ ଦେଇଛନ୍ତି । ବର୍ତ୍ତମାନ ସମସ୍ତେ ତାଙ୍କୁ ସାହାଯ୍ୟ କରିବାକୁ ଚାହିଁଲେ । କିନ୍ତୁ ସେମାନଙ୍କର ବା ଆଉ କ'ଣ ଅଛି ? ସେମାନେ ସମସ୍ତେ ତ ଦାଣ୍ଡର ଭିକାରି । ସେମାନଙ୍କର ଅନିଚ୍ଛା ସତ୍ତ୍ୱେ ସବୁକିଛି ସମୁଦ୍ର ଗର୍ଭରେ ପଡ଼ି ଧ୍ୱଂସ ହୋଇ ଯାଇଛି ।

କିନ୍ତୁ ବୃଦ୍ଧଙ୍କର ଆଜି ଆନନ୍ଦର ଅନ୍ତ ନାହିଁ । ତାଙ୍କ ଗାଆଁର ପାଞ୍ଚଶହ ପରମାତ୍ମୀୟଙ୍କର ସେ ପ୍ରାଣ ରକ୍ଷା କରି ପାରିଛନ୍ତି ।

ଏହାର କିଛିଦିନ ପରେ ଜାପାନୀ ସରକାର ଯେତେବେଳେ ଏହି ଗାଆଁଟି ନିଶ୍ଚିହ୍ନ ହୋଇ ଯାଇଥିବାର ଖବର ପାଇଲେ ସେତେବେଳେ ସେ ପ୍ରୟୋଜନୀୟ ଅର୍ଥ ସାହାଯ୍ୟ ଦେଲେ । ଗାଆଁଟିର ପୁର୍ନଗଠନର ସମସ୍ତ ବ୍ୟବସ୍ଥା କରି ଦେଲେ ।

ହାମା-ଗୁଚି-ଗୋହେ ସେମାନଙ୍କ ପାଇଁ ନିଜର ସର୍ବସ୍ୱ ବର୍ଜନ କରି ହସ ହସ ମୁହଁରେ ଯାହାସବୁ କରିଥିଲେ, ଗାଆଁର ଲୋକମାନେ କୌଣସି ଦିନ ତାହା ଆଦୌ ଭୁଲିପାରି ନଥିଲେ । ଆଜି ପର୍ଯ୍ୟନ୍ତ ମଧ ଜାପାନର ବୁଢ଼ାବୁଢ଼ୀମାନେ ସେମାନଙ୍କର ନାତି-ନାତୁଣୀମାନଙ୍କୁ ହାମା-ଗୁଚି-ଗୋହେଙ୍କର ଗଳ୍ପ କୁହନ୍ତି । କିପରି ଭାବରେ ସେ ତାଙ୍କ ପୂର୍ବପୁରୁଷମାନଙ୍କର ପ୍ରାଣରକ୍ଷା କରି ପାରିଥିଲେ । ସେହି ଗଳ୍ପ ଆଜି କିମ୍ବଦନ୍ତିରେ ପରିଣତ ହୋଇଯାଇଛି ।

ତେଣୁ ନେତା ହେବା ବଡ଼ ସହଜ କଥା ନୁହେଁ । ଯିଏ ଯଥାର୍ଥ ନେତା, ସେ ତାଙ୍କ ଦେଶର ଲୋକମାନଙ୍କର କିପରି ମଙ୍ଗଳ ହେବ ସେହି ଚିନ୍ତା ସର୍ବଦା କରନ୍ତି । ନିଜର ବହୁମୂଲ୍ୟ ସମୟ ସେମାନଙ୍କ ପାଇଁ ବ୍ୟୟ କରନ୍ତି । ନିଜର ବ୍ୟକ୍ତିଗତ ସୁଖସୁବିଧା ସେମାନଙ୍କ ପାଇଁ ତ୍ୟାଗ କରନ୍ତି, ସେମାନଙ୍କର ସମସ୍ତ ବିପଦଆପଦ, ବାଧାବିଘ୍ନ ନିଜ ଉପରକୁ ନିଅନ୍ତି । ନିଜର ଯାହା କିଛି ଅର୍ଥ, ଐଶ୍ୱର୍ଯ୍ୟ ସବୁ ଲୋକମାନଙ୍କର କାମରେ ଲଗାନ୍ତି । ଯେଉଁମାନେ ତାଙ୍କର ଅଧୀନସ୍ଥ, ସେମାନଙ୍କର ସୁଖଶାନ୍ତି ନିମନ୍ତେ ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦେବାକୁ ସଦାସର୍ବଦା ପ୍ରସ୍ତୁତ ଥାଆନ୍ତି । ଯେଉଁମାନେ ତାଙ୍କ ଉପରେ ନିର୍ଭରଶୀଳ ସେମାନଙ୍କୁ ସାହାଯ୍ୟ କରିବାରେ ତାଙ୍କର ଆନନ୍ଦ । ତା'ର ଏକ ଜ୍ୱଳନ୍ତ ଉଦାହରଣ ହେଲେ ଜାପାନ ଦେଶର ହାମା-ଗୁଚି-ଗୋହେ । ସେ ତାଙ୍କର ପାଞ୍ଚଶହ ପ୍ରତିବେଶୀଙ୍କ ପାଇଁ ନିଜର ସର୍ବସ୍ୱ ହସ ହସ ମୁହଁରେ ଅଗ୍ନିରେ ଆହୁତି ଦେଇ ପାରିଥିଲେ ।

(ଅନୁବାଦ : ଧ୍ରୁବ ଚରଣ ହୋତା) ❑

# ଲୋଭ ଉପରେ ଲଗାମ

## ଲୋଭୀ ଛେଳି

ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ପୋଷା ଛେଳି ଥିଲା । ପୋଷା ଛେଳିଟି ଖୁବ୍ ସ୍ୱାସ୍ଥ୍ୟବାନ୍ ଥିଲା ଏବଂ ଉତ୍ତମ ଖାଦ୍ୟ ଖାଉଥିଲେ ସୁଦ୍ଧା, ସର୍ବଦା ଅଧିକ ଖାଦ୍ୟ ଖାଇବାକୁ ଇଚ୍ଛା କରୁଥିଲା । ରାଜା ରାଜ୍ୟରେ ଘୋଷଣା କଲେ ଯିଏ ତାଙ୍କ ପୋଷା ଛେଳିକୁ ଏପରି ଉଦର ଭର୍ତ୍ତି କରି ଖୁଆଇ ପାରିବ ଯାହା ଫଳରେ ସେ ଆଉ ଖାଦ୍ୟ ଖାଇବ ନାହିଁ, ସେ ତାକୁ ପୁରସ୍କାର ପ୍ରଦାନ କରିବେ । ରାଜା ଏହା ମଧ କହିଲେ ଯେ ଯିଏ ଛେଳିକୁ ଘରକୁ ନେବ, ସେ ମାତ୍ର ଗୋଟିଏ ଦିନ ପାଇଁ ନେଇପାରିବ । ସକାଳୁ ନେବ କିନ୍ତୁ ତାକୁ ସନ୍ଧ୍ୟାରେ ନିଶ୍ଚୟ ଫେରାଇବାକୁ ପଡ଼ିବ ।

ବହୁ ବ୍ୟକ୍ତି କାର୍ଯ୍ୟଟି ସହଜ ମନେ ହେଉଥିବା ଜାଣି ପ୍ରତିଯୋଗିତାର ଆହ୍ୱାନକୁ ଗ୍ରହଣ କରିବାକୁ ରାଜାଙ୍କ ନିକଟରେ ଧାଡ଼ି ଲଗାଇଲେ । ସେମାନେ ଜଣକ ପରେ ଜଣେ ଛେଳିଟିକୁ ଗୋଟିଏ ଦିନ ପାଇଁ ଆପଣା ଗୃହକୁ ନେଇ ସାରାଦିନ ସୁନ୍ଦର କଅଁଳ ଘାସ ଓ ନରମ ପତ୍ର ପ୍ରଚୁର ପରିମାଣରେ ଖୁଆଇ, ସନ୍ଧ୍ୟାରେ ଦୃଢ଼ ବିଶ୍ୱାସର ସହ ଆଣି ରାଜାଙ୍କୁ ଅବଗତ କରୁଥିଲେ ଯେ ଛେଳିର ଉଦର ପୂର୍ଣ୍ଣ ଅଛି । କିନ୍ତୁ ରାଜା ପରୀକ୍ଷା କରିବା ନିମିତ୍ତ ଯେତେବେଳେ ସବୁଜ ପତ୍ର ବଢ଼ାଇ ଦିଅନ୍ତି, ଛେଳିଟି କ୍ଷିପ୍ର ଗତିରେ ସେ ଉତ୍ତମ ଭୋଜନ ନିକଟକୁ ଚାଲି ଆସେ ଏବଂ ଅତି କ୍ଷୁଧାର୍ତ୍ତ ଥିଲା ପରି ତାକୁ ଖାଇବାରେ ଲାଗେ । ଏହାପରେ ଗୋଟିଏ ତୂରୀ ବାଜେ ଏବଂ ରାଜା ଘୋଷଣା କରନ୍ତି ଯେ ଛେଳି ଏବେ ବି ଭୋକିଲା ଅଛି । ଠିକ୍ ତା'ପରେ ଲଜ୍ଜିତ ପ୍ରତିଯୋଗିଗଣ ନିଜ ନିଜ ଗୃହକୁ ଫେରିଯା'ନ୍ତି । ଏହିପରି ଭାବେ ଦୈନିକ ରାଜଦରବାରରେ ଛେଳି ପ୍ରସଙ୍ଗରେ ଅଭିନବ ଘଟଣାବଳୀ ଦେଖିବାକୁ ମିଳିଲା ।

ଶେଷରେ ଜଣେ ବୁଦ୍ଧିମାନ୍ ବ୍ୟକ୍ତି ଏ ସମସ୍ୟାଟିର ଗୋଟିଏ ସମାଧାନ ଚିନ୍ତା କଲେ । ସେ ରାଜାଙ୍କୁ ଭେଟି କହିଲେ ଯେ ସେ ଛେଳିଟିକୁ ଗୋଟିଏ ମାସ ପାଇଁ ତାଙ୍କ ନିକଟରେ ରଖିବାକୁ ଚାହାନ୍ତି, କାରଣ ସେ ଅନୁଭବ କରୁଛନ୍ତି ଯେ କେବଳ ଗୋଟିଏ ଦିନ ରଖିବା ଦ୍ୱାରା ଛେଳିର ପରିବର୍ତ୍ତନ ସମ୍ଭବ ହେବ ନାହିଁ । ସମ୍ଭାବ୍ୟତା ଦୃଷ୍ଟିରୁ ରାଜା ସେ ପ୍ରସ୍ତାବରେ ରାଜି ହୋଇଗଲେ । ତେଣୁ ସେହି ବ୍ୟକ୍ତି ଛେଳିଟିକୁ ତାଙ୍କ ଗୃହକୁ ନେଇ ଭଲ ଭାବରେ ଖୁଆଇଲେ, ଛେଳିଟି ତା' ଖାଦ୍ୟ ଖାଇ ସାରିବା ପରେ ତା' ସମ୍ମୁଖରେ ପୁଣି କିଛି କଅଁଳ ପତ୍ର ଆଣି ଦେଖାଇବା ସଙ୍ଗେ ସଙ୍ଗେ ସେ ପୁଣି ତାହା ଖାଇବାକୁ ଚେଷ୍ଟା କରନ୍ତେ, ବ୍ୟକ୍ତି ଜଣକ ଗୋଟିଏ ବାଡ଼ିରେ ତା' ମୁହଁକୁ ପାହାରେ ପିଟି ଦେଲେ । ଛେଳିଟି ଖାଦ୍ୟରୁ ନିବୃତ୍ତ ରହି ଦୂରକୁ ଚାଲିଗଲା । ଏହିପରି ଅଭ୍ୟାସ ବାରଂବାର ଚାଲୁ ରଖିବା ଦ୍ୱାରା କିଛି ଦିନ ପରେ ଛେଳିଟି ଶୃଙ୍ଖଳିତ ହୋଇଗଲା ଏବଂ ନିଜର ସମ୍ପୂର୍ଣ୍ଣ ଖାଦ୍ୟ ଖାଇ ସାରିବା ପରେ ସବୁଜ ପତ୍ର ଦେଖାଇଲେ ସୁଦ୍ଧା ତାହା ଖାଇବାକୁ ଗଲା ନାହିଁ ।

ମାସ ଶେଷରେ ବ୍ୟକ୍ତି ଜଣକ ଛେଳିଟିକୁ ଧରି ରାଜାଙ୍କ ପ୍ରାସାଦକୁ ଗଲେ ଏବଂ ରାଜା ଆବିଷ୍କାର କଲେ ଯେ ଏହିଥରହିଁ ଛେଳିଟି ତା'ର ପେଟ ଭର୍ତ୍ତି ଖାଦ୍ୟ ଖାଇଛି । ରାଜା ତାକୁ ଯେତେ ଖାଦ୍ୟ ଯାଚିଲେ ମଧ ସେ ଖାଇଲା ନାହିଁ । ଶେଷରେ ରାଜା ତାଙ୍କ ସମସ୍ୟାର ସମାଧାନ ହୋଇ ପାରିଥିବାର ଅନୁଭବ କରି ଖୁବ୍ ଆନନ୍ଦିତ ହେଲେ । ସେ ବୁଦ୍ଧିଆ ବ୍ୟକ୍ତି ଜଣକ ମଧ ତାଙ୍କର ଉଚିତ ପୁରସ୍କାର ପାଇଲେ ।

ଆମର ଇନ୍ଦ୍ରିୟ ଓ ମନ କେବେ ହେଲେ ସନ୍ତୁଷ୍ଟ ନୁହଁନ୍ତି । ତେଣୁ ସେମାନଙ୍କୁ ଶୃଙ୍ଖଳିତ କରିବାକୁ ପଡ଼ିବ । ତୁମେ ଯେତେ ଅଗ୍ନିରେ କାଷ୍ଠ ସଂଯୋଗ କରିବ, ତାହା ଅଗ୍ନିକୁ ଅଧିକ ପ୍ରଜ୍ୱଳିତ କରିବ । ଯେତେ ଅଧିକ କାଷ୍ଠ ସଂଯୋଗ କରାଯିବ, ସେତେ ଅଧିକ ଉଚ୍ଚରେ ଅଗ୍ନି ଜଳି ଉଠିବ । ଏହାକୁ ନିର୍ବାପିତ କରିବା କଷ୍ଟସାଧ । ଆମେ ଯଦି ଆମ ଇନ୍ଦ୍ରିୟ-ସୁଖରେ ଦିନରାତି ନିବିଷ୍ଟ ରହିବା, ତେବେ ସେ ଛେଳି ପରି ହୋଇଯିବା । ତେଣୁ ନିଜର ଇନ୍ଦ୍ରିୟ ଓ ମନକୁ ଶୃଙ୍ଖଳିତ କରିବାକୁ ପଡ଼ିବ । ନଚେତ୍ ଆମେ ନିଜକୁ ପ୍ରାଣୀମାନଙ୍କ ମଧରେ ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚନା କରିବା ନିରର୍ଥକ ହେବ ।

(ସଂଗୃହୀତ)

*

## ଗୁରୁଙ୍କ ଭୂମିକା

ଥିଲେ ଜଣେ ଗୁରୁ । ତାଙ୍କ ଆଶ୍ରମରେ ରହି ଶିକ୍ଷାଲାଭ କରୁଥିଲେ ଚାଳିଶଜଣ ସରିକି ଶିଷ୍ୟ । ଖେଳ କସରତଠୁଁ ଆରମ୍ଭ

କରି ସାହିତ୍ୟ, ଦର୍ଶନ, ଆଇନକାନୁନ – ଏପରି ନାନା ବିଷୟରେ ସେମାନେ ଗୁରୁଙ୍କଠାରୁ ଶିକ୍ଷାଲାଭ କରୁଥିଲେ ।

ସେହି ଶିଷ୍ୟମାନଙ୍କ ଭିତରେ ଥାଏ ନୀଳେଶ ନାମକ ବାଳକଟିଏ । ପିଲାଟି ବାରଂବାର ଏହାଠୁଁ ତାହାଠୁଁ ଫଳଟିଏ, ମିଠାଟିଏ, କେବେ କେବେ କଲମଟିଏ ଚୋରାଇ ନେଉଥାଏ ଏବଂ ଧରା ପଡୁଥାଏ । ପିଲାମାନେ ତା' ବିରୋଧରେ ଗୁରୁଙ୍କ ପାଖରେ ଅଭିଯୋଗ କରୁଥା'ନ୍ତି । ସେମାନଙ୍କ ଦାବି – ତାକୁ ଦଣ୍ଡ ଦିଆଯାଉ ।

ଗୁରୁ କିନ୍ତୁ ସବୁ ଶୁଣି ନିରବ ରହନ୍ତି । ଅନ୍ୟ ଶିଷ୍ୟମାନଙ୍କ ପ୍ରତି ଯେପରି ଆଚରଣ କରନ୍ତି, ନୀଳେଶ ପ୍ରତି ମଧ୍ୟ ସେହିପରି ଆଚରଣ କରନ୍ତି ।

ନୀଳେଶ ମିଛ ମଧ କହେ । ସେ ବିଷୟରେ ମଧ୍ୟ ଗୁରୁଙ୍କ ପାଖରେ ଅଭିଯୋଗ ହୁଏ । କିନ୍ତୁ ଗୁରୁ ନୀଳେଶ ଆଡ଼େ ଖାଲି କିଛି ସମୟ ଅନାଇ ରହନ୍ତି । ତାକୁ ଧମକଚମକ ଦିଅନ୍ତି ନାହିଁ ।

ଦିନେ ଜଣେ ବାଳକର ଘରୁ ପାଛିଆଏ ପିଠା ଆସିଥାଏ । ଆଶ୍ରମରେ ଯେତେ ଲୋକ ଥିଲେ, ପ୍ରତ୍ୟେକେ ଯେମିତି ଦୁଇଟି ଲେଖାଏ ପିଠା ପାଇବେ, ସେହି ଅନୁସାରେ ସେ ବାଳକର ମାଆବାପା ହିସାବ କରି ପଠାଇଥିଲେ ।

କିନ୍ତୁ ଆଶ୍ରମର ଖଞ୍ଜାଘରେ ଆଉ କେହି ନଥିବା ବେଳେ ନୀଳେଶ ଏକୁଟିଆ ପାଞ୍ଚଗୋଟି ପିଠା ଖାଇଗଲା ଓ ଷଷ୍ଠ ପିଠାଟିରେ ଦାନ୍ତ ବସାଇବା ବେଳେ ଧରା ପଡ଼ିଗଲା ।

ଯଥାବିଧି ଖବର ଯାଇ ପହଞ୍ଚିଲା ଗୁରୁଙ୍କ ପାଖରେ । କିନ୍ତୁ ସେ ଚୁପ୍ ରହିଲେ ।

ଏଥର ସବୁ ବାଳକ ଯାଇ ଗୁରୁଙ୍କ ଆଗରେ ହାତଯୋଡ଼ କରି କହିଲେ, ''ଆଜ୍ଞା, ଆପଣ ଯଦି ନୀଳେଶକୁ ବାହାର କରି ନଦେବେ, ତେବେ ଆମେ ସଭିଏଁ ଆଶ୍ରମ ଛାଡ଼ି ଚାଲିଯିବୁ ।''

ଗୁରୁ କିଛି ନକହି ଖାଲି ସେମାନଙ୍କ ଆଡ଼େ ଅନାଇ ରହିଲେ ।

''ଆଜ୍ଞା ! ଆପଣଙ୍କ ନିଷ୍ପତ୍ତି କ'ଣ ?'' ବାଳକମାନେ ପଚାରିଲେ ।

''ପିଲାଏ ! ତୁମେମାନେ ତେବେ ଯାଇପାର । ଦେଖୁଛି, ତୁମେମାନେ ଶିକ୍ଷିତ ହୋଇ ସାରିଛ । ତୁମେମାନେ ଜାଣ ଯେ ଚୋରି କରିବା ଅନୁଚିତ, ଲୋଭ କରିବା ଅନୁଚିତ, ମିଛ କହିବା ଗୋଟାଏ ପ୍ରଚଣ୍ଡ ଭୁଲ୍ ...ଇତ୍ୟାଦି । କିନ୍ତୁ ନୀଳେଶ ଏସବୁ ବୁଝି ନାହିଁ । ତା'ର ଶିକ୍ଷା ପ୍ରୟୋଜନ । ଜଣେ ରୋଗୀ ପାଇଁ ସିନା ବୈଦ୍ୟ ପ୍ରୟୋଜନ, ନୀରୋଗ ଲୋକଙ୍କ ପାଇଁ ନୁହେଁ । ତୁମମାନଙ୍କ ପାଇଁ ଆଉ ଶିକ୍ଷକର ଦରକାର ନାହିଁ । ନୀଳେଶ ପାଇଁ ଦରକାର । ତେଣୁ ସେ ଏକାକୀ ରହିଥାଉ; ମୁଁ ତାକୁ ମୋ ଯଥାସାଧ୍ୟ ଶିକ୍ଷା ଦେଉଥିବି । ନହେଲେ ଶିକ୍ଷକ ବୋଲାଇବାର ଅଧିକାର ମୋର ନାହିଁ ।

ବାଳକମାନେ ଲଜ୍ଜିତ ହେଲେ ଏବଂ କହିଲେ, ''ଆଜ୍ଞା, ଆଜି ଆମେ ଯେତିକି ଶିକ୍ଷା ପାଇଲୁ, ସେଥିରୁ ବୁଝୁଛୁ ଆପଣଙ୍କଠାରୁ ଆହୁରି କେତେ ଶିଖିବାର ଅଛି । ଆମକୁ କ୍ଷମା କରନ୍ତୁ ।''

ସବୁଠାରୁ ଅଧିକ ଲଜ୍ଜିତ ହେଲା ନୀଳେଶ । ସେହି ଦିନରୁ ସେ ତା'ର ବଦଭ୍ୟାସତକ ତ୍ୟାଗ କଲା ବୋଲି କିଛି ଦିନ ଭିତରେ ଜଣା ପଡ଼ିଗଲା ।

(ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀରୁ ସଂଗୃହୀତ)

*

## ଦଣ୍ଡମୁକ୍ତ ଶ୍ରେଣୀ ଗୃହ

ସ୍କୁଲର ଶିକ୍ଷକମାନେ ପ୍ରଧାନ ଶିକ୍ଷକଙ୍କୁ କହିଲେ – ବିଦ୍ୟାଳୟକୁ ଦଣ୍ଡମୁକ୍ତ କରିବା କ'ଣ ଉଚିତ ? ଦଣ୍ଡର ଭୟ ନ ରହିଲେ ପିଲାମାନେ ପାଠ ପଢ଼ିବେ ନାହିଁ । ସେମାନଙ୍କ ଭିତରେ ସଂସ୍କାର ଆସିବ ନାହିଁ ।

ପ୍ରଧାନ ଶିକ୍ଷକ ତାଙ୍କ ସହକର୍ମୀମାନଙ୍କୁ କଥାଟିଏ କହିଲେ । ଥରେ ଗୋଟିଏ ବଡ଼ ତାଲାର ଚାବି ହଜିଗଲା । ତାକୁ ଖୋଲାଯିବ କେମିତି ? ସବୁ ଉପାୟ ସରିଗଲା ପରେ ଘରର ମାଲିକ ତାଙ୍କର ଜଣେ ପରିଚାରକକୁ ହାତୁଡ଼ିରେ ପିଟି ତାଲାକୁ ଭାଙ୍ଗିବାକୁ ଆଦେଶ ଦେଲେ । ପରିଚାରକ ବଡ଼ ହାତୁଡ଼ିଟିଏ ଆଣି ତା'କୁ ବାଡ଼େଇ ବାଡ଼େଇ ଥକିଲା । ହେଲେ, ତାହା ଭାଙ୍ଗିଲା ନାହିଁ । ଏବେ ମାଲିକ ଜଣକ ବାଧ୍ୟ ହୋଇ ଜଣେ ବ୍ୟକ୍ତିଙ୍କୁ ପାଖ ବଜାରକୁ ପଠାଇଲେ ଚାବି ମିସ୍ତ୍ରିକୁ ଡାକି ଆଣିବା ଲାଗି । ଚାବି ମିସ୍ତ୍ରି ଆସି ଗୋଟିଏ ମାପ ନେଲା ଏବଂ କିଛି ସମୟ ଭିତରେ ଚାବିଟି ତିଆରି କରିଦେଲା । ନୂଆ ଚାବିଟି ତାଲାରେ ପୂରାଇ ବାମକୁ ଟିକିଏ ମୋଡ଼ି ଦେଲା ମାତ୍ରକେ ତାଲା ଫିଟିଗଲା ।

ନିରୋଳା ମୁହୂର୍ତ୍ତ ଦେଖି ଅବାକ୍ ବିସ୍ମିତ ହାତୁଡ଼ି ଚାବିକୁ ପଚାରିଲା – ଭାଇ ମୁଁ ଗଳଦ୍‌ଘର୍ମ ହୋଇଗଲି ତାଲା ଫିଟିଲା ନାହିଁ । ତୁ ଏମିତି କ'ଣ କଲୁ ଯେ ତାଲା ଫିଟିଗଲା ?

ଚାବି କହିଲା – ହାତୁଡ଼ି ଭାଇ, ତୁମେ ତାଲାକୁ ଉପରୁ ବାଡ଼େଇ ତାକୁ ଖୋଲିବାକୁ ଚାହିଁଲ, କିନ୍ତୁ ତା' ହୃଦୟକୁ ଛୁଇଁ ପାରିଲ ନାହିଁ । ମୁଁ ତା ଭିତରକୁ ପଶିଲି ଏବଂ ତା ହୃଦୟକୁ ଛୁଇଁ ଦେଲି । ତେଣୁ ସେ ଫିଟିଗଲା ।

କାହାଣୀଟି କହିସାରି ପ୍ରଧାନ ଶିକ୍ଷକ କହିଲେ – ଦଣ୍ଡ ଦେବା ହେଉଛି ହାତୁଡ଼ି କରୁଥିବା କାମ ଭଳି । ଆମେମାନେ ଯଦି ଚାବି ଭଳି ପିଲାର ହୃଦୟକୁ କୋମଳ ମଧୁରଭାବେ ସ୍ପର୍ଶ କରିପାରିବା ତେବେ ସେମାନେ ପୂରା ସମ୍ଭାବନାରେ ମୁକୁଳିତ ହୋଇଯିବେ ଏବଂ ସାଧମତେ ବିଦ୍ୟାଧ୍ୟୟନ କରିବେ ଓ ସୁସଂସ୍କୃତ ହେବା ପାଇଁ ପ୍ରୟାସୀ ହେବେ ।

(ସଂଗୃହୀତ) ❑

## ସଂଯମ ଓ ସାଧନା

ଗୌତମ ବୁଦ୍ଧ କହିଲେ : ସଂଯମୀ ହୁଅ ।

ଶିଷ୍ୟମାନେ ପଚାରିଲେ : ତାହା କେମିତି ହେବୁ ?

ବୁଦ୍ଧ ଏହା ଶୁଣି ପଟ୍ଟଶିଷ୍ୟ ଆନନ୍ଦଙ୍କୁ ଚାହିଁଲେ ।

ଆନନ୍ଦ କହିଲେ : ତଥାଗତଙ୍କ କହିବାର ଅର୍ଥ ହେଲା ଆମକୁ ଇନ୍ଦ୍ରିୟଜାତ ପ୍ରବୃତ୍ତିକୁ ଜୟ କରିବାକୁ ହେବ । ପ୍ରକୃତିକୁ ଦମନ କରିବାକୁ ହେବ ।

ବୁଦ୍ଧ ହସିଲେ ଓ କହିଲେ : ଏ କଥା ତୁମକୁ କିଏ କହିଲା, ଆନନ୍ଦ ? ସଂଯମର ଅର୍ଥ ତୁମେ ଯାହା ବୁଝିଛ, ତାହା ହେଲା ନିୟନ୍ତ୍ରଣ । ଅର୍ଥାତ୍ ତୁମ ଭିତରେ ଭୋଗ ଲାଳସା ବଢ଼ିଲେ ବା ମୁଣ୍ଡ ଟେକିଲେ ତୁମେ ତା'ର ନିୟନ୍ତ୍ରଣ କରିବ । ତୁମେ ତା' ସହିତ ଯୁଦ୍ଧ କରିବ ଓ ତାକୁ ପରାସ୍ତ କରିବ । ତେଣୁ ତୁମ ଭିତରେ ସଂଯମ ନାମରେ ଯାହା ଚାଲିଛି ତାହା ରୀତିମତ ଗୋଟିଏ ଯୁଦ୍ଧ । କିନ୍ତୁ ସଂଯମର ଅର୍ଥ ନିୟନ୍ତ୍ରଣ ନୁହେଁ । ସଂଯମର ଅର୍ଥ ହେଲା, ନିଜକୁ ଏମିତି ଏକ ସ୍ତରକୁ ନେଇଯିବା ଯେଉଁଠି ଇନ୍ଦ୍ରିୟରୁ ଜାତ ପ୍ରବୃତ୍ତି ଆଦୌ ମୁଣ୍ଡ ଟେକିବ ନାହିଁ । ତାହା ମୃତବତ୍ ଶୋଇ ରହିବ । ତୁମର ଆତ୍ମସ୍ଥ ଶକ୍ତି ଏଭଳି ଉଜ୍ଜ୍ୱଳ ହେବ ଯେ କାମ, କ୍ରୋଧ ବା ଲୋଭ ସବୁ ମଳିନ ପଡ଼ିଯିବେ । ନିୟନ୍ତ୍ରଣ ବା ସଂଘର୍ଷର ଅବକାଶହିଁ ରହିବ ନାହିଁ । ସେଇଭଳି ଶକ୍ତିର ଅଧିକାରୀ ଜଣେ ବ୍ୟକ୍ତି ସଂଯମକୁ ବି ଉତ୍ସବାୟିତ କରିପାରିବ । ଯିଏ ସେଇ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ ହେବ, ସେ ହେବ ପ୍ରକୃତ ସଂଯମୀ ।

କହିବା ବାହୁଲ୍ୟ, ଏହି ଅର୍ଥରେ ସଂଯମକୁ କେହି ବୁଝିଲେ ନାହିଁ । ସମସ୍ତେ ପ୍ରବୃତ୍ତିକୁ ଦମନ କରିବାକୁ ଚେଷ୍ଟା କଲେ । ତେଣୁ ତଥାକଥିତ ସଂଯମୀମାନଙ୍କ ଭିତରେ ବିଭିନ୍ନ ପ୍ରକାର ଅପ୍ରାକୃତିକତା ଦେଖାଦେଲା । ସଂଯମ ଏକ ଆନନ୍ଦ ପ୍ରବାହରେ ପରିଣତ ନ ହୋଇ କଠିନ ସାଧନାର ବିଷୟ ହୋଇଗଲା ।

(ସଂଗୃହୀତ) ❑

# ଇର୍ଷାହିଁ ବିନାଶର କାରଣ

## ଦୌଲତ ପାଣ୍ଡେ

ରାଜପ୍ରାସାଦର ଉପବନ ପାଚେରୀ ବାହାରେ ସୁନ୍ଦର ଏକ ବାଦାମ ଗଛ ଥିଲା । ପ୍ରଚଣ୍ଡ ଖରା ଓ ହାଡ଼ଭଙ୍ଗା ଶୀତକୁ ଭ୍ରୂକ୍ଷେପ ନକରି ବାଦାମ ଗଛଟିର ସୁରକ୍ଷା ବଳୟ ଭିତରେ ରହି ଥରେ ଏକ ଗୋଲାପ ବୁଦା ବଢ଼ିବାରେ ଲାଗିଲା । ଗ୍ରୀଷ୍ମଋତୁର ପ୍ରଚଣ୍ଡ ଉତ୍ତାପ ଓ ଝାଞ୍ଜି ପବନ ଯେତେବେଳେ ସୁକୁମାରୀ ଗୋଲାପ ଗଛଟିକୁ ବ୍ୟତିବ୍ୟସ୍ତ କରିବାକୁ ଆରମ୍ଭ କରିଦିଏ, ସାଥୀ ବାଦାମ ଗଛଟି ତାହାର ଗହଳିଆ ଡାଳପତ୍ରରେ ଗୋଲାପ ଚାରାଟିକୁ ଢାଙ୍କି ଉତ୍ତାପରୁ ରକ୍ଷା କରେ । ଶୀତ ଋତୁର ଆଗମନରେ ଉଭୟ ଗୋଲାପ ଓ ବାଦାମ ଗଛରୁ ପତ୍ରସବୁ ଝଡ଼ିଯାଏ । ଗୋଲାପ ଫୁଲର ପାଖୁଡ଼ାସବୁ ଝଡ଼ିଯାଏ ।

ସେହି ଦୁର୍ଦ୍ଦିନରେ ବାଦାମ ଗଛଟି ଥାଏ ଗୋଲାପର ଏକମାତ୍ର ସାଥୀ । ଗୋଲାପକୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ବାଦାମ ଗଛଟି ନିଜ ଅଙ୍ଗେନିଭା ପୁରୁଣା କାହାଣୀସବୁ ଗୋଲାପ ଆଗରେ ବଖାଣି ଯାଏ । ନିଜ ଜନ୍ମ ପୂର୍ବର କାହାଣୀସବୁ ବାଦାମ ଗଛଠାରୁ ଶୁଣି ଗୋଲାପ ଗଛଟି ଦୁଃସହ ଶୀତ ଯନ୍ତ୍ରଣା ଭୁଲିଯାଏ । ଶେଷରେ ବହୁ ଆକାଙ୍‌କ୍ଷିତ ବସନ୍ତ ଋତୁ ଯେତେବେଳେ କୋମଳ ପଦପାତରେ ନଦ-ନଦୀ, ପାହାଡ଼-ପର୍ବତ ଓ ଉପତ୍ୟକା ଉପରେ ନାଚି ନାଚି ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଏ ଉଭୟ ବାଦାମ ଗଛ ଓ ଗୋଲାପ ଗଛ ପତ୍ରପୁଷ୍ପରେ ଭରିଯା'ନ୍ତି । ପକ୍ଷୀମାନେ ସେମାନଙ୍କ ପାଖକୁ ଫେରି ଆସନ୍ତି । ପତ୍ରଫୁଲଭରା ଗହଳିଆ ଡାଳରେ ବସି ମଧୁର କାକଳୀରେ ସମଗ୍ର ବାତାବରଣକୁ ଉତ୍ସବ ମୁଖର କରି ଦିଅନ୍ତି । ପ୍ରଜାପତିର ମଧୁର ଚୁମ୍ବନରେ ଗୋଲାପ କଢ଼ିଗୁଡ଼ିକ ପୁଣି ପାଖୁଡ଼ା ମେଲି ଫୁଟି ଉଠନ୍ତି ।

ଥରକର ଘଟଣା । ଋତୁରାଜ ବସନ୍ତର ଆଗମନରେ ଗୋଲାପ ଚାରାଟିରେ ଫୁଲ, ପତ୍ର ଭରିଗଲା । ମହୁମାଛିମାନେ ଗୁଣୁଗୁଣୁ ଧ୍ୱନି କରି ମନ ଆନନ୍ଦରେ ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରିବାରେ ଲାଗିଗଲେ । ଝିଣ୍ଟିକାମାନେ କଅଁଳ ଘାସର ଗାଲିଚା ଉପରେ ଡେଇଁ ବୁଲିଲେ । ଆନନ୍ଦ ବିଭୋର ଫୁଟନ୍ତା ଗୋଲାପଗୁଡ଼ିକ ପକ୍ଷୀମାନଙ୍କୁ କହିବାରେ ଲାଗିଲେ, ''ଆମର ଏ ଜୀବନ ସତେ କେଡ଼େ ମଧୁମୟ ! ଏବେ ଆମେ କି ସୁଖରେ କାଳଯାପନ କରୁଛୁଁ !'' ଉତ୍ତରରେ ପକ୍ଷୀମାନେ କହିଲେ, ''ଆମ୍ଭେମାନେ ମଧ କମ୍ ନୋହୁଁ । ଆମ୍ଭମାନଙ୍କ ଜୀବନ ଏବେ ସଙ୍ଗୀତମୟ ହୋଇଯାଇଛି ।'' ବାଦାମ ଗଛଟି କହିଲା, ''ମୁଁ ସମସ୍ତଙ୍କ ଅପେକ୍ଷା ଅଧିକ ଖୁସି । କାରଣ ପ୍ରତିଦିନ ମୋର ଉଚ୍ଚତା କ୍ରମେ କ୍ରମେ ବଢ଼ିବାରେ ଲାଗିଛି । ଆଉ ଅଳ୍ପଦିନ ଭିତରେ ମୋର ବଢ଼ନ୍ତା ଡାଳସବୁ ପ୍ରାସାଦର ପାଚେରୀକୁ ଅତିକ୍ରମ କରିଯିବ । ମୋ ଫୁଲସବୁ ପ୍ରାସାଦ ଉଦ୍ୟାନରେ ବିଞ୍ଚି ହୋଇଯିବ ।''

ଗୋଲାପ ଗଛଟି କହିଲା, ''ଭାଇ ସତରେ ତୁମେ ବଡ଼ ଭାଗ୍ୟବାନ୍ । ମୁଁ ତୁମ ଭଳି ଡେଙ୍ଗା ହୋଇଥା'ନ୍ତି କି ! ତାହା ହେଲେ ପାଚେରୀରେ ଉଙ୍କିମାରି ଦେଖିପାରନ୍ତି ରାଜାଙ୍କ ଉଦ୍ୟାନରେ ଗୋଲାପ ଫୁଟିଛି କି ନାହିଁ ।'' କାଠହଣା ଚଢ଼େଇଟି ବାଦାମ ଗଛର ଉଚ୍ଚ ଡାଳରେ ବସି ଗଛକୁ ଥଣ୍ଟରେ ଆଘାତ ଦେଉ ଦେଉ ଗୋଲାପକୁ କହିଲା, ''ମୋ କାମରେ ମୁଁ ବ୍ୟସ୍ତ । ମୋ ଅବସ୍ଥା ଯଦି ତୁମ ଭଳି ହୋଇଥା'ନ୍ତା, ତେବେ ବି ମୁଁ ଅନ୍ୟ କାହା କଥାରେ ମୁଣ୍ଡ ପୂରାନ୍ତି ନାହିଁ ।'' ଗୋଲାପଗୁଡ଼ିକ ସମବେତ କଣ୍ଠରେ କହି ଉଠିଲେ, ''ଏହିଭଳି କହିବା ତୁମ ପାଇଁ ବେଶ୍ ସହଜ । କାରଣ ତୁମର ଡେଣା ଅଛି, ଯେତେବେଳେ ଚାହିଁବ ପାଚେରୀ ଉପରକୁ ଉଡ଼ି ଯାଇ ପାରିବ; ରାଜାଙ୍କ ବଗିଚାରେ କେଉଁ ଫୁଲ ଫୁଟିଛି ଦେଖିପାରିବ । ଆମ ପକ୍ଷେ ତ ତାହା ସମ୍ଭବ ନୁହେଁ ! ଆମେ ଇଞ୍ଚେ ବି ଘୁଞ୍ଚି ପାରିବୁ ନାହିଁ ।'' ହଳଦୀ ବର୍ଣ୍ଣର ବଟର୍‌କପ୍ ଫୁଲଟି କହି ଉଠିଲା, ''ଆମ ଅବସ୍ଥା ବି ଠିକ୍ ସେଇଆ ! ମାତ୍ର ସେଥିପାଇଁ ଆମର ଆଦୌ ଦୁଃଖ ନାହିଁ । କାରଣ ଆମେ ତ ପକ୍ଷୀ ନୋହୁଁ, ଆମେ ଫୁଲ ।'' ଗୋଲାପମାନେ ବାଦାମ ଗଛକୁ ଲକ୍ଷ୍ୟ କରି କହିଲେ, ''ଭାଇ, ପାଚେରୀ ସେ ପାଖରେ ତୁମ ନଜର ପଡ଼ିବା ମାତ୍ରେ ରାଜାଙ୍କ ବଗିଚାରେ କ'ଣ ସବୁ ଅଛି ଆମକୁ ନିଶ୍ଚୟ କହିବ ।'' ବାଦାମ ଗଛଟି ହଁ ଭରି କହିଲା, ''ଏବେ ସେ କଥା ଭୁଲିଯାଅ । ଦେଖ, ମନ୍ଦ ମଳୟରେ ମୋ ଫୁଲସବୁ କିପରି ଶୂନ୍ୟରେ ଘୂରି ଘୂରି ନାଚି ନାଚି ଉଡ଼ି ଯାଉଛନ୍ତି ।''

ସୁଖ ସ୍ୱପ୍ନ ତୁଲ୍ୟ ଦିନ ଗଡ଼ି ଚାଲିଲା । ଦିନେ ସକାଳେ

ହଠାତ୍ ବାଦାମ ଗଛଟି  ଆନନ୍ଦ ଗଦ୍‌ଗଦ କଣ୍ଠରେ ଘୋଷଣା କଲା ଯେ ପାଚେରୀ ଆରପାଖରେ କ'ଣ ସବୁ ଅଛି ସେ ଦେଖିପାରୁଛି । ବାଦାମ ଗଛଟି କ'ଣ ସବୁ ଦେଖୁଛି ଜାଣିବା ପାଇଁ ଗୋଲାପ ଗଛଟି ଅତ୍ୟନ୍ତ ଉତ୍‌କଣ୍ଠିତ ହୋଇ ଉଠିଲା । ବାଦାମ ଗଛ କହିଲା, ''ବଗିଚାଟିରେ ଅନେକ ପ୍ରକାର ଫୁଲସବୁ ଫୁଟିଛି । ଆଉ ଗୋଲାପ କଥା କ'ଣ କହିବି ? ଏ ଦୁନିଆରେ ଏତେ ଜାତିର ଗୋଲାପ ଅଛି, ମୁଁ ଜାଣି ନଥିଲି । ହେଇ, ସାଙ୍ଗସାଥୀଙ୍କ ଗହଣରେ ସ୍ୱୟଂ ରାଜକୁମାର ବଗିଚା ଭିତରକୁ ବୁଲି ଆସୁଛନ୍ତି ।'' ଗୋଲାପ କହିଲା, ''ଭାଇ, ସତରେ ତୁମ ପ୍ରତି ଆମର ଈର୍ଷା ହେଉଛି । ରାଜକୁମାର କ'ଣ ସତରେ ଜଣେ ଗୌର ବର୍ଣ୍ଣର ସୁନ୍ଦର ଯୁବକ ?'' ବାଦାମ ଗଛ କହିଲା, ''ହଁ, ଦୁନିଆରେ ଯେ କୌଣସି ରାଜକୁମାର ତୁଲ୍ୟ ସେ ଅତିଶୟ ସୁନ୍ଦର । ଲୋହିତବର୍ଣ୍ଣର ସୁନ୍ଦର ଗୋଲାପଟିଏ ହାତରେ ଧରି ସେ ତାହାର ପାଖୁଡ଼ାଗୁଡ଼ିକୁ ନିଜ ଆଙ୍ଗୁଳିର କୋମଳ ସ୍ପର୍ଶ ଦେବାରେ ଲାଗିଛନ୍ତି ।''

ଗୋଲାପଗୁଡ଼ିକ କାନ୍ଦି କାନ୍ଦି କହିବାର ଶୁଣାଗଲା, ''କୌଣସି ରାଜକୁମାର ସେମାନଙ୍କ ପାଖକୁ ଆସନ୍ତି ନାହିଁ ।'' ଏହା ଶୁଣି ପକ୍ଷୀମାନେ କହିଲେ, ''ସେଥିରେ ତୁମର ଦୁଃଖ କାହିଁକି ? ଆମେ ତ ତୁମ ପାଖକୁ ଆସୁଛୁ ।'' ଗୋଲାପମାନେ ପକ୍ଷୀମାନଙ୍କ ପ୍ରତି ଅବଜ୍ଞା ପ୍ରକାଶ କରି କହିଲେ, ''ରାଜକୁମାରଙ୍କ ଧମନୀରେ ରାଜରକ୍ତ ପ୍ରବାହିତ ହେଉଛି । ତାଙ୍କ ସହିତ ନିଜକୁ ତୁଳନା କରିବାର ଧୃଷ୍ଟତା କିପରି କରିପାରୁଛ ?'' ପକ୍ଷୀମାନେ କହିଲେ, ''ଏକଥା ସତ ଯେ ଆମ୍ଭେମାନେ ରାଜକୁମାର ନୋହୁଁ । ହେଲେ, ଆମେ ତୁମମାନଙ୍କୁ କେଡ଼େ ଶ୍ରଦ୍ଧା କରୁଛୁଁ ! କିନ୍ତୁ ରାଜକୁମାର ତୁମକୁ ଅଚଳ ମୁଦ୍ରାତୁଲ୍ୟ କେବଳ ବେଖାତିର କରନ୍ତି ।'' ଈର୍ଷା ଜର୍ଜରିତ ଗୋଲାପମାନେ ସ୍ଥାନ, କାଳ ଓ ପାତ୍ର ଭୁଲିଗଲେ ଏବଂ କହିଲେ ତାଙ୍କର କେବଳ ରାଜକୁମାର ଦରକାର, ଆଉ କେହି ନୁହେଁ । ବାଦାମ ଗଛଟି ଗୋଲାପକୁ ଆକଟ କଲା ଏବଂ ପକ୍ଷୀମାନଙ୍କୁ ଏଭଳି ଅଭଦ୍ର ବ୍ୟବହାର କରିବାକୁ ବାରଣ କଲା । ଗୋଲାପଗୁଡ଼ିକ ନିଜର ଭୁଲ୍ ବୁଝିବା ଦୂରେ ଥାଉ ବାଦାମ ଗଛକୁ ଲକ୍ଷ୍ୟ କରି କହିଲେ, ''ସେଥିରେ ଆମର ଖାତିର ନାହିଁ । ଭବିଷ୍ୟତରେ ନିଜ କଥା ନିଜେ ବୁଝିବାକୁ ଚେଷ୍ଟାକର । ଆମକୁ ନୀତିବାଣୀ ଶୁଣାଇବା ଦରକାର ନାହିଁ ।'' ପକ୍ଷୀମାନଙ୍କୁ ଲକ୍ଷ୍ୟ କରି କହିଲେ, ''ତୁମମାନଙ୍କ ଶ୍ରଦ୍ଧା ମଧ ଆମର ଦରକାର ନାହିଁ । ତୁମେମାନେ ଆଉ କାହା ପାଖକୁ ଯାଇପାର ।''

ଗୋଲାପର ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ପକ୍ଷୀମାନଙ୍କୁ ବଡ଼ ବାଧିଲା । ସେମାନେ ଗୋଟିକ ପରେ ଗୋଟିଏ ସେ ସ୍ଥାନ ଛାଡ଼ି ଉଡ଼ିଗଲେ । ଗୋଲାପ ଚାରାଟି ନିଜ ଅହଂକାରକୁ ଧରି ସେହିଠାରେ ରହିଲା । ବାଦାମ ଗଛଟି ମଧ ଗୋଲାପର କଥାରେ କ୍ଷୁବ୍ଧ ଏବଂ ଅପମାନିତ ବୋଧକଲା । ସେ ବି ଗୋଲାପଚାରାଟି ଆଡୁ ମୁହଁ ବୁଲାଇ ନେଲା । ଫଳରେ ଗୋଲାପଚାରାଟି ବାଦାମ ଡାଳର ଶୀତଳ ଛାୟାରୁ ବଞ୍ଚିତ ହେଲା । ସମୟକ୍ରମେ ଗ୍ରୀଷ୍ମ ଋତୁ ଆସିଲା । ଗ୍ରୀଷ୍ମତାପ ସହି ନପାରି ଗୋଲାପ ଗଛଟି ଶୁଖିଶୁଖି ମରିଗଲା । ଯେଉଁ ସ୍ଥାନରେ ଏକଦା ସ୍ନେହ, ଶ୍ରଦ୍ଧା ଓ ସୁଖ-ଶାନ୍ତି ବିରାଜୁ ଥିଲା, କେବଳ ଈର୍ଷା ସବୁ ଧୂଳିସାତ୍ କରିଦେଲା । ବାଦାମ ଗଛଟି ନୀରବ ରହିବା ଉଚିତ ମନେ କଲା । ବର୍ଷ ପରେ ବର୍ଷ ବିତିଗଲା । ଗୋଲାପ ସ୍ଥାନରେ ଅନ୍ୟ ଫୁଲସବୁ ଫୁଟିବାରେ ଲାଗିଲେ । ମାତ୍ର ପାଚେରୀ ସେପାଖ ରାଜ ଉଦ୍ୟାନରେ କ'ଣ ସବୁ ଦେଖିଲା ବାଦାମ ଗଛ ଆଉ କେବେ କାହାରିକୁ କହିବାର ଶୁଣାଗଲା ନାହିଁ । ନୀରବ ରହିବା ବୁଦ୍ଧିମାନର କାର୍ଯ୍ୟବୋଲି ବୋଧହୁଏ ସେ ବୁଝି ପାରିଲା ।

(ଅନୁବାଦ : ସନାତନ ମହାନ୍ତି) ❑

ସ୍ୱାର୍ଥପରତାହିଁ ଏକମାତ୍ର ପାପ, ନୀଚତା ଏକମାତ୍ର ଦୁର୍ମତି, ଘୃଣା ଏକମାତ୍ର ଅପରାଧ । ଆଉ ସବୁକୁ ଭଲରେ ପରିଣତ କରାଯାଇପାରେ, କିନ୍ତୁ ଏହିଗୁଡ଼ିକହିଁ ଭାଗବତ ସାନ୍ନିଧ ଦିଗରେ ଦୁରନ୍ତ ବାଧା ।

(Thoughts and Aphorisms) — ଶ୍ରୀଅରବିନ୍ଦ

# ଦୁର୍ବାସାଙ୍କ କ୍ରୋଧ

## ବିଜୟ କୁମାର ମୁନି

ପୂର୍ବକାଳରେ ଅମ୍ବରୀଶ ନାମକ ଜନୈକ ଧର୍ମପ୍ରାଣ ତଥା ବିଷ୍ଣୁଭକ୍ତ ନୃପତି ଥିଲେ । ସେ ସବୁବେଳେ ଭଗବତ୍ ବିଷୟ ଚର୍ଚ୍ଚାରେ ନିମଜ୍ଜିତ ରହୁଥିଲେ । ସେ ଭଗବାନଙ୍କର ପ୍ରତ୍ୟେକ ତୀର୍ଥକ୍ଷେତ୍ର ଭ୍ରମଣ କରି ଅପାର ଆନନ୍ଦ ଅନୁଭବ କରୁଥିଲେ । ସେ ବିଷ୍ଣୁଭକ୍ତ ହୋଇଥିବାରୁ ସର୍ବଦା ତୁଳସୀମାଳା ଏବଂ ଚନ୍ଦନଚର୍ଚ୍ଚିତ ହୋଇ ପୂର୍ଣ୍ଣ ଭଗବତ୍ ବିଶ୍ୱାସ ସହ ରାଜ୍ୟ ଶାସନ କରୁଥିଲେ ।

ଏକଦା ରାଜା ଅମ୍ବରୀଶ ଏକ ବର୍ଷ ପର୍ଯ୍ୟନ୍ତ ସଂଯତ ହୋଇ ଦ୍ୱାଦଶୀ ବ୍ରତ ପାଳନ କଲେ । ସେହି ବ୍ରତ କାର୍ତ୍ତିକ ମାସରେ ସମାପ୍ତ ହେବାରୁ ରାଜା ଶେଷ ତ୍ରିରାତ୍ର ଉପବାସ ସହ ବିଷ୍ଣୁଙ୍କୁ ପୂଜା କରିବାକୁ ଲାଗିଲେ । ତା'ପରେ ଦ୍ୱିଜମାନଙ୍କୁ ଗୋ-ସମ୍ପଦ, ସୁବର୍ଣ୍ଣ ଇତ୍ୟାଦି ଦାନ ଦେଲେ । ସମସ୍ତେ ରାଜାଙ୍କୁ ଖୁସିରେ ଆଶୀର୍ବାଦ କଲେ । ସବା ଶେଷରେ ଆସି ପହଞ୍ଚିଲେ ଋଷି ଦୁର୍ବାସା । ରାଜା ଋଷିଙ୍କୁ ଦେଖିବା କ୍ଷଣି ଅତିଥି ସତ୍କାର ପରମ ଧର୍ମ ଏବଂ ପ୍ରଥମ କାର୍ଯ୍ୟ ଭାବି ତାଙ୍କୁ ପାଛୋଟି ନେଇ ଆସନ ଦେଇ ବସାଇଲେ ଏବଂ ପୂଜାବିଧିପୂର୍ବକ ଋଷିଙ୍କୁ ଆପ୍ୟାୟିତ କଲେ । ତା'ପରେ ରାଜା ତାଙ୍କୁ ଭୋଜନ କରିବା ନିମିତ୍ତ ପ୍ରାର୍ଥନା କଲେ । ଋଷି ମଧ୍ୟ ରାଜାଙ୍କ ଅନୁରୋଧରେ ସ୍ୱୀକାରୋକ୍ତି ପ୍ରଦାନ କରି ନିତ୍ୟକର୍ମ ସମାପନ ପାଇଁ ଗଲେ ।

କ୍ରମେ ସମୟ ଗଡ଼ି ଚାଲିଲା । ଦୁର୍ବାସାଙ୍କର ଫେରିବାରେ ବିଳମ୍ବ ହେଲା । ଏଣେ ରାଜାଙ୍କର ଦ୍ୱାଦଶୀ ପାରଣା ସମୟ ଗଡ଼ିଯାଉଛି । ଅତିଥି ସତ୍କାର ନକରି ପ୍ରଥମେ ଭୋଜନ କରିବା ଉଚିତ ହେବ ନାହିଁ । ଏଣେ ଯଦି ଦ୍ୱାଦଶୀ ସମୟ ଶେଷ ହୋଇଯିବ ଏବଂ ପାରଣା ହୋଇ ନ ପାରିବ, ତାହାହେଲେ ରାଜାଙ୍କର ବ୍ରତ ଭଗ୍ନ ହେବ । ଏହା ବିଚାର କରି ରାଜା ବିଷ୍ଣୁଙ୍କୁ ଧ୍ୟାନପୂର୍ବକ କିଛି ଜଳପାନ କରି ରହିଲେ । କିଛି ସମୟ ପରେ ଦୁର୍ବାସା ଋଷି ଆସି ପହଞ୍ଚିଲେ । କିନ୍ତୁ ଋଷି ଯେତେବେଳେ ଜାଣିପାରିଲେ ଯେ ରାଜା ଅତିଥିଙ୍କୁ ଉପେକ୍ଷା କରି ଭୋଜନ କରି ସାରିଛନ୍ତି, ସେ କ୍ରୋଧରେ ପ୍ରକମ୍ପିତ ହେବାକୁ ଲାଗିଲେ । କ୍ରୋଧ ମନୁଷ୍ୟକୁ ବୁଦ୍ଧିଶୂନ୍ୟ କରିପକାଏ । ସେହି ସମୟରେ ସେ ଭଲମନ୍ଦ ବିଚାର କରିବା ଅବସ୍ଥାରେ ନଥାଏ । କ୍ରୋଧାନ୍ଧ ବ୍ୟକ୍ତି ଯେକୌଣସି ଜଘନ୍ୟ କାର୍ଯ୍ୟ କରିବାକୁ ପଛାଏ ନାହିଁ । ତେଣୁ ଦୁର୍ବାସା ଋଷି ହୋଇ ମଧ୍ୟ ସେଇ କ୍ରୋଧର ଶିକାର ହୋଇଥିଲେ । ଋଷି ତତ୍‌କ୍ଷଣାତ୍ ରାଜାଙ୍କ ଉଦ୍ଦେଶ୍ୟରେ ନିଜ ମସ୍ତକର ଜଟାକୁ ଉପାଡ଼ି ଏକ ରାକ୍ଷସକୁ ସୃଷ୍ଟି କଲେ । ସେ ରାକ୍ଷସ ଭୟଙ୍କର ରୂପ ଧରି, ଖଡ୍‌ଗହସ୍ତ ହୋଇ ରାଜାଙ୍କ ଆଡ଼କୁ ଧାବମାନ ହେଲା । କିନ୍ତୁ ପରମ ବିଷ୍ଣୁଭକ୍ତ ଅମ୍ବରୀଶ ଏଥିରେ ତିଳେ ହେଲେ ବିଚଳିତ ହେଲେ ନାହିଁ; ଭଗବାନ୍ ବିଷ୍ଣୁଙ୍କୁ ମନେ ମନେ ସ୍ତୁତି କରିବାକୁ ଲାଗିଲେ । ସେ ହେଉଛନ୍ତି ବିଷ୍ଣୁଙ୍କର ପ୍ରିୟ ଭକ୍ତ । ଭଗବାନ୍ ସବୁବେଳେ ଭକ୍ତର ଅଧୀନ । ପ୍ରତ୍ୟେକ କ୍ଷେତ୍ରରେ ଭଗବାନ୍ ତାଙ୍କ ଭକ୍ତକୁ ବିପଦ ମୁଖରୁ ରକ୍ଷା କରିଛନ୍ତି । ବିଷ୍ଣୁ ଯେତେବେଳେ ଜାଣିଲେ ଯେ ତାଙ୍କ ଭକ୍ତ ଅମ୍ବରୀଶ ବିପଦର ସମ୍ମୁଖୀନ ହୋଇଛି, ତତ୍‌କ୍ଷଣାତ୍ ସେ ସୁଦର୍ଶନ ଚକ୍ରକୁ ପ୍ରେରଣ କଲେ । ନିମିଷ ମାତ୍ରକେ ସୁଦର୍ଶନ ଚକ୍ର ଆସି ରାକ୍ଷସକୁ ଦଗ୍ଧ କରିବା ସଙ୍ଗେ ସଙ୍ଗେ କ୍ରୋଧାନ୍ୱିତ ଋଷିଙ୍କ ଆଡ଼କୁ ମଧ୍ୟ ଛୁଟିଲା । ଦୁର୍ବାସା ଏହା ଦେଖି ପ୍ରାଣଭୟରେ ଦୌଡ଼ିବାକୁ ଲାଗିଲେ । ଋଷିପ୍ରବର ଅନୁମାନ କରିପାରି ନଥିଲେ ଯେ ତାଙ୍କ କର୍ମର ପରିଣାମ ଏପରି ହେବ ।

ତା'ପରେ ଦୁର୍ବାସା ଜୀବନ ବିକଳରେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ଘୁରି ଘୁରି ସମସ୍ତଙ୍କଠାରୁ ନିରାଶ ବାଣୀ ଶୁଣି ଶେଷରେ ବ୍ରହ୍ମା ଏବଂ ଶିବଙ୍କ ପାଖକୁ ମଧ୍ୟ ଗଲେ । କିନ୍ତୁ ସମସ୍ତେ କହିଲେ, ଯେଉଁ ବିଷ୍ଣୁଙ୍କ ଇଚ୍ଛାରେ ଏ ଜଗତ ସୃଷ୍ଟି ଏବଂ ଯାହାଙ୍କ ଇଚ୍ଛାରେ ଏତେ ବଡ଼ ସଂସାରର ମଧ୍ୟ ବିନାଶ ହୋଇପାରେ ତାହାଙ୍କର ଆଜ୍ଞାର ଅବମାନନା କରିବାକୁ କେହି ମଧ୍ୟ ସାହସ କରିପାରିବେ ନାହିଁ । ତେଣୁ ତୁମେ ଯଦି ବିଷ୍ଣୁଙ୍କ ନିକଟକୁ ଯାଇ ଶରଣାପନ୍ନ ହେବ, ତାହାହେଲେ ରକ୍ଷା ପାଇପାର । ଏପରି ଶୁଣି ଦୁର୍ବାସା ଋଷି ପୁଣି ବୈକୁଣ୍ଠକୁ ଦୌଡ଼ିବାକୁ ଲାଗିଲେ । ବିଷ୍ଣୁଙ୍କ ନିକଟକୁ ଯାଇ, ବିଷ୍ଣୁଙ୍କ ପାଦତଳେ ପଡ଼ି କହିଲେ, ''ହେ ଶରଣରକ୍ଷଣ ନାରାୟଣ, ମୋତେ ରକ୍ଷାକର । ମୁଁ ନବୁଝି ଅଜ୍ଞାନତାବଶତଃ ତୁମର ପରମଭକ୍ତର ଅବମାନନା କରିଛି । ସେଥିଯୋଗୁଁ ବର୍ତ୍ତମାନ ମୋ ପଛରେ ସୁଦର୍ଶନ ଚକ୍ର ଧାବମାନ । ଆପଣ ମୋତେ ଶରଣ ନଦେଲେ ମୋର ଆଉ ରକ୍ଷା ନାହିଁ ।'' କିନ୍ତୁ ବିଷ୍ଣୁ

କହିଲେ, ''ମୁଁ ସଦାସର୍ବଦା ଭକ୍ତର ଅଧୀନ । ଏପରିକି ଲକ୍ଷ୍ମୀଦେବୀ ମୋର ନିକଟତମା ହେଲେ ମଧ୍ୟ ମୋର ମନ ଭକ୍ତ ନିକଟରେହିଁ ରହିଥାଏ, ଭକ୍ତମାନେ ମଧ୍ୟ ମୋ ହୃଦୟ କନ୍ଦରରେ ବାସ କରନ୍ତି । ଯେହେତୁ ଅମ୍ବରୀଶ ମୋର ପରମଭକ୍ତ ଏବଂ ତା'ଠାରୁହିଁ ସୁଦର୍ଶନ ଚକ୍ର ତୁମକୁ ଗୋଡ଼ାଇଛି, ତେଣୁ ତୁମେ ଅମ୍ବରୀଶଙ୍କ ନିକଟକୁ ଯାଇ କ୍ଷମାଭିକ୍ଷା ନକଲେ ମୁଁ ମଧ୍ୟ ତୁମକୁ ରକ୍ଷା କରି ପାରିବି ନାହିଁ ।'' ତେଣୁ ଦୁର୍ବାସା ଅମ୍ବରୀଶଙ୍କ ନିକଟକୁ ଦୌଡ଼ିଲେ । ସେଠାରେ ଅମ୍ବରୀଶଙ୍କ ଚରଣତଳେ ପଡ଼ି ରାଜାଙ୍କୁ କ୍ଷମା ମାଗିଲେ । ଦୁର୍ବାସା ଋଷି ରାଜାଙ୍କ ଚରଣତଳେ ପଡ଼ିଥିବାରୁ ରାଜା ଖୁବ୍ ଲଜ୍ଜିତ ଅନୁଭବ କରିବା ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ର କବଳରୁ ଋଷିଙ୍କ ରକ୍ଷା ନିମନ୍ତେ ସୁଦର୍ଶନ ଚକ୍ରକୁ ଯଥାବିଧି ସ୍ତୁତି କରି ଶାନ୍ତ କରାଇଲେ । ତା'ପରେ ଦୁର୍ବାସା ନିଜର ଭୁଲ୍‌କୁ ଅମ୍ବରୀଶଙ୍କ ଆଗରେ ମାନିନେଲେ ।

ଦୁର୍ବାସା କ୍ରୋଧାନ୍ୱିତ ହୋଇ ଅମ୍ବରୀଶଙ୍କ କ୍ଷତି କରିବା ପରିବର୍ତ୍ତେ ନିଜର କ୍ରୋଧ ଯୋଗୁଁ ନିଜେହିଁ ମହାବିପଦର ସମ୍ମୁଖୀନ ହୋଇଥିଲେ । ତେଣୁ ସମସ୍ତେ ସକଳ କ୍ଷେତ୍ରରେ କ୍ରୋଧକୁ ପରିତ୍ୟାଗ କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ଆବଶ୍ୟକ । କ୍ରୋଧାନ୍ଧ ମଣିଷ ମନୁଷ୍ୟ ପଦବାଚ୍ୟ ନୁହେଁ । କ୍ରୋଧ ସମ୍ପର୍କରେ ମା'ଙ୍କର ଏକ ଭାଷ୍ୟ ମନେ ପଡ଼େ –

''ନା, ରାଗିବାର ବିଲ୍‌କୁଲ୍ କୌଣସି କାରଣ ନାହିଁ । ରାଗିବା ଦୁର୍ବଳତାର ଏକ ଲକ୍ଷଣ ଏବଂ ରାଗିବାର ଯେତେ କାରଣ ଥିଲେ ବି ରାଗିବା ଯଥାର୍ଥ ନୁହେଁ ।

''ଯେତେବେଳେ ତୁ ଜଣେ ବିଚାରକର ଭୂମିକା ଗ୍ରହଣ କରୁ ଏବଂ କ'ଣ ଘଟିବା ଉଚିତ ଏବଂ କ'ଣ ଘଟିବା ଉଚିତ ନୁହେଁ, ଏଭଳି ନିଷ୍ପତ୍ତି ଗ୍ରହଣ କରୁ ସେତେବେଳେ ତୁ ରାଗିଉଠୁ । ମାତ୍ର ତୁ ନିଜେ ସତ୍ୟକୁ ଜାଣୁ ନାହିଁ । ତେଣୁ ଅନ୍ୟମାନଙ୍କର ଆଚରଣ ପାଇଁ ତୁ କିପରି ଏକ ନିୟମ ବାନ୍ଧିଦେବୁ ? ତୁ ଭାବୁଛୁ ଯେ ତୋର ଧାରଣା ଅନୁଯାୟୀ ସବୁକିଛି ଘଟିବ । ଯଦି ତୋର ଧାରଣା ବହିର୍ଭୂତ କିଛି ଘଟେ ତୁ ରାଗିଉଠୁଛୁ । ତୁ ଭାବୁଛୁ ଯେ ତୁହିଁ ବିଶ୍ୱର କେନ୍ଦ୍ର ଏବଂ ସମଗ୍ର ବିଶ୍ୱ ତୋର ଇଚ୍ଛାକୁହିଁ ଅନୁସରଣ କରିବ । କିନ୍ତୁ କାହିଁକି ? ତୋଠାରେ କି ବୈଶିଷ୍ଟ୍ୟ ଅଛି ଯେ ତୋର ଇଚ୍ଛାକୁହିଁ ଅନୁସରଣ କରାଯିବ ? ବିଶ୍ୱର କୋଟି କୋଟି ବସ୍ତୁ ମଧ୍ୟରେ ତୁ ଗୋଟିଏ ବିନ୍ଦୁ ମାତ୍ର ।

''ଏପରିକି ତୋର ଆତ୍ମରକ୍ଷାର୍ଥେ ତୁ ରାଗିବା ଉଚିତ ନୁହେଁ । ପକ୍ଷାନ୍ତରରେ ଯଦି ତୁ ଧୀରସ୍ଥିର, ଥଣ୍ଡା ମିଜାଜର ହେବୁ, ତୁ ଅପେକ୍ଷାକୃତ ଅଧିକ ଭଲ ଭାବରେ ନିଜର ଆତ୍ମରକ୍ଷା କରିପାରିବୁ । ତା' ବୋଲି ମୁଁ ତୋତେ ତୋର କ୍ରୋଧକୁ ଚାପି ରଖିବାକୁ କହୁ ନାହିଁ । ବରଂ ସ୍ୱଭାବକୁ ପରିବର୍ତ୍ତନ କରି କ୍ରୋଧ କବଳରୁ ମୁକ୍ତ ହେବାକୁ ମୁଁ ତୋତେ କହୁଛି । ଏ ଦିଗରେ ପ୍ରଥମ ପଦକ୍ଷେପସ୍ୱରୂପ ତୁ କେବେହେଲେ ରାଗକୁ କ୍ରିୟାରେ ପରିଣତ କରିବାକୁ ଦେବୁ ନାହିଁ । ତା'ପରେ ତୁ ଏହାକୁ ପୂର୍ଣ୍ଣରୂପେ ନିବୃତ୍ତ କରିବା ପାଇଁ 'ପରମକରୁଣା'କୁ ଆବାହନ କରିବୁ ।

''ଭଗବାନଙ୍କୁ ବାଦ୍ ଦେଲେ ମଣିଷର ନିଜର ଏକାନ୍ତ କିଛି ସାମର୍ଥ୍ୟ, ବୁଦ୍ଧି, ଶକ୍ତି, ଜ୍ଞାନ ନାହିଁ । ତା'ର କେବଳ ରହିଛି ନିର୍ବୋଧତା, ଦୁର୍ବଳତା ଏବଂ ଅଜ୍ଞତା ଯାହାକୁ କି ସେ ନିଜର ବୋଲି କହିପାରେ । କିନ୍ତୁ ଯଦି ସେ ଭଗବାନଙ୍କର ଶରଣ ନିଏ, ଯଦି ସେ 'ଭଗବତ୍ ଆନନ୍ଦ' ନିକଟରେ ନିଜକୁ ସମର୍ପି ଦିଏ, ତେବେ ସେ ସବୁକିଛି ପାଏ, ହଁ ସବୁକିଛି ପାଏ, ସେ ସାମର୍ଥ୍ୟବାନ୍, ବୁଦ୍ଧିମାନ୍ ଓ ଶକ୍ତିମାନ୍ ହୁଏ । ତୁ ପୂର୍ଣ୍ଣରୂପେ ସେହି 'ପରମ'ଙ୍କ ହାତରେ ନିଜକୁ ଦେଇଦେ, ଏବଂ ସେହିଁ ତୋତେ ରକ୍ଷା କରନ୍ତୁ ।'' ❑

ରାଗିଥିବା ସମୟରେ ଶବ୍ଦଟିଏ ବି ଉଚ୍ଚାରଣ କର ନାହିଁ ।

– ଶ୍ରୀମା

# ଇନ୍ଦ୍ରିୟାତୀତ ପରମ ଚେତନା

## ଇନ୍ଦ୍ରିୟ ଶକ୍ତି

ମହାଭାରତର ରଚୟିତା ମହର୍ଷି ବ୍ୟାସଦେବଙ୍କର ବହୁତ ଶିଷ୍ୟ ଥିଲେ । ତନ୍ମଧ୍ୟରୁ ଜୈମିନି ନାମକ ଜଣେ ଶିଷ୍ୟ ବ୍ୟାସଦେବଙ୍କର ଅତି ପ୍ରିୟ ଓ ମୁଖ୍ୟ ଶିଷ୍ୟଭାବେ ପରିଚିତ ଥିଲେ । କେବଳ ସେତିକି ନୁହେଁ, ସେ ଥିଲେ ଦର୍ଶନ ଶାସ୍ତ୍ରରେ ପାଣ୍ଡିତ୍ୟର ଅଧିକାରୀ ।

ଏକଦା ବ୍ୟାସଦେବ ବଦରିକା ଆଶ୍ରମରେ ଶିଷ୍ୟମାନଙ୍କୁ ଶିକ୍ଷାଦାନ କରୁଥା'ନ୍ତି । ବିଦ୍ୟାଶିକ୍ଷା ଦେବା ପରିପ୍ରେକ୍ଷୀରେ ଦିନେ ସେ ଏକ ମନ୍ତବ୍ୟ ଦେଲେ, ''ବଳବତ୍ ଇନ୍ଦ୍ରିୟ ଗ୍ରାମ୍ୟ ପଣ୍ଡିତା ଅପକର୍ଷତି'' । ଅର୍ଥାତ୍ – ''ଆମର ମନ ଓ ଇନ୍ଦ୍ରିୟ ଏପରି ଶକ୍ତିଶାଳୀ ଓ ଅବାଧ ଯେ ବଡ଼ ବଡ଼ ବିଜ୍ଞ ଓ ଜ୍ଞାନୀ ବ୍ୟକ୍ତିମାନେ ମଧ୍ୟ ବେଳେ ବେଳେ ଇନ୍ଦ୍ରିୟ ଲାଳସା ଓ ବିଷୟବାସନା ପ୍ରତି ଆକର୍ଷିତ ହୋଇ ପଡ଼ନ୍ତି । ତେଣୁ ହିତାହିତ ଜ୍ଞାନ ହରାଇ ଭୁଲ୍ କରି ବସନ୍ତି ।'' ଶିଷ୍ୟ ଜୈମିନି ଗୁରୁଙ୍କର ଏ ବାକ୍ୟଟିକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ସେ ଭାବିଲେ, ''ଜଣେ ଯଦି ଜ୍ଞାନୀ, ସେ ପୁଣି ଭୁଲ୍ କରିବ କାହିଁକି ? ସେ ତ ପ୍ରଥମରୁହିଁ ସତର୍କ ଥିବ । ବୋଧହୁଏ ଗୁରୁ ଠିକ୍ ଭାବେ ବାକ୍ୟଟିର ବ୍ୟାଖ୍ୟା କରିପାରିଲେ ନାହିଁ ।

ଏହା ଭାବି ଜୈମିନି ଗୁରୁଙ୍କର ଉକ୍ତିଟିକୁ ଖଣ୍ଡନ କରି ନିଜେ ସେଇ ପଦ୍ୟାଂଶଟି ପରିବର୍ତ୍ତନ କରି ଲେଖିଥିଲେ – ''ବଳବତ୍ ଇନ୍ଦ୍ରିୟ ଗ୍ରାମ୍ୟ ପଣ୍ଡିତା ନାପକର୍ଷତି'' । ଅର୍ଥାତ୍, ''ଇନ୍ଦ୍ରିୟଗଣ ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି ଜ୍ଞାନୀ ଓ ବିଦ୍ୱାନ୍ ବ୍ୟକ୍ତିମାନଙ୍କୁ କଦାଚିତ୍ ଆକର୍ଷିତ ଓ ପଥଭ୍ରଷ୍ଟ କରିପାରିବ ନାହିଁ ।''

ଶିଷ୍ୟର ପଦ୍ୟାଂଶଟି ସଂଶୋଧନ କରିବା କାର୍ଯ୍ୟ ଗୁରୁଙ୍କ ଦୃଷ୍ଟିଗୋଚର ହେଲା ଏବଂ ପ୍ରତିବାଦ ନକରି ଗୁରୁ ନୀରବ ରହିଲେ । ତଥାପି ଶିଷ୍ୟକୁ ଉପଯୁକ୍ତ ସମୟ ଦେଖି ନିଜ ମନ୍ତବ୍ୟର ଗୁରୁତ୍ୱ ଓ ସତ୍ୟାସତ୍ୟ ସୂଚାଇ ଦେବା ପାଇଁ ସିଦ୍ଧାନ୍ତ ନେଲେ ।

କିଛି ଦିନ ଅନ୍ତେ ବ୍ୟାସଦେବ ଜୈମିନିଙ୍କୁ ପାଖକୁ ଡାକି କହିଲେ ଯେ ସେ ତିନି ଦିନ ପାଇଁ ତୀର୍ଥାଟନରେ ଯିବେ । ତାଙ୍କ ଅନୁପସ୍ଥିତିରେ ହୋମ, ଯଜ୍ଞ ଆଦି କାର୍ଯ୍ୟ ଜୈମିନିଙ୍କୁହିଁ ବୁଝିବାକୁ ହେବ । ଯେପରି ଯଜ୍ଞକୁଣ୍ଡର ଅଗ୍ନି ନିର୍ବାପିତ ନହୁଏ ସେକଥା ପ୍ରତି ସତର୍କ ରହିବାକୁ ପଡ଼ିବ । ଶିଷ୍ୟକୁ ଏପରି ନିର୍ଦ୍ଦେଶ ଦେଇ ଗୁରୁ ଆଶ୍ରମ ବାହାରକୁ ଚାଲିଗଲେ ।

ଜୈମିନି ନିଜର ନିତ୍ୟକର୍ମ ସମାପ୍ତ କରି ହୋମାଗ୍ନିକୁ ଉଜ୍ଜୀବିତ କରିବା ସହ ଭିତରପଟୁ କବାଟ ବନ୍ଦ କରି ଧ୍ୟାନରେ ବସିଲେ । ସେତେବେଳକୁ ରାତ୍ରି ଆସନ୍ନ ପ୍ରାୟ । ଏହି ସମୟରେ ବାହାରେ ଭୀଷଣ ଝଡ଼ବର୍ଷା ଆରମ୍ଭ ହୋଇଗଲା । ଜୈମିନି ମଝିରେ ମଝିରେ ଯଜ୍ଞକୁଣ୍ଡରେ ସମିଧ ଖଣ୍ଡେ ଲେଖାଏଁ ପକାଇ ଯଜ୍ଞାଗ୍ନି ରକ୍ଷା କରି ଧ୍ୟାନମଗ୍ନ ହୋଇ ଯାଉଥିଲେ ।

କିଛି ସମୟ ପରେ ହଠାତ୍ କବାଟରେ ଠକ୍‌ଠକ୍ ଶବ୍ଦ ଶୁଣାଗଲା ।

ଜୈମିନି ପ୍ରଶ୍ନ କଲେ, ''କିଏ ଡାକୁଛ ?''

ତା'ପରେ ଜଣେ ସ୍ତ୍ରୀଲୋକର କାତର କିନ୍ତୁ ମଧୁର କଣ୍ଠରେ ଆଶ୍ରୟ ଚାହୁଁଥିବା କଥା ସେ ଶୁଣି ପାରିଲେ । ସ୍ତ୍ରୀଲୋକଟି କହୁଥିଲେ ଏହି ଝଡ଼ ତୋଫାନ ଓ ଅନ୍ଧକାର ରାତିରେ ସେ ତାଙ୍କ ଗ୍ରାମକୁ ଫେରିବା ସମ୍ଭବ ନୁହେଁ । ତେଣୁ ରାତିକ ପାଇଁ ଆଶ୍ରୟ ଭିକ୍ଷା କରୁଛନ୍ତି । ସକାଳ ହେଲେ ସେ ଚାଲିଯିବେ ।

ସ୍ତ୍ରୀଲୋକଙ୍କର କାତର ନିବେଦନ ଶୁଣି ଜୈମିନି ଭାବିଲେ, ''ଏ ଗୃହରେ ମାତ୍ର ଗୋଟିଏ କୋଠରି । ଏପରି ଅବସ୍ଥାରେ ଜଣେ ସ୍ତ୍ରୀଲୋକକୁ ମୁଁ କିପରି ଆଶ୍ରୟ ଦେବି ? ଯଦିଓ ନିରୀହା ଅବଳାକୁ ଆଶ୍ରୟ ଦେବା ଶାସ୍ତ୍ର-ସମ୍ମତ କିନ୍ତୁ ଜଣେ ଋଷି ପାଇଁ ଗୋଟିଏ ଗୃହରେ ଜଣେ ନାରୀ ସହ ରହିବା ନୀତି ବିରୁଦ୍ଧ ।'' ସେ କ'ଣ କରିବେ କିଛି ଚିନ୍ତା କରି ପାରିଲେ ନାହିଁ । ଶେଷରେ ସେ ତାଙ୍କୁ ଆଶ୍ରୟ ଦେବା କଥା ଚିନ୍ତା କରି ନିଜେ ବାହାରେ ରାତ୍ରି କଟେଇବାକୁ ନିଷ୍ପତ୍ତି ନେଲେ । ତହୁଁ କବାଟ ଖୋଲି ତାଙ୍କୁ ଭିତରକୁ ଆସିବାକୁ ନିର୍ଦ୍ଦେଶ ଦେଲେ । ସ୍ତ୍ରୀଜଣକ ଭିତରେ ପ୍ରବେଶ କଲାପରେ ଜୈମିନି ତାଙ୍କୁ ହୋମାଗ୍ନି ଯେପରି ଲିଭି ନଯାଏ ତାହା ଜଗିବାକୁ କହି ବାହାରକୁ ବାହାରି ଯାଉ ଯାଉ କିଛି ସମିଧ ହୋମରେ ପକାଇ ଦେଲେ । ହଠାତ୍ ଅଗ୍ନି ଅଧିକ ଜଳି ଉଠିଲା । ପଛକୁ ଚାହିଁ ଅଗ୍ନିର ଆଲୋକରେ ଜୈମିନି ଦେଖିଲେ ସ୍ତ୍ରୀ ଜଣକ ଅତ୍ୟନ୍ତ ସୁନ୍ଦରୀ ଓ ଆକର୍ଷଣୀୟା । ସେ

ଗୋଟିଏ କମ୍ବଳ ଆଣି ତାଙ୍କୁ ପ୍ରଦାନ କଲେ ଓ ନିଜର ଅନିଚ୍ଛା ସତ୍ତ୍ୱେ ବାହାରକୁ ଶୋଇବାକୁ ଚାଲିଗଲେ ।

ଅନ୍ଧକାର ରାତ୍ରିର ଚଞ୍ଚଳ ଶୀତୁଆ ପବନ ତାଙ୍କ ପୋଷାକ ଭିତରେ କମ୍ପନ ସୃଷ୍ଟି କଲା । ବାହାରେ ଶୀତର ପ୍ରକୋପରେ ଥରି ଥରି ବସିଥିବା ସମୟରେ ସେ କେବଳ ସେହି ସ୍ତ୍ରୀଲୋକଟି ବିଷୟରେ ଚିନ୍ତା କରିବାକୁ ଲାଗିଲେ ।

''ସ୍ତ୍ରୀଲୋକଟି ଅତ୍ୟନ୍ତ ଆକର୍ଷଣୀୟା । ଏତେ ଥଣ୍ଡାରେ ମୋର ବାହାରେ ଏପରି ବସିବା ନିହାତି ବୋକାମି । ଯଦି ଗୃହ ମଧ୍ୟରେ ପ୍ରବେଶ କରି ଗୋଟିଏ କୋଣରେ ବସି ସ୍ତ୍ରୀଲୋକଟି ସହ ଭଗବାନଙ୍କ ବିଷୟରେ ଚର୍ଚ୍ଚା କରାଯାଏ କିଛି ଅସୁବିଧା ନାହିଁ ।'' ଏ ସମସ୍ତ ଚିନ୍ତା କରି ସେ କବାଟରେ ଆଘାତ କଲେ ।

ସ୍ତ୍ରୀଲୋକ ଜଣକ କବାଟ ଖୋଲିବାକୁ ବାରଣ କଲେ । କାରଣ ଗୋଟିଏ କୋଠରିରେ ସେ ଜଣେ ତପସ୍ୱୀଙ୍କ ସହ ରାତ୍ରିଯାପନ କରିବାକୁ ଉଚିତ ମନେ କରୁ ନଥିଲେ । ଇତି ମଧ୍ୟରେ ଜୈମିନିଙ୍କ ମନରେ ସେ ନାରୀର ସାନ୍ନିଧ ପାଇବା ଇଚ୍ଛା ପ୍ରବଳ ହୋଇ ଉଠିଥିଲା । ସେ କବାଟକୁ ଧକ୍କା ମାରି କୋଠରିର ଦ୍ୱାର ଖୋଲି ଭିତରେ ପ୍ରବେଶ କଲେ । ଭିତରକୁ ଯାଇ ନାରୀଟି ସହ କଥୋପକଥନରେ ମଜ୍ଜି ଗଲେ । ଧୀରେ ଧୀରେ ଜୈମିନି ନାରୀଟି ପ୍ରତି ଆସକ୍ତ ହୋଇଉଠିଲେ । ପ୍ରେମାସକ୍ତ ହୋଇ ନିଜର ହିତାହିତ ଜ୍ଞାନ ହରାଇ ସେ ତାଙ୍କ ନିକଟତର ହେବାକୁ ଲାଗିଲେ । ସ୍ତ୍ରୀଲୋକଟି ସାମାନ୍ୟ ଘୁଞ୍ଚିଗଲେ । ତହୁଁ ଜୈମିନି ତାଙ୍କର ଖୁବ୍ ନିକଟକୁ ଚାଲିଯାଇ ତାଙ୍କୁ ପ୍ରେମ ଭିକ୍ଷା କରନ୍ତେ ସେ ଏକ ସର୍ତ୍ତ ବାଢ଼ି କହିଲେ ତୁମେ ଯଦି ଘୋଡ଼ା ହୋଇ ଯଜ୍ଞକୁଣ୍ଡ ଚାରିପଟେ ମୋତେ ସାତଥର ଘୂରାଇ ଆଣିବ, ତେବେ ମୁଁ ତୁମର ନିବେଦନ ରଖିବି । ଜୈମିନି ଏଥିରେ ରାଜି ହୋଇଗଲେ । ତତ୍ପରେ ଜୈମିନି ଘୋଡ଼ା ହୋଇ ପିଠିରେ ସ୍ତ୍ରୀଲୋକଟିକୁ ବସାଇ ଯଜ୍ଞକୁଣ୍ଡ ଚାରିପଟେ ବୁଲିଲା ବେଳେ ସ୍ତ୍ରୀଲୋକ ଜଣକ କହି ଚାଲିଲେ – ''ବଳବତ୍ ଇନ୍ଦ୍ରିୟ ଗ୍ରାମ୍ୟ ପଣ୍ଡିତା ଅପକର୍ଷତି'' । ଏକଥା ଶୁଣି ଜୈମିନି ଚମକି ପଡ଼ିଲେ । ହଠାତ୍ ଉଠିପଡ଼ି ଦେଖିଲେ ସେ ସ୍ତ୍ରୀଲୋକ ନାହାନ୍ତି, ସ୍ୱୟଂ ଗୁରୁ ମହର୍ଷି ବ୍ୟାସଦେବ ଦଣ୍ଡାୟମାନ । ଗୁରୁଙ୍କ ବାକ୍ୟ ଖଣ୍ଡନ କରି ପରାଜିତ ହୋଇଥିବା ଜୈମିନି ସମ୍ମୁଖରେ ଗୁରୁଙ୍କୁ ଦେଖି ଲଜ୍ଜିତ ହୋଇ ମଥା ଅବନତ କରି ଠିଆ ହୋଇ ରହିଲେ । ସ୍ତ୍ରୀଲୋକର ଛଦ୍ମବେଶରୁ ପ୍ରକଟ ହୋଇ ବ୍ୟାସଦେବ ମୁଖମଣ୍ଡଳରେ ସ୍ମିତହାସ୍ୟ ଫୁଟାଇ ତାଙ୍କ ବ୍ୟାଖ୍ୟାର ସତ୍ୟତା ସଫଳତାର ସହ ପ୍ରମାଣ କରି ସାରିଥିଲେ । ସେତେବେଳେ ଜୈମିନି ଗୁରୁ ଉପଦିଷ୍ଟ ବାକ୍ୟର ସତ୍ୟତା ଏବଂ ଗୁରୁତ୍ୱ ଅନୁଭବ କଲେ ।

('ଗୌରବମୟ କଥା ଓ ଉପକଥା'ରୁ ସଂଗୃହୀତ) ❑

## ପରମ ଛତ୍ରଛାୟା

ଜଣେ ଗୁରୁଙ୍କର ପଞ୍ଚଶିଷ୍ୟଟିଏ ଥିଲେ । କ୍ଷଣକ ପାଇଁ ମଧ୍ୟ ଶିଷ୍ୟଜଣକ ଗୁରୁଙ୍କର ପିଛା ଛାଡୁ ନଥିଲେ । ଦିନରାତି ଗୁରୁଦେବଙ୍କର ସେବାରେ ଲାଗିଥା'ନ୍ତି । ଖୁବ୍ ଶୀଘ୍ର ସେ ଗୁରୁଙ୍କର ନୟନମଣି ହୋଇଗଲେ । ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଗଲା; ଗୁରୁ-ଶିଷ୍ୟ ଭିତରର ସମ୍ପର୍କରେ ଟିକେ ବି ବ୍ୟତିକ୍ରମ ଦେଖାଗଲା ନାହିଁ । ବ୍ରାହ୍ମ-ମୁହୂର୍ତ୍ତରେ ଦିନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉ ଦେଉ ଗୁରୁଦେବଙ୍କର ମୁଣ୍ଡରେ ବିଚାରଟିଏ ଆସିଲା । ଆଶ୍ରମକୁ ଯାଇ ପ୍ରେମପୂର୍ବକ ଶିଷ୍ୟଙ୍କୁ ଡାକି କହିଲେ – ''ବତ୍ସ, ମୋ ପ୍ରତି ତୁମର ଅତୁଟ ସ୍ନେହ ଏବଂ ଅଗାଧ ପ୍ରେମ ଦେଖି ମୁଁ ତୁମକୁ ହୃଦୟଖୋଲା ବରଦାନ କରିବାକୁ ଇଚ୍ଛା କରୁଛି । ମୁଁ ବି ଧୀରେ ଧୀରେ ବୃଦ୍ଧ ହେବାକୁ ବସିଲିଣି । ଏହି ସଂସାରରେ ତ କେହି ଅମର ନୁହଁନ୍ତି । ଏତେ ବର୍ଷର କଠିନ ତପସ୍ୟାର ସମୁଚିତ ଫଳ ତୁମକୁ ମିଳୁ ବୋଲି ମୁଁ ଚାହୁଁଛି ।''

ଗୁରୁଙ୍କର କଥା ଶୁଣି ଶିଷ୍ୟର ହୃଦୟ ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲେ । ଭକ୍ତିପୂର୍ବକ ସାଷ୍ଟାଙ୍ଗ ପ୍ରଣାମ କରି ଶିଷ୍ୟ କହିଲେ – ''ଆପଣଙ୍କର ବଡ଼ ଦୟା, ସତରେ ଆଜି ମୋର ତପସ୍ୟା ଫଳବତୀ ହୋଇଛି । ଗୁରୁଦେବ, ବରଦାନରେ ମୋତେ ଏହି ଶକ୍ତି ଦିଅନ୍ତୁ ଯେ ଅନ୍ୟମାନଙ୍କର ମନକୁ ମୁଁ ଖୋଲା ବହିପରି ପଢ଼ି ପାରିବି । ଏହିପରି ଭାବରେ ଲୋକମାନଙ୍କୁ ସଚେତନ କରିବାକୁ ମୁଁ ସମର୍ଥ ହୋଇ ପାରିବି ।'' ଗୁରୁଦେବ କହିଲେ, ''ତୁମେ କଠିନ ବରଟିଏ ମାଗିଲ ବତ୍ସ କିନ୍ତୁ ଯଦି ତୁମର ଆଗ୍ରହ ଅଛି ତେବେ ତାହାହିଁ ହେଉ, ତୁମର ମନସ୍କାମନା ପୂର୍ଣ୍ଣ ହେଉ ।''

ଶିଷ୍ୟଙ୍କର ମୁହଁ ଉଜ୍ଜ୍ୱଳି ଉଠିଲା, ତାଙ୍କ ମୁହଁର ଔଜ୍ଜ୍ୱଲ୍ୟ ଦେଖି ଗୁରୁ କହିଲେ, ''ଏହିପରି ବରଦାନ ପାଇ ସବୁବେଳେ ସାବଧାନ ରହିବ ଏବଂ ଏହି ସତ୍ୟକୁ କଦାପି ଭୁଲିଯିବ ନାହିଁ ଯେ ଏହି ସଂସାରରେ ସର୍ବତ୍ର, ସର୍ବବ୍ୟାପୀ, ସର୍ବଜ୍ଞ ପରମପ୍ରଭୁ

ବିରାଜମାନ କରୁଛନ୍ତି ।'' ତା'ପରେ ଗୁରୁ ଶିଷ୍ୟଙ୍କୁ ଏପରି ମନ୍ତ୍ର ଦେଲେ ଯାହାର ଉଚ୍ଚାରଣ ମାତ୍ରକେ ସେ ଯେଉଁ ବ୍ୟକ୍ତିର ଅନ୍ତରରେ ପ୍ରବେଶ କରିବାକୁ ଚାହିଁବେ, ସେ ତା'ର ମନୋଭାବକୁ ସହଜରେ ଜାଣି ପାରିବେ । ସର୍ବପ୍ରଥମେ ସେ ବଣକୁ ଯାଇ ପଶୁପକ୍ଷୀଙ୍କର ମନୋଭାବ ଜାଣିଲେ ଏବଂ ଖୁସିରେ ନାଚି ଉଠିଲେ । ପବନ ପରି ଏହି ବିଚାର ତାଙ୍କ ମୁଣ୍ଡରେ ପଶିଲା, ''ବାଃ, ଏବେ ତ ମୁଁ ମହା ବଳବାନ୍ ହୋଇଗଲି, ଏହି ଶକ୍ତି ଦ୍ୱାରା ଲୋକମାନଙ୍କର ମନରେ ଥିବା ଦୋଷକୁ ଜଣେଇ ଦେଇ ସେମାନଙ୍କୁ ସଚେତନ କରାଇ ପାରିବି ।''

ତା' ପରଦିନ ସକାଳେ ଗୁରୁଦେବଙ୍କୁ ଧ୍ୟାନରେ ବସିଥିବାର ଦେଖି ଶିଷ୍ୟ ବିଚାରିଲେ, ''ଗୁରୁଦେବଙ୍କର ହୃଦୟକୁ ଆଜି ଟିକେ ମୁଁ ଦେଖିବି, ଏହା ତ ନିଷ୍ପାପ, ନିଷ୍କଳଙ୍କ ଏବଂ ପବିତ୍ର ହୋଇଥିବ ।'' ମନ୍ତ୍ର ଉଚ୍ଚାରଣ କରି ସେ ଗୁରୁଦେବଙ୍କର ହୃଦୟରେ ପ୍ରବେଶ କରିଗଲେ ଏବଂ ସେ ଏ କ'ଣ ଦେଖିଲେ ? ଗୋଟିଏ କୋଣରେ ଥିଲା ଲୋଭ, ଦ୍ୱିତୀୟ କୋଣରେ ଥିଲା ଅଳ୍ପ କିଛି କାମବାସନା, ଆଉ କେଉଁଠାରେ ଝଲସୁ ଥିଲା କ୍ରୋଧାଗ୍ନି, ଏହାସବୁ ଦେଖି ଶିଷ୍ୟ ବିଚଳିତ ହୋଇଉଠିଲେ – ''ମୋ ଗୁରୁଦେବ କ'ଣ ଏପରି ବ୍ୟକ୍ତି ଅଟନ୍ତି ? ମୁଁ ତାଙ୍କ ବିଷୟରେ କ'ଣ କ'ଣ ଭାବିଥିଲି ଏବଂ ତାଙ୍କ ଭିତରେ ଏସବୁ କ'ଣ ?'' ଏହିପରି ଅନ୍ତର୍ଦ୍ୱନ୍ଦ୍ୱ ଭିତରେ ଶିଷ୍ୟ ଜଣକ ଆଶ୍ରମରୁ ବାହାରି ଗଲେ ।''

ଧ୍ୟାନ ଭଙ୍ଗ ପରେ ଶିଷ୍ୟଙ୍କୁ ଆଖପାଖରେ ନଦେଖି ଗୁରୁ ବ୍ୟସ୍ତ ହୋଇ ପଡ଼ିଲେ । କାରଣ ଏମିତି ଆଗରୁ କେବେ ହୋଇ ନଥିଲା । ସେ ତାଙ୍କୁ ଖୋଜିବାକୁ ବାହାରି ପଡ଼ିଲେ । କିଛି ସମୟ ପରେ ବଣରେ ତାଙ୍କୁ ଖୋଜି ପାଇଲେ, କିନ୍ତୁ ତାଙ୍କ ମୁହଁ ଦେଖି ମନୋଭାବ ଜାଣିବାକୁ ଗୁରୁଙ୍କୁ ବେଶୀ ସମୟ ଲାଗିଲାନି । ଆପଣାର ପଟ୍ଟଶିଷ୍ୟଙ୍କୁ କହିଲେ,– ''ବତ୍ସ, ମୋତେ ତୁମେ ଛାଡ଼ି ଚାଲି ଆସିଲ ? ଟିକେ ରୁକ୍ଷ ସ୍ୱରରେ ଶିଷ୍ୟ କହିଲେ, ''ଗୁରୁଦେବ, ଏତେ ବର୍ଷ ଧରି ଅତୀବ ଭକ୍ତିସହ ନିରନ୍ତର ମୁଁ ଆପଣଙ୍କୁ ପୂଜା କରି ଆପଣଙ୍କୁ ସାକ୍ଷାତ୍ ପ୍ରଭୁ ମନେ କଲି, କିନ୍ତୁ ଆଜି ଦେଖୁଛି, ଆମ ଦୁହିଁଙ୍କ ଭିତରେ ଭେଦ କିଛି ନାହିଁ । ଆପଣଙ୍କ ହୃଦୟରେ ମଧ୍ୟ କାମ, କ୍ରୋଧ, ମୋହ ଆଦି ଲୁଚକାଳି ଖେଳୁଛନ୍ତି । କ୍ଷମା କରନ୍ତୁ ଗୁରୁଦେବ, ଆପଣଙ୍କୁ ସାକ୍ଷାତ୍ ପ୍ରଭୁ ମନେ କରି ମୁଁ ଅଜ୍ଞାନ ଅନ୍ଧକାରରେ ପଡ଼ିଗଲି ।''

ଶିଷ୍ୟଙ୍କ କଥା ଶୁଣି ଗୁରୁ ବହୁତ ପ୍ରସନ୍ନ ହେଲେ । ତାଙ୍କୁ ଆଲିଙ୍ଗନ କରି କହିଲେ, ''ପୁତ୍ର, ଆଜି ତୁମେ ସତ୍ଜ୍ଞାନ ପାଇଲ, ସତରେ ଆଜି ମୁଁ ବହୁତ ଖୁସି । ବର୍ତ୍ତମାନ ତୁମେ ଭଗବାନଙ୍କ ପାଖକୁ ଯାଇପାରିବ । ମୋର କେବଳ ଏତିକି ଉପଦେଶ, ଅନ୍ୟମାନଙ୍କ ଦୋଷ ଦେଖିବା ଆଗରୁ ପ୍ରଥମେ ନିଜ ଭିତରକୁ ମଧ୍ୟ ଦେଖିବା ଆବଶ୍ୟକ । ଯାଅ ବତ୍ସ, ତୁମର ଏବଂ ମୋର ଏତିକି ବର୍ଷର କେବଳ ସଙ୍ଗ ଥିଲା । ବର୍ତ୍ତମାନ ତୁମେ ଏତିକି ପରିପକ୍ୱ ହୋଇଗଲଣି ଯେ ମନୁଷ୍ୟର ସାହାଯ୍ୟ ନନେଇ ତୁମେ ସିଧା ଭଗବାନଙ୍କ ସହ ସମ୍ବନ୍ଧ ଯୋଡ଼ି ପାରିବ । ବାସ୍ତବରେ ମୁଁ ଆଜି ବହୁତ ଖୁସି, ଆଜି ମୋର ଗୁରୁପଣ ସାର୍ଥକ ହେଲା ।'' ଏହା କହି ଗୁରୁ ସେଠାରୁ ପ୍ରସ୍ଥାନ କଲେ ।

ଗୁରୁଦେବଙ୍କ କଥାଶୁଣି ଶିଷ୍ୟ କିଛି ସମୟ ନିଶ୍ଚଳ ହୋଇ ଠିଆ ହୋଇ ରହିଲେ, ତା'ପରେ ଯନ୍ତ୍ରବତ୍ ମନ୍ତ୍ର ଉଚ୍ଚାରଣ କରି ସେ ନିଜ ଅନ୍ତରକୁ ଦୃଷ୍ଟିପାତ କଲେ । ଓଃ, କେତେ ମଇଳା ପୂରି ରହିଥିଲା ! କାମ-କ୍ରୋଧ-ମୋହର ପଙ୍କ ଭରି ରହିଥିଲା ସେ ଭିତରେ । ନିଜର ଏପରି ଅବସ୍ଥା ଦେଖି କାନ୍ଦି ଉଠିଲେ ଶିଷ୍ୟ, ''କେଡ଼େ ପାପୀ ମୁଁ, କେଡ଼େ ପାପୀ ସତରେ ।'' କାନ୍ଦି କାନ୍ଦି ସେ ଅଦୂରରେ ଯାଉଥିବା ଗୁରୁଙ୍କର ପାଦ ତଳେ ଯାଇ ପଡ଼ିଗଲେ ।

ତାଙ୍କୁ ଉଠାଇ ଆଲିଙ୍ଗନ କରି ଗୁରୁଦେବ କହିଲେ, ''ଏ କ'ଣ କରୁଛ ବତ୍ସ, ଆଜି ବାସ୍ତବରେ ମୁଁ ବହୁତ ଖୁସି । ଏହି ଅନୁଭବ ନପାଇଥିଲେ ଆଜୀବନ ତୁମେ ମୋତେହିଁ ଭଗବାନ୍ ମାନି ପୂଜା କରିଥା'ନ୍ତ ଏବଂ ମୋରି ଛତ୍ରଛାୟା ତଳେ ରହିଥା'ନ୍ତ, କିନ୍ତୁ ଆଜିଠାରୁ ତୁମେ ସେହି ପରମେଶ୍ୱରଙ୍କ ଛତ୍ରଛାୟା ତଳେ ରହିବାକୁ ଯାଉଛ ଯାହାଙ୍କ ଛତ୍ରଛାୟା ତଳେ ସାରା ସଂସାର ପ୍ରତିପାଳିତ ହେଉଛି ।''

ମୂଳ ରଚନା : ବନ୍ଦନା
ଅନୁବାଦ : ସବିତା ରାଉଳ
[ମାସିକ ହିନ୍ଦୀ 'ପୁରୋଧା'ର
ନଭେମ୍ବର-୯୩ରୁ ସଂଗୃହୀତ]

❑❑❑

# ଭୟର ବ୍ୟୂହରୁ ମୁକ୍ତି

ଜଣେ ଗୁରୁ ତାଙ୍କର ଶିଷ୍ୟ ସହ ପଦଯାତ୍ରା କରି ଗାଁ ଗାଁ ଭ୍ରମଣ କରୁଥିଲେ । ଦିନେ ହଠାତ୍ ସେମାନେ ଏକ ଗର୍ଜନ ଶୁଣିଲେ । ଯେଉଁ ଦିଗରୁ ଗର୍ଜନ ଶୁଣାଯାଉଥିଲା, ସେହି ଦିଗରେ ସେମାନେ ବୁଲି ପଡ଼ି ଦେଖିଲେ ଯେ ଗୋଟିଏ ବିଶାଳକାୟ ବାଘ ସେମାନଙ୍କୁ ଅନୁସରଣ କରୁଛି ।

ଶିଷ୍ୟ ସହସା ପଳାଇବା ପାଇଁ ଚାହିଁଲା, କିନ୍ତୁ ଯେହେତୁ ସେ ଗୁରୁଙ୍କଠାରୁ ଆତ୍ମସଂଯମର ଶିକ୍ଷା ଗ୍ରହଣ କରୁଥିଲା ଏବଂ ଅଭ୍ୟାସ ବି କରୁଥିଲା, ତେଣୁ ସେ ନିଜକୁ ପଳାୟନ କରିବାରୁ ରୋକିଲା । ଏବଂ ଗୁରୁ କ'ଣ କରିବାକୁ ଯାଉଛନ୍ତି ତାହା ଦେଖିବା ପାଇଁ ରହିଗଲା । ଗୁରୁଙ୍କୁ ପଚାରିଲା, ''ଗୁରୁଜି, ଏବେ ଆମେ କ'ଣ କରିବା ?'' ଗୁରୁ ଶିଷ୍ୟ ଆଡ଼କୁ ଅନାଇଲେ ଏବଂ ପ୍ରଶାନ୍ତ ଚିତ୍ତରେ କହିଲେ – ''ବହୁତ ଉପାୟ ଅଛି । ଆମେ ଆମ ମନରେ ଭୟଗ୍ରସ୍ତ ନହୋଇ ଅଚଳ ହୋଇଯିବା, ଅବଶ ହୋଇଯିବା, ଆଉ ନିଜ ଜାଗାରୁ ଘୁଞ୍ଚିବା ନାହିଁ ।

''ଅନ୍ୟ ଏକ ଉପାୟ ହେଉଛି ବାଘ ଯାହା ଚାହୁଁଛି ତାକୁ ସେୟା କରିବା ପାଇଁ ଦେବା । ଆମେ ମୂର୍ଚ୍ଛା ହୋଇଯିବା । ଆମେ ଦୌଡ଼ି ପଳାୟନ କରିପାରିବା, ହେଲେ ବାଘ ଆମ ପଛରେ ଦୌଡ଼ି ଆସି ଆମକୁ ଧରିପାରିବ । ଆମେ ବାଘ ସହ ଯୁଦ୍ଧ କରିପାରିବା, କିନ୍ତୁ ବାଘ ଆମଠାରୁ ଶାରୀରିକ ଶକ୍ତିରେ ଅଧିକ ବଳବାନ୍ ।

''ଆମକୁ ରକ୍ଷା କରିବା ପାଇଁ ଭଗବାନଙ୍କୁ ସର୍ବଦା ପ୍ରାର୍ଥନା କରିବା । ଆମେ ବାଘକୁ ଆମର ମାନସିକ ଶକ୍ତି ଦ୍ୱାରା ପ୍ରଭାବିତ କରିପାରିବା । ଯଦି ଆମର ମାନସିକ ଏକାଗ୍ରତା ଅତ୍ୟନ୍ତ ଦୃଢ଼ ରହେ ତେବେ ଆମେ ବାଘକୁ ଆମର ପ୍ରେମ ସନ୍ଦେଶ ପଠାଇ ପାରିବା । ଆମେ ଆମର ଆନ୍ତରିକ ଶକ୍ତି ଉପରେ ଧ୍ୟାନ କରି ଏକାଗ୍ର ହେବା ଏବଂ ସମଗ୍ର ସୃଷ୍ଟି ସହ ଏକାତ୍ମ ଅନୁଭବ କରିବା, ସୃଷ୍ଟିର ଏଇ ବାଘ ସହ ବି ଏକାତ୍ମ ଅନୁଭବ କରିବା ଏବଂ ବାଘ ଶରୀରଧାରୀ ଆତ୍ମାକୁ ପ୍ରଭାବିତ କରିବା ।

''ଏଇ ସବୁ ଉପାୟ ଭିତରୁ ତୁମେ କେଉଁ ଉପାୟକୁ ବାଛିବ ?''

ଶିଷ୍ୟ ଉତ୍ତର ଦେଲା, ''ଆପଣ ମୋ ଗୁରୁ, ଆପଣ କୁହନ୍ତୁ ଆମେ କ'ଣ କରିବା । ଆମ ପାଖରେ ବେଶୀ ସମୟ ନାହିଁ ।''

ଗୁରୁ ନିର୍ଭୟରେ ବାଘ ଆଡ଼କୁ ଚାହିଁ ରହିଲେ, ନିଜ ମନରୁ ସମସ୍ତ ଚିନ୍ତା ବାହାର କରି ଦେଲେ ଏବଂ ସମାଧି ପ୍ରାପ୍ତ କରିଲା ଭଳି ସମ୍ପୂର୍ଣ୍ଣ ଧ୍ୟାନମଗ୍ନ ହୋଇଗଲେ । ଏପରି ଚେତନାରେ ସେ ସୃଷ୍ଟିର ସମସ୍ତ ଜଡ଼ ପଦାର୍ଥ ଓ ପ୍ରାଣୀକୁ ନିଜର କରି ନେଲେ । ବାଘର ଚେତନା ସହ ନିଜ ଚେତନାକୁ ଏକ କରି ଦେଲେ ।

ଏହି ସମୟରେ ଶିଷ୍ୟ ଭୟରେ ଥରିବାକୁ ଆରମ୍ଭ କଲା, ବାଘ ନିକଟରୁ ନିକଟତର ହେଉଥିଲା, ଏତେ ନିକଟକୁ ଆସିଗଲା ଯେ ଗୋଟିଏ ଲମ୍ଫରେ ସେ ଗୁରୁ-ଶିଷ୍ୟଙ୍କୁ ଆକ୍ରମଣ କରିପାରିବ । ଶିଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇ ଗୁରୁଙ୍କୁ ଦେଖି ଚାଲିଲା, ଏହି ବିପର୍ଯ୍ୟୟରେ ବି ଗୁରୁ କିଭଳି ପ୍ରଶାନ୍ତ ଓ ଚିନ୍ତାମୁକ୍ତ ହୋଇ ରହି ପାରିଛନ୍ତି ।

ଏପଟେ ଗୁରୁ ନିର୍ଭୟ ହୋଇ ଧ୍ୟାନରେ ମଗ୍ନ । କିଛି ସମୟ ପରେ ବାଘ ମୁଣ୍ଡ ଓ ଲାଞ୍ଜ ତଳକୁ କରି ଦୂରକୁ ଚାଲିଗଲା । ଶିଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇ ଗୁରୁଙ୍କୁ ପଚାରିଲା, ''ଆପଣ କ'ଣ କରିଲେ ଯେ... ?''

ଗୁରୁ କହିଲେ, ''ମୁଁ କିଛି କରିନି । ମୁଁ ମୋ ମନରୁ ସବୁ ଚିନ୍ତାକୁ ନିଷ୍କାସିତ କଲି ଏବଂ ବାଘ ସହ ଆତ୍ମିକ ରୂପେ ଏକ ହେଲି । ଆମେ ଆତ୍ମାର ସ୍ତରରେ ଶାନ୍ତିର ସହ ଏକ ହେଲୁ ।

''ବାଘଟି ଅନ୍ତରରେ ପ୍ରଶାନ୍ତି, ସ୍ଥିରତା ଏବଂ ଐକ୍ୟ ଅନୁଭବ କଲା ଏବଂ ଲେଶ ମାତ୍ର ବିପଦ ଅନୁଭବ କରିପାରିଲା ନାହିଁ ଏବଂ ଭାବିଲା ନିଜ ସୁରକ୍ଷା ପାଇଁ ତା'ର ଆକ୍ରମଣ କି ହିଂସା କରିବାର ଆଉ ଆବଶ୍ୟକତା ନାହିଁ । ସେଥିପାଇଁ ସେ ନିଶ୍ଚିନ୍ତରେ ଫେରିଗଲା ।''

ଗୁରୁ ଶେଷରେ କହିଲେ, ''ମନ ଯେତେବେଳେ ଶାନ୍ତ ଓ ସ୍ଥିର ହୋଇଯାଏ, ତାହାର ପ୍ରଶାନ୍ତି ଆପେ ଆପେ ସର୍ବତ୍ର ବ୍ୟାପି ଯାଏ ଏବଂ ସମସ୍ତଙ୍କୁ ପ୍ରଶାନ୍ତ କରି ଦିଏ ତଥା ବହୁତ ଗଭୀର ଭାବରେ ପ୍ରଭାବିତ କରେ ।''

(ସଂଗ୍ରହ ଓ ଉପସ୍ଥାପନା : ବିଶ୍ୱକ୍‌ସେନ ପାତ୍ର)

❑❑❑

# କ୍ଷମା କରିବାର କ୍ଷମତା

ମହାଭାରତର ସେ ଏକ ହୃଦୟସ୍ପର୍ଶୀ ଉପାଖ୍ୟାନ । ରାଜା ବୃଷପର୍ବାଙ୍କର କନ୍ୟା ଶର୍ମିଷ୍ଠା ଓ ଗୁରୁ ଶୁକ୍ରାଚାର୍ଯ୍ୟଙ୍କର କନ୍ୟା ଦେବଯାନୀ । ଆବାଲ୍ୟ ସେମାନେ ପରସ୍ପରର ଅନ୍ତରଙ୍ଗ ବାନ୍ଧବୀ । ରୂପ, ଗୁଣ, ଆଭିଜାତ୍ୟରେ କେହି କାହାଠାରୁ କମ୍ ନଥିଲେ । ଉଭୟ ରାଜା ଓ ଶୁକ୍ରାଚାର୍ଯ୍ୟଙ୍କ ନିକଟରୁ ଯଥେଷ୍ଟ ଆଦର ଯତ୍ନ ପାଉଥିଲେ ମଧ୍ୟ । ସମୟକ୍ରମେ ସେ ଦୁହେଁ ଅନେକ ବିଦ୍ୟା-ବିମଣ୍ଡିତପୂର୍ବକ ତାରୁଣ୍ୟରେ ଉପନୀତ ହେଲେ । ତେବେ ବନ୍ଧୁତ୍ୱର ଅନ୍ତରାଳରେ ଦୁଇ ବାନ୍ଧବୀଙ୍କ ଭିତରେ ଲୁଚିଛପି ରହିଥିଲା କିଛିଟା ପ୍ରତିଦ୍ୱନ୍ଦ୍ୱିତାର ଭାବ । ମାନବ ଚରିତ୍ରର ଈର୍ଷା, ଅସୂୟା ଭଳି ଭୟଙ୍କର ଶତ୍ରୁମାନେ ଅପେକ୍ଷା କରିଥିଲେ, ସୁଯୋଗ ଦେଖି ସେମାନଙ୍କ ମଧ୍ୟ ଦେଇ ଆତ୍ମପ୍ରକାଶ କରିବାକୁ ।

ଦିନେ ପ୍ରତ୍ୟୁଷରୁ ଦୁଇ ବାନ୍ଧବୀ ସାଥୀ ସହଚରୀମାନଙ୍କ ସହ ଝରଣାରେ ସ୍ନାନ କରିବା ପାଇଁ ଜଙ୍ଗଲକୁ ବାହାରି ପଡ଼ିଲେ । ସେ ଥିଲା ଏକ ମନୋଲୋଭା କମନୀୟ ସକାଳ । ବନଭୂମିର ନରମ ଘାସ ଉପରେ କଅଁଳ ପାଦଥାପି ସୁନ୍ଦର ସକାଳଟିଏ ଓହ୍ଲାଇ ଆସୁଥିଲା । ସୁଉଚ୍ଚ ଗଛମାନଙ୍କୁ ଆଉଁଶି ଦେଉଥିଲା ତା'ର ଆଲୁଅ ବିଞ୍ଚା ହାତରେ । ନାନା ଜାତି ଚଢ଼େଇଙ୍କ ମଧୁର କାକଳିରେ ବନଭୂମି ମୁଖରିତ ହୋଇ ଉଠୁଥିଲା । ଜଙ୍ଗଲି ଝରଣାର କୁଳୁ କୁଳୁ ଧ୍ୱନି ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠୁଥିଲା । ପରିବେଶରେ ରଙ୍ଗବେରଙ୍ଗ ଫୁଲର ମହକ ଭରି ଦେଉଥିଲା ଅପୂର୍ବ ମାଦକତା । ବନପଥରେ କେତେ ରକମର ଫୁଲ ବିଛାଡ଼ି ହୋଇପଡ଼ିଥିଲେ ସକାଳକୁ ସ୍ୱାଗତ କରିବା ପାଇଁ । ପାହାନ୍ତି ତାରା ମୁହଁ ଉପରୁ ପତଳା ଓଢ଼ଣିଟା ଘୁଞ୍ଚାଇ ଦେଇ କୁତୂହଳୀ ହୋଇ ଦେଖୁଥିଲା ସକାଳର ସାନ୍ନିଧ୍ୟରେ ବନଭୂମିର ସେ ଅପୂର୍ବ ରୂପକାନ୍ତିକୁ ।

ତଥାପି ଲାଗୁଥିଲା କିଛି ଯେମିତି ଗୋଟାଏ ଘଟିବାକୁ ଯାଉଛି । ସଜାଗ ସଚେତ ମହାକାଳ ତା'ର ଅଲିଭା କାଳିରେ କିଛି ଗୋଟାଏ ଅଭୁଲା କାହାଣୀ ଲେଖିବାକୁ ପ୍ରସ୍ତୁତ ହୋଇ ଉଠୁଥିଲା ।

ତରୁଣୀମାନେ ନଦୀରେ ପ୍ରବେଶ କଲେ । ସେମାନଙ୍କ ଜଳକେଳିର କୋଳାହଳରେ ବଣଭୂମିରେ ଅପୂର୍ବ ଉଦ୍ଦୀପନାର ସ୍ପନ୍ଦନ ଅନୁରଣିତ ହୋଇ ଉଠୁଥିଲା । ସେସବୁ ଦେଖି ଚଗଲା ପବନ ବି ଉନ୍ମତ୍ତ ହୋଇଉଠିଲା । ଖେଳିବାକୁ ଆରମ୍ଭ କରିଦେଲା ତଟଦେଶରେ ତରୁଣୀମାନେ ଛାଡ଼ିଯାଇଥିବା ବସ୍ତ୍ରମାନଙ୍କ ସହିତ । ସ୍ନାନାନ୍ତେ ଉଲ୍ଲାସମୟତା ଭିତରେ ସମସ୍ତେ କୂଳକୁ ଉଠିଆସିଲେ । ଇତି ମଧ୍ୟରେ ବସ୍ତ୍ରସବୁ ଇତସ୍ତତଃ ହୋଇଯାଇଥାଏ । ଅନ୍ୟମନସ୍କା ଦେବଯାନୀ ଭ୍ରମବଶତଃ ରାଜଜେମା ଶର୍ମିଷ୍ଠାର ବସ୍ତ୍ରଟି ପରିଧାନ କରିଦେଲେ । ଦେବଯାନୀଙ୍କର ଏଇ ସାମାନ୍ୟ ତ୍ରୁଟି ପାଇଁ ଶର୍ମିଷ୍ଠା ଓ ତାଙ୍କ ସହଚରୀମାନଙ୍କର ଭର୍ତ୍ସନା ଥିଲା ଅସହ୍ୟ । ସେମାନଙ୍କ ଭିତରେ କେବଳ ବାକ୍-ବିତଣ୍ଡାରେ କଥା ତୁଟିଲାନି । କ୍ରୋଧର ବଶବର୍ତ୍ତୀ ହୋଇ ଶର୍ମିଷ୍ଠାଙ୍କର ଦାସୀବୃନ୍ଦ ଦେବଯାନୀଙ୍କୁ ଗୋଟିଏ ଶୁଷ୍କ କୂପରେ ନିକ୍ଷେପ କରି ଚାଲିଗଲେ ।

ଏହି ସମୟରେ ନହୁଷ ରାଜାଙ୍କ ପୁତ୍ର ଯଯାତି ପାରିଧି ଉଦ୍ଦେଶ୍ୟରେ ଜଙ୍ଗଲକୁ ଆସିଥିଲେ । ଦେବଯାନୀଙ୍କର କରୁଣ ଚିତ୍କାର ତାଙ୍କର କର୍ଣ୍ଣପଥାରୂଢ଼ ହେଲା । ଶବ୍ଦକୁ ଅନୁସରଣ କରି ସେ କୂପର ନିକଟବର୍ତ୍ତୀ ହେଲେ ଏବଂ ଦେବଯାନୀଙ୍କର ଅସହାୟ ଅବସ୍ଥା ଦେଖି ତାଙ୍କୁ କୂପରୁ ଉଦ୍ଧାର କଲେ । ସେଇ ମୁହୂର୍ତ୍ତରୁହିଁ ଦୁହେଁ ପ୍ରେମାସକ୍ତ ହୋଇଉଠିଲେ । ଯଯାତି ଥିଲେ କ୍ଷତ୍ରିୟ ଏବଂ ଦେବଯାନୀ ବ୍ରାହ୍ମଣ କନ୍ୟା । ଉଭୟ ବୁଝିଥିଲେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ବିନା ସ୍ୱୀକୃତିରେ ସେମାନଙ୍କର ବିବାହ ସମ୍ଭବ ନୁହେଁ ।

ଏଣେ ଶର୍ମିଷ୍ଠା ରାଜପ୍ରାସାଦରେ ପହଞ୍ଚି ନିଜ କୃତକର୍ମ ପାଇଁ ଅନୁତପ୍ତ ହୋଇଉଠିଲେ ଓ ପିତାଙ୍କୁ ଜଙ୍ଗଲରେ ଘଟିଥିବା ସମସ୍ତ ଘଟଣା ବର୍ଣ୍ଣନା କରି ଦେବଯାନୀଙ୍କୁ କୂପରୁ ଉଦ୍ଧାରର ଆୟୋଜନ ପାଇଁ ଅନୁରୋଧ କଲେ ।

ସେତେବେଳକୁ ଦେବଯାନୀଙ୍କର କ୍ରୋଧ ଉଗ୍ରରୂପ ଧାରଣ କରି ସାରିଥାଏ । କାଳ ବିଳମ୍ବ ନକରି ସେ ନିଜ ପିତାଙ୍କ ସହ ଏହି ଅସୁର ରାଜ୍ୟ ତ୍ୟାଗ କରି ଅନ୍ୟତ୍ର ଚାଲିଯିବା ପାଇଁ ଜିଦ୍ କରି ବସିଲେ । ମାତୃହୀନା ଏହି ସନ୍ତାନଟି ପ୍ରତି ଶୁକ୍ରାଚାର୍ଯ୍ୟଙ୍କର ଅଧିକ ସ୍ନେହ ଆଦର ରହିଥିଲା । ତଥାପି ସେ ଆପ୍ରାଣ ପ୍ରୟାସ କରିଛନ୍ତି କନ୍ୟାକୁ ଉଚିତ ମାର୍ଗରେ ସିଦ୍ଧାନ୍ତ ନେବା ପାଇଁ ।

କବି ନନ୍ଦକିଶୋର ବଳଙ୍କର 'କ୍ଷମା' କବିତାରେ ଏହାର ବର୍ଣ୍ଣନା ଖୁବ୍ ହୃଦୟସ୍ପର୍ଶୀ । ସେହି କବିତାରେ ଗୁରୁ ଶୁକ୍ରାଚାର୍ଯ୍ୟ ନିଜର କନ୍ୟାକୁ ବୁଝାଇବାକୁ ଯାଇ କହିଛନ୍ତି :

''ବିଜ୍ଞଜନେ କେଉଁଁ  କ୍ରୁଦ୍ଧ ନ ହୁଅନ୍ତି
କ୍ଷମା, ଧୈର୍ଯ୍ୟେ ବିଭୂଷିତ,
ତିତିକ୍ଷା ସ୍ୱର୍ଗୀୟ,  କ୍ରୋଧ ନାରକୀୟ
ସ୍ଥିର କର ସୁତା ଚିତ୍ତ ।
କ୍ଷମା କଲେ ଝିଅ !  କ୍ଷମା ତ ମିଳଇ,
କ୍ଷମାର ନ ମିଳେ ଅନ୍ତ,
କ୍ଷମାର ଗ୍ରହୀତା  କ୍ଷମାଦାତା ଦୁହେଁ
ଏ ଭୁବନେ ଭାଗ୍ୟବନ୍ତ ।''

ଶୁକ୍ରାଚାର୍ଯ୍ୟଙ୍କର ସମସ୍ତ ପ୍ରୟାସ ବ୍ୟର୍ଥ ହୋଇଛି । କ୍ରୋଧିତା ଦେବଯାନୀ ନିଜ ସିଦ୍ଧାନ୍ତରେ ଅଟଳ । ଦୈତ୍ୟରାଜ ବୃଷପର୍ବା ମଧ୍ୟ ପ୍ରୟାସ କରିଛନ୍ତି ନିଜ ଗୁରୁ ଓ ଗୁରୁ କନ୍ୟାଙ୍କୁ ନିଜ ରାଜ୍ୟ ତ୍ୟଜି ନଯିବା ପାଇଁ । ମାତ୍ର ତାଙ୍କର ସକଳ ଚେଷ୍ଟା ବ୍ୟର୍ଥ ହୋଇଛି । ପରିଶେଷରେ ଦୈତ୍ୟରାଜ କେଉଁ ସର୍ତ୍ତରେ ଦେବଯାନୀ ସନ୍ତୁଷ୍ଟ ହେବେ ଜାଣିବାକୁ ଚାହିଁଛନ୍ତି ।

ସେ ସର୍ତ୍ତ କିନ୍ତୁ ଖୁବ୍ କଠୋର, କଠିନ । ଦେବଯାନୀ ନିର୍ଦ୍ଦୟ ଭାବରେ ଘୋଷଣା କରିଛନ୍ତି ଯଦି ଶର୍ମିଷ୍ଠା ଆଜୀବନ ତାଙ୍କର ଦାସୀ ହୋଇ ରହିବେ, ଏପରିକି ଦେବଯାନୀ ପତିଗୃହକୁ ଗଲା ବେଳେ ମଧ୍ୟ ତାଙ୍କର ଦାସୀ ହୋଇ ସାଥୀରେ ଯିବେ ତେବେ ଯାଇ ସେ ପିତାଙ୍କ ସହ ସେ ରାଜ୍ୟରେ ରହିବା ପାଇଁ ସମ୍ମତ । ସର୍ତ୍ତର କଠୋରତାରେ ବୃଷପର୍ବାଙ୍କର ହୃଦୟ ଭାଙ୍ଗି ପଡ଼ିଛି ।

ଅବଶ୍ୟ ଏ ସମ୍ବାଦ ଶର୍ମିଷ୍ଠାଙ୍କ ନିକଟରେ ପହଞ୍ଚିବା ପାଇଁ ବେଶୀ କ୍ଷଣ ଲାଗିନି । ଶର୍ମିଷ୍ଠା ଅନୁତପ୍ତା । ତେବେ ପିତାଙ୍କ ରାଜ୍ୟର କଲ୍ୟାଣ ପାଇଁ ସେ ସମସ୍ତ ପ୍ରକାର କଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ । ମାତାପିତା ଉଭୟଙ୍କର ଅନିଚ୍ଛା ସତ୍ତ୍ୱେ ଶର୍ମିଷ୍ଠା ନିଜକୁ ପ୍ରସ୍ତୁତ କରିଛନ୍ତି ଆଜୀବନ ଦେବଯାନୀଙ୍କର ଦାସୀ ହୋଇ ରହିବାକୁ । ଦିନ ପରେ ଦିନ ଗହନ ଜଙ୍ଗଲରେ ତପୋମଗ୍ନା ରହି ଶର୍ମିଷ୍ଠା ନିଜକୁ ଉପଯୁକ୍ତ ଭାବେ ବୈରାଗ୍ୟର ସହ ଦାସୀ-କାର୍ଯ୍ୟ ନିର୍ବାହ କରି ପାରିବାର ସାମର୍ଥ୍ୟ ସଂଗ୍ରହରେ ବ୍ରତୀ ହୋଇଛନ୍ତି । ପରିଶେଷରେ ନିଜ ସିଦ୍ଧାନ୍ତ ଅନୁଯାୟୀ ସେ ଦେବଯାନୀଙ୍କ ସହ ଦାସୀ ହୋଇ ଯାଇଛନ୍ତି ରାଜା ଯଯାତିଙ୍କ ରାଜ ଉଆସକୁ ।

ସାରା ଜୀବନ ଧରି ରାଜକନ୍ୟା ଶର୍ମିଷ୍ଠାଙ୍କର ନିଜ ରାଜ୍ୟ ଓ ପିତାଙ୍କ ପାଇଁ ତ୍ୟାଗ ଓ ତପସ୍ୟା ତାଙ୍କୁ ଅମର କରିଦେଲା । ନିଜ ପିତୃରାଜ୍ୟର ସମ୍ମାନ ଓ ସୁରକ୍ଷା ପାଇଁ ସେ ନିଜର ସମସ୍ତ ସୁଖ ସମ୍ଭୋଗ ତ୍ୟାଗ କରି ଦାସୀର ଜୀବନ ବରଣ କଲେ । ପିତୃସତ୍ୟ ପାଳନ କରି ପ୍ରଭୁ ଶ୍ରୀରାମ ଚଉଦ ବର୍ଷ ବନବାସ ଯିବାଠାରୁ ଏହା ଅଧିକ କଷ୍ଟସାଧ୍ୟ ହୋଇଉଠିଥିଲା । କ୍ଷଣିକ ଉତ୍ତେଜନାରେ ସାମନ୍ୟ ଏକ ଭୁଲ୍ ପାଇଁ ଯେ କେତେ ବଡ଼ ମୂଲ୍ୟ ଦେବାକୁ ପଡ଼େ ତା'ର ଏକ ଜ୍ୱଳନ୍ତ ଉଦାହରଣ ଶର୍ମିଷ୍ଠାଙ୍କର ଜୀବନ କାହାଣୀ ।

ବାହ୍ୟ ଦୃଷ୍ଟିରୁ ଅନେକ ସୁଖ-ସମ୍ଭୋଗର ଅଧିକାରିଣୀ ଦେବଯାନୀ କିନ୍ତୁ ବାସ୍ତବିକ ମାନବିକତାର ମାପକାଠିରେ ହାରି ଗଲେ । କ୍ଷମା କରିବାର ସୁଯୋଗ ଥିଲେ ବି ସେ ପ୍ରତିହିଂସା ପରାୟଣା ହୋଇ ସେଥିରୁ ନିଜକୁ ବଞ୍ଚିତ କଲେ ।

ପ୍ରବହମାନ ସମୟର ଦିନିଲିପିରେ ଉପାଖ୍ୟାନଟି ଲିପିବଦ୍ଧ ହୋଇ ରହିଗଲା ଯୁଗଯୁଗ ପାଇଁ ।

ତେବେ ମନତଳେ ବିରାଟ ପ୍ରଶ୍ନବାଚୀ, କାହାକୁ କ୍ଷମା କରିଦେବା କ'ଣ ଏତେ ସହଜ ? ନିଶ୍ଚୟ ନୁହେଁ । କ୍ଷମାର ମହିମା ଅଫୁରନ୍ତ । ପରମ ପ୍ରଭୁ ଅନନ୍ତ କ୍ଷମାରେ ତାଙ୍କର ସୃଷ୍ଟ ଏ ବିଶ୍ୱ-ଭୁବନକୁ ନିଶିଦିନ ପାଳନ କରି ଚାଲିଛନ୍ତି । ମନୁଷ୍ୟ ପକ୍ଷରେ କ୍ଷମା କରିବାର ସାମର୍ଥ୍ୟ ଅର୍ଜନ କରିବାକୁ ହେଲେ ଆତ୍ମ-ସଂଯମର ବିପୁଳ ଐଶ୍ୱର୍ଯ୍ୟ ମଧ୍ୟକୁ ନିଜ ଚେତନାକୁ ଉନ୍ନୀତ କରି ନେବାକୁ ହେବ । ଏକ ପ୍ରେମମୟ, ଉଦାର, ମହତ ହୃଦୟହିଁ ଅନ୍ୟକୁ କ୍ଷମା କରିବାର ଯୋଗ୍ୟତା ହାସଲ କରିପାରେ – ଏହାହିଁ ଏ ଉପାଖ୍ୟାନର ଅନ୍ତଃସ୍ୱର ।

❑❑❑

ଏକ ଆନ୍ତରିକ ନିରବଚ୍ଛିନ୍ନ ଅଭୀପ୍ସା ଲକ୍ଷ୍ୟ ଦିଗରେ ସଂକ୍ଷିପ୍ତତମ ଓ ନିଶ୍ଚିତତମ ମାର୍ଗ ।
– ଶ୍ରୀମା

# ସାଇକେଲ ପାଇଁ ହଟହଟା

## ପ୍ରଦୋଷ ତ୍ରିପାଠୀ

ଆପଣମାନେ ଦେଖୁଥିବେ ମଝିରେ ମଝିରେ ତେଲଦର କେମିତି ବଢ଼ିଯାଏ । ସେତେବେଳେ ଲୋକମାନଙ୍କ ଭିତରେ ହୁରି ପଡ଼ିଯାଏ ଗାଡ଼ି ଚଲାଇବାକୁ ନେଇ । କେତେକ କହନ୍ତି ତେଲଦର ବହୁତ ବାଧିଲାଣି । ଆଉ ଗାଡ଼ି ଚଲାଇ ହେବନି । ତାହା ସତ୍ତ୍ୱେ ସମସ୍ତେ ଗାଡ଼ି ଚଲାନ୍ତି । ପୁଣି ବେଳେବେଳେ ପ୍ରଦୂଷଣଜନିତ ଛନ୍‌କା ପଶିଗଲେ କେତେକେ କୁହନ୍ତି ଅତ୍ୟଧିକ ଗାଡ଼ି ଚଳାଚଳହିଁ ବାୟୁ ଓ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ । ତେଣୁ ଗାଡ଼ି ଚଳାଚଳକୁ କମାଇବା ପାଇଁ ସମସ୍ତେ ଅଧିକ ପରିମାଣରେ ସାଇକେଲ ଚଲାଇବା ଦରକାର । ପରିବେଶ ଓ ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଲକ୍ଷ୍ୟ କରି ମୁଁ ଶେଷରେ ଠିକ୍ କଲି କେହି ନହେଲେ ନାହିଁ ମୁଁ ତ ଗୁଣ୍ଡୁଚିମୂଷା ପରି ଏ ଦିଗରେ ଉଦ୍ୟମ କରି ପାରିବି !

ଆଜ୍ଞା କ'ଣ କହିବି ଆପଣଙ୍କୁ ? କହିବାକୁ ଲାଜ ଲାଗୁଛି । ତଥାପି ଭାବୁଛି ମୋ ମନକଥା ଆପଣଙ୍କୁ କହିଦେବି । କଥା କ'ଣ କି, ସାଇକେଲ ପ୍ରତି ମୋର ବି କେଜାଣି କାହିଁକି ଏକ ଅହେତୁକ ଦୁର୍ବଳତା ରହି ଆସିଛି । ଯେକୌଣସି ଜାଗାକୁ ଯିବାକୁ ହେଲେ ମୁଁ ଗାଡ଼ି ଅପେକ୍ଷା ସାଇକେଲ ବ୍ୟବହାର କରିବାକୁ ପସନ୍ଦ କରେ । ଏହି ସାଇକେଲ ଯୋଗୁଁ ମୁଁ ଯେ ବହୁ ସ୍ଥାନରେ ଅପମାନିତ ହୋଇଛି, ତା'ର ହୁଏତ ହିସାବ ନାହିଁ । ତଥାପି ମୋର ଦୁର୍ବଳତାଟା ଯାଉ ନାହିଁ ।

ଏହି ଦେଖୁ ନାହାନ୍ତି, ଦିନେ ଜଣେ ବଡ଼ ଲୋକର ଝିଅ ବାହାଘରକୁ ଯିବା ଦରକାର ପଡ଼ିଲା । ବାହାଘର ହୋଟେଲରେ ହେଉଥିବାରୁ ଭୋଜି ଖାଇବା ପାଇଁ ମୁଁ ସାଇକେଲ ଧରି ହୋଟେଲ ବାହାରିଲି । ହୋଟେଲ ଦୁଆର ମୁହଁରେ ଦେଖିଲି ଦରୁଆନ ଜଗିଛି । ନିମନ୍ତ୍ରିତ ଅତିଥିମାନେ ଫୋର୍ ହୁଇଲର୍ ଓ ଟୁ-ହୁଇଲର୍‌ରେ ଆସୁଥା'ନ୍ତି । ଅତିଥିମାନଙ୍କୁ ଦରୁଆନ ସ୍ୱାଗତ କରି ସଲାମ କରୁଥାଏ । ଏଭଳି ପରିସ୍ଥିତିରେ ସାଇକେଲ ଧରି ଭିତରକୁ କେମିତି ଯିବି ଚିନ୍ତା କଲି । କିଛି ବୁଦ୍ଧିବାଟ ଦିଶିଲା ନାହିଁ । ତଥାପି ସାହସ ବାନ୍ଧି ସାଇକେଲ ଧରି ଭିତରକୁ ଗଲାବେଳକୁ ଦରୁଆନଟା ବାଟ ରୋକିଲା । କହିଲା, ''ହୋ ଭାଇ, କୁଆଡ଼େ ପଶିଯାଉଛ ? କ'ଣ ମାଗଣା ଭୋଜି ଖାଇବାକୁ ଚାଲିଆସିଲ ?''

ତାହାଠାରୁ ଏଭଳି କଥା ଶୁଣି ମୁଁ ଅପ୍ରସ୍ତୁତ ହୋଇଗଲି । ମନେ ମନେ ଭାବିଲି, କ'ଣ ଭୁଲ୍ ଜାଗାକୁ ଚାଲିଆସିଲି ନା କ'ଣ ? ମୁଁ ଭାବିଲି, ନାଇଁ ତ ଠିକ୍ ଅଛି । କିନ୍ତୁ ଦରୁଆନ, ମୋତେ ଏମିତି କାହିଁକି କହିଲା ?

ମୁଁ ଆଉ ଥରେ ସାଇକେଲ ଧରି ହୋଟେଲ୍ ଭିତରକୁ ଯିବା ପାଇଁ ଉଦ୍ୟମ କଲି । ଏଥର ବି ସେ ରାଗିଯାଇ କହିଲା, ''ଥରେ ମନା କଲି ନା ?''

ଏଥର ଘଟଣାର ଗାମ୍ଭୀର୍ଯ୍ୟତା ବଢ଼ିଗଲା । ମୁଁ ମୋ ପରିଚୟ ଦେଇ ଦରୱାନ୍‌କୁ ବୁଝାଇବାକୁ ଚେଷ୍ଟା କଲି । ହେଲେ ସେ ବୁଝିବାକୁ ନାରାଜ । ଶେଷରେ ମୋ ପ୍ରତି ଦୟାପରବଶ ହୋଇ କହିଲା, ''ହଉ ଶୁଣ ଶୁଣ ! ଏହା ଭିତରକୁ କେବଳ ଫୋର-ହୁଇଲର୍ ଓ ଟୁ-ହୁଇଲର୍ ଯିବ । ସାଇକେଲ ଯିବା ମନା । ତୁମେ ସାଇକେଲ ନେଲେ ମ୍ୟାନେଜର ବାବୁ ଜାଣିଲେ ମୋତେ ପାଟି କରିବେ । ତୁମେ ଗୋଟେ କାମ କର । ଯଦି ଯିବାକୁ ଚାହୁଁଛ ଏଇ ହୋଟେଲକୁ ଲାଗି ଗୋଟିଏ ଗଳି ରାସ୍ତା ଅଛି । ସେଇପଟେ ଆମର ଜିନିଷପତ୍ର ନେବା ଆଣିବା ହୁଏ । ତୁମେ ସେଇପଟକୁ ଯାଇ ସାଇକେଲ ରଖି ଆସ ।''

ଅନ୍ୟ ଉପାୟ ନପାଇ ତା' କଥା ମାନିଲି ଓ ସାଇକେଲ ଅନ୍ୟତ୍ର ରଖି ବାବୁ ଭଳି ହୋଟେଲକୁ ଗଲି ଓ ଭୋଜି ଖାଇଲି । ମନଟା କଷ୍ଟ ଲାଗିଲା ମୋ ସାଇକେଲ ପାଇଁ ହଟହଟା ହୋଇ ।

ଆଉ ଗୋଟିଏ ଘଟନା । ମୋର ଏହା ଭିତରେ ଅଫିସର ପୋଷ୍ଟକୁ ବଦଳି ହୋଇଗଲା । ନୂଆ ଜାଗା । ନୂଆ ପରିବେଶ । ଅଫିସରେ ଯୋଗଦେବା ପୂର୍ବରୁ ବାହାରୁ ଠିଆ ହୋଇ ଅଫିସଟା ଦେଖିଦେଲି । ତହିଁ ପରଦିନ ଅଫିସରେ ଯୋଗ ଦେବାର କଥା । ମୁଁ ମୋର ମାନ୍ଧାତା ଅମଳର ସାଇକେଲ ଖଣ୍ଡିକ ଧରି ବାହାରିଲି ଚାକିରିରେ ଯୋଗ ଦେବାକୁ । ମୁଁ କି ଜାଣିଛି ପ୍ରଥମ ଦିନରୁ ଏହି ସାଇକେଲ ଯୋଗୁଁ ବେଜିତ୍ ହେବି ବୋଲି ?

ମୋ ସାଇକେଲକୁ ଅଫିସ ଷ୍ଟାଣ୍ଡରେ ରଖିବାକୁ ନେଲାବେଳକୁ ଦେଖିଲି ଗୋଟେ ମୋଟା ନିଶୁଆ ଲୋକ ଗାଡ଼ି ଜଗୁଆଳି ହିସାବରେ ବସିଛି । ମୋର ସାଇକେଲ ଦେଖି ପ୍ରଶ୍ନ କଲା, ''ହୋ ବାବୁ ! କୁଆଡ଼େ ସାଇକେଲ ରଖିବାକୁ

ଯାଉଛନ୍ତି ? ଏଇଟା ପରା ଅଫିସ ଷ୍ଟାଫ୍‌ମାନଙ୍କର ଗାଡ଼ି ରଖିବା ସ୍ଥାନ । ପବ୍ଲିକ୍‌ଙ୍କ ପାଇଁ ନୁହେଁ ।''

ମୁଁ କହିଲି, ''ନାଇଁ ଭାଇ ! ମୁଁ ପରା ଅଫିସ ଷ୍ଟାଫ୍ । ନୂଆ ବଦଳି ହୋଇ ଆସିଛି ।'' ଏହା ଶୁଣି ଜଗୁଆଳି ମୋ ମୁଣ୍ଡରୁ ଆରମ୍ଭ କରି ଗୋଡ଼ ପର୍ଯ୍ୟନ୍ତ ଆଖି ତରାଟି ଚାହିଁଲା ।

କହିଲା, ''ଥାଉ ଥାଉ ! ଆଉ ସଫେଇ ଦେବା ଦରକାର ନାହିଁ । ପବ୍ଲିକ୍ ହୋଇ ଷ୍ଟାଫ୍‌ମାନଙ୍କ ଷ୍ଟାଣ୍ଡରେ ଗାଡ଼ି ରଖୁଛ । ପୁଣି ମିଛ କହୁଛ । ଲାଜ ଲାଗୁନି ତୁମକୁ ? ଏଡ଼େ ବୁଢ଼ାଟେ ହେଲଣି, ମୋତେ ପୁଣି ମିଛ କହି ଓଲୁ ବନଉଛ ?''

ମୋର ସାମାନ୍ୟ ସାଇକେଲ ପାଇଁ ଏତେଗୁଡ଼ିଏ ଭର୍ତ୍ସନା ଶୁଣି ମୋତେ ଖରାପ ଲାଗିଲା । ପରିସ୍ଥିତିକୁ ଚଳାଇବା ପାଇଁ ଲୋକଟି ପିଠିରେ ହାତ ଥାପୁଡ଼ାଇ କହିଲି, ''ହଉ ଭାଇ ଆଉ ରାଗ ନାହିଁ । ଏଇ ସାଇକେଲ ରଖିବାକୁ ଅନୁମତି ଦିଅ । ମୁଁ ତୁମକୁ ପାନ ଖାଇବାକୁ ଟଙ୍କା ଦେବି ଯେ ।'' ଟଙ୍କା କଥା ଶୁଣି ଲୋକଟି କହିଲା, ''ଠିକ୍ ଅଛି ! ମୂଳରୁ ସେକଥା କହୁନ ?''

ଏହାପରେ ଅଗତ୍ୟା କାନମୋଡ଼ି ହୋଇ ଦଶଟି ଟଙ୍କା ପକେଟରୁ କାଢ଼ି ତାହା ହାତକୁ ବଢ଼େଇଲି ଓ ସାଇକେଲ ରଖି ଅଫିସକୁ ଗଲି ।

ଏହା ଭିତରେ ଦିନେ ଦୁଇଦିନ ଚାଲିଗଲା । ତୃତୀୟ ଦିନ ଅଫିସର ସହକର୍ମୀମାନେ ମୋ ବିଷୟରେ ଫୁସ୍‌ଫାସ୍ ହେଉଥିବାର ଶୁଣିଲି, ଫଳରେ ମୋର କୌତୂହଳ ବଢ଼ିଲା । ନିଶ୍ଚେ ମୋ ଅଫିସ କାମ ବିଷୟରେ କଥା ହେଉଥିବେ ଭାବି ସେମାନଙ୍କ କଥାକୁ କାନ ଡେରିଲି ।

ଜଣେ କହୁଥିଲା, ''ଭଟ୍ଟବାବୁ, ଜାଣିଛନ୍ତି ନା ନାହିଁ, ଏହି ଯେଉଁ ନୂଆ ଅଫିସରଟା ଆମ ଅଫିସକୁ ବଦଳି ହୋଇ ଆସିନି, ସେ ସାଇକେଲ ଧରି ଅଫିସ ଆସୁଛି ! ତା'ର ଲଜ୍ଜାସରମ କିଛି ନାହିଁ ନା କ'ଣ ?''

ଏହାଶୁଣି ପଟ୍ଟନାୟକ ବାବୁ କହୁଥା'ନ୍ତି, ''ଆଶ୍ଚର୍ଯ୍ୟର କଥା ! ଆଜିକାଲି ଯୁଗରେ କିଏ ସାଇକେଲ ଚଢ଼ୁଛି କହିଲ ? ତାଙ୍କ ପଦବୀର ମର୍ଯ୍ୟାଦା ଦୃଷ୍ଟିରୁ ସେ ଫୋର୍ ହୁଇଲର୍‌ରେ ଆସିବା କଥା । ଅନ୍ତତଃ ଟୁ-ହୁଇଲର୍‌ରେ ଆସିଲେ ବି ଚଳନ୍ତା । କିନ୍ତୁ ସାଇକେଲ ଚଳାଇବାକୁ ତାଙ୍କୁ ଖରାପ ଲାଗୁନି କେମିତି କେଜାଣି ?'' ପାଖରେ ଠିଆ ହୋଇ ସୁଧୀରବାବୁ କହୁଥା'ନ୍ତି, ''ଜାଣିଲେ ନା । ମୁଁ ଭାବୁଛି ଲୋକଟା ନିହାତି ଶୁଖା ହୋଇଥିବ ମ । ତେଲ ପାଣିରେ ପଇସା ଖର୍ଚ୍ଚ ହୋଇଯିବ ବୋଲି ସାଇକେଲ ଚଳାଉଥିବ । ଆମ ଅଫିସର ପିଅନମାନେ ହୁଣ୍ଡାଗାଡ଼ି ଧରି ଆସୁଛନ୍ତି, ଇଏ କେମିତି ସାଇକେଲରେ ଆସୁଛନ୍ତି କେଜାଣି ? ଭାବୁଛି ଏକଥା ତାଙ୍କ ପାଖରେ ଉଠାଇଲେ କେମିତି ହେବ ?''

ମୋ ସାଇକେଲ ଚଢ଼ାକୁ ନେଇ ଅଫିସ ମହଲରେ ଏଭଳି ମନ୍ତବ୍ୟ ଶୁଣିବା ପରେ ମୋ ମନରେ କଷ୍ଟ ଆସିଲା । ପୁଣି ମନ ବିଦ୍ରୋହ କରିଉଠିଲା । ଭାବିଲି, ମୁଁ ମଟରଗାଡ଼ିରେ ଆସେ କି ଟୁ-ହୁଇଲର୍‌ରେ ଆସେ, କି ସାଇକେଲରେ ଆସେ, ସେମାନଙ୍କର କ'ଣ ଯାଏ ଆସେ ? ମୋର ଯିବାଆସିବା ଉପରେ ଏମାନଙ୍କର ଏଭଳି କଟାକ୍ଷ ନଜର କାହିଁକି କେଜାଣି ?

ତେବେ ଏହି କଥା ବେଶୀ ଦିନ ଗଲାନି । ଦିନେ ଦାସବାବୁ ମୋ ଅଫିସ ଚାମ୍ବର ଭିତରକୁ କାମ ପ୍ରସଙ୍ଗରେ ଆସିଲେ । କଥା ପ୍ରସଙ୍ଗରୁ କଥା ଉଠାଇ କହିଲେ, ''ସାର୍ ! ଆପଣ ବୋଧହୁଏ ଜିନିଷପତ୍ର କିଛି ଆଣି ନାହାନ୍ତି ।'' ମୁଁ କହିଲି, ''ନାଇଁ ଆଣିଛି ।'' ସେ କହିଲେ, ''ଆପଣଙ୍କ ସେକେଣ୍ଡହାଣ୍ଡ୍ ସାଇକେଲଟିକୁ ଦେଖିଲି । ଯଦି ଖରାପ ନଭାବିବେ... ।'' ମୁଁ କହିଲି, ''କ'ଣ କହିବେ କୁହନ୍ତୁ !''

ସେ କହିଲେ, ''ସାର୍ ମୋର ଗୋଟିଏ ଏକ୍ସଟ୍ରା ଗାଡ଼ି ଅଛି । ଆପଣ କହିଲେ ଯିବା ଆସିବା କରିବା ପାଇଁ ସେଇଟି ଆପଣଙ୍କ ପାଇଁ ନେଇ ଆସିବି । ଭଲ ରନିଂ କଣ୍ଡିସନ୍‌ରେ ଅଛି ।''

ଦାସବାବୁଙ୍କଠାରୁ ଏହା ଶୁଣି କଥାର ମର୍ମ ବୁଝିପାରିଲି । କହିଲି, ''ନାଇଁ ଦାସବାବୁ ! ଆପଣ ମୋ ପାଇଁ ଗାଡ଼ି ଆଣିବା ଦରକାର ନାହିଁ । ମୁଁ ମୋର ସାଇକେଲରେ ଠିକ୍ ଅଛି ।'' ଦାସବାବୁ ପୁଣି କହିଲେ, ''ସାର୍ । ଆପଣ ଯଦି ବି ଗାଡ଼ି ଚଳାଇବା ଶିଖି ନାହାନ୍ତି, ତେବେ ସେଥିପାଇଁ କିଛି ସମସ୍ୟା ନାହିଁ । ମୁଁ ଦିନେ ଦୁଇଦିନରେ ଆପଣଙ୍କୁ ଟୁ-ହୁଇଲର୍ କୁହନ୍ତୁ କି ଫୋର୍-ହୁଇଲର୍ କୁହନ୍ତୁ ସବୁ ଶିଖାଇଦେବି । ଆଉ ଆପଣ ଯଦି ଇଚ୍ଛା କରନ୍ତି, ନୂଆ ଗାଡ଼ିଖଣ୍ଡେ କିଣାଇ ଦେବି । ଆପଣ ଖାଲି 'ହଁ' କହିଲେ ହେଲା ।''

ଏହା ଶୁଣି ମୁଁ ତାଙ୍କୁ ବୁଝାଇ କହିଲି, ''ଦେଖନ୍ତୁ ଦାସବାବୁ ! ଆପଣ ମୋ ବିଷୟରେ କି ମୋର ସାଇକେଲ ଚଢ଼ିବା ବିଷୟରେ ଯାହା କିଛି ଭାବୁଛନ୍ତି, ତାହା ସବୁ ଭୁଲ୍ । ମୋତେ ଟୁ-ହୁଇଲର୍‌ଠାରୁ ଆରମ୍ଭ କରି ଫୋର୍-ହୁଇଲର୍ ପର୍ଯ୍ୟନ୍ତ ସବୁକିଛି ଚଲାଇ ଆସେ ଓ ତାହା ମୋ ଘରେ ଅଛି । କିନ୍ତୁ ସେ ସବୁ ଅପେକ୍ଷା ସାଇକେଲ ଚଳାଇବାକୁ ମୁଁ ଅଧିକ

*(ଅବଶିଷ୍ଟାଂଶ ପୃଷ୍ଠା ୫୫ରେ ଦେଖନ୍ତୁ)*

# ତ୍ୟାଗର ଅମୋଘ ମହିମା

ରାଜା ଚକ୍କବେଣଙ୍କ କାହାଣୀ କୌଣସି ପୁସ୍ତକରେ ତ ମୁଁ କେବେ ପଢ଼ି ନାହିଁ । ପରମ୍ପରାକ୍ରମେ ଏହା ଲୋକ-ଖ୍ୟାତ ଏକ ରୋଚକ କାହାଣୀ । ଏହି ଚକ୍କବେଣଙ୍କ କାହାଣୀ ବାସ୍ତବ କି କାଳ୍ପନିକ, ତାହା ଜଣା ନାହିଁ । ଯାହା ବି ହେଉ, ଏହା ନିଶ୍ଚିତ ଭାବେ ଶିକ୍ଷାପ୍ରଦ । କାହାଣୀଟି ଏହିପରି ।

ତ୍ରେତୟା ଯୁଗର କଥା । କୌଣସି ଏକ ରାଜ୍ୟରେ ଚକ୍କବେଣ ନାମକ ଜଣେ ରାଜା ଥିଲେ । ସେ ଜଣେ ଧର୍ମାତ୍ମା, ସତ୍ୟବାଦୀ, ସ୍ୱାବଲମ୍ବୀ, ଅଧ୍ୟବସାୟୀ, ତ୍ୟାଗୀ, ଉଦାରଚେତା, ଜ୍ଞାନୀ, ଭକ୍ତ, ତେଜସ୍ୱୀ, ତପସ୍ୱୀ ଏବଂ ଉଚ୍ଚକୋଟୀର ଅନୁଭବୀ ମହାପୁରୁଷ ଥିଲେ । ପ୍ରଜାମାନଙ୍କ ନିକଟରୁ ଯାହାକିଛି 'କର' ଆଦାୟ କରା ଯାଉଥିଲା, ସେ ସମସ୍ତ ଧନକୁ ପ୍ରଜାମାନଙ୍କ ଉନ୍ନତିକଳ୍ପେ ବିନିଯୋଗ କରି ଦେଉଥିଲେ । ରାଜ୍ୟର କାର୍ଯ୍ୟ ସେ ନିରଭିମାନ-ପୂର୍ବକ ନିଷ୍କାମ ଭାବରେ ମନ-ପ୍ରାଣ ଦେଇ ସମ୍ପାଦନ କରୁଥିଲେ । ପ୍ରଜାମାନଙ୍କ ଉପରେ ଏହାର ସୁପ୍ରଭାବ ପଡୁଥିଲା । ରାମରାଜ୍ୟ ପରି ତାଙ୍କ ରାଜ୍ୟରେ କେହି ଦୁଃଖୀ ନଥିଲେ । ସମସ୍ତେ ଆନନ୍ଦରେ କାଳାତିପାତ କରୁଥିଲେ ।

ସେ ନିଜ ଜୀବିକା ନିର୍ବାହ ପାଇଁ ସ୍ୱତନ୍ତ୍ର ଭାବରେ ଚାଷ କରୁଥିଲେ । କ୍ଷେତରେ ଫଳୁଥିବା ଶସ୍ୟ ସ୍ୱୟଂ ଅମଳ କରି ନିଜର ଭରଣପୋଷଣ କରୁଥିଲେ । ନିଜ କ୍ଷେତରେ ସେ ଆଖୁ, କପା, ନାନା ଶସ୍ୟ, ଫଳ ଏବଂ ବିଭିନ୍ନ ପନିପରିବା ପ୍ରଭୃତି ଉତ୍ପନ୍ନ କରାଉଥିଲେ ।

ଆପଣା କ୍ଷେତରୁ ଉତ୍ପନ୍ନ କପାରୁ ସୂତା କାଟି, ଲୁଗାବୁଣି ପିନ୍ଧୁଥିଲେ । ଆଖୁ ପେଡ଼ି ଗୁଡ଼ ତିଆରି କରୁଥିଲେ ଏବଂ ଜମିରେ ଫଳୁଥିବା ଧାନ, ଫଳ, ଶାଗ ପ୍ରଭୃତି ଭୋଜନ କରି ଉଦର ପୋଷଣ କରୁଥିଲେ । ତାଙ୍କ ପତ୍ନୀଙ୍କ ଶରୀରରେ କୌଣସି ଆଭୂଷଣ ଶୋଭା ପାଉ ନଥିଲା । କାରଣ ସେ ରାଜ୍ୟର ଧନରେ କୌଣସି ଆଭୂଷଣ କରାଇ ନଥିଲେ ଏବଂ ନିଜ କ୍ଷେତରେ ଉତ୍ପନ୍ନ ହେଉଥିବା ଶସ୍ୟ, ଫଳ, ପନିପରିବା ପ୍ରଭୃତିରେ ତାଙ୍କର ଖାଇବା ପିନ୍ଧିବା କାମ ଚଳି ଯାଉଥିଲା । କ୍ଷେତ ବ୍ୟତୀତ ତାଙ୍କୁ ରାଜକାର୍ଯ୍ୟରେ ମଧ୍ୟ ସମୟ ଦେବାକୁ ପଡୁଥିଲା । ତାଙ୍କର ସମଗ୍ର ଜୀବନ ଜଣେ ସରଳ ସଦାଚାରୀ କୃଷକ ପରି ଥିଲା । ଦିନର ଛଅ ଘଣ୍ଟା ବିଶ୍ରାମ ବ୍ୟତୀତ ଅବଶିଷ୍ଟ ସମୟରେ ଈଶ୍ୱର ଭକ୍ତି, ପରୋପକାର, ରାଜକାର୍ଯ୍ୟ ଏବଂ କୃଷିକାର୍ଯ୍ୟରେ ଅତିବାହିତ ହୋଇ ଯାଉଥିଲା । ସବୁ ଜୀବଙ୍କ ପ୍ରତି ତାଙ୍କର ଦୟା ଏବଂ ପ୍ରେମର ଭାବ ସମାନ ଥିଲା । ସେ ସମସ୍ତ ପ୍ରାଣୀଙ୍କୁ ପରମାତ୍ମାଙ୍କ ସ୍ୱରୂପ ମନେ କରି ସମସ୍ତଙ୍କୁ ନିଷ୍କାମ ଭାବରେ ସେବା କରୁଥିଲେ । ସେ ସ୍ୱାବଲମ୍ବୀ ଥିଲେ, ନିଜ କାର୍ଯ୍ୟ ନିଜେ କରୁଥିଲେ । କୌଣସି ରାଜ କର୍ମଚାରୀ ବା ସେବକ ପ୍ରଭୃତିଙ୍କ ଦ୍ୱାରା ନିଜ କାମ କରାଉ ନଥିଲେ । ସେ ଯାହା କିଛି କରୁଥିଲେ, ଆସକ୍ତି ଏବଂ ଅହଂକାର ରହିତ ହୋଇ ଅତ୍ୟନ୍ତ ଉତ୍ସାହ ଏବଂ ଧୈର୍ଯ୍ୟର ସହିତ ସମ୍ପାଦନ କରୁଥିଲେ ।

ଦିନକର କଥା, ଯେଉଁ ରାଜ୍ୟରେ ରାଜା ଚକ୍କବେଣ ରାଜୁତି କରୁଥିଲେ, ସେଠାରେ କୌଣସି ଏକ ବିଶେଷ ପର୍ବରେ ଗୋଟିଏ ବଡ଼ ମେଳାର ଆୟୋଜନ ହୋଇଥିଲା । ନଗରର ବିଭିନ୍ନ ପ୍ରାନ୍ତରୁ ବହୁ ନରନାରୀ ଆସି ସେଠାରେ ଏକତ୍ରିତ ହେଉଥିଲେ । ରାଜା-ରାଣୀଙ୍କ ଦର୍ଶନ ନିମିତ୍ତ ତ ଅନେକ ପ୍ରଜା ନିୟମିତ ଆସୁଥିଲେ, କିନ୍ତୁ ମେଳା କାରଣରୁ ଯାତ୍ରୀଙ୍କ ଭିଡ଼ ବହୁତ ଅଧିକ ହୋଇ ଯାଉଥିଲା । ରାଜାଙ୍କ ଦର୍ଶନ ପାଇଁ ପୁରୁଷମାନେ ଆସୁଥିବା ବେଳେ, ରାଣୀଙ୍କ ନିକଟକୁ ଅଧିକ ସ୍ତ୍ରୀ ଲୋକ ଆସୁଥିଲେ । ଧନୀ ବ୍ୟବସାୟୀମାନଙ୍କର ପତ୍ନୀଗଣ ନିଜକୁ ଅନେକ ଗହଣା ଓ ରେଶମୀ ଶାଢ଼ୀରେ ସଜାଇ, ଦାସ-ଦାସୀ ପରିବେଷ୍ଟିତ ହୋଇ ରାଣୀଙ୍କୁ ଦର୍ଶନ କରିବା ପାଇଁ ସେଠାକୁ ଆସିଥିଲେ । ସେହି ରମଣୀମାନେ ରାଣୀଙ୍କ ବେଶଭୂଷା ଦେଖି ଆଶ୍ଚର୍ଯ୍ୟ ସହକାରେ ତାଙ୍କୁ କହିଲେ, ''ମହାରାଣୀ ! ଆପଣ ଯେଉଁ ପ୍ରକାର ସାଦାସିଧା ବସ୍ତ୍ର ପିନ୍ଧିଛନ୍ତି, ଆମ ହଳିଆ-ମୂଲିଆମାନଙ୍କ ସ୍ତ୍ରୀମାନେ ମଧ୍ୟ ଏପରି ବସ୍ତ୍ର ପିନ୍ଧନ୍ତି ନାହିଁ । ଆପଣ ଆମ ଦାସୀମାନଙ୍କୁ ଦେଖନ୍ତୁ, ସେମାନେ କିପରି ବସ୍ତ୍ରାଭୂଷଣ ପିନ୍ଧିଛନ୍ତି । ଆପଣଙ୍କର ବସ୍ତ୍ର ଓ ଆଭୂଷଣ ତ ଆମ୍ଭମାନଙ୍କଠାରୁ କେତେ ଗୁଣରେ ମୂଲ୍ୟବାନ୍ ହେବା ଉଚିତ । ଏମାନେ ଯେପରି ଆମ୍ଭମାନଙ୍କର ଦାସୀ ଅଟନ୍ତି, ସେହିପରି ଆମ୍ଭେମାନେ ତ ଆପଣଙ୍କର ଦାସୀ ସମାନ । ଆପଣଙ୍କ ସ୍ୱାମୀ ତ ସମ୍ରାଟ ଅଟନ୍ତି । ଅଥଚ ଆପଣଙ୍କ ପୋଷାକ କେତେ ନିମ୍ନମାନର ! ଅଳଙ୍କାର ତ ନାହିଁ କହିଲେ ଚଳେ । ଆପଣଙ୍କର ସାମାନ୍ୟ ସଂକେତ ମାତ୍ରେ ରାଜା ଆପଣଙ୍କ ନିମିତ୍ତ ନାନାବିଧ

ବସ୍ତ୍ରାଭୂଷଣର ବ୍ୟବସ୍ଥା କରିଦେବେ । ଆପଣ ଆମ୍ଭମାନଙ୍କର ସ୍ୱାମିନୀ ଅଟନ୍ତି, ଆପଣଙ୍କୁ କେଉଁ କଥା ଅବା ଅଭାବ ହୁଅନ୍ତା ! ରାଣୀଙ୍କ ହୃଦୟରେ ଏହି କଥାର ପ୍ରଭାବ ଗଭୀର ଭାବରେ ପଡ଼ି ଯାଇଥିଲା ।

ରାତିରେ ଯେତେବେଳେ ମହାରାଜ ରାଜପ୍ରାସାଦକୁ ଫେରିଲେ ରାଣୀ ତାଙ୍କୁ ଦିନରେ ଧନୀ ବ୍ୟବସାୟୀଙ୍କ ପତ୍ନୀଗଣ ଯାହାସବୁ କହିଥିଲେ, ସବୁକିଛି ରାଜାଙ୍କ ନିକଟରେ ନିବେଦନ କଲେ ଏବଂ ଶେଷରେ ତାଙ୍କୁ ଏକ ବିଶେଷ ଅନୁରୋଧପୂର୍ଣ୍ଣ ସ୍ୱରରେ କହିଲେ, ''ମୋର ପିନ୍ଧିବା ପାଇଁ ବହୁ ମୂଲ୍ୟ ବସ୍ତ୍ର, ଆଭୂଷଣ ପ୍ରଭୃତି ମଗାଇ ଦେବାର କୃପା କରନ୍ତୁ ।'' ରାଜା ଚକ୍କବେଣ ଉତ୍ତର ଦେବାକୁ ଯାଇ କହିଲେ, ''କିପରି ମଗାଇ ପାରିବି ? ବ୍ୟବହାର କରିବା ତ ଦୂରର କଥା ମୁଁ ରାଜ୍ୟର ଧନ ସ୍ପର୍ଶ ମଧ କରେ ନାହିଁ । ତୁମେ ଏହା ଜାଣିଛ । ଏହା ଦ୍ୱାରା ଆମର ବୁଦ୍ଧିଭ୍ରଷ୍ଟ ହୋଇଯିବ ।'' ରାଣୀ ମଧ ସ୍ୱୟଂ ଜଣେ ଉଚ୍ଚମାନର ପବିତ୍ର ରମଣୀ ଥିଲେ, କିନ୍ତୁ ବସ୍ତ୍ରାଦି ଭୂଷଣରେ ସଜ୍ଜିତା ହୋଇ ଆସିଥିବା ଧନୀ ନାରୀମାନଙ୍କର କଥା ତାଙ୍କ ଉପରେ ଏପରି ପ୍ରଭାବ ବିସ୍ତାର କରିଥିଲା ଯେ ସେ ରାଜାଙ୍କୁ ପୁନର୍ବାର ପ୍ରାର୍ଥନା କରି କହିଲେ, ''ଯାହା ବି ହେଉ, ଆପଣ ମୋର ସ୍ୱାମୀ ଓ ରାଜ୍ୟର ସମ୍ରାଟ ଅଟନ୍ତି ଏବଂ ମୁଁ ଆପଣଙ୍କର ଏକମାତ୍ର ପାଟରାଣୀ ଅଟେ । ମୋ ନିମିତ୍ତ ଜଣେ ସମ୍ରାଟଙ୍କ ପାଟରାଣୀ ଯୋଗ୍ୟ ବହୁମୂଲ୍ୟ ବସ୍ତ୍ରାଭୂଷଣ ମଗାଇବାର କୃପା ଆପଣଙ୍କୁ କରିବାକୁ ହେବ । ଏହା ମୋର ଆତ୍ମସମ୍ମାନର ପ୍ରଶ୍ନ ।''

ପତ୍ନୀଙ୍କ ପ୍ରୀତିରେ ପ୍ରେରିତ ହୋଇ ରାଜା ଚିନ୍ତା କଲେ, ରାଣୀ ଯେତେ ଆଗ୍ରହ କଲେ ମଧ ମୁଁ ରାଜକୋଷକୁ କୌଣସି ପରିସ୍ଥିତିରେ ଉପଯୋଗ କରିପାରିବି ନାହିଁ । କିନ୍ତୁ ମୁଁ ଜଣେ ସମ୍ରାଟ । ଦୁଷ୍ଟ, ଅତ୍ୟାଚାରୀ ଏବଂ ବଳବାନ୍ ରାଜାମାନଙ୍କ ନିକଟରୁ 'କର' ଆଣି ପାରିବି । ଏହିପରି ଚିନ୍ତାକରି ସେ ବୈଦେଶିକ ବ୍ୟାପାର ତଥା ଅଧୀନସ୍ଥ ରାଜ୍ୟଗୁଡ଼ିକ ସହ ସମ୍ପର୍କ ଓ ଯୋଗାଯୋଗ ରଖୁଥିବା ମନ୍ତ୍ରୀଙ୍କୁ ଡକାଇ କହିଲେ, ''ମନ୍ତ୍ରି ! ଆପଣ ରାକ୍ଷସରାଜ ରାବଣଙ୍କ ନିକଟକୁ ଯାଇ ଏକଥା ତାଙ୍କୁ କୁହନ୍ତୁ ଯେ ରାଜା ଚକ୍କବେଣଙ୍କ ନିକଟରୁ ସମ୍ବାଦ ନେଇ ଆସିଛନ୍ତି । ସେ ଆପଣଙ୍କ ନିକଟରୁ 'କର' ରୂପେ ତିନି ଚତୁର୍ଥାଂଶ ମହଣ ସୁବର୍ଣ୍ଣ ପ୍ରଦାନ କରିବାକୁ ଆଜ୍ଞା କରିଛନ୍ତି ।''

ସମ୍ରାଟଙ୍କ ଆଜ୍ଞା ପାଇ ମନ୍ତ୍ରୀ କେତେକ କର୍ମଚାରୀଙ୍କୁ ସଙ୍ଗରେ ଧରି ରଥ ଆରୋହଣପୂର୍ବକ ସମୁଦ୍ରର ତଟଦେଶରେ ପହଞ୍ଚିଲେ ଏବଂ ଏହା ପରେ ଜଳଯାନ ଦ୍ୱାରା ସମୁଦ୍ରର ଅପର ପାର୍ଶ୍ୱରେ ଥିବା ଲଙ୍କାଗଡ଼ରେ ପ୍ରବେଶ କଲେ । ତତ୍ପରେ ରାଜସଭା କକ୍ଷରେ ପହଞ୍ଚି ରାକ୍ଷସରାଜ ରାବଣଙ୍କୁ ଅଭିବାଦନପୂର୍ବକ ଅତ୍ୟନ୍ତ ନମ୍ରତାର ସହିତ ସମ୍ରାଟ ଚକ୍କବେଣଙ୍କ ସନ୍ଦେଶ ଶୁଣାଇଥିଲେ । ସନ୍ଦେଶକୁ ଶୁଣିବା କ୍ଷଣି ରାବଣ ହସି ଉଠିଥିଲେ ଏବଂ ସଭାସଦ୍‌ବର୍ଗଙ୍କୁ କହିଲେ, ''ଦେଖ, ଏପରି ମୂର୍ଖ ରାଜା ମଧ ସଂସାରରେ ଏବେ ବି ଅଛନ୍ତି; ଯିଏ ଋଷି, ଦେବତା, ରାକ୍ଷସ ପ୍ରଭୃତି ସମସ୍ତଙ୍କ ନିକଟରୁ 'କର' ନେଉଥିବା ମୋ ପରି ଜଣେ ବଳବାନ୍, ସ୍ୱତନ୍ତ୍ର ମହାନ୍ ସମ୍ରାଟଙ୍କ ନିକଟରୁ ମଧ କର ଆଶା କରୁଛନ୍ତି ।'' ଚକ୍କବେଣଙ୍କ ଦୂତଙ୍କୁ ରାବଣ ବନ୍ଦୀ କରିବାକୁ ଚାହୁଁଥିଲେ । କିନ୍ତୁ ସଭାସଦ୍‌ବର୍ଗଙ୍କ ଅନୁରୋଧ କ୍ରମେ ତାଙ୍କୁ ଛାଡ଼ି ଦେଇଥିଲେ । ଏହା ପରେ ମନ୍ତ୍ରୀ ନୀରବରେ ସେଠାରୁ ସମୁଦ୍ରତଟକୁ ଫେରି ଆସିଥିଲେ ।

ତଦନନ୍ତର ରାବଣ ରାତ୍ରିରେ ଯେତେବେଳେ ମନ୍ଦୋଦରୀଙ୍କ ମହଲକୁ ଶୟନ କରିବାକୁ ଗଲେ, ହସି ହସି ବିନୋଦ-ପୂର୍ବକ ତାଙ୍କୁ କହିଲେ, ''ଭାରତ ବର୍ଷରେ କେହି ଜଣେ ଚକ୍କବେଣ ନାମକ ରାଜା ଅଛନ୍ତି । ଆଜି ତାଙ୍କର ଜଣେ ଦୂତ ରାଜସଭାକୁ ଆସି ମୋତେ ତିନି ଚତୁର୍ଥାଂଶ ମହଣ ସୁବର୍ଣ୍ଣ ମୁଦ୍ରା 'କର' ରୂପେ ଦେବାକୁ କହିଲେ । ଦେଖ, ସଂସାରରେ ଏପରି ମୂର୍ଖ ରାଜା ମଧ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି ଯିଏ ମୋ ପରି ଜଣେ ସମ୍ରାଟଙ୍କ ନିକଟରୁ ମଧ 'କର' ନେବାର ଆଶା ରଖିଛନ୍ତି । ମୁଁ ତ ସେହି ଦୂତଙ୍କୁ ସଙ୍ଗେ ସଙ୍ଗେ ବନ୍ଦୀ କରି ଦେବାକୁ ଚାହୁଁଥିଲି, ମାତ୍ର ସଭାସଦ୍‌ବର୍ଗଙ୍କ ଅନୁରୋଧ କ୍ରମେ ତାଙ୍କୁ ଛାଡ଼ି ଦେଲି ।''

ଏହା ଶୁଣି ଅତ୍ୟନ୍ତ ଦୁଃଖପ୍ରକଟ କରି ରାଣୀ ମନ୍ଦୋଦରୀ କହିଲେ, ''ସ୍ୱାମିନ୍ ! ଆପଣ ଗୋଟିଏ ମସ୍ତବଡ଼ ଭୁଲ୍‌କାର୍ଯ୍ୟ କରିଦେଲେ । ମୁଁ ରାଜା ଚକ୍କବେଣଙ୍କୁ ଜାଣେ । ସେ ଜଣେ ସତ୍ୟବାଦୀ ଏବଂ ଧର୍ମାତ୍ମା ବ୍ୟକ୍ତି ଅଟନ୍ତି । ତାଙ୍କର ଧର୍ମଚକ୍ର ଅହରହ ଘୂରୁଅଛି । ଯିଏ ତାଙ୍କ ଆଜ୍ଞାକୁ ପାଳନ ନକରିବ, ତା'ର ଘୋର ଅନିଷ୍ଟ ହେବ । ସେହି ଦୂତଙ୍କୁ ସନ୍ତୁଷ୍ଟ କରାଇ ଆପଣ ତାଙ୍କୁ ତୁରନ୍ତ 'ସ୍ୱର୍ଣ୍ଣକର' ଦେବାର ବ୍ୟବସ୍ଥା କରିଦେବା ଉଚିତ ଥିଲା । ତାଙ୍କର ଠିକଣା ବୁଝି ଏବେ ସବୁ ବ୍ୟବସ୍ଥା କରିଦିଅନ୍ତୁ । ନଚେତ୍ ଜଣା ନାହିଁ ଆମର କେତେ କ'ଣ ଅନିଷ୍ଟ ହୋଇଯିବ ।'' ଏହା ଶୁଣି ରାବଣ ପରିହାସରେ କହିଲେ,

''ରାଣୀ, ସାଧାରଣ ଜଣେ ମାମୁଲି ମନୁଷ୍ୟ ରାଜାଙ୍କୁ ତୁମେ ଏତେ ଭୟ କରୁଛ ? ମୁଁ ତାଙ୍କୁ ତିଳେ ମାତ୍ର ଖାତିର କରେ ନାହିଁ ।'' ରାଣୀ ଉତ୍ତର ଦେବାକୁ ଯାଇ କହିଲେ, ''ଆସନ୍ତାକାଲି ପ୍ରାତଃ କାଳରେ ମୁଁ ଆପଣଙ୍କୁ ରାଜା ଚକ୍କବେଣଙ୍କ ଧର୍ମର ଅମୋଘ ପ୍ରଭାବ ଦେଖାଇ ଦେବି ।''

ପରଦିନ ପ୍ରାତଃ ହେବା ମାତ୍ରେ ରାଜାଙ୍କ ସହିତ ରାଣୀ ମନ୍ଦୋଦରୀ ମହଲର ଛାତ ଉପରକୁ ଗଲେ । ଯେଉଁଠାରେ ସେ ପ୍ରତିଦିନ ପାରାମାନଙ୍କୁ ଖାଇବା ପାଇଁ ଶସ୍ୟଦାନା ବିଞ୍ଚୁଥିଲେ । ଦାନା ଖାଇବା ପାଇଁ ସେଠାକୁ ବହୁସଂଖ୍ୟକ ପାରା ଆସୁଥିଲେ । ଦାନା ଖାଉଥିବା ପକ୍ଷୀଗୁଡ଼ିକୁ ମନ୍ଦୋଦରୀ ସମ୍ବୋଧନ କରି କହିଲେ, ''ତୁମ୍ଭମାନଙ୍କୁ ରାଜା ରାବଣଙ୍କ ରାଣ, ଖବରଦାର, କେହି ଦାନା ଖାଅ ନାହିଁ ।'' କିନ୍ତୁ ସେମାନେ କର୍ଣ୍ଣପାତ ନକରି ପୂର୍ବପରି ଦାନାମାନ ଖୁଣ୍ଟିବାକୁ ଲାଗିଲେ । ଏହାପରେ ରାଣୀ ରାଜାଙ୍କୁ କହିଲେ, ''ଦେଖନ୍ତୁ ଆପଣଙ୍କ ରାଣ ଦେବା ପରେ ମଧ୍ୟ ଏମାନେ ଦାନା ଖୁଣ୍ଟିବାରୁ ବିରତ ହେଉ ନାହାନ୍ତି । ସମସ୍ତେ ପୂର୍ବପରି ଦାନା ଖାଇ ଚାଲିଛନ୍ତି ।'' ଏହା ଶୁଣି ରାବଣ କହିଲେ, ''ମୂର୍ଖ ! ଏହି ବିଚରା ପକ୍ଷୀଗଣ କ'ଣ କିଛି ବୁଝିପାରନ୍ତି, ସେମାନେ କାହିଁକି ମୋତେ ସମ୍ମାନ ଦେବେ ?'' ଏଥର ମନ୍ଦୋଦରୀ ହସି ହସି କହିଲେ, ''ହଉ, ଏବେ ଆପଣ ରାଜା ଚକ୍କବେଣଙ୍କ ପ୍ରଭାବ ଦେଖନ୍ତୁ ।'' ଏହା କହି ସେ ପାରାଗୁଡ଼ିକୁ କହିଲେ, ''ସାବଧାନ ! ତୁମ୍ଭମାନଙ୍କୁ ରାଜା ଚକ୍କବେଣଙ୍କ ରାଣ, କେହି ଦାନା ଖାଅ ନାହିଁ ।'' ଏହା ଶୁଣିବା କ୍ଷଣି ସମସ୍ତ ପକ୍ଷୀ ଏକ ସଙ୍ଗେ ଦାନା ଖାଇବା ବନ୍ଦ କରି ଦେଇଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ପାରା ବଧିର ଥିଲା, ସେ କିଛି ଶୁଣିପାରି ନଥିଲା । ଏଣୁ ସେ ପୂର୍ବପରି ଗୋଟିଏ ଦାନା ଉଠାଇ ନେଇଥିଲା । ଯେଉଁ ମୁହୂର୍ତ୍ତରେ ସେ ଦାନାଟି ଉଠାଇ ନେଲା, ସେହି ମୁହୂର୍ତ୍ତରେ ତା'ର ବେକ କଟି ଯାଇ ତଳେ ପଡ଼ି ଯାଇଥିଲା । ରାଣୀ ରାବଣଙ୍କୁ କହିଲେ, ''ଦେଖନ୍ତୁ, ରାଜା ଚକ୍କବେଣଙ୍କ ରାଣ ପକାଇବା ପରେ ସମସ୍ତେ ଦାନା ଖାଇବା ବନ୍ଦ କରିଦେଲେ । ଗୋଟିଏ ବଧିର ପାରା ନଶୁଣି ପାରିବା କାରଣରୁ ଦାନାଟି ଉଠାଇ ନେଇଥିଲା, ଯାହା ଦ୍ୱାରା ଚକ୍କବେଣଙ୍କ ଚକ୍ରରେ ତା'ର ମସ୍ତକ କଟି ଗଲା ।'' ପୁନଶ୍ଚ ରାଣୀ ପକ୍ଷୀମାନଙ୍କୁ କହିଲେ, ''ଏବେ ମୁଁ ରାଜା ଚକ୍କବେଣଙ୍କ ରାଣ ଉଠାଇ ନେଉଛି, ତୁମ୍ଭେମାନେ ଦାନା ଖାଅ ।'' ଏହାଶୁଣି ସବୁପକ୍ଷୀ ପୂର୍ବପରି ଦାନା ଖାଇବାକୁ ଆରମ୍ଭ କରି ଦେଇଥିଲେ । ଏହାପରେ ମନ୍ଦୋଦରୀ ରାବଣଙ୍କୁ କହିଲେ, ''ଦେଖନ୍ତୁ, ଆପଣଙ୍କର କୌଣସି ପ୍ରଭାବ ଏହି ପକ୍ଷୀମାନଙ୍କ ଉପରେ ପଡ଼ିଲା ନାହିଁ । ପରନ୍ତୁ ରାଜା ଚକ୍କବେଣଙ୍କ ଅମୋଘ ପ୍ରଭାବ ଉପରେ ବିଚାର କରନ୍ତୁ । ସେ ସମ୍ମୁଖରେ ନଥିଲେ ମଧ୍ୟ ତାଙ୍କ ନାମର କି ପ୍ରକାର ପ୍ରଭାବ ଏହି ପକ୍ଷୀମାନଙ୍କ ଉପରେ ପଡ଼ିଛି ।'' ସବୁ ଶୁଣି ଏବଂ ସ୍ୱଚକ୍ଷୁରେ ଦେଖି ରାବଣ କହିଲେ, ''ଜଣା ଯାଉଛି, ଏଥିରେ ତୁମର କିଛି କୌଶଳ ବା ମାୟା ଚାତୁରୀ ଅଛି । ନହେଲେ ଏହି ନିରୀହ ପକ୍ଷୀଗଣ କ'ଣ ବୁଝିଛନ୍ତି ବା ଜାଣିଛନ୍ତି ।'' ଏହିପରି ରାବଣ ଏହି ଘଟଣାଟିକୁ ଏଡ଼ାଇ ଦେଇ ସଭାକକ୍ଷକୁ ଚାଲି ଯାଇଥିଲେ ।

ଏଣେ ରାଜା ଚକ୍କବେଣଙ୍କ ମନ୍ତ୍ରୀ ସମୁଦ୍ର ତଟଦେଶରେ ପହଞ୍ଚି, କିଛି ବାଲି-କାଦୁଅ ମିଶାଇ କାଦୁଅରେ ଅତି ନିଖୁଣ ଭାବରେ ଲଙ୍କାଗଡ଼ର ଦୁର୍ଗମାନ ତଥା ତା'ର ଚତୁଃସୀମା ପ୍ରଭୃତି ଦର୍ଶାଇବା ସହିତ ରାବଣଙ୍କ ରାଜସଭାର ନକ୍ସା ହାତରେ ତିଆରି କରି କ୍ଷୁଦ୍ରାକାରରେ ଦର୍ଶାଇ ଦେଲେ । ଚାରି ଦ୍ୱାରର ଚାରି ସ୍ତମ୍ଭମାନ ମଧ୍ୟ ତିଆରି କରିଦେଲେ । ଏହା ବ୍ୟତୀତ ଲଙ୍କା କଟକର ବିଭିନ୍ନ ମହଲ ମଧ୍ୟ ନମୁନା ସ୍ୱରୂପ ପ୍ରଦର୍ଶନ କରିଥିଲେ । ବାଲି-କାଦୁଅରେ ଏହିପରି ନକଲି ଲଙ୍କାପୁରୀ ତିଆରି କରି ସେ ପୁନର୍ବାର ରାବଣଙ୍କ ରାଜସଭାକୁ ଗଲେ । ତାଙ୍କୁ ଦେଖି ରାବଣ ପ୍ରଥମେ ଚମକି ପଡ଼ିଥିଲେ । ଏହାପରେ ସେ ଚକ୍କବେଣଙ୍କ ମନ୍ତ୍ରୀଙ୍କୁ ସମ୍ମାନର ସହିତ ପ୍ରଶ୍ନ କଲେ, ''ଆପଣ ପୁନର୍ବାର କାହିଁକି ଏଠାକୁ ଆସିଲେ କୁହନ୍ତୁ ।'' ଉତ୍ତର ଦେବାକୁ ଯାଇ ମନ୍ତ୍ରୀ କହିଲେ, ''ମହାରାଜ ! ମୁଁ ଆପଣଙ୍କୁ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଦେଖାଇବାକୁ ଚାହୁଁଛି । ଅନୁଗ୍ରହପୂର୍ବକ ମୋ ସହିତ ଆପଣ ସମୁଦ୍ରତଟ ପର୍ଯ୍ୟନ୍ତ ଆସିବାକୁ ନିବେଦନ କରୁଛି ।'' ରାବଣ କୌତୂହଳବଶତଃ କେତେକ ସଭାସଦ୍‌ବର୍ଗଙ୍କ ସହ ସମୁଦ୍ରକୂଳକୁ ଆସିଲେ, ଯେଉଁଠାରେ ଚକ୍କବେଣଙ୍କ ମନ୍ତ୍ରୀ ନମୁନା ଭାବରେ ଲଙ୍କାପୁରୀର ଦୁର୍ଗ ନିର୍ମାଣ କରିଥିଲେ ।

ଏହାପରେ ମନ୍ତ୍ରୀ ବିନୟର ସହିତ ରାବଣଙ୍କୁ ପଚାରିଲେ, ''ଦେଖନ୍ତୁ ଏହା ଠିକ୍ ଭାବରେ ଆପଣଙ୍କ ଲଙ୍କାପୁରୀର କ୍ଷୁଦ୍ରାତିକ୍ଷୁଦ୍ର ନମୁନା ଅଟେ ତ ?'' ରାବଣ ତାଙ୍କର ଅଦ୍ଭୁତ କଳାପଟୁତା ଦେଖି କହିଲେ, ''ହଁ, ଏହା ମୋ ଦୁର୍ଗର ଅବିକଳ ନମୁନା । ଏହାକୁ ଦେଖାଇବା ପାଇଁ କ'ଣ ଆପଣ ମୋତେ ଏଠାକୁ ଡାକି ଆଣିଥିଲେ ?'' ମନ୍ତ୍ରୀ ସଙ୍ଗେ ସଙ୍ଗେ ଉତ୍ତର

ଦେଲେ, ''ନା, ନା, ମହାରାଜ। ଏହି ନକଲି ଲଙ୍କାରେ ମୁଁ ଆପଣଙ୍କୁ ଏକ ଚମତ୍କାରିତା ଦେଖାଉଛି। ଲଙ୍କାର ପୂର୍ବପଟ ଦୁର୍ଗର ଦ୍ୱାରଦେଶ, କାରୁକାର୍ଯ୍ୟ ବିମଣ୍ଡିତ ସ୍ତମ୍ଭ ଆପଣଙ୍କୁ ଏଠାରୁ ଦେଖାଯାଉଛି କି ?'' ରାବଣ କହିଲେ, ''ହଁ, ତାହା ଏଠାରୁ ଦେଖାଯାଉଛି।'' ଏଥର ମନ୍ତ୍ରୀ କହିଲେ, ''ଆପଣ ନିର୍ମାଣ କରିଥିବା ଲଙ୍କାଗଡ଼ର ପୂର୍ବଦ୍ୱାରର ଦୁର୍ଗକୁ ମୁଁ ରାଜା ଚକ୍କବେଣଙ୍କ ଦୃହି ଦେଇ କିପରି ଏହିଠାରେ ଥାଇ ଭାଙ୍ଗି ଦେଉଛି। ଏହା ସହିତ ଆପଣ ନିଜ ରାଜ୍ୟ ଲଙ୍କାର ପୂର୍ବଦ୍ୱାର ଦେଶର ଗମ୍ବୁଜମାନ ଭାଙ୍ଗି ପଡୁଥିବାର ଦେଖନ୍ତୁ।'' ଏତିକି କହିସାରି ମନ୍ତ୍ରୀ 'ରାଜା ଚକ୍କବେଣଙ୍କ ଦୃହି' ବୋଲି କହି ନିଜେ କୃତ୍ରିମ ଭାବରେ ବାଲିକାଦୁଅରେ ତିଆରି କରିଥିବା ପୂର୍ବଦ୍ୱାର ଦୁର୍ଗକୁ ହାତରେ ତଳକୁ ପକାଇ ଦେଇଥିଲେ। ସେ ଏଠାରେ ନମୁନା ଦୁର୍ଗକୁ ଭାଙ୍ଗିଦେବା ସଙ୍ଗେ ସଙ୍ଗେ ରାବଣଙ୍କ ପ୍ରକୃତ ଲଙ୍କାର ପୂର୍ବ-ଦ୍ୱାର ଗମ୍ବୁଜମାନ ଭାଙ୍ଗି ପଡୁଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ରାବଣଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଥିଲା। ଏହାପରେ ଦୂତରୂପୀ ମନ୍ତ୍ରୀ କହିଲେ, ''ଏବେ ମୁଁ ନିର୍ମାଣ କରିଥିବା ପୂର୍ବ ଦ୍ୱାରଦେଶର ଆଖପାଖରେ ଥିବା ଅନ୍ୟ ଦୁର୍ଗଗୁଡ଼ିକୁ ମଧ୍ୟ ଭାଙ୍ଗି ଦେଉଛି, ଏହାପରେ ଆପଣ ଲଙ୍କାର ଚତୁଃଦୁର୍ଗ ଭାଙ୍ଗି ଯାଉଥିବାର ଦେଖିବେ।'' ଏତିକି କହି ସେ ପୁନର୍ବାର ଚକ୍କବେଣଙ୍କ ଦୃହି ଦେଇ ନିଜେ ନିର୍ମାଣ କରିଥିବା ନକଲି ଦୁର୍ଗଗୁଡ଼ିକୁ ମାଟିରେ ମିଶାଇ ଦେଇଥିଲେ। ଏହା ସହିତ ରାବଣଙ୍କ ପ୍ରକୃତ ଲଙ୍କାର ପୂର୍ବଦ୍ୱାରର ସମସ୍ତ ଗମ୍ବୁଜ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଥିବାର ଦେଖାଗଲା। ଚକ୍ଷୁର ପଲକରେ ସବୁକିଛି ନଷ୍ଟଭ୍ରଷ୍ଟ ହୋଇ ଯାଇଥିଲା। ଏହା ଦେଖି ରାବଣଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଥିଲା ଏବଂ ପ୍ରାତଃ କାଳରେ ମନ୍ଦୋଦରୀଙ୍କ ସତର୍କବାଣୀ ସ୍ମରଣକୁ ଆସି ଯାଇଥିଲା।

ତଦନନ୍ତର ରାଜା ଚକ୍କବେଣଙ୍କ ମନ୍ତ୍ରୀ କହିଲେ, ''ରାଜନ୍ ! ଆପଣ ଯଦି 'କର' ସ୍ୱରୂପ ସୁବର୍ଣ୍ଣ ନଦିଅନ୍ତି ତେବେ ମଧ୍ୟ ରାଜା ଚକ୍କବେଣଙ୍କୁ ଆପଣଙ୍କ ସହିତ ଯୁଦ୍ଧ କରିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ। ରାଜାଙ୍କ ଅମୋଘ ପ୍ରଭାବର ଧର୍ମଚକ୍ର ଘୂରୁଅଛି, ମୁଁ ଏକାକୀ ଆପଣଙ୍କର ଏହି ସ୍ୱର୍ଣ୍ଣମୟ ଲଙ୍କାପୁରୀକୁ ଏହିଠାରେ ଥାଇ ନଷ୍ଟଭ୍ରଷ୍ଟ କରି ଦେବାକୁ ସକ୍ଷମ। ଯଦି ଆପଣ ଲଙ୍କାପୁରୀକୁ ରକ୍ଷା କରିବାକୁ ଚାହୁଁଛନ୍ତି, ତେବେ 'କର' ରୂପେ କୁହାଯାଇଥିବା ସୁବର୍ଣ୍ଣ ପ୍ରଦାନ କରନ୍ତୁ। ଏହା ବ୍ୟତୀତ ଆଉ କୌଣସି ଉପାୟ ନାହିଁ।'' ଏପରି ଚରମ ବାଣୀ ଶୁଣି ରାବଣ ମନେ ମନେ ଚିନ୍ତା କଲେ, 'ମୁଁ ଦେଖୁ ଦେଖୁ ମୁହୂର୍ତ୍ତକେ ପୂର୍ବଦ୍ୱାରର ସମସ୍ତ ଗମ୍ବୁଜ ଭାଙ୍ଗିଗଲା। ଯାହା ଥିଲା ଧାତୁ ନିର୍ମିତ ଏବଂ ବହୁତ ମଜଭୁତ୍। ଏହି ପ୍ରକାରେ ସମଗ୍ର ସ୍ୱର୍ଣ୍ଣମୟ ଲଙ୍କାପୁରୀକୁ ନଷ୍ଟଭ୍ରଷ୍ଟ କରିଦେବା ତାଙ୍କ ବାମ ହାତର ଖେଳ। ଏହିପରି ଚିନ୍ତା କରି ରାବଣ ତ୍ରୟ ଚତୁର୍ଥାଂଶ ସୁବର୍ଣ୍ଣ 'କର' ରୂପେ ପ୍ରଦାନ କରିଦେବାକୁ ସଙ୍ଗେ ସଙ୍ଗେ ସ୍ୱୀକାର କଲେ ଏବଂ ମନ୍ତ୍ରୀଙ୍କୁ କହିଲେ, ''ଚାଲନ୍ତୁ, ମୁଁ ଆପଣଙ୍କୁ ଆବଶ୍ୟକୀୟ ସୁବର୍ଣ୍ଣ ପ୍ରଦାନ କରୁଛି। ଏହାପରେ ସେ ମନ୍ତ୍ରୀଙ୍କୁ 'ସ୍ୱର୍ଣ୍ଣ କର' ପ୍ରଦାନ କରି ବିଦାୟ ଦେଇଥିଲେ।

ମନ୍ତ୍ରୀ ଆବଶ୍ୟକୀୟ ସୁନା ଧରି ରାଜା ଚକ୍କବେଣଙ୍କ ନିକଟକୁ ଫେରି ଆସିଥିଲେ। ସେ ରାଜା ଓ ରାଣୀଙ୍କ ନିକଟକୁ ଆସି ସମସ୍ତ ସୁବର୍ଣ୍ଣ ସମ୍ମୁଖରେ ରଖିଦେଇ କହିଥିଲେ, ''ଆପଣଙ୍କ ଆଜ୍ଞାକ୍ରମେ ଲଙ୍କାପତି ରାବଣ 'କର' ରୂପେ ପ୍ରଦାନ କରିଥିବା ସୁବର୍ଣ୍ଣ ନେଇ ଆସିଛି, ଗ୍ରହଣ କରନ୍ତୁ।'' ରାଜା ପ୍ରଶ୍ନ କଲେ, ''ତୁମେ ଏହି ସୁବର୍ଣ୍ଣ କିପରି ପ୍ରାପ୍ତ ହେଲ ?'' ମନ୍ତ୍ରୀ ଆଦ୍ୟୋପ୍ରାନ୍ତ ସମସ୍ତ ଘଟଣା ତାଙ୍କୁ ବିସ୍ତାର ସହିତ କହି ଦେଇଥିଲେ।

ଏହି ଘଟଣା ଶୁଣି ରାଣୀ ଚମତ୍କୃତ ହେଲେ ଏବଂ ଏହା ତାଙ୍କ ମାନସପଟରେ ଗଭୀର ପ୍ରଭାବ ବିସ୍ତାର କରିଥିଲା। ସେ ବିସ୍ମୟ ଚିତ୍ତରେ ସ୍ୱାମୀ ଚକ୍କବେଣଙ୍କୁ ପ୍ରଶ୍ନ କଲେ, ''ଏହା କିପରି ସମ୍ଭବ ହୋଇପାରିଲା ?'' ରାଜା ତାଙ୍କୁ ବୁଝାଇବାକୁ ଯାଇ କହିଲେ, ''ଆମେ ସ୍ୱାବଲମ୍ବୀ ହୋଇ ପରିଶ୍ରମପୂର୍ବକ କ୍ଷେତବାଡ଼ି କରି ନିଜର ଜୀବନ ନିର୍ବାହ କରୁଅଛୁ, ତଥା ନିଷ୍କାମ ଭାବରେ ପ୍ରଜାଙ୍କ ଧନକୁ ସେହି ପ୍ରଜାମାନଙ୍କ ସେବାରେ ବିନିଯୋଗ କରୁଛୁ। ନିଜର ବ୍ୟକ୍ତିଗତ କାର୍ଯ୍ୟ ପାଇଁ ରାଜ୍ୟର ଧନସମ୍ପତ୍ତି ପ୍ରଭୃତିକୁ ସ୍ପର୍ଶ ମଧ୍ୟ କରୁ ନାହୁଁ। ଏହାହିଁ ତାହାର ପ୍ରଭାବ।''

ଏହା ଶୁଣି ରାଣୀଙ୍କ ହୃଦୟ ପରିବର୍ତ୍ତନ ହୋଇ ଯାଇଥିଲା। ସେ ବିନମ୍ର ସହକାରେ କହିଲେ, ''ସ୍ୱାମିନ୍ ! ମୁଁ ବହୁମୂଲ୍ୟ ବସ୍ତ୍ରାଳଙ୍କାର ପ୍ରଭୃତି ପରିଧାନ କରିବି ନାହିଁ। ଏ ପର୍ଯ୍ୟନ୍ତ ଯେଉଁସବୁ ନିୟମ ମାନି ରହିଆସିଛି, ସେହିପରି ରହିବି, କିଛି ମଧ୍ୟ ପରିବର୍ତ୍ତନ କରିବି ନାହିଁ। ଧନୀ ବ୍ୟବସାୟୀଙ୍କ ପତ୍ନୀମାନଙ୍କ କୁସଙ୍ଗରେ ମୋର ବୁଦ୍ଧି, ବୈରାଗ୍ୟ, ତ୍ୟାଗ ଏବଂ ଧର୍ମ ପ୍ରଭାବିତ ହୋଇ ଯାଇଥିଲା। କିନ୍ତୁ ଏବେ ସେମାନଙ୍କ ସଙ୍ଗର କୁ-ପ୍ରଭାବ ଆଉ ମୋ ଉପରେ ପଡ଼ିବ ନାହିଁ। ମୁଁ

ଆପଣଙ୍କ ନିକଟରେ ଯାହା କିଛି ଦୁରାଗ୍ରହ କରିଥିଲି ସେଥିପାଇଁ ଆପଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି । ମୋର ଅପରାଧକୁ ଆପଣ କ୍ଷମା କରି ଦିଅନ୍ତୁ ଏବଂ ରାବଣଙ୍କୁ ସମସ୍ତ ସ୍ୱର୍ଣ୍ଣ ଫେରାଇ ଦେବାର ବ୍ୟବସ୍ଥା କରି ଦିଅନ୍ତୁ ।''

ରାଜା ଚକ୍କବେଣ ରାଣୀଙ୍କ ପରାମର୍ଶ ଗ୍ରହଣ କରି ପୁନର୍ବାର ସେହି ମନ୍ତ୍ରୀଙ୍କୁ ଡକାଇ କହିଲେ, ''ମନ୍ତ୍ରୀବର ! ରାଣୀଙ୍କ ଉପରେ ଯେଉଁ କୁସଙ୍ଗର ପ୍ରଭାବ ପଡ଼ିଥିଲା, ତାହା ଈଶ୍ୱରଙ୍କ କୃପାରୁ ଦୂର ହୋଇ ଯାଇଛି । ଏବେ ଏହି ସୁବର୍ଣ୍ଣକୁ ଆପଣ ଯାହାଙ୍କ ନିକଟରୁ ଆଣିଥିଲେ, ତାଙ୍କୁ ନେଇ ସମ୍ମାନର ସହିତ ଫେରାଇ ଦିଅନ୍ତୁ ।'' ରାଜାଙ୍କ ଆଜ୍ଞା କ୍ରମେ ମନ୍ତ୍ରୀ ସମସ୍ତ ସୁବର୍ଣ୍ଣ ନେଇ ଲଙ୍କାପତି ରାବଣଙ୍କ ନିକଟକୁ ପୁନର୍ବାର ଗଲେ ଏବଂ ରାଜସଭାରେ ଉପସ୍ଥିତ ହୋଇ କହିଲେ, ''ମହାରାଜ ଚକ୍କବେଣ ଆପଣଙ୍କର ଏହି ସୁବର୍ଣ୍ଣରାଶି ଫେରାଇ ଦେଇଛନ୍ତି । ତାଙ୍କ ପତ୍ନୀଙ୍କର ମୋହଭଙ୍ଗ ହୋଇଯାଇଛି, ବସ୍ତ୍ରାଭୂଷଣ ପିନ୍ଧିବାର ଅଭିଳାଷ ସେ ତ୍ୟାଗ କରିଛନ୍ତି । ଭଗବତ୍ କୃପାରୁ ସବୁ କିଛି ସମ୍ଭବପର ହୋଇପାରିଛି । ଏଣୁ ଏସବୁକୁ ଆପଣ ଫେରାଇ ନିଅନ୍ତୁ ।''

ସବୁକଥା ଶୁଣି ରାବଣଙ୍କ ହୃଦୟରେ ରାଜା ଚକ୍କବେଣଙ୍କ ତ୍ୟାଗର ଆହୁରି ଅଧିକ ପ୍ରଭାବ ପଡ଼ିଥିଲା । ସେ ସୁବର୍ଣ୍ଣ ରଖି ମନ୍ତ୍ରୀଙ୍କୁ ଆଦର-ସତ୍କାରପୂର୍ବକ ବିଦାୟ ଦେଇଥିଲେ । ମନ୍ତ୍ରୀ ସେଠାରୁ ଫେରିଆସି ରାଜା ଓ ରାଣୀଙ୍କୁ ସମସ୍ତ କଥା କହିଲେ । ମନ୍ତ୍ରୀଙ୍କ କଥାରେ ରାଜା ଓ ରାଣୀଙ୍କ ହୃଦୟ ପ୍ରସନ୍ନତାରେ ପୂର୍ଣ୍ଣ ହୋଇଯାଇଥିଲା । ରାଜା ଚକ୍କବେଣଙ୍କ ଅମୋଘ ପ୍ରଭାବ ଯକ୍ଷ, ରାକ୍ଷସ, ଦେବତା, ମନୁଷ୍ୟ, ମୁନି-ଋଷି ତଥା ପଶୁପକ୍ଷୀ ପ୍ରଭୃତି ସମସ୍ତଙ୍କ ଉପରେ ପଡ଼ିଥିଲା ।

ଏହି କାହାଣୀଟିରୁ ଆମ୍ଭମାନଙ୍କୁ ଏହି ଶିକ୍ଷାଗ୍ରହଣ କରିବାକୁ ପଡ଼ିବ ଯେ ପ୍ରତ୍ୟେକ ସ୍ତ୍ରୀ-ପୁରୁଷଙ୍କୁ ନିଷ୍କାମ ଭାବରେ ନିଜ ନିଜର ସ୍ୱଧର୍ମ ଅନୁସାରେ ନ୍ୟାୟ ଏବଂ ସତ୍ୟତା ପୂର୍ବକ ଜୀବିକା ନିର୍ବାହ କରିବା ଉଚିତ ।...

ଏହା ସହିତ ଆମେ ସମୟକୁ ଅମୂଲ୍ୟ ଭାବି ଏକ କ୍ଷଣ ମଧ୍ୟ ବ୍ୟର୍ଥରେ ଅତିବାହିତ କରିବାକୁ ଦେବା ଉଚିତ ନୁହେଁ । ଆମର ଜୀବନ ସତ୍ସଙ୍ଗ, ସ୍ୱାଧ୍ୟାୟରେହିଁ ଅତିବାହିତ ହେବା ଉଚିତ ତଥା ସମସ୍ତ ପ୍ରାଣୀମାନଙ୍କୁ ପରମାତ୍ମାଙ୍କ ସ୍ୱରୂପ ବୋଲି ମନେକରି ଆସକ୍ତି ଏବଂ ଅହଂକାର ରହିତ ହୋଇ ନିଷ୍କାମ-ଭାବପୂର୍ବକ ତନୁ-ମନରେ ସମସ୍ତଙ୍କ ସେବା କରିବା ଉଚିତ ଏବଂ ସମସ୍ତଙ୍କ ପ୍ରତି ହେତୁରହିତ ଦୟା ଓ ପ୍ରେମଭାବ ରଖିବା ବାଞ୍ଛନୀୟ । ଏହାହିଁ ମାନବଜୀବନକୁ ସାର୍ଥକ ଓ ପରମାର୍ଥ କରି ଦେଇଥାଏ ।

ମୂଳରଚନା : ବ୍ରହ୍ମଲୀନ ଶ୍ରୀଜୟଦଲାଲଜୀ ଗୋୟନ୍ଦକା

ଅନୁବାଦ : ପ୍ରତାପ ସିଂହ ମହାପାତ୍ର

(ସୌଜନ୍ୟ : ପୌରୁଷ, ଜୁନ୍ - ୨୦୧୮)

❑❑❑

---

*(ପୃଷ୍ଠା ୫୦ର ଅବଶିଷ୍ଟାଂଶ)*

ପସନ୍ଦ କରେ । ମୋ ବିଚାରରେ ପରିବେଶର ସୁରକ୍ଷା ଓ ଶାରୀରିକ ସୁସ୍ଥତା ପାଇଁ ସାଇକେଲର ଅଧିକ ଆବଶ୍ୟକତା ରହିଛି ।

ଏହା ଶୁଣି ଦାସବାବୁଙ୍କ ଆଖି ବଡ଼ ବଡ଼ ହୋଇଗଲା । ସେ କହିଲେ, ''ବୁଝିଗଲି ସାର୍ ! ଉଭୟ ପରିବେଶ ଓ ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ଆପଣ ସାଇକେଲ ଚଲାଉଛନ୍ତି । ସେଥିପାଇଁ ଆମ ଅଫିସରେ ଆପଣ ଜଣେ ଆଦର୍ଶ ବ୍ୟକ୍ତି !''

(ସୌଜନ୍ୟ : ପୌରୁଷ, ଜାନୁଆରୀ - ୨୦୧୯)

❑❑❑

ତୁମେ ଯଦି ସାଧନା କରିବାକୁ ଚାହଁ, ଅନ୍ୟମାନେ ତୁମ ବିଷୟରେ କ'ଣ ଚିନ୍ତା କରୁଛନ୍ତି କିଂବା କହୁଛନ୍ତି ସେଥିରେ ବିଚଳିତ ହେବା ଉଚିତ ନୁହେଁ ।

— ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଆତ୍ମସଂଯମର ବାସ୍ତବ ଅବଦାନ

ଆତ୍ମ-ସଂଯମର ଆଦର୍ଶ ନିବେଦିତ 'ନବପ୍ରକାଶ'ର ଏ ସଂଖ୍ୟାର ପ୍ରଥମରେ ବୁଦ୍ଧଙ୍କ ଜୀବନର ଦୁଇଟି କିଂବଦନ୍ତି ଲିପିବଦ୍ଧ ହୋଇଛି । ବୁଦ୍ଧ ଥିଲେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ । ତା'ଙ୍କୁ ଅବତାର ଭାବରେ ଗ୍ରହଣ କରାଯାଏ । କୁହାଯାଇପାରେ, ସେଭଳି ପର୍ଯ୍ୟାୟର ବ୍ୟକ୍ତିମାନେ ଯେଉଁଭଳି ଶକ୍ତିର ପରାକାଷ୍ଠା ଦେଖାଇଥା'ନ୍ତି, ଜଣେ ସାଧାରଣ ବ୍ୟକ୍ତି ସକାଶେ ସେସବୁ କାହାଣୀ ମାତ୍ର !

କିନ୍ତୁ ଅବତାର ବା ମାନବରୂପ ଗ୍ରହଣ କରିଥିବା ଦିବ୍ୟଶକ୍ତି ଯେଉଁସବୁ 'ଅସମ୍ଭବ' ସମ୍ଭବ କରନ୍ତି, ସେସବୁ ସେମାନେ ଚମତ୍କାର ବା ହବୁବିଦ୍ୟା ପ୍ରଦର୍ଶନ ନିମନ୍ତେ କରନ୍ତି ନାହିଁ; କରନ୍ତି ଦୃଷ୍ଟାନ୍ତ ରୂପେ । ଅର୍ଥାତ୍ ସଭିଙ୍କ ଭିତରେ ସେଭଳି କରିବାର ଶକ୍ତି ପ୍ରଚ୍ଛନ୍ନ ରହିଛି, ତାହାହିଁ ପ୍ରତିପାଦିତ କରେ ସେମାନଙ୍କ ଦ୍ୱାରା ଉପସ୍ଥାପିତ ସେସବୁ ଦୃଷ୍ଟାନ୍ତ ।

ଅତିଭୌତିକ(Occult) ବିଜ୍ଞାନ କହେ, ଜଣେ ଯଦି ଆତ୍ମସଂଯମ ସାଧନା କରି ଅନ୍ୟ କାହାରି ପ୍ରତି ଅସଦିଚ୍ଛା ଓ ଈର୍ଷାପୋଷଣରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ ରଖିପାରନ୍ତି ତେବେ ସେ ଯେ ଖାଲି ନିରାପଦ ରହିବେ ସେତିକି ନୁହେଁ, ତାଙ୍କ ପ୍ରତି ଅସୂୟା ଭାବ ପୋଷଣ କରୁଥିବା ବ୍ୟକ୍ତିହିଁ ବିପଦାପନ୍ନ ଏବଂ ଅନୁତପ୍ତ ହେବ ।

ମହାବୀର ଜୀନଙ୍କୁ ପ୍ରବଳ ଈର୍ଷା କରୁଥିଲେ ଜଣେ ଯୁବକ । କ୍ରୋଧ, ଈର୍ଷା – ଏଭଳି ଦୁର୍ଗୁଣ ମଣିଷର ବିବେକକୁ ପଙ୍ଗୁ କରି ଦିଏ । ସେ ଈର୍ଷାନ୍ଧ ଯୁବକ ଜଣକ ମହାବୀର ଜୀନଙ୍କୁ ରୁଗ୍ଣ କରିଦେବା ନିମନ୍ତେ ଜଣେ ଅପତାନ୍ତ୍ରିକକୁ ପ୍ରଭାବିତ କରି କେତେକ ମାରାତ୍ମକ ଶକ୍ତି ପ୍ରୟୋଗ କଲେ । ମହାବୀର ଜୀନଙ୍କୁ ଗୋଟାଏ ଅଦୃଶ୍ୟ ପ୍ରାଚୀର ବଳୟ ଭଳି ରକ୍ଷା କରୁଥିଲା ତାଙ୍କ ନିଜସ୍ୱ ସାଧନାଲବ୍ଧ ବିଭୂତି । ଅପଶକ୍ତିଗୁଡ଼ିକ ସେହି ଅଦୃଶ୍ୟ ପ୍ରାଚୀର ଗାତ୍ରରେ ବାଜି ତତ୍‌କ୍ଷଣାତ୍ ଛିଟିକି ଆସି ପ୍ରେରକ ଯୁବକଙ୍କୁ ଦେଲେ ଭୀଷଣ ଆଘାତ । ସେ ଛଟପଟ ହେଲେ । ମହାବୀର ଜୀନ ଏହା ଜାଣି ନିଜ ଶୁଭେଚ୍ଛା ଶକ୍ତି ଯୋଗେ ସେ ଯୁବକର ପ୍ରାଣରକ୍ଷା କରିପାରିଲେ, କିନ୍ତୁ ସେ ଆଉ ପ୍ରକୃତିସ୍ଥ ହେଲେ ନାହିଁ ।

ତେବେ ଏସବୁ ଆଧ୍ୟାତ୍ମିକ ଏବଂ ଅତିଭୌତିକ ପ୍ରସଙ୍ଗ ବାହାରେ ଆମ ସ୍ଥୂଳ ସାମାଜିକ ଓ ସାଂସାରିକ ଜୀବନରେ ମଧ୍ୟ ଆତ୍ମସଂଯମର ଭୂମିକା ଅତୀବ ଶୁଭଙ୍କର । ବାକ୍-ସଂଯମ ଅଭାବରୁ ଆମେ ଗୁଡ଼ାଏ କଥା କହି ନିଜର ଓଜଃ କ୍ଷୟ କରିବା ସଙ୍ଗେ ସଙ୍ଗେ ବହୁ ସମୟରେ ଭୁଲ୍ ବୁଝାମଣା ସୃଷ୍ଟି କରୁଁ । କୁହାଯାଏ ତୀର ଥରେ ଧନୁରୁ ନିର୍ଗତ ହୋଇଗଲେ ଏବଂ ରୁକ୍ଷ ଶବ୍ଦ ବା ବାକ୍ୟଟାଏ ଥରେ ମୁହଁରୁ ବାହାରି ଗଲେ ତାକୁ ଆଉ ଫେରାଇ ଆଣି ହୁଏ ନାହିଁ । ନିଜ ପ୍ରତି ନିଷ୍କପଟ ରହି ଆମେ ନିଜ ଆଚରଣକୁ ସମୀକ୍ଷା କରିପାରିଲେ ବୁଝିପାରିବୁ, ଉତ୍ତେଜନା ବା ଅଭିମାନ ବା ଖାସ୍ ଅସାବଧାନତାବଶତଃ ଆମେ ଉଚ୍ଚାରଣ କରିଥିବା ବାକ୍ୟସବୁ ଯୋଗୁଁ ଉପୁଜିଥିବା କେତେ ଅପ୍ରୀତିକର ପରିସ୍ଥିତି ଆମେ ଏଡ଼ାଇଯାଇ ପାରିଥା'ନ୍ତୁ – ଯଦି ଆମେ ବାକ୍‌ସଂଯମ ଅଭ୍ୟାସ କରିଥା'ନ୍ତୁ ।

ବାକ୍-ସଂଯମ ଆତ୍ମ-ସଂଯମର ଗୋଟିଏ ଦିଗ । ଜୀବନରେ ଶାନ୍ତି ଓ ସୌମ୍ୟତା ଅନୁଭବର ଭିତ୍ତିହିଁ ଆତ୍ମ-ସଂଯମ । ଷୋଡ଼ଶ ଶତାବ୍ଦୀରେ ଜଣେ ଇଂରେଜ ମନିଷୀ ଥୋମାସ୍ କୁପାର ଆଠ ବର୍ଷ କାଳ ପରିଶ୍ରମ କରି ଗୋଟିଏ ଟିକାଟିପ୍ପଣୀ ସମ୍ବଳିତ ଅଭିଧାନ ସଂକଳନ ଓ ସଂପାଦନ କରୁଥା'ନ୍ତି । କାର୍ଯ୍ୟଟି ପାଇଁ ସେ ନିଜର ବିଶ୍ରାମ ଓ ନିୟମିତ ଆହାର ଭୁଲିଯାଇଥା'ନ୍ତି ।

ଯେଉଁଦିନ କାର୍ଯ୍ୟଟି ଶେଷ ହେଲା, ସେଦିନ ସେ ଏକାନ୍ତ ତୃପ୍ତି ସହକାରେ, ବହୁଦିନ ପରେ, ସାନ୍ଧ୍ୟ ଭ୍ରମଣ ନିମନ୍ତେ ନଦୀକୂଳ ଆଡ଼େ ଯାଇ ଜଣେ ଦୁଇଜଣ ପୁରୁଣା ବନ୍ଧୁଙ୍କୁ ଭେଟିଲେ ଓ ଆନନ୍ଦରେ ସେମାନଙ୍କ ସହ ଗପସପ କରି ପାଣ୍ଡୁଲିପି ଦେଖାଇବା ନିମନ୍ତେ ସେମାନଙ୍କୁ ନିଜ ଘରକୁ ନେଇ ଆସିଲେ ।

ଟେବୁଲ ଉପରେ ପାଣ୍ଡୁଲିପି ନଥିଲା କି ସେ ସମ୍ପର୍କୀୟ ବିଡ଼ା ବିଡ଼ା ମୂଲ୍ୟବାନ୍ କାଗଜପତ୍ରରୁ କିଛିହିଁ ନଥିଲା । ହତବାକ୍ ମନିଷୀ ଅଚିରେ ବୁଝିଲେ ସେସବୁ ଅଦୃଶ୍ୟ ହେବାର ରହସ୍ୟ । ଆଠ ବର୍ଷକାଳ ଗୋଟାଏ ଅଯଥା କାମର ପ୍ରେମରେ ପଡ଼ି କଳବଳ ହେଉଥିବା ସେ ଭଦ୍ରଲୋକଙ୍କୁ ସେ ମୋହରୁ ଛଡ଼ାଇ ଆଣିବା ନିମନ୍ତେ ତାଙ୍କ ପତ୍ନୀ, ମାଡ଼ାମ୍ ଡିନା, ସେ ଯାବତୀୟ କାଗଜପତ୍ର ଇତି ମଧ୍ୟରେ କେତେ ମୁଠା ପାଉଁଶରେ ପରିଣତ କରିଥିଲେ ।

ଥୋମାସ୍ କୁପାର କରିଥା'ନ୍ତେ କ'ଣ ? ହୁଏତ ଚିତ୍କାର କରିଥା'ନ୍ତେ, ପାଗଳ ପ୍ରାୟ ଆଚରଣ କରିଥା'ନ୍ତେ, ବିଷାଦଗ୍ରସ୍ତ ହୋଇ ଅବଶିଷ୍ଟ ଜୀବନ ବିତାଇଥା'ନ୍ତେ । କିନ୍ତୁ ସେ ସ୍ତବ୍ଧ ରହିଲେ ମୁହୂର୍ତ୍ତକ ପାଇଁ । ବନ୍ଧୁମାନଙ୍କୁ ସୌଜନ୍ୟ ସହକାରେ ବିଦାୟ ଦେଲେ ଏବଂ ପତ୍ନୀଙ୍କୁ କହିଲେ ଏତିକି ମାତ୍ର : ''ଡିନା ! ତୁମେ ମୋତେ କେତେ କଷ୍ଟ ଦେଲ !''

ପୁନର୍ବାର ଆଠବର୍ଷ ପରିଶ୍ରମ କରି ସେ ଅପେକ୍ଷାକୃତ ଅଧିକ ଗବେଷଣା-ସମୃଦ୍ଧ ଅଭିଧାନ ପ୍ରସ୍ତୁତ କଲେ । ନିଜର ଶାନ୍ତି ଓ ସମତାଭାବ ହରାଇଥିଲେ ସେ ନିଜେହିଁ କଷ୍ଟ ପାଇଥା'ନ୍ତେ ସିନା ! ଦଗ୍ଧ ପାଣ୍ଡୁଲିପି ଗୋଟିକ ତ ଜୀବନ୍ୟାସ ପାଇ ନଥା'ନ୍ତା ! ସେ ଶାନ୍ତ ରହିଲେ; ଅର୍ଥାତ୍ ନିଜକୁ ଯନ୍ତ୍ରଣା ଭୋଗିବାରୁ ନିଷ୍କୃତି ଦେଲେ; ପାଣ୍ଡୁଲିପି ମଧ୍ୟ ଜୀବନ୍ୟାସ ପାଇଲା । ଅଭିଭୂତା, ଅନୁତପ୍ତା ମାଡ଼ାମ୍ ଡିନା ନୀରବରେ ସହଯୋଗ ଦେଇ ଚାଲିଲେ ।

**— ମନୋଜ ଦାସ**

❑❑❑

## ସେତିକି କୁହ, ଯାହା ଅପରିହାର୍ଯ୍ୟ

ମୁଁ କହୁଛି ଯେ ତୁମେମାନେ ସମସ୍ତେ ଏକ ଚେଷ୍ଟା କର — ଓଃ ! ମୁଁ ବେଶୀ ସମୟ ପାଇଁ କରିବାକୁ କହୁନି, ଦିନକୁ ମାତ୍ର ଗୋଟିଏ ଘଣ୍ଟା ଚୁପ୍ ରୁହ — କେବଳ ଯେତିକି ନିତାନ୍ତ ଦରକାର ସେତିକି ବ୍ୟତୀତ ଅନ୍ୟକିଛି କହିବ ନାହିଁ, ଗୋଟିଏ ଶବ୍ଦ ବେଶୀ ନୁହେଁ କି ଗୋଟିଏ ଶବ୍ଦ କମ୍ ନୁହେଁ ।

ଦୈନନ୍ଦିନ ମାତ୍ର ଘଣ୍ଟାଏ ନିଅ, ଯେଉଁ ସମୟଟି ତୁମ ପାଇଁ ସବୁଠୁ ସୁବିଧାଜନକ, ଏବଂ ସେହି ସମୟତକ ନିଜକୁ ଭଲଭାବେ ନିରୀକ୍ଷଣ କର ଏବଂ ସେତେବେଳେ ଯାହା ଯେତିକି ନିତାନ୍ତ ଦରକାର ସେତିକିଟି ମାତ୍ର ଶବ୍ଦ ଉଚ୍ଚାରଣ କର ।

ପ୍ରଥମରୁ ତୁମ ପାଇଁ ଏହା ଅବଶ୍ୟ କଷ୍ଟକର ହେବ — ତୁମେ କିପରି ଜାଣିବ ଯେ କେଉଁଟା ନିତାନ୍ତ ଦରକାର ଓ କେଉଁଟା ଦରକାର ନୁହେଁ । ସେସବୁ ତୁମେ ପ୍ରତିଦିନ ନିଜେ ନିଜେ ବିଚାର କରି ଦେଖି ଜାଣିପାରିବ ଏବଂ ପ୍ରତିଦିନ ତୁମେ ଏଥିରେ ଉନ୍ନତି କରିପାରିବ ।

ତା'ପରେ ତୁମେ ଦେଖିବ ଯେ ଯେପର୍ଯ୍ୟନ୍ତ ତୁମେ କିଛି କହୁ ନାହଁ, ସେପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ନିରବ ରହିବା କଷ୍ଟକର ହେଉ ନାହିଁ । କିନ୍ତୁ ଯେତେବେଳେ ତୁମେ କଥାପଦେ କହିବାକୁ ଆରମ୍ଭ କଲ, ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ପ୍ରାୟ ସର୍ବଦା ତୁମେ ଆବଶ୍ୟକତାଠାରୁ ଦୁଇଟି, ତିନୋଟି କିଂବା ଦଶଟି ବା କୋଡ଼ିଏଟି ଅଦରକାରୀ ଶବ୍ଦ କହିସାରିଛ ଯାହାକି ଆଦୌ ଦରକାର ନ ଥିଲା ।

— ଶ୍ରୀମା ❑

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Daily Facial

**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

# An Ideal Child

## Is Good-Tempered

He does not become angry when things seem to go against him or decisions are not in his favour.

('Ideal Child' – The Mother)



# ଏକ ଆଦର୍ଶ ଶିଶୁ

## ହେବ ଥଣ୍ଡା ମିଜାଜର

ସେ କେବେ ବି ରାଗେ ନାହିଁ, ଘଟନାର ଧାରା ଯଦି ତା'ର ବିରୋଧୀ ହୁଏ କିଂବା ବିଚାରର ଫଳାଫଳ ଯଦି ତା'ର ସପକ୍ଷରେ ବି ନହୁଏ ।

(**'ଆଦର୍ଶ ଶିଶୁ'** – ଶ୍ରୀମା)

**Vol. L, No. 6** **R.N.I. No. 18163/70.**
Navaprakash (Monthly), June, 2019 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୪୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**